# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୬/୨୦୧୮ (୨୦ ପୃଷ୍ଠା) Sambalpur, Tuesday, October 16/ 2018 | ★★

୧୪ଶ ଭାଗ ୩୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
KP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
4.5g.
ଶାରଦୀୟ
ଅଭିନନ୍ଦନ!!!
₹5/- ରେ ଡବଲ
ଡୋଜ୍‌ର ମଜା
Safal
Pan Masala
କରିନିଅ ମଜାରେ ବହୁତ
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୬/୨୦୧୮ Sambalpur, Tuesday, October 16/ 2018




**୧୧ ହାଲେପ ନମ୍ବରୱାନ**
କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ମହିଳା ଟେନିସ ତାରକା ସିମୋନା ହାଲେପ ବିଶ୍ୱ ର୍ୟାଙ୍କିଙ୍ଗର ନମ୍ବରୱାନ ସ୍ଥାନରେ ରହି ବର୍ଷ ଶେଷ କରିବା ସ୍ପଷ୍ଟ ହୋଇଛି।

**୧୨ ବ୍ରିଟେନ୍ ରାଜପରିବାରକୁ ଆସୁଛନ୍ତି ନୂଆ ସଦସ୍ୟ**
ଡ୍ୟୁକ୍ ଅଫ୍ ସସେକ୍ସ ପ୍ରିନ୍ସ ହ୍ୟାରିଙ୍କ ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି ଯୁବରାଣୀ ମେଘାନ୍ ମର୍କଲେ। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ରାଜପରିବାରକୁ ଆସିବେ ନୂଆ ସଦସ୍ୟ।



### ଉଜାଡ଼ି ଦେଲା ଝଡ଼ବର୍ଷା

# ପ୍ରଶାସନ ପାଇଁ ଦୁର୍ଦ୍ଦଶା ଭୋଗିଲେ ଲୋକେ

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

- ଫେଲ୍ ମାରିଲା ସରକାରଙ୍କ ପ୍ରସ୍ତୁତି
- 'ଶୂନ ମୃତ୍ୟୁ' ପ୍ରହସନ ପାଲଟିଲା
- ୧୬ ଜିଲାର ୧୧୪ ବ୍ଲକ ପ୍ରଭାବିତ
- ବିରୋଧୀଙ୍କ ଅଭିଯୋଗ ଚାଲିଗଲା ୪୦ ଜୀବନ
- ସରକାରୀ ରିପୋର୍ଟ:୧୫ ମୃତ, ୩ ନିଖୋଜ
- ୫୭ ଲକ୍ଷ ପ୍ରଭାବିତ, ୧୯୯୮୫ ଘର ଭାଙ୍ଗିଛି
- ମରିଛନ୍ତି ୨୪୨୦୯ ଗୃହପାଳିତ ପଶୁପକ୍ଷୀ
- ବିରୋଧୀଙ୍କ ଟାର୍ଗେଟ୍‌ରେ ସରକାର

ସାମୁଦ୍ରିକ ଝଡ 'ତିତ୍‌ଲି' ଆସିବ ବୋଲି ପାଣିପାଗ ବିଭାଗ ଠାରୁ ଆରମ୍ଭ କରି ଗଣମାଧ୍ୟମ ଘନଘନ ପ୍ରଚାର କଲେ। ପୂର୍ବ ପ୍ରସ୍ତୁତି ନେଇ ସଚିବାଳୟରେ ବୈଠକ ପରେ ବୈଠକ ହେଲା। ଶୂନ୍ୟ ମୃତ୍ୟୁ (ଜିରୋ କାଜୁଆଲଟି) ନେଇ ସରକାର ସ୍ୱତନ୍ତ୍ର ରିଲିଫ କମିଶନ(ଏସଆରସି), ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସଡମା), ଜିଲାପ୍ରଶାସନକୁ ସଜାଗ ରହିବାକୁ କଡା ନିର୍ଦ୍ଦେଶ ଦେଲେ । ହେଲେ ସେସବୁ ପ୍ରହସନରେ ପରିଣତ ହୋଇଛି। ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳରେ ପହଞ୍ଚି ପାରିଲାନି ପୂର୍ବ ସୂଚନା। ଲୋକମାନଙ୍କୁ ଜିଲା ପ୍ରଶାସନ ସତର୍କ କରିପାରିଲା ନାହିଁ। ଯୋଗାଯୋଗରୁ ଦୂରରେ ରହିଥିବା ଲୋକମାନେ ଫସିଗଲେ ଝଡ ବର୍ଷାରେ। ପ୍ରକୃତି ଦାଉ ସାଧିଲା। ଉଜୁଡିଗଲା ଘରଦ୍ୱାରା ଓ ପରିବାର। ପବନ ଓ ଏହା ପରବର୍ତ୍ତୀ ବର୍ଷାରେ ଛାରଖାର ହୋଇଗଲା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲା। ଏହାଛଡା ପ୍ରବଳ ବର୍ଷା ଯୋଗୁ ପୁରୀ, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ ଆଦି ୧୩ଟି ଜିଲା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୧୫ କୁହାଯାଉଥିବା ବେଳେ ୪୦ ଜଣ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି। ଏଥିସହିତ ବହୁ ଗୃହପାଳିତ ପଶୁଙ୍କ ଜୀବନ ଚାଲି ଯାଇଥିବା ବେଳେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଚାଷଜମିରେ ପାଣି ପଶି ଫସଲ ଉଜାଡି ଦେଇଛି। ବିରୋଧୀ ଦଳ ସରକାରଙ୍କୁ କାଠଗଡାରେ ଛିଡା କରିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ରିପୋର୍ଟ ଅନୁସାରେ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ୧୬ଟି ଜିଲାର ୧୧୪ ବ୍ଲକ ପ୍ରଭାବିତ ହୋଇଛି। ଗଜପତି ଜିଲାର ୭ଟି ବ୍ଲକ ପ୍ରଭାବିତ ହୋଇଥିବା ବେଳେ ଗଞ୍ଜାମ ୨୨, ପୁରୀ ୧୧, କେନ୍ଦ୍ରାପଡା ୯, କନ୍ଧମାଳ ୧୦, କଟକ ୧୧, ଢେଙ୍କାନାଳ ୩, ଖୋର୍ଦ୍ଧା ୯, ଜଗତ୍‌ସିଂହପୁର ୧, ରାୟଗଡା ୨, କେନ୍ଦୁଝର ୨, ଯାଜପୁର୧, ବାଲେଶ୍ୱର ୭, ନୟାଗଡ ୫, ମୟୂରଭଞ୍ଜ ୧୦ ଏବଂ ଅନୁଗୋଳ ଜିଲାର ୪ଟି ବ୍ଲକ ପ୍ରଭାବିତ ହୋଇଛି। ଝଡ ଓ ବର୍ଷାରେ ୭୨୨୯ ଗ୍ରାମର ୫୭ଲକ୍ଷ ୮ ହଜାର୧୩୭ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧୯୯୮୫ ଘର ଭାଙ୍ଗିଛି। ଗଞ୍ଜାମର ବିନ୍ଧାଣୀରେ ସର୍ବାଧିକ ୧୧୬୧୫ ଘର ଭାଙ୍ଗିଥିବା ବେଳେ ଗଜପତି ୨୯୬୫, ପୁରୀ ୧୫୯୧, କନ୍ଧମାଳ ୬୬୫, କେନ୍ଦୁଝର ୧୨, କଟକ ୯୩୨, ଢେଙ୍କାନାଳ ୨୩୪, ଖୋର୍ଦ୍ଧା ୩୬୮, ବାଲେଶ୍ୱର ୪୭୩, ମୟୂରଭଞ୍ଜ ୪୧୨, ନୟାଗଡ ୬୧୫ ଏବଂ ଅନୁଗୋଳରେ ୧୦୩ଟି ଘର କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରାକୃତିକ ବିପତ୍ତିରେ ୨୩୦୭୧୪.୬ ହେକ୍ଟର ଚାଷ ଜମି ଉଜୁଡି ଯାଇଥିବା ବେଳେ ୨୪୨୦୯ ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଝଡ ପବନ ଯୋଗୁ ମତ୍ସ୍ୟଜୀବୀଙ୍କର ୩୪ଟି ଡଙ୍ଗା ଭାଙ୍ଗିଥିବା ବେଳେ ୨୬୪ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି।

ବାତ୍ୟା ପୂର୍ବପ୍ରସ୍ତୁତିକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କ ଉପରେ ଜୋରଦାର ଆକ୍ରମଣ କରିଛନ୍ତି। ଶୂନ୍ୟ ମୃତ୍ୟୁକୁ ନେଇ ସରକାର ଯେଉଁ ବାହୁସ୍ଫୋଟ ମାରୁଥିଲେ ତାହା ଫମ୍ପା ସ୍ଲୋଗାନରେ ପରିଣତ ହୋଇଛି। ଜିଲାପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନ ବାତ୍ୟାକୁ ଅତି ହାଲୁକା ଭାବେ ନେବାରୁ ଲୋକମାନଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡିଲା ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି। ଲୋକଙ୍କ ଧନ ଜୀବନ , ଚାଷ ଜମି ନଷ୍ଟ ହୋଇଥିବା ବେଳେ ରିଲିଫ ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ନେତାମାନେ ନିଜସ୍ୱ ପ୍ରଚାରରେ ମାତିଛନ୍ତି । ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦେବା☞ପୃଷ୍ଠା–୨



ମହାଷଷ୍ଠୀରେ କଟକର ଶେଖ୍‌ବଜାର ପୂଜା ମଣ୍ଡପରେ ପୂଜା ପାଇଥିବା ମା' ଦୁର୍ଗା। ଏଠାରେ ଚାନ୍ଦି ମେଢ଼ ହୋଇଥିବାବେଳେ ମହିଷାସୁର ଓ ମା' ଦୁର୍ଗାଙ୍କ ମୁକୁଟ ସୁନାରେ ନିର୍ମିତ।

## ସରକାରୀ କର୍ମଚାରୀଙ୍କ ମହଙ୍ଗାଭତ୍ତା ବଢ଼ିଲା

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ସରକାରୀ କର୍ମଚାରୀଙ୍କୁ ଦଶହରା ପାଇଁ ରାଜ୍ୟସରକାର ମହଙ୍ଗା ଭତ୍ତା ଭେଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରୀ କର୍ମଚାରୀ ଓ ପେନସନ ଭୋଗୀଙ୍କ ପାଇଁ ସୋମବାର ୨ ପ୍ରତିଶତ ମହଙ୍ଗାଭତ୍ତା ଓ ଟି.ଆଇ ମଞ୍ଜୁର କରିଛନ୍ତି। ଏହି ଦୁଇ ପ୍ରତିଶତ ଭତ୍ତା ଫଳରେ ସରକାରୀ କର୍ମଚାରୀଙ୍କ ମୋଟ ମହଙ୍ଗାଭତ୍ତା ପରିମାଣ ୯ ପ୍ରତିଶତରେ ପହଞ୍ଚିଛି। ଏହା ପିଛିଲା ଭାବେ ୨୦୧୮ ଜୁଲାଇ ୧ ତାରିଖରୁ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ୱାର୍କ ଚାର୍ଜଡ ସମେତ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀମାନେ ମଧ୍ୟ ପାଇବେ।

### ପୋଲସ୍ଲାବ୍ ଭୁଶୁଡ଼ିବା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ

## ଲୁହା ପାଇପ୍‌ର ଭାର ସମ୍ଭାଳିବା କ୍ଷମତା ନ ଥିଲା

ଲହୁଣୀପଡ଼ା/ଟେନସା,୧୫।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ଜାମଡିହି-କୁଞ୍ଜପାଣି ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ନିର୍ମାଣାଧୀନ ପୋଲ ସ୍ଲାବ ଭୁଶୁଡ଼ିବା ଘଟଣାର ପ୍ରଶାସନିକ ତଦନ୍ତ ସୋମବାର ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଆନ୍ଥୋନି କିଷାନ, ପୂର୍ତ୍ତ ବିଭାଗ ଏସ୍‌ଡିଓ ପାର୍ଥସାରଥି ଜେନା, ବଣାଇ ଏସ୍‌ଡିପିଓ ଅବକାଶ ରାଉତରାୟ, କୋଇଡ଼ା ଅତିରିକ୍ତ ତହସିଲଦାର ସାଇସ୍ୱରୂପା ହୋତା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହାସହ ଭୁବନେଶ୍ୱରରୁ ଆସିଥିବା ଏକ ଟିମ୍ ମଧ୍ୟ ତଦନ୍ତ କରିଛି। ଏହି ଟିମ୍‌ରେ ପିଏମ୍‌ଜିଏସ୍‌ୱାଇର ମୁଖ୍ୟଯନ୍ତ୍ରୀ ବି.ଏନ୍. ମିଶ୍ର ଓ ଶୈଳେନ୍ଦ୍ର ନାରାୟଣ ମହାନ୍ତି ସାମିଲ ଥିଲେ। ତଦନ୍ତକାରୀ ଅଧିକାରୀମାନେ ଗଣମାଧ୍ୟମକୁ ସିଧାସଳଖ କିଛି କହି ନ ଥିଲେ ମଧ୍ୟ ତଦନ୍ତ ସମୟରେ ଉଦ୍‌ବେଗ ପ୍ରକାଶ କରିଥିବା ସୂଚନା ମିଳିଛି। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

#ମିଟୁ ସପକ୍ଷରେ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

**ଆଜିର ମନ୍ତବ୍ୟ**

'ଶୁଟ୍-ବୁଟ୍'ରେ ନ ଥିଲେ ପ୍ରଧାନମନ୍ତ୍ରୀଙ୍କ ଭାଇ ହୋଇପାରିବ ନାହିଁ।

–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ




For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.
ଟେଷ୍ଟ ଡ୍ରାଇଭ କରନ୍ତୁ ଏବଂ ଆଜି ବୁକ୍ କରନ୍ତୁ ।

Terms and conditions apply. #Price mentioned is for the starting petrol variant for ex-showroom and is exclusive of local taxes. Offers may vary across variants and cities. ##Benefits available on all DUSTER 110 PS Diesel variants (except AWD) and includes cash benefit of ₹60,000 and Insurance at ₹1 for first year only. ^Benefits of ₹200,000 are available as special limited period offer on limited stock of select CAPTUR variants only. Benefits may vary based on the variant and year of manufacturing and are applicable only till stocks last. ^^Benefits up to ₹20,000 include Insurance at ₹1 and free accessories. It is applicable only on limited stock of select variants. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ***The price of 1 gm gold coin has been taken as ₹3,000. Customer has an option of taking the equivalent amount of gold coin offer in the form of cash discount if the car is booked between 1st-31st October, 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: SAMBALPUR: RENAULT Sambalpur Mob: +91 8860048351. BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. CUTTACK: RENAULT Cuttack Mob: +91 8860877164. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542.

L&K | SAATCHI & SAATCHI



ଓଡ଼ିଶାବାସୀଙ୍କୁ BSNLର
ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଅଭିନନ୍ଦନ ।

BSNL Connecting India Faster

INTERNATIONAL ROAMING on BSNL PREPAID
NOW! Don't have to CHANGE Number while travelling abroad.
BSNL 4G Comming Soon

BEST & POPULAR MOBILE RECHARGE VOUCHERS

| | |
|---|---|
| STV-98 | 1.5GB/Day DATA for 26 days. |
| STV-99 | Un-Limited Voice Calls to Any network for 24 days. |
| STV-319 | Un-Limited Voice Calls to Any network + 3GB DATA for 90 days. |
| PLAN-186/429 | UL Calls + 3.2GB/Day + 100SMS/Day for 28 & 81 days respectively. |
| PLAN-485/666 | UL Calls + 3.7GB/Day + 100SMS/Day for 90 & 129 days respectively. |

FTTH-777 : Up to 50Mbps till 500GB and 2Mbps beyond (unlimited voice)
FTTH-1277: Up to 100Mbps till 750GB and 2Mbps beyond (unlimited voice)
BB Combo Plan -199/299/491 : 5GB/ 10GB/ 20GB Perday (unlimited voice)

DUSSEHRA/DIWALI OFFER: STV-78: UL DATA 2GB/Day + UL VOICE & VIDEO CALLS also during Roaming for 10 days.

BSNL WINGS
1st Internet Telephony Service in INDIA that works without a SIM CARD. MAKE Un-Limited Calls within India & also during International Roaming till December 2018.
(Special Offers for Govt & PSUs, Existing BSNL users, Students and Bulk Connections)
For Registration visit www.bsnl.co.in

For BSNL TUNE Dial 56700 (Toll FREE) BSNL, ODISHA For more details 1503/1500 or visit www.odisha.bsnl.co.in



ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଥିବା ଫ୍ରେଣ୍ଡଶିପ୍ ଗେଟ୍‌କୁ ବନ୍ଦ କରାଯାଇଛି। ଚମନ ସହରର ଉତ୍ତରରେ ୬୦ କିମି ଦୂରରେ ଥିବା ପୋଷ୍ଟରେ ଦୁଇ ଦେଶ ସୈନିକଙ୍କ ମଧ୍ୟରେ ଗୁଳିଗୋଳା ବିନିମୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଦୁଇ ଦେଶ ଆଭ୍ୟନ୍ତରୀଣ ସୁରକ୍ଷା ଲାଗି ଫ୍ରେଣ୍ଡଶିପ୍ ଗେଟ୍ କରିଛନ୍ତି। ଦୁଇ ଦେଶ ମଧ୍ୟରେ ୫ ଘଣ୍ଟାରୁ ଅଧିକ ସମୟ ଧରି ଗୁଳିଗୋଳା ବର୍ଷଣ ଜାରି ରହିଥିବା କୁହାଯାଉଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୋମ
ପରିବାରବର୍ଗ


ରିଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### real estate

**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-65108

Running four wheeler spare sparts shop for sale in Puri. Interested persons please contact: 9556893322, 7978629314. D-63732

Gharabari plot with boundary near Utkal Height Pahala, Nakhara OMFED, East College Bazarsahi, NIT Chandaka, Arugul near IIT: 9439889903, 9861158141. D-65024

### GENERAL

**PURCHASE**

ଟେଣ୍ଟହାଉସ ଜିନିଷ କିଣିବାକୁ ଆମେ ଚାହୁଁଛୁ ଯଥା ଟେବୁଲ୍ ଚେୟାର ବାସନ। 6371005354. D-63858

### business

ଭାରତର ସର୍ବବୃହତ ନେଟ୍‌ୱର୍କ, ଆଇ.ଟି.ସି.ଟି. ଏଜୁକେଶନ୍ ସହିତ ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ। ନିଜ ବ୍ୟବସାୟରୁ ଅତିରିକ୍ତ ଲାଭ କରନ୍ତୁ। ଆଇ.ଟି.ସି.ଟି. ଲର୍ନିଙ୍ଗ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ। କଲ୍ କରନ୍ତୁ: 09422123456. D-8931

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### astrology

All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



(Rishi)
**Dharmajit**
ରଙ୍ଗମାଟିଆ, ତଳସାହି
ଶୁଭ ଜନ୍ମଦିନ ଅବସରରେ ଭଗବାନ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ଧ-୮୯୩୩

**ତୃତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା**



(ଢୁଢୁଲୁ)
**ପ୍ରତ୍ୟୁଷ ରଞ୍ଜନ କାଣ୍ଡି**
ଗ୍ରାମ-ପିତାପଡ଼ା, କୃଷ୍ଣପ୍ରସାଦ, ନିଆଳି
ଜିଲ୍ଲା-କଟକ
ଆଜି ଏହି ପବିତ୍ର ଦିବସ ଅବସରରେ ତୋର ଚଲାପଥ କୁସୁମିତ ହେଉ, ଏହାହିଁ ପ୍ରାର୍ଥନା।
ଧ-୫୬୧୫୩

Now Matrimonial ads. only on Wednesday & Sunday Book 1 Get 1 FREE


## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରେ ୯୯.୭ ନିୟୁତ ଟନ୍ ଗହମ ଉତ୍ପାଦନ ହୋଇଛି। ଏହା ଚଳିତ ବର୍ଷ ୧୦୦ ନିୟୁତ ଟନ୍ ଟପିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

– କୃଷି ମନ୍ତ୍ରଣାଳୟ

## ପୁରୀ ହିଂସା, ପୁଣି ୨ ଗିରଫ

ପୁରୀ ଅଫିସ,୧୫।୧୦

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୭୯ରେ ପହଞ୍ଚିଛି। ପୂର୍ବରୁ ପୋଲିସ ୭୭ ଜଣଙ୍କୁ ଗିରଫ କରିଥିବା ବେଳେ ସୋମବାର ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ଥାନା ପୋଲିସ କେସ୍ (ନଂ.୮୫/୧୮)ରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗଳାଘାଟର ସୁଧାକର ଦାସ ଓ ହାଡ଼ଗୋଡିଆ ସାହିର ନୃସିଂହ ଚମ୍ପତି। ସୂଚନାଯୋଗ୍ୟ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ବେଳେ ହିଂସାର ରୂପ ନେଇଥିଲା।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**
***** ଶ୍ରଦ୍ଧାଞ୍ଜଳି *****



✓ରେଣୁକାବାଳା ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ : ୦୨.୦୩.୧୯୫୧
ତିରୋଧାନ : ୦୭.୧୦.୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୮୯୪୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୀତାମଣୀ ନାୟକ
ହାଟସାହି, ସରକନ୍ତାର, ଖଣ୍ଡଗିରି
ଆବିର୍ଭାବ: ୧୮।୦୭।୧୯୫୪
ତିରୋଧାନ: ୨୮।୦୯।୨୦୧୭
ତିଥି-ଦୁର୍ଗାଷ୍ଟମୀ
''ଫୁଲ ଫୁଟି ଝଡିପଡେ ରହି କିଛି କ୍ଷଣ, ନର ଜନ୍ମ କିଛି କାଳେ ଲଭଇ ମରଣ। ତୁମେ ରଖିଗଲ ତୁମ ନିଜ ସଉରଭ, ଆମେ ରଖିବା ପାଇଁଟି ଦିଅ ଆଶୀର୍ବାଦ।'' ଆଜିର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ, ସେବା ଆମ୍ଭମାନଙ୍କ ପାଇଁ ଚିରନ୍ତର ପ୍ରଥପ୍ରଦର୍ଶକ ହେଉ। ଶୋକସନ୍ତପ୍ତ ପରିବାର: ପୁଅ-ସରୋଜ, ମନୋଜ, କାହ୍ନୁଜ, ଝିଅ-ସବିତା, ବୋହୂ-ରିଙ୍କି, ବର୍ଷା, ନାତି-ଗୁଡୁ ଓ ନାତୁଣୀ-ଗୁଡି।
ଧ-୮୯୨୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରମୋଦ କୁମାର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୨୦।୧୨।୧୯୪୩
ତିରୋଧାନ: ୧୫।୧୦।୨୦୧୦
ଚାହୁଁ ଚାହୁଁ ୮ବର୍ଷ ବିତିଗଲା ତୁମର ସ୍ନେହ, ଶ୍ରଦ୍ଧା ଓ ପରୋପକାର ଅମମାନଙ୍କର ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଅମରାତ୍ମା ସଦ୍‌ଗତି ଓ ଶାନ୍ତି ଲାଭ କରୁ ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ, ଜ୍ଞାତିକୁଟୁମ୍ବ, ନଟବର ଦେବତା ଓ ବଳରାମ ଫେବ୍ରିକ୍ସ।
ଧ-୬୨୦୪୭

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ ଦୀପ୍ତିରଞ୍ଜନ ମହାପାତ୍ର
(ବାବୁନା)
ନୀଳାଦ୍ରି ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୮।୧୯୭୮
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ଧନରେ, ତୁ ଆମ ସମସ୍ତଙ୍କୁ ଏପରି ଅସହାୟ ଅବସ୍ଥାରେ ଛାଡି ୧୧ ବର୍ଷ ହେଲା କେଉଁ ଅଜଣା ରାଇଜକୁ ଚାଲିଗଲୁ। ତୋର ସେହି ମଧୁରଡାକ ସବୁବେଳେ କାନରେ ବାଜିଯାଉଛି ଓ ପ୍ରତି ମୁହୂର୍ତ୍ତରେ ଆମେ ତୋତେ ଝୁରି ହେଉଛୁ। ଯେଉଁଠି ଥାଆ ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ଆମର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା। ଆଦରର ବୋଉ, ନନା, ନାନୀ ଓ ଭାଇନାମାନେ, କକେଇ ଓ ଖୁଡୀମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇନା ଓ ଭାଉଜମାନେ, ଭାଣିଜୀ-ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି ଓ ସାଙ୍ଗସାଥୀମାନେ। ଧ-୬୪୯୦୨


■ ବାତ୍ୟା ପରବର୍ତ୍ତୀ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# କ୍ଷତିଗ୍ରସ୍ତ ପରିବାରକୁ ମିଳିବ ୧ ହଜାର ଟଙ୍କା

■ ୫୦ କେ.ଜି ଚାଉଳ, ଅଢ଼େଇ ଲିଟର କିରୋସିନ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ନଗଦ ୧ ହଜାର ଟଙ୍କା, ୫୦ କେ.ଜି ଚାଉଳ ଓ ଅଢେଇ ଲିଟର କିରୋସିନ ଯୋଗାଇ ଦିଆଯିବ। ଖୁବ୍‌ଶୀଘ୍ର ଆଉ ଦୁଇ ହଜାର ଟଙ୍କା କ୍ଷତିଗ୍ରସ୍ତ ପରିବାରକୁ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସଚିବାଳୟଠାରେ ବାତ୍ୟା ଓ ଏହା ପରବର୍ତ୍ତୀ ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲା ଗସ୍ତ କରି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟମନ୍ତ୍ରୀଙ୍କୁ ଜିଲାର ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳଗୁଡିକରେ ପରିସ୍ଥିତି ଖୁବ୍‌ଶୀଘ୍ର ସ୍ୱାଭାବିକ ହେଉଛି। ସମସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଉଛି। ମଙ୍ଗଳବାର ସୁଦ୍ଧା ସମସ୍ତ ପଲିଥିନ ବଣ୍ଟନ କରାଯିବ। ପାରଳାଖେମୁଣ୍ଡି ଓ କାଶୀନଗରରେ ସୋମବାର ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ୍ ସରବରାହ ପୁନଃ ସ୍ଥାପିତ ହୋଇଯିବ । ମଙ୍ଗଳବାର ସୁଦ୍ଧା ବ୍ଲକ ମୁଖ୍ୟ କାର୍ଯ୍ୟାଳୟଗୁଡିକରେ ପୁନଃ ସଂଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅନ୍ୟ ଅଞ୍ଚଳଗୁଡିକରେ ଦୁଇ ତିନି ଦିନରେ ସଂଯୋଗ କରାଯିବ।

ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ଧାନ, ଅଣଧାନ ଫସଲ ଏବଂ ସଡକ ଯୋଗାଯୋଗରେ ବ୍ୟାପକ କ୍ଷତି ହୋଇଛି। ପୂର୍ତ୍ତ ବିଭାଗ ରାସ୍ତାଗୁଡିକର ଯୋଗାଯୋଗ ପୁନଃସ୍ଥାପିତ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡିକର ମରାମତି ପାଇଁ ୩ ଦିନ ସମୟ ଲାଗିବ। ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ହସ୍ପିଟାଲ ଓ ମୋବାଇଲ ହେଲ୍‌ଥ ୟୁନିଟଗୁଡିକ ଦ୍ୱାରା ମାଗଣାରେ ଚିକିତ୍ସା ଏବଂ ଔଷଧ ବଣ୍ଟନ କରାଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ସମ୍ପର୍କରେ ଡାକ୍ତରମାନେ ସତର୍କତାମୂଳକ ପଦକ୍ଷେପ ନେବା ସହିତ ଲୋକମାନଙ୍କୁ ସଚେତନ କରାଯାଉଛି। ରାଜ୍ୟର ୧୬ଟି ଜିଲାର ୧୧୪ ବ୍ଲକର ୫୭ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଧାନ ଓ ଅଣଧାନ ଚାଷରେ ବ୍ୟାପକ କ୍ଷତି ଘଟିଛି। ୧୪୮ ହଜାର ହେକ୍ଟର ଧାନ ଓ ୬୫ ହଜାର ହେକ୍ଟର ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ଗଞ୍ଜାମ ଜିଲାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଗଞ୍ଜାମ ଓ ରାୟଗଡା ଜିଲାର ପରିସ୍ଥିତି ସ୍ୱାଭାବିକ ହେଉଛି । କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ସିବିରେ ନାହିଁ ସ୍ୱାଇନ୍ ଫ୍ଲୁ ଭ୍ୟାକସିନ୍

କଟକ ଅଫିସ, ୧୫।୧୦

ରାଜ୍ୟରେ ସ୍ୱାଇନ ଫ୍ଲୁ ଆତଙ୍କ ଦେଖାଦେଇଛି। ଏସ୍‌ସିବି ମେଡିକାଲରେ ଜଣେ ରୋଗୀ ଚିକିତ୍ସିତ ମଧ୍ୟ ହେଉଛନ୍ତି। କିନ୍ତୁ ଏଭଳି ପରିସ୍ଥିତିରେ ମେଡିକାଲରେ ସ୍ୱାଇନ ଫ୍ଲୁ ଭ୍ୟାକସିନ୍‌ର ଘୋର ଅଭାବ ଦେଖାଦେଇଛି। ଯଦି ଆଗାମୀ ଦିନରେ ରୋଗୀ ବଢ଼ନ୍ତି, ତେବେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ସ୍ୱାଇନ ଫ୍ଲୁ ୱାର୍ଡ ଦାୟିତ୍ୱରେ ଥିବା ଡାକ୍ତର ଓ କର୍ମଚାରୀମାନେ ମେଡିକାଲ ପ୍ରଶାସନକୁ ଚେତାଇ ଦେଇଛନ୍ତି। ପରିସ୍ଥିତିର ମୁକାବିଲା କରିବା ପାଇଁ ଗତ ୧୨ ତାରିଖରେ ଏହାକୁ ନେଇ ମେଡିକାଲରେ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ପି.କେ. ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ଜରୀ, ପଲମନାରୀ ମେଡିସିନ୍, ମେଡିସିନ୍, ନିଶ୍ଚେତନା ବିଭାଗର ବିଭାଗୀୟ ମୁଖ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ମେଡିକାଲର ଓ୍ୱାର ହାଉସ ସହିତ ଯୋଗାଯୋଗ କରାଯାଇଥିଲା। ଓ୍ୱାର ହାଉସର ଟେକ୍ନିକାଲ ଷ୍ଟୋରକିପର ଭ୍ୟାକସିନ ନ ଥିବା କଥା ଅବଗତ କରିବା ପରେ ସରକାରଙ୍କୁ ଏ ସମ୍ପର୍କରେ ଅବଗତତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ମେଡିକାଲ ସହିତ ସହବନ୍ଧିତ ମେଡିସିନ ଷ୍ଟୋରଗୁଡିକୁ ଏଥିପାଇଁ କୋଟେଶନ ମଗାଯାଇଛି। କୋଟେଶନ ଅନୁଯାୟୀ, ଜରୁରିକାଳୀନ ସ୍ଥିତିରେ ଭ୍ୟାକସିନ୍ କିଣିବାକୁ ବ୍ୟବସ୍ଥା କରାଯାଇଛି।

## ଯୁକ୍ତ୩ ବଦଳି ନାମଲେଖା ପ୍ରକ୍ରିୟା ଅକ୍ଟୋବର ୩୧କୁ ଘୁଞ୍ଚିଲା।

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ଯୁକ୍ତ୩ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ବଦଳି ନାମଲେଖା ପ୍ରକ୍ରିୟାକୁ ଅକ୍ଟୋବର ୩୧କୁ ସମ୍ପ୍ରସାରଣ କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସରକାର ଅର୍ଥାତ ବିଭାଗର ଅତିରିକ୍ତ ସଚିବ ପ୍ରାର୍ଥ ସାରଥୀ ମିଶ୍ର ସମସ୍ତ ଡିଗ୍ରୀ କଲେଜ, ସ୍ୱୟଂଶାସିତ କଲେଜ ଏବଂ ସେଲଫ୍ ଫାଇନାସିଂ ଡିଗ୍ରୀ କଲେଜ ଅଧ୍ୟକ୍ଷମାନଙ୍କୁ ଅବଗତ କରିଛନ୍ତି। ଏହି ସମୟସୀମା ମଧ୍ୟରେ ବଦଳି ନାମଲେଖା ପ୍ରକ୍ରିୟା ସାରିବାକୁ କୁହାଯାଇଛି। ପୂର୍ବରୁ ଏହି ପ୍ରକ୍ରିୟାର ଶେଷ ତାରିଖ ଅକ୍ଟୋବର ୧୨ ଥିଲା। ସୂଚନାଯୋଗ୍ୟ, ଚଳିତ ବର୍ଷ ଛାତ୍ରୀଛାତ୍ରମାନେ ବିଭିନ୍ନ କଲେଜର ଯୁକ୍ତ୩ ପ୍ରଥମ ବର୍ଷର ବିଜ୍ଞାନ, ବାଣିଜ୍ୟ ଏବଂ କଳା ବିଭାଗରେ ନାମଲେଖାଇଛନ୍ତି। ଯଦି କୌଣସି ଛାତ୍ରୀଛାତ୍ର ନାମଲେଖାଇଥିବା କଲେଜରୁ ସାର୍ଟିଫିକେଟ ନେଇ ସିଲେକଶନ ପାଇଥିବେ ଅନ୍ୟ କଲେଜରେ ନାମଲେଖାଇବାକୁ ଚାହାନ୍ତି ତେବେ ଏହି ସମୟସୀମା ମଧ୍ୟରେ ନାମଲେଖାଇ ପାରିବେ। ସେହିପରି ଯୁକ୍ତ୩ ଦ୍ୱିତୀୟ ଏବଂ ତୃତୀୟ ବର୍ଷ ଛାତ୍ରୀଛାତ୍ର ମଧ୍ୟ ଚାହିଁଲେ ପାଠ ପଢୁଥିବା କଲେଜରୁ ସାର୍ଟିଫିକେଟ ନେଇ ସିଲେକଶନ ପାଇଥିବା ଅନ୍ୟ କଲେଜରେ ନାମଲେଖାଇ ପାରିବେ।

## ଜନ୍ମଦିନ ପାଳିବେ ନାହିଁ ମୁଖ୍ୟମନ୍ତ୍ରୀ

### ଦୁର୍ଗାପୂଜା ପାଇଁ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଲେ

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)



ମଙ୍ଗଳବାର ମୁଖ୍ୟମନ୍ତ୍ରୀ ୭୨ବର୍ଷରେ ପଦାର୍ପଣ କରିବେ। ତେବେ ଏଥର ଜନ୍ମଦିନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଳନ କରିବେ ନାହିଁ। ସୋମବାର ମୁଖ୍ୟମନ୍ତ୍ରୀ ସଚିବାଳୟଠାରେ ରାଜ୍ୟବାସୀଙ୍କୁ ଦୁର୍ଗାପୂଜା ଅଭିନନ୍ଦନ ଜଣାଇଛନ୍ତି। ଗତ ୧୧ତାରିଖରେ ଆସିଥିବା ବାତ୍ୟା ତିତ୍‌ଲି ଏବଂ ଏହାର ପ୍ରଭାବରେ ଓଡିଶାରେ ବ୍ୟାପକ କ୍ଷତି ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ବହୁ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ଗ୍ରାମ ଏବେ ଜଳ ଘେରରେ ରହିଛି। ବାତ୍ୟା ପରିସ୍ଥିତି ବହୁ କ୍ଷୟକ୍ଷତି କରିଛି। ଦକ୍ଷିଣ ଓଡିଶାରେ ବ୍ୟାପକ କ୍ଷତି ହୋଇଥିବା ବେଳେ ଏବେ ଉତ୍ତର ଓଡିଶା ପାଇଁ ବନ୍ୟା ଭୟ ସୃଷ୍ଟି ହୋଇଛି। ଏଭଳି ଏକ ସ୍ଥିତିରେ ମୁଖ୍ୟମନ୍ତ୍ରୀ ନିଜ ଜନ୍ମଦିନ ପାଳନ କରିବେ ନାହିଁ ବୋଲି କହିଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

### ପ୍ରଶାସନ ପାଇଁ...

ସହ ଘର ଭଙ୍ଗା ଓ ଚାଷ କ୍ଷତି ସରକାର ଭରଣା କରନ୍ତୁ ବୋଲି ସିପିଆଇ(ଏମ) ପକ୍ଷରୁ ଦାବି କରାଯାଇଛି।

ତିତ୍‌ଲି ପ୍ରଭାବରେ ହୋଇଥିବା ବର୍ଷା ଓ ଏହା ପରେ ଦେଖାଦେଇଥିବା ଭୟଙ୍କର ବନ୍ୟା ଗଞ୍ଜାମ ଓ ଗଜପତି ଜିଲାବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଉଭୟ ଜିଲାରେ ୪୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ନିଖୋଜ ଅଛନ୍ତି। କେବଳ ଗଜପତି ଜିଲାରେ ୩୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ନିଖୋଜ ଅଛନ୍ତି। ରାଜ୍ୟ ସରକାର ଲୋକମାନଙ୍କୁ ସଚେତନ କରାଇବାରେ ବିଫଳ ହୋଇଛନ୍ତି। ପାଣିପାଗ ବିଭାଗର ସୂଚନା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଖାମଖିଆଲ ଆଚରଣ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସଚିବାଳୟରେ ବସି ବରିଷ୍ଠ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ସ୍ୱତନ୍ତ୍ର ରିଲିଫ କମିଶନର ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ଏସ୍‌ଆରସି ଓ ଜିଲାପାଳଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଭାଜପା ଦାବି କରିଛି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ରାଜ୍ୟ ସରକାର ଝଡ ଓ ଏହା ପରେ ହୋଇଥିବା ପ୍ରବଳ ବର୍ଷା କ୍ଷୟକ୍ଷତି ରୋକିବାରେ ବିଫଳ ହୋଇଛନ୍ତି। ପୂର୍ବ ସୂଚନା ଠିକ୍ ଭାବେ ନ ପହଞ୍ଚିବାରୁ କ୍ଷୟକ୍ଷତି ପରିମାଣ ବଢ଼ିଛି। ଲୋକଙ୍କ ନିକଟରେ ତୁରନ୍ତ ରିଲିଫ ଦେବା ସହ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ବିରୋଧୀଙ୍କ କାମ ହେଲା ସମାଲୋଚନା କରିବା। ସେମାନେ ସମାଲୋଚନା କରନ୍ତୁ। ଆମେ ଲୋକଙ୍କ ଉଦ୍ଧାର ଓ ପୁନଃଥଇଥାନରେ ଲାଗିଥାଉ। ବିରୋଧୀ କେବଳ ରାଜନୀତି କରିବା ପାଇଁ ଏଭଳି ଅଭିଯୋଗ ଆଣୁଛନ୍ତି ବୋଲି ସେ କହିଛନ୍ତି।

### ଲୁହା ପାଇପ୍‌ର ଭାର...

ପୋଲ ଛାତ ପାଇଁ ନିର୍ମିତ ସେଣ୍ଟ୍ରିରେ ବ୍ୟବହୃତ ଲୁହା ପାଇପ୍‌ର ଭାର ସମ୍ଭାଳିବା କ୍ଷମତା ନ ଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ୧ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଜାମଡିହି-କୁଞ୍ଜପାଣି ରାସ୍ତା ଓ ପୋଲ କାମ ନ୍ୟାଶନାଲ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ (ଏନ୍‌ବିସିସି) ପକ୍ଷରୁ ଠିକାଦାର ଅତୁଲ କୁମାର କରୁଥିଲେ। ରବିବାର ମଧ୍ୟାହ୍ନରେ ପୋଲର ଛାତ ପଡୁଥିବାବେଳେ ସ୍ଲାବ୍‌ଗୁଡ଼ିକ ଭୁଶୁଡ଼ି ପଡିଥିଲା। ଫଳରେ ସେଠାରେ କାମ କରୁଥିବା ପ୍ରାୟ ୩୫ ଶ୍ରମିକଙ୍କ ମଧ୍ୟରୁ ୨୦ ଜଣ ଆହତ ହୋଇଥିଲେ। ୬ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ପଠାଯାଇଥିଲା। ଅନ୍ୟମାନେ ବଣାଇ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚନ୍ଦ୍ର ମିତ୍ରରାଶି ଗୁରୁକ୍ଷେତ୍ରସ୍ଥ ହେତୁ ବିଶେଷ କିଛି ଅସୁବିଧା ହେବ ନାହିଁ । କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ । ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ । ସନ୍ଦେହ ଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ । ଧାରକରଜ ସୂତ୍ରରେ ଅର୍ଥ ସଂଗ୍ରହ କରିବାକୁ ବାଧ ହେବେ ।

**ବୃଷ** – ବୃହସ୍ପତିଙ୍କ ରାଶି ପ୍ରତି ଦୃଷ୍ଟି କାରଣରୁ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟାକରି ସଫଳତା ପାଇବେ । କଡ଼ା କଥା କହିବା ଫଳରେ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ । ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ । ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବା ସମ୍ଭାବନା ରହିଛି ।

**ମିଥୁନ** – ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ ହେବେ । ଭ୍ରମଣ, ପ୍ରଶାସନ ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ । ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ ।

**କର୍କଟ** – କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ । ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ । କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ । ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ ।

**ସିଂହ** – ଲାଗି ରହିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ । ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, କିନ୍ତୁ ଅସୁବିଧା ହେବନାହିଁ । ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି । ରାଜନୀତିରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

**କନ୍ୟା** – ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତରର ସୂଚନା ପାଇ ହଡ଼ବଡ଼େଇ ଯାଇପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରି ଚିନ୍ତିତ ରହିବେ । ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବ ।

**ତୁଳା** – ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହେବ । ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ପରୋକ୍ଷ ଶତ୍ରୁତାର କାରଣ ହୋଇପାରେ । କୌଣସି କାମ ହାସଲ ପାଇଁ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିବ ।

**ବିଛା** – ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି । ପାରିବାରିକ ସ୍ଥିତି,ପ୍ରଶାସନିକ ପରିସ୍ଥିତି, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ର କିମ୍ବା କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ । ଆଜିର ଯାତ୍ରା ସ୍ଥଗିତ ରହିଯାଇପାରେ ।

**ଧନୁ** – ଆଜି କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ବନ୍ଧୁ ଗହଣରେ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିପାରେ । ବ୍ୟବସାୟ ଓ ପରିବହନରେ ଝଗଡ଼ାର ସୂଚନା ରହିଛି ।

**ମକର** – ଭୁଲ୍ ବୁଝାମଣାରୁ ଆକସ୍ମିକ କଳହ ସୃଷ୍ଟିର ସମ୍ଭାବନା ରହିଛି । କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ । ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ । କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରି ନ ପାରି ପରେ ଅନୁତାପ କରିବେ ।

**କୁମ୍ଭ** – ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶକରି ବ୍ୟସ୍ତତା ଅନୁଭବ କରିପାରନ୍ତି । ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ ମନ ପ୍ରଫୁଲ୍ଲ ରହିବ । ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ । ବନ୍ଧୁଙ୍କ ଜରିଆରେ ଆକସ୍ମିକ ଭାବେ ବସ୍ତ୍ରାଭୂଷଣ ଲାଭ କରିପାରନ୍ତି ।

**ମୀନ** – ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ । ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ । ଭାବପ୍ରବଣବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶକରି ଅପଦସ୍ଥ ହୋଇପାରନ୍ତି । ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ । କର୍ମକ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ।

ଆଜି ଆଶ୍ୱିନ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ମଙ୍ଗଳବାର, ମାସାନ୍ତ, ୨୧ଠେ ମହାଷ୍ଟମୀ, ଶ୍ରୀମୃଣ୍ମୟୀ ଦେବୀଙ୍କର ତ୍ରିଦିନାତ୍ମକ ସପ୍ତମୀ ପୂଜା, ଭାଇ ଜିଉନ୍ତିଆ, ମଣ୍ଡଳପୂଜା ବା ଫଳଥୁଆ, ଅଦ୍ୟ ବୀରାଷ୍ଟମୀ ବ୍ରତ, ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମକର ରାଶିର ଘାତବାର, ଅଷ୍ଟମୀର ପାର୍ବଣଶ୍ରାଦ୍ଧ। ସକାଳ ଘ୮ ।୪୪ମି. ଗତେ ଘ୧୦ ।୧୮ମି. ମଧ୍ୟେ, ଘ୧୧ ।୫୦ମି. ଗତେ ଘ୧ ।୩୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୧୮ମି. ଗତେ ଘ୧୧ ।୫୦ମି. ମଧ୍ୟେ, ଘ୧ ।୨୫ମି. ଗତେ ଘ୪ ।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୨ ।୨୫ମି. ଗତେ ଘ୩ ।୫୨ମି. ମଧ୍ୟେ ରାହୁକାଳ।




NATIONAL EGG CO-ORDINATION COMMITTEE 15.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 65 | 113 | 123 |
| DKL | 64 | 111 | 121 |
| BDK | 65 | 113 | 123 |
| BLS | 67 | 115 | 125 |
| ANG | 65 | 113 | 123 |

*Conditions Apply

**Eggs Retail Price- 46/-Dozen**
Issued in the Interest of Consumers









ଆମ ଭିତରେ ଯାହା ଥାଏ– ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ– ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି। –ଶ୍ରୀମା



# #ମିଟୂ ସପକ୍ଷରେ

ଆମେରିକୀୟ ଅଭିନେତ୍ରୀ ଆଲିସା ମିଲାନୋ ୨୦୧୭ ଅକ୍ଟୋବରରେ ସୋସିଆଲ ମିଡିଆରେ #ମିଟୂ ନାମରେ ଯେଉଁ ଅଭିଯାନ ଆରମ୍ଭ କରିଥିଲେ ତାହା ଏବେ ଆନ୍ଦୋଳନର ରୂପ ନେଇଛି। କର୍ମସ୍ଥଳୀ ବା ଅତୀତରେ ଯେକୌଣସି ସ୍ଥାନରେ ଯଦି ଜଣେ ମହିଳା ଯୌନ ଶୋଷଣର ଶିକାର ହୋଇଥିବେ, ସେଥିରେ ନିର୍ଯାତନା ଦେଇଥିବା ପୁରୁଷଙ୍କ ମୁଖା ଖୋଲିଦେବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଇତିମଧ୍ୟରେ ଶହ ଶହ ଭାରତୀୟ ମହିଳା ସେମାନଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାରକୁ ସାଧାରଣରେ ପ୍ରକାଶ କରି ରାଜନୀତି, ଗଣମାଧ୍ୟମ ଓ ମନୋରଞ୍ଜନ ଶିଳ୍ପ ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିଙ୍କ ଅସଲ ଚେହେରା ଖୋଲିଦେଲେଣି। ସେମାନଙ୍କ ମଧ୍ୟରେ ସାମ୍ବାଦିକରୁ ରାଜନେତା ପାଲଟିଥିବା ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବର, ସିନେମା ଦୁନିଆର ନାମକରା ବ୍ୟକ୍ତିତ୍ୱ ନାନା ପାଟେକର, ଆଲୋକ ନାଥଙ୍କ ଭଳି ବହୁ ଉଚ୍ଚ ସ୍ଥାନରେ ଥିବା ବ୍ୟକ୍ତିଙ୍କ ନାମ ଚର୍ଚ୍ଚାକୁ ଆସିଛି। ଏମାନଙ୍କ ମଧ୍ୟରୁ କେତେଜଣ ନିଜ ପଦପଦବୀରୁ ଓହରି ଯାଇଥିବା ବେଳେ ଆଉ କେତେକେ ଏଭଳି ଅଭିଯୋଗକୁ ଖଣ୍ଡନ କରିଚାଲିଛନ୍ତି।

ଘରେ, ବାହାରେ କିମ୍ବା କର୍ମସ୍ଥଳୀରେ ମହିଳାମାନେ ସୁରକ୍ଷିତ ରହୁ ନ ଥିବା ବିଷୟ ଏବେ ଆଉ ବିତର୍କର ପ୍ରସଙ୍ଗ ହୋଇ ରହିନାହିଁ। ଏହା ମଧ୍ୟ କୌଣସି ଦେଶ ଭିତରେ ସୀମିତ ନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ଯେଉଁଠାରେ ମହିଳା ଓ ପୁରୁଷ ଏକତ୍ର କାର୍ଯ୍ୟ କରୁଛନ୍ତି, ସେଠାରେ ଏପରି ଘଟଣା ଘଟିବାରେ ଲାଗିଛି। #ମିଟୂ ଅଭିଯାନ ଆରମ୍ଭ ହେବା ପରେ ମହିଳାମାନେ ସାହସର ସହ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କ ନାମ ପ୍ରକାଶ କରି ସେମାନଙ୍କୁ ନିନ୍ଦିତ କରିଦେଇପାରୁଛନ୍ତି। ଏବେ ଯେଉଁ ଧାରା ଆରମ୍ଭ ହୋଇଛି ତାହାଦ୍ୱାରା କେତେ ଲୋକ ବଦ୍‌ନାମ ହେବେ ଓ କେତେଜଣଙ୍କ ମୁଣ୍ଡ ଗଡ଼ିଯିବ ତାହା କେହି ଜାଣି ନାହାନ୍ତି। ଏ ନେଇ କେବଳ ଅନ୍ଦାଜ ଲଗାଯାଇପାରେ। ଏହା ନିଶ୍ଚିତ ଭାବେ ଏକ ମହତ୍ ଉଦ୍ଦେଶ୍ୟସମ୍ପନ୍ନ ଅଭିଯାନ। ତେବେ ଏହି ସକାରାତ୍ମକ ଅଭିଯାନ ତିଷ୍ଠିବ ନା ଗଣମାଧ୍ୟମ ଅନ୍ୟ କିଛି ପ୍ରସଙ୍ଗ ପାଇଗଲା ପରେ ପୂର୍ବରୁ ମଉଳିଯାଇଥିବା ଅନେକ ଆନ୍ଦୋଳନ ପରି ଦୁର୍ବଳ ହୋଇଯିବ, ସେ ବିଷୟରେ ସନ୍ଦେହ ରହିଛି।

ଭାରତୀୟ ସଂସ୍କୃତିରେ ଥିବା ପରମ୍ପରା ଅନୁଯାୟୀ କୌଣସି ଭଦ୍ରବ୍ୟକ୍ତି ମହିଳାଙ୍କୁ ଦୁର୍ବ୍ୟବହାର କରିବା ଉଚିତ ନୁହେଁ। କିନ୍ତୁ ଏବେ ଯେଭଳି ଭାବେ ନାରୀଙ୍କୁ ଅସମ୍ମାନ କରାଯାଉଛି, ତାହା ପ୍ରମାଣ କରୁଛି ଯେ ଆଧୁନିକ ଯୁଗରେ ସେହି ପ୍ରାଚୀନ ସଂସ୍କୃତିକୁ ଆଉ କେହି ଅନୁସରଣ କରୁନାହାନ୍ତି। ସଚେତନତା ବୃଦ୍ଧି ପାଉଥିବା ସତ୍ତ୍ୱେ ଅତୀତର ସେହି ଭାରତୀୟ ମୂଲ୍ୟବୋଧ କମିଯାଇଥିବାରୁ ଆମେ କେତେ ମାନସିକ ବିକୃତ ହୋଇଯାଇଛୁ ତାହା ଏବେ ଜଣାପଡୁଛି। ଅନେକ ଅସାମାଜିକ ବ୍ୟକ୍ତି ଭୁଲ୍ କାମ କରି ଖସିଯାଉଥିଲେ ମଧ୍ୟ ଆମର ପରମ୍ପରା, ଧର୍ମ ଓ ମିଥ୍ୟା ପ୍ରଥା ଯୋଗୁ ସେସବୁ ପ୍ରତି ଆମେ ଆଖି ବୁଜିଦେଉଛୁ।

ବହୁ ପୁରୁଣା ସମୟରୁ କୁହାଯାଇଆସୁଛି ଯେ, ହିନ୍ଦୁଧର୍ମରେ ଦେବଙ୍କଠାରୁ ଦେବୀଙ୍କ ସଂଖ୍ୟା ଅଧିକ। କିନ୍ତୁ ଆଜିର ସମୟରେ ତାହାର କିଛି ମୂଲ୍ୟ ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସନ୍ଦେହ ହେଉଛି ଯେ, ସେତେବେଳେ ହୁଏତ ଲୋକମାନେ ଦେବୀପୂଜା ବାହାନାରେ ନାରୀମାନଙ୍କୁ ଅପବ୍ୟବହାର କରୁଥିଲେ। ଅତୀତରେ ମନ୍ଦିରଗୁଡ଼ିକରେ ଥିବା ଦେବଦାସୀ ପ୍ରଥା ଏହାର ପ୍ରମାଣ। ଭାରତୀୟ ପୁରାଣଶାସ୍ତ୍ରରେ ମହିଳାମାନଙ୍କୁ ବହୁ ଉଚ୍ଚ ଆସନ ଦିଆଯାଇଛି। କିନ୍ତୁ ସୀତା ବର୍ଜନ ଓ ସତୀଦାହ ପ୍ରଥାକୁ ଦେଖିଲେ ଜଣାଯାଏ, ନାରୀଙ୍କ ପ୍ରତି ସମସ୍ତ ସମ୍ମାନ କେବଳ ଧର୍ମକୁ ଆଖିଠାର। ଆଜିର ସମୟରେ ମଧ୍ୟ ନାରୀ ସ୍ୱାଧୀନତା, ନାରୀ ସଶକ୍ତୀକରଣ ଆଦି ସେମିତି ଲୋକଦେଖାଣିଆ ହୋଇପଡ଼ିଛି। ଆଜି କେବଳ ବଡ଼ବଡ଼ିଆ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିମାନେ ଯେ ମହିଳାଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର କରୁଛନ୍ତି ତାହା ନୁହେଁ, ଅତି ସାଧାରଣ ଲୋକ ମଧ୍ୟ ନାରୀଙ୍କୁ ହଇରାଣ ହରକତ କରିଚାଲିଛନ୍ତି। ଏପରି କି ବୟସ୍କ ବ୍ୟକ୍ତିମାନେ ତାଙ୍କ ନାତୁଣୀ ବୟସର ଝିଅଙ୍କୁ ଅସଦାଚରଣ କରିବାକୁ ପଛାଉ ନାହାନ୍ତି। ବର୍ତ୍ତମାନ କେତେକେ ଖୁସି ହେଉଛନ୍ତି ଯେ, #ମିଟୂ ଦ୍ୱାରା କେବଳ ବିଶିଷ୍ଟ ବ୍ୟକ୍ତିମାନେ ନିନ୍ଦିତ ହୋଇଛନ୍ତି। ହେଲେ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଏହି ଲୋକମାନେ ନିଜେ ଖରାପ କାର୍ଯ୍ୟ କରି ନିରାପଦରେ ଅଛନ୍ତି ବୋଲି ଭାବୁଛନ୍ତି।

ପୁରୁଷକୈନ୍ଦ୍ରିକ ସମାଜରେ ମହିଳାମାନେ କାହା ଦୟାରେ ବଞ୍ଚୁନାହାନ୍ତି। କର୍ମସ୍ଥଳୀରେ ସମାନତାର ସହ ବଞ୍ଚିବା ଓ ସମାନ ସୁବିଧାସୁଯୋଗ ପାଇବାର ବାତାବରଣ ଭାରତରେ ଅଛି। ତଥାପି ଏ ଦିଗରେ ଅଧିକ ପ୍ରଚେଷ୍ଟା କରାଯିବାର ଆବଶ୍ୟକତା ରହିଛି। ଏଭଳି ସ୍ଥଳେ #ମିଟୂ ଅଭିଯାନରେ ଅଭିଯୋଗଗୁଡ଼ିକ ମାତ୍ରାଧିକ ହୋଇଯାଉଛି ବୋଲି କେତେକ କହିପାରନ୍ତି। ସେମାନେ ଏହି ଆନ୍ଦୋଳନକୁ ଭୁଲ ପ୍ରମାଣିତ କରିବା ଲାଗି ଏଭଳି କରିପାରନ୍ତି। ସେତେବେଳେ ସତକଥା କହୁଥିବା ଅଭିଯୋଗକାରୀଙ୍କୁ ମଧ୍ୟ ଲୋକେ ସନ୍ଦେହ କରିବେ। ଏହାଦ୍ୱାରା #ମିଟୂ ଅଭିଯାନ ବଦ୍‌ନାମ ହୋଇ ଶେଷରେ ନିସ୍ତେଜ ହୋଇଯାଇପାରେ। ଫଳରେ ସାଧାରଣ କେଲେଙ୍କାରୀ ପ୍ରକାଶ ପାଇ ଚାଞ୍ଚଲ୍ୟ ସୃଷ୍ଟି କରିପାରେ। ମାତ୍ର ଶତାବ୍ଦୀ ଶତାବ୍ଦୀ ଧରି ରହିଆସିଥିବା ଭୁଲ୍ ଓ ଲୋକଙ୍କ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି।

କୌଣସି ନରମ ଆଭିମୁଖ୍ୟ କାମ ଦେଇ ନ ପାରେ। ତେଣୁ ଆମ ଦେଶରେ କେତେ ଜଣ ବରିଷ୍ଠ ସିନେ ତାରକା, ରାଜନେତା, ଏକ ହାଇକୋର୍ଟର ଜଣେ ରେଜିଷ୍ଟ୍ରାର କିମ୍ବା କିଛି ସାମ୍ବାଦିକଙ୍କ ଭଳି ବ୍ୟକ୍ତିଙ୍କ କାରନାମା ପଦାକୁ ଆସିବା ପରେ #ମିଟୂ ଅଭିଯାନରେ ଭଟ୍ଟା ପଡ଼ି ନ ଯାଉ। କାରଣ ଏମାନଙ୍କ ଭଳି ଆହୁରି ଅନେକେ ଥିବେ ଯେଉଁମାନଙ୍କ ନିନ୍ଦନୀୟ କାର୍ଯ୍ୟକଳାପ ଏଯାଏ ଲୋକଲୋଚନକୁ ଆସିନାହିଁ। ଏହି ଅଭିଯାନ ସାମାଜିକ, ଅର୍ଥନୈତିକ ଏବଂ ଏପରିକି ଧାର୍ମିକ ସ୍ତରରେ ବି ବ୍ୟାପକ ହେବା ଦରକାର। ଯେତେବେଳେ ଏହି ଆନ୍ଦୋଳନକୁ ସମାଜରେ ପ୍ରୋତ୍ସାହନ ମିଳିବ ସେତେବେଳେ ମହିଳାଙ୍କ ପ୍ରତି ପୁରୁଷଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିପାରିବ। ଗଣମାଧ୍ୟମ ଯୋଗୁ ନିର୍ଭୟା ଘଟଣା ବହୁଚର୍ଚ୍ଚିତ ହୋଇପାରିଥିଲା। ଇତିମଧ୍ୟରେ ଭାରତରେ ଏହିଭଳି ଲକ୍ଷ ଲକ୍ଷ ଘଟଣା ଆମ ପୋଲିସ ଓ ତଥାକଥିତ ବ୍ୟବସ୍ଥା ଦ୍ୱାରା ଚାପି ହୋଇଯାଇଥିବ। ଏହା ବିରୋଧରେ ଲଢ଼େଇ କରିବା ପାଇଁ ହେଲେ #ମିଟୂ ମାଧ୍ୟମରେ ଆରମ୍ଭ ହୋଇଥିବା ଅଭିଯାନକୁ ମାତ୍ରାଧିକ ସ୍ତର ପର୍ଯ୍ୟନ୍ତ ଆଗେଇନେବା ଲାଗି ପ୍ରୋତ୍ସାହନ ମିଳିବା ଉଚିତ। ଏହା ଯେତେ ମାତ୍ରାଧିକ ହେଲେ ବି କୌଣସି କ୍ଷତି ନାହିଁ।

# ନବୀନ ଆହ୍ୱାନ

ଜିତେନ୍ଦ୍ର କୁମାର ନାୟକ

ନବୀନ ଏକ ଆହ୍ୱାନ। ତାଙ୍କୁ ମାପିବା କଷ୍ଟକର। ଅଳ୍ପ କହୁଥିବାରୁ ଭୁଲ ବାଛି ହେଉନି। ସରଳ ଜୀବନ ବିତାଉଥିବାରୁ ବିବାଦରୁ ଦୂରରେ ଅଛନ୍ତି। ରାଜନୀତିରେ ନବୀନ ଭାବେ ପ୍ରବେଶ କରିଥିଲେ ମଧ୍ୟ ଏକନିଷ୍ଠ କର୍ମ ତାଙ୍କୁ କରିଦେଇଛି ପ୍ରବୀଣ। ପୋଖତ ଓ ପୁରୁଖା ରାଜନେତା ତାଙ୍କ ସଫଳତା ଦେଖି ତଟସ୍ଥ। ପିତା ବିଜୁ ପଟ୍ଟନାୟକଙ୍କଠାରୁ ରାଜନୀତି ଶିକ୍ଷା ପାଇବାର ସୁଯୋଗ ପାଇ ନ ଥିଲେ। ତଥାପି କେମିତି ବିରୋଧୀଙ୍କ ଆଖିରୁ ନିଦ ହଜେଇ ଦେଇପାରୁଛନ୍ତି, ତାହା ଏବେ ଓଡ଼ିଶାବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଦିନେ ଓଡ଼ିଆ ଓ ଓଡ଼ିଶାର ଲୋକଙ୍କୁ ଜାତୀୟ ଗଣମାଧ୍ୟମରେ ସେଭଳି ଦେଖିବାକୁ ମିଳୁ ନ ଥିଲା। ଆଜି ଅଧିକାଂଶ ସର୍ଭେରେ ସଫଳ ରାଜନେତା, ଶ୍ରେଷ୍ଠ ପ୍ରଶାସକ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଆଖ୍ୟା ପାଇ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଲେଣି ନବୀନ ପଟ୍ଟନାୟକ । ଧର୍ମ, ଜାତି, ଖାଦ୍ୟ, ପସନ୍ଦକୁ ନେଇ ଅସହିଷ୍ଣୁତା ଓ ବିଭେଦ ଦେଖା ଦେଉଥିବା ବେଳେ 'ମୋ ଶରୀରର ପ୍ରତ୍ୟେକଟି ଅସ୍ଥି ଧର୍ମନିରପେକ୍ଷ' କହି ସେ ଉଦାରବାଦର ପ୍ରତୀକ ପାଲଟି ଯାଇଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଜାତୀୟ ସ୍ମୃତି କମିଟିରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦ ଯୋଡ଼ିବା ପାଇଁ ଦେଇଥିବା ପ୍ରସ୍ତାବ ତାଙ୍କ ବିଶାଳ ବ୍ୟକ୍ତିତ୍ୱର ପରିଚୟ ଦେଇଛି। ବୋଧହୁଏ ଅନେକଗୁଡ଼ିଏ ଭଲଗୁଣର ଅଧିକାରୀ ହୋଇପାରିଥିବାରୁ ଓଡ଼ିଶାବାସୀ ତାଙ୍କୁ ମୁଖ୍ୟ ଆସନରେ ୧୮ ବର୍ଷ କାଳ ବସାଇ ଦେଖିଛନ୍ତି ବିକାଶ। ତାଙ୍କ ଉପରେ ଓଡ଼ିଆଙ୍କ ପ୍ରଗାଢ଼ ଭରସା ରହୁଥିବାରୁ ସେ ସେବାନିବୃତ୍ତ ହୋଇପାରୁ ନାହାନ୍ତି। ୭୨ ବର୍ଷ ବୟସରେ ପଦାର୍ପଣ କରି ତାଙ୍କ ରାଜନୈତିକ କ୍ୟାରିୟର ଆକାଶଛୁଆଁ ହୋଇଛି। ଓଡ଼ିଶାବାସୀଙ୍କୁ ନିଜ ପରିବାର ଧରି ନେଇଥିବାରୁ ନବୀନଙ୍କ ପାଇଁ ସେମାନଙ୍କ ସ୍ନେହ ଓ ଶ୍ରଦ୍ଧା ଆଗକୁ ବଢ଼ିବାର ବାଟ ଦେଖାଇ ଚାଲିଛି ବୋଲି ପ୍ରଶଂସକମାନେ କହୁଛନ୍ତି।

ବିଂଶ ଶତାବ୍ଦୀର ଅଶୀ ଦଶକରେ ଦେଶ ବିଦେଶରେ ଓଡ଼ିଶାର ପରିଚୟ ଥିଲା ଏକ ଦରିଦ୍ର ରାଜ୍ୟ। କଳାହାଣ୍ଡିର ଭୋକିଲା ଲୋକଙ୍କ ଚମ ଧୁଡୁଧୁଡୁ ଚିତ୍ର ଗଣମାଧ୍ୟମରେ ଦେଖାଇ ଦିଆଯାଇଥିଲା। ଅନାହାର ଓ ଅର୍ଦ୍ଧାହାର ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିଲା। ଅପପୁଷ୍ଟିରେ ଶିଶୁ ମୃତ୍ୟୁର ଦୁର୍ନାମ ମୁଣ୍ଡାଇଥିଲା ଏହି ରାଜ୍ୟ। ଗତ ଶତାବ୍ଦୀର ଶେଷ ଭାଗରେ ଅର୍ଥାତ୍ ୧୯୯୯ ମହାବାତ୍ୟାର ଚିତ୍ର ଓଡ଼ିଶା ଆଡ଼କୁ ପୁଣି ଥରେ ବିଦେଶୀ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା। ଅନେକ ହଜାର ଲୋକଙ୍କ ମୃତ୍ୟୁ, ଭିତ୍ତିଭୂମିର ବ୍ୟାପକ କ୍ଷତି ସହ ରାଜ୍ୟର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ଏ ଥିଲା ସେଦିନର କଥା। ଅନ୍ୟପକ୍ଷରେ, ୨୦୧୩ ଫାଇଲିନ୍ ବାତ୍ୟାର ସଫଳ ମୁକାବିଲା କରି ପ୍ରଥମ ଥର ପାଇଁ ଜାତିସଂଘ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ଓଡ଼ିଶା। ସେହିପରି ନବେ ଦିନ ମଧ୍ୟରେ ୨୨ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୧୭ ଆୟୋଜନ କରି ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଅନୁରୂପ ଭାବେ ୨୦୧୮ ହକି ବିଶ୍ୱକପ୍ ଆୟୋଜନର ଦାୟିତ୍ୱ ହାତକୁ ନେଇଛି ଏହି ରାଜ୍ୟ। ଓଡ଼ିଶା 'ଭାରତୀୟ ହକି ଦଳ'ର ପ୍ରାୟୋଜକ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ସର୍ବତ୍ର ଚର୍ଚ୍ଚାରେ ରହିଛି । ହେଲେ ଗ୍ରାମାଞ୍ଚଳରେ


ନବୀନ ପଟ୍ଟନାୟକ

କ୍ରୀଡ଼ାକୁ ଅନୁରୂପ ପ୍ରୋତ୍ସାହନର ଅଭାବ ଓ ଅସଜଡ଼ା ଭିତ୍ତିଭୂମି ଯୁବପିଢ଼ିଙ୍କୁ ନିରାଶ କରୁଛି। ଖୁବ୍ କମ୍ ଦିନ ମଧ୍ୟରେ ଏସିଆନ୍ ଆଥ୍‌ଲେଟିକ୍ସ ଲାଗି ଅତ୍ୟଧିକ ଅମଲାତାନ୍ତ୍ରିକ ତତ୍ପରତା ଦେଖାଦେବାରୁ ଏହା ସଫଳତା ଅର୍ଜନ କରିଥିଲା। ନବୀନଙ୍କ ନିର୍ଦ୍ଦେଶକୁ ପ୍ରଭାବଶାଳୀ ଢଙ୍ଗରେ ଗ୍ରାମାଞ୍ଚଳର କ୍ରୀଡ଼ା ଭିତ୍ତିଭୂମି ବିକାଶ ଲାଗି ଅଧିକାରୀମାନଙ୍କ ଆଗ୍ରହ ରହିଲେ ଅନେକ ପରିବର୍ତ୍ତନ ଦେଖାଦେଇପାରନ୍ତା। ଥରେ ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ଦୃଢ଼ ହୋଇଗଲେ ରାଜ୍ୟରେ ଅନେକ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରନ୍ତେ। ତା' ନ ହେଲେ କେତୋଟି ବଡ଼ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯିବା ଏକ ଲୋକଦେଖାଣିଆ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ମତ ରଖୁଛନ୍ତି।

ନବୀନ ତାଙ୍କ ଶାସନ କାଳରେ ଅନେକ ଜନହିତକର ଯୋଜନା ଓ କାର୍ଯ୍ୟକ୍ରମ କରିଛନ୍ତି। ହେଲେ ଦେଖାଯାଇଛି ଟଙ୍କିକିଆ ଚାଉଳ ଲୋକଙ୍କୁ ପଙ୍ଗୁ କରିଦେଉଛି। ଏହି ଯୁକ୍ତି ନିଶ୍ଚିତ ଭାବେ ଯଥାର୍ଥ। କିନ୍ତୁ ଭାରତ ଭଳି ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ସରକାରଙ୍କ ମୌଳିକ ଦାୟିତ୍ୱ ହେଉଛି ଯେଭଳି କୌଣସି ଜଣେ ବି ନାଗରିକ ବିନା ଖାଦ୍ୟରେ ମୃତ୍ୟୁମୁଖରେ ନ ପଡ଼ିବ ସେଥିଲାଗି ବ୍ୟବସ୍ଥା କରିବା। ତେଣୁ ଏହି ଦିଗକୁ ସଜାଡ଼ିବାକୁ ଯାଇ ନବୀନଙ୍କୁ କିଛିମାତ୍ରାରେ ଲୋକହିତକର କାର୍ଯ୍ୟ କରିବାକୁ ପଡ଼ିଲା। ଭବିଷ୍ୟତରେ ହୁଏତ ପରିବର୍ତ୍ତିତ ପରିସ୍ଥିତିରେ କିଛି ପରିମାଣରେ ଏହାର ଉଚିତ ସମୀକ୍ଷା କରାଯିବ। ଏହାବ୍ୟତୀତ ଏକ ସମାଜରେ ସାଧାରଣ ନାଗରିକ ପେଟପୂରା ଖାଦ୍ୟ ଖାଇବା ଏବଂ ନିଜର ଗୋଟିଏ କ୍ଷୁଦ୍ର ବାସଗୃହ ପାଇସାରିବା ପରେ ସେହି ନାଗରିକଙ୍କର ବି ଏକ ସାମାଜିକ କର୍ତ୍ତବ୍ୟ ରହିଛି। ତାଙ୍କର ମୌଳିକ କାର୍ଯ୍ୟ ହେଉଛି କାମ ଖୋଜିବା। ସେ ଚେଷ୍ଟା କରିବା ଦରକାର ଯେ କିଭଳି ଦୀର୍ଘକାଳ ଓ ସର୍ବଦା ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ନ ରହି ଦାରିଦ୍ର୍ୟ ସୀମାରେଖା ଉପର (ଏପିଏଲ୍)କୁ ଉନ୍ନୀତ ହୋଇପାରିବେ। ନବୀନ ସେହି ରାଜନୈତିକ ବାତାବରଣ ସୃଷ୍ଟି କରିବା ତାଙ୍କ ନିଜ ପାଇଁ ଏକ ଆହ୍ୱାନ। କର୍ମକୋଡ଼ି ହେବାର ସବୁ ସୁଯୋଗ ଥିଲେ ମଧ୍ୟ ଯଦି ସାମାଜିକ ଚେତନା ଏହି ଜାତିକୁ କର୍ମ ଆଡ଼କୁ ଟାଣି ନେଇପାରିବ, ତେବେ ବାସ୍ତବରେ ରାଜ୍ୟ ଉନ୍ନତିମୁହାଁ ହୋଇପାରିବ। ହେଲେ ଟଙ୍କିକିଆ ଚାଉଳ ଓ ପୁଷ୍ଟିକର ଯୋଜନା ଥିବା ସତ୍ତ୍ୱେ ୨୦୧୬ ଜୁନରେ ଉପକୂଳବର୍ତ୍ତୀ ଯାଜପୁର ଜିଲାର ନଗଡ଼ା ଭଳି ଚିତ୍ର ନଜରକୁ ଆସିଥିଲା। ଅପପୁଷ୍ଟିରେ ପଡ଼ି ଅନେକ ଶିଶୁଙ୍କ ଜୀବନ ଯାଇଥିଲା। ସରକାରୀ ଯୋଜନା ଠିକ୍ ଭାବେ ତଳସ୍ତରକୁ ନ ପହଞ୍ଚିବାରୁ ଏଭଳି ସ୍ଥିତି ଉପୁଜିଥିବା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା ବ୍ୟତୀତ ସୁସ୍ଥ ସବଳ ଲୋକମାନେ ବିପିଏଲ୍ ତାଲିକାଭୁକ୍ତ ହେବା ପାଇଁ ବ୍ୟାକୁଳ ହେଉଥିବା ଏହି ରାଜ୍ୟ ପାଇଁ ଲଜ୍ଜାକର ବିଷୟ।

ଦେଖିବାକୁ ଗଲେ ଯେତେ ସ୍ୱଚ୍ଛ ଶାସନ ଦେବା ପାଇଁ ନବୀନଙ୍କ ଇଚ୍ଛା ଥିଲେ ମଧ୍ୟ ତାହାକୁ ଅମଲାତନ୍ତ୍ରୀ ତଳସ୍ତରରେ କାର୍ଯ୍ୟକାରୀ କରାଇ ଦେଉନାହାନ୍ତି। ଏଥିପାଇଁ ଆଜି ମଧ୍ୟ ପୋଲିସ ଥାନା, ବ୍ଲକ୍, ତହସିଲ ଆଦି କାର୍ଯ୍ୟାଳୟରୁ ଜନସାଧାରଣ ଆଶାନୁରୂପ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଅଧିକାଂଶ ସ୍ଥାନରେ ପିସି କାରବାର ଚାଲିଥିବା ବିରୋଧୀ ଅଭିଯୋଗ କରୁଛନ୍ତି।

୨୦୦୮ରେ କନ୍ଧମାଳ ଦଙ୍ଗା ସୃଷ୍ଟି ହୋଇଥିଲା। ସେତେବେଳେ ରାଜ୍ୟରେ ଭାଜପା ସହ ମିଶି ବିଜେଡି ଶାସନ କରୁଥିଲା। ନିଜର ଧର୍ମନିରପେକ୍ଷତାର ପରିଚୟ ଦେବାକୁ ଯାଇ ନବୀନ ବାବୁ ୨୦୦୯ରେ ଭାଜପା ହାତ ଛାଡ଼ି ଦେଇଥିଲେ। ଧର୍ମନିରପେକ୍ଷ ଓ ସହନଶୀଳ ଭାବମୂର୍ତ୍ତି ନବୀନଙ୍କ ପାଇଁ ଗୁରୁତ୍ୱ ବହନ କରିଥିଲା। ଏପରି କି କ୍ଷମତାଠାରୁ ମଧ୍ୟ ଅଧିକ। ଏହା ଥିଲା ଓଡ଼ିଶା ରାଜନୀତିରେ ତାଙ୍କର ଏକ ଐତିହାସିକ ପଦକ୍ଷେପ। ଭାଜପାକୁ ଛାଡ଼ିଦେଲେ ବିଜେଡିର ସତ୍ତା ରହିବ ନାହିଁ ବୋଲି ପୂର୍ବରୁ ରାଜନୈତିକ ପଣ୍ଡିତମାନେ ଆକଳନ କରୁଥିଲେ। ପରବର୍ତ୍ତୀ ନିର୍ବାଚନ ଫଳାଫଳ ସେହି ପଣ୍ଡିତମାନେ ବାସ୍ତବତାଠାରୁ ବହୁଦୂରରେ ଅଛନ୍ତି ବୋଲି ପ୍ରମାଣିତ କରିଥିଲା। ପୂର୍ବାପେକ୍ଷା ବିଜେଡି ୨୦୦୯ ସାଧାରଣ ନିର୍ବାଚନରେ ଅଧିକ ଆସନ ପାଇ କ୍ଷମତାକୁ ଫେରିଥିଲା।

ଅନ୍ୟ ଏକ ରାଜନୈତିକ ଘଟଣାକ୍ରମରେ ବିଜେଡିର ତତ୍କାଳୀନ ପରାମର୍ଶଦାତା ତଥା ରାଜ୍ୟ ସଭା ସଦସ୍ୟ ପ୍ୟାରୀମୋହନ ମହାପାତ୍ରଙ୍କ ୨୦୧୨ ମେ ୨୯ର 'ମିଡ୍‌ନାଇଟ୍ ଅପରେଶନ' ବୃଥା ଯାଇଥିଲା। ଏହି ଘଟଣା ପୂର୍ବରୁ ପ୍ୟାରୀଙ୍କୁ 'ସୁପର ଚିଫ୍ ମିନିଷ୍ଟର' ଆଖ୍ୟା ଦିଆଯାଇଥିଲା। ସମସ୍ତେ କହୁଥିଲେ ଯେ ନବୀନ ନୁହେଁ, ପ୍ୟାରୀ ହେଉଛନ୍ତି ଉଭୟ ସରକାର ଓ ଦଳର ମୁଖ୍ୟ। ସେହି ସମୟରେ ନବୀନଙ୍କୁ ଗାଦିଚ୍ୟୁତ କରିବା ପାଇଁ ରଚାଯାଇଥିବା ଷଡ଼ଯନ୍ତ୍ର ଧରାପଡ଼ିଯିବା ପରେ ଦଳର ନେତା ଓ କର୍ମୀ ବାସ୍ତବତା କ'ଣ ଜାଣିପାରିଥିଲେ। ପରବର୍ତ୍ତୀ ସମୟରେ ପ୍ୟାରୀବିହୀନ ନବୀନଙ୍କୁ ସମସ୍ତେ ପ୍ରଶଂସା କରିଥିଲେ। ଏହାର ଫଳସ୍ୱରୂପ ବିଜେଡି ପୂର୍ବ ନିର୍ବାଚନ ତୁଳନାରେ ୨୦୧୪ ନିର୍ବାଚନରେ ଆହୁରି ଅଧିକ ଆସନ ହାସଲ କରିଥିଲା।

ନବୀନ ତାଙ୍କ ଜୀବନର ଅଧିକାଂଶ ସମୟ ବାହାରେ ବିତାଇଥିଲେ ମଧ୍ୟ ମନ ଭିତରେ ଓଡ଼ିଆପଣ ଅତି ଜୋରରେ ଥିବାରୁ ଏହି ରାଜ୍ୟବାସୀଙ୍କ ରାଜନୈତିକ ଆଶା ଆକାଂକ୍ଷା ଭଲ ଭାବେ ବୁଝିପାରନ୍ତି। ତେଣୁ ୧୮ ବର୍ଷ ଭିତରେ ଏ ରାଜ୍ୟରେ ଉନ୍ନତି ଘଟିଛି। ମାତ୍ର ବିରୋଧୀ ଅଭିଯୋଗ କରୁଛନ୍ତି ଯେ, ନବୀନଙ୍କୁ ଘେରି ରହିଥିବା ଏକ ଅପରିପକ୍ୱ ରାଜନୈତିକ ଓ ଅମଲାତାନ୍ତ୍ରିକ ଗୋଷ୍ଠୀ ଉଭୟ ସରକାର ଓ ଦଳକୁ ନିଜ ଅକ୍ତିଆରରେ ରଖି ଦେଇଛନ୍ତି। ଓଡ଼ିଶାବାସୀ ଏହିଭଳି ଗୁଜବ ପ୍ୟାରୀଙ୍କ ସମୟରେ ମଧ୍ୟ ଶୁଣିଥିଲେ। ସେତେବେଳେ ନବୀନ ସେହିସବୁ ଶିକୁଳି ଛିଣ୍ଡାଇ ଓଡ଼ିଶାର ହିତ ପାଇଁ ପୁନର୍ବାର ନିଜକୁ ନିୟୋଜିତ କରିଥିଲେ। ଏହାପରେ ସମାଲୋଚକମାନେ ନୀରବ ହୋଇ ଯାଇଥିଲେ। ଏବେ ମଧ୍ୟ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ, ନବୀନ ପୁନର୍ବାର ଏହି ତଥାକଥିତ କ୍ଷମତାସୀନ ଗୋଷ୍ଠୀର କବଳରୁ ଅତି ସହଜରେ ବାହାରିଯିବେ ଏବଂ ୨୦୧୯ରେ ଏକ ନୂତନ ପ୍ରକାରର ନବୀନ ପଟ୍ଟନାୟକ ଆବିର୍ଭାବ ହେବେ।

# ଓଡ଼ିଶାରେ ଶକ୍ତିପୂଜା


ଡ.କିଶୋର ମହାନ୍ତି

ଓଡ଼ିଶା ସର୍ବଧର୍ମ ଓ ସଂସ୍କୃତିର ମହାମିଳନ ପୀଠ। କିନ୍ତୁ ନିଜସ୍ୱ ସଂସ୍କୃତି ଓ ପରମ୍ପରାକୁ ଓଡ଼ିଆ ଜାତି କେବେ ଭୁଲି ଯାଇନାହିଁ। ଓଡ଼ିଶାର ଶାକ୍ତ ପରମ୍ପରା ସୁପ୍ରାଚୀନ। ଓଡ଼ିଶାରେ ରହିଥିବା ଶକ୍ତିପୀଠଗୁଡ଼ିକ ତା'ର ଜ୍ୱଳନ୍ତ ପ୍ରମାଣ। ମାତୃକା ପୂଜା ମାନବ ସମାଜ ଯୁଗେ ଯୁଗେ କରିଆସିଛି। 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'କୁ ମୂଳମନ୍ତ୍ର କରି ନିଜ ଜୀବନଧାରାରେ ମା'ର ଅମାପ ସ୍ନେହ ଓ ଶ୍ରଦ୍ଧାକୁ ପାଥେୟକରି ଜୀବନ ମଙ୍ଗଳମୟ ହେବା ପାଇଁ ଆଶୀର୍ବାଦ କାମନା କରିଛି ଏ ମାଟିର ମଣିଷ। ମା'ର ବନ୍ଦନା ଗାନରେ ଉନ୍ମନା ହୋଇଉଠିଛି ଏ ମଣିଷ ବାରମ୍ବାର। ମା'ର ଆରାଧନା ପାଇଁ ଶୂନ୍ୟ ହାତରେ ବି ମନର ସମସ୍ତ ଆବିଳତାକୁ ତ୍ୟାଗକରି ସେ ପାଇଛି ଅସୀମ ଆନନ୍ଦ। ଏହି ଶକ୍ତିପୂଜା ପ୍ରାୟତଃ ୨୦୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଓଡ଼ିଶାରେ ପ୍ରଚଳିତ ହୋଇ ଆସୁଥିବାର ସୂଚନା ମିଳେ। ସାରଳା ଦାସଙ୍କ ଲେଖନୀରେ ମାତୃପୂଜାର ବର୍ଣ୍ଣନା ରହିଛି। ଓଡ଼ିଶାର ଗଜପତି ମହାରାଜା କପିଳେନ୍ଦ୍ର ଦେବ ନିଜକୁ ଦୁର୍ଗା ପୁତ୍ର ବୋଲି କହି ଗର୍ବ ଅନୁଭବ କରୁଥିଲେ, ଏହା ଶିଳାଲେଖରୁ ପ୍ରମାଣ ମିଳେ। ତେଣୁ ଓଡ଼ିଶାରେ ଏହି ପୂଜାର ଧାରା ଅଦ୍ୟାବଧି ପ୍ରଚଳିତ ହୋଇ ଆସୁଛି।

ସମଗ୍ର ବିଶ୍ୱର ପ୍ରତ୍ୟେକ ବସ୍ତୁରେ ଦେବୀ ଶକ୍ତି ରୂପରେ ଅବସ୍ଥାନ କରିଥାନ୍ତି। ତାଙ୍କଠାରୁ ପ୍ରତ୍ୟେକ ବସ୍ତୁ ସୃଷ୍ଟି ହୋଇଥାଏ। ତାଙ୍କଠାରେ ସ୍ଥିତି ପୁଣି ତାଙ୍କରିଠାରେ ସମସ୍ତଙ୍କର ଶେଷ। ସୃଷ୍ଟି ତ ଧ୍ୱଂସ କରିବା ମୂଳରେ ଏହି ମହାଶକ୍ତିର ଲୀଳା ଯୁଗେଯୁଗେ ମଣିଷକୁ ସ୍ତମ୍ଭିତ କରିଛି। ସେଇ ଅପରୂପା ଲାସ୍ୟମୟୀ ମା' ଦୁର୍ଗା ହେଉଛନ୍ତି 'ଚିନ୍ମୟୀ', ଶକ୍ତି ଓ ସୌନ୍ଦର୍ଯ୍ୟ ସମନ୍ୱିତ ବିଶ୍ୱଚେତନାର ଏକ ଗୁଣାତ୍ମକ ପରିପ୍ରକାଶ। ସେ ସର୍ବଶକ୍ତିର ଆଧାର। ତାଙ୍କ ସହାୟତା ବିନା ସ୍ୱୟଂ ଶିବ ମଧ୍ୟ ଶକ୍ତିହୀନ।

ମହିଷମର୍ଦ୍ଦିନୀ ରୂପ ହିଁ ଦୁର୍ଗା ଭାବରେ ପରିକଳ୍ପିତ। ତେଣୁ ଓଡ଼ିଶାର ବହୁ ଶକ୍ତିପୀଠରେ ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କର ବିଗ୍ରହ ପୂଜା ପାଇ ଆସୁଛି। ସାରଳାଦାସକୃତ ଚଣ୍ଡୀ ପୁରାଣରେ ଦୁର୍ଗତିରୁ ଉଦ୍ଧାର ପାଇଁ ଦେବୀଙ୍କ ନାମ ଦୁର୍ଗା ବୋଲି ବର୍ଣ୍ଣନା କରିଛନ୍ତି। ବିଭିନ୍ନ ଭାବରେ ଶ୍ରୀଶ୍ରୀଦୁର୍ଗାଙ୍କର ନାମକୁ ବିଶ୍ଳେଷଣ କରାଯାଇଛି। ସେ ଦୁର୍ଗ ରକ୍ଷାକାରିଣୀ। ସେ ଦୁର୍ଗମ ନାମକ ଅସୁରକୁ ବଧ କରିଥିଲେ ବୋଲି ସେ ମାତା ଦୁର୍ଗା। ଏହିପରି ବିଶ୍ୱରେ ଆଦ୍ୟାଶକ୍ତିଙ୍କର ସ୍ୱରୂପ ପ୍ରକଟନ କରାଯାଇଛି। ସାରଳାଦାସ ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କୁ 'ଧବଳ କାମାକ୍ଷୀ ସେ କର୍ପୂର ବରଣା' ରୂପରେ ଦେଖିଛନ୍ତି।

ଏହି ଶକ୍ତିପୂଜାର ବହୁଳତା ଆମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଶେଷ ଭାବରେ ପରିଲକ୍ଷିତ ହୁଏ। ବହୁ ପ୍ରାଚୀନ କାଳରେ ମହେଞ୍ଜୋଦାରୋ ଓ ହରପ୍ପାର କେତେକ ସ୍ଥାନରେ ମୃଣ୍ମୟୀ ନାରୀ ମୂର୍ତ୍ତି ମିଳିଛି। ସେଥିରୁ ପ୍ରମାଣ ମିଳୁଛି ଯେ, ସେତେବେଳେ ବି ମାତୃପୂଜା କରାଯାଉଥିଲା। ଓଡ଼ିଶାର ପ୍ରାଚୀନ ଶକ୍ତିପୀଠମାନଙ୍କରେ ଅଦ୍ୟାବଧି ମା' ଦୁର୍ଗାଙ୍କର ଆରାଧନା ମହା ଆଡମ୍ବର ସହକାରେ ତଥା ଶୁଦ୍ଧପୂତ ଭାବରେ ସମାହିତ ହେଉଛି। ଯାଜନଗ୍ରରେ ଅବସ୍ଥିତ ମା' ବିରଜାଇ, ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କର ଶାରଦୀୟ ଷୋଳପୂଜା ଅତି ଭକ୍ତିର ସହିତ ପାଳନ କରାଯାଇଥାଏ। ମା' ବିମଳାଙ୍କ ପୀଠରେ ଏହି ସମୟରେ 'ଦୁର୍ଗାମାଧବ'ଙ୍କର ଉପାସନା କରାଯାଇଥାଏ। ବିମଳାଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପରେ ଉପାସନା କରାଯାଇଥାଏ। ଏତଦ୍‌ବ୍ୟତୀତ କାକଟପୁରର ମା' ମଙ୍ଗଳା, ଖଲ୍ଲିକୋଟର ନାରାୟଣୀ, ସମ୍ବଲପୁରର ସମଲେଶ୍ୱରୀ, ସୁବର୍ଣ୍ଣପୁରର ସ୍ତମ୍ଭେଶ୍ୱରୀ, କଳାହାଣ୍ଡିର ମାଣିକେଶ୍ୱରୀ, ଭଦ୍ରକର ଭଦ୍ରକାଳୀ, ଘଟଗାଁର ତାରିଣୀ ପ୍ରଭୃତି ଶାକ୍ତ ଦେବୀ ରୂପରେ ଉପାସିତା ହୋଇ ଆସୁଛନ୍ତି। କଟକର ଚଣ୍ଡୀ, ମୟୂରଭଞ୍ଜର କୀଚକେଶ୍ୱରୀ, ବାରିପଦାର ମା' ଅମ୍ବିକାଙ୍କ ପୂଜାର୍ଚ୍ଚନା ପାରମ୍ପରିକ ଭାବରେ ହେଉଛି।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଶକ୍ତିପୀଠ ଥିବାରୁ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ମହାସମାରୋହରେ ପାଳିତ ହୋଇଥାଏ। ସତ୍ୟଶିବସୁନ୍ଦର ଓ ଶକ୍ତିର ଅପୂର୍ବ ସମନ୍ୱୟ ଘଟିଛି ସେଇ ମହାମାୟାଙ୍କଠାରେ। ବିଶ୍ୱର ହିତ ଲାଗି ତଥା ସମଗ୍ର ମାନବଜାତିର ମଙ୍ଗଳ ନିମନ୍ତେ ତାଙ୍କର ଶରତକାଳୀନ ଆବିର୍ଭାବ ଶୁଭଙ୍କର ହେଉ, ଏହା ହିଁ ପ୍ରାର୍ଥନା।

ମୋ–୯୪୩୭୭୨୮୪୭୫

## ଏଇ ଭାରତରେ

ପକେଟମାରଙ୍କର ବି ପରୋପକାରୀ ଗୁଣ ରହିଛି। ଟଙ୍କାପଇସା ହାତେଇବା ପରେ ଅନ୍ୟ ସାମଗ୍ରୀରେ କୌଣସି ଆବଶ୍ୟକତା ନ ଥିବାରୁ କେତେକେ ସମ୍ପୃକ୍ତ ଲୋକଙ୍କୁ ଏ ସବୁ ଫେରାଇ ଦିଅନ୍ତି। ଏଥିପାଇଁ ସେମାନେ ସିଧାସଳଖ ଯୋଗାଯୋଗ କରନ୍ତି ନାହିଁ। ବରଂ ବିଭିନ୍ନ ମାଧ୍ୟମ ଖୋଜିଥାଆନ୍ତି। ଆଉ ସବୁ ଅପେକ୍ଷା ଡାକବାକ୍ସ ହେଉଛି ସହଜ ଓ ସରଳ ମାଧ୍ୟମ। ଚେନ୍ନାଇର ପକେଟମାରମାନେ ଏହି ସହଜ ମାଧ୍ୟମକୁ ଆପଣାଇ ନେଇଛନ୍ତି। ସେମାନେ ପକେଟମାର କରୁଥିବା ୱାଲେଟ୍‌ରୁ ଟଙ୍କାପଇସା କାଢ଼ିନେଇ ଆଇଡି କାର୍ଡ ଭଳି ଆବଶ୍ୟକ କାଗଜପତ୍ରକୁ ଡାକବାକ୍ସରେ ଗଳାଇ ଦେଉଛନ୍ତି। ଗତ ୬ ମାସ ହେଲା ଏଭଳି ଅନେକ ୱାଲେଟ୍ ଡାକବାକ୍ସରେ ଗଳାଇ ଦିଆଯାଉଥିବା ଡାକ ବିଭାଗ ସୂଚନା ଦେଇଛି। ଜଣେ ବରିଷ୍ଠ ଡାକ ଅଫିସରଙ୍କ କହିବାନୁଯାୟୀ, ଚେନ୍ନାଇ ସିଟି କର୍ପୋରେଶନ୍‌ରେ ଗତ ୬ ମାସ ହେଲା ୭୦ଟି ଏଭଳି ମାମଲା ନଜରକୁ ଆସିଛି। ଡାକ କର୍ମଚାରୀମାନେ ଆଧାର, ପ୍ୟାନ୍ କାର୍ଡ ସମେତ ଡ୍ରାଇଭିଂ ଲାଇସେନ୍ସ ଭଳି ଆଇଡି କାର୍ଡ ପାଉଛନ୍ତି। ମାନବିକତାର ଦ୍ୱାହିରେ ଏସବୁ ପରିଚୟପତ୍ର ଯେଭଳି ସଂପୃକ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସବ୍–ପୋଷ୍ଟମାଷ୍ଟରମାନେ ଅତିରିକ୍ତ ଦାୟିତ୍ୱ ବହନ କରୁଛନ୍ତି। ଆଇଡି କାର୍ଡରେ କଣ୍ଟାକ୍ଟ ନମ୍ବର ଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡକାଯାଇ ତାହା ଫେରାଇ ଦିଆଯାଉଛି। କିନ୍ତୁ କୌଣସି ନମ୍ବର ନ ଥିଲେ ସେଗୁଡ଼ିକୁ ଲଫାପାରେ ଭରି ସଂପୃକ୍ତ ଠିକଣାରେ ପଠାଇ ଦିଆଯାଉଛି।

## ଚିରନ୍ତନୀ

ବରଷା ଜଳେ ଚରଣ ଭିଜେ
ନଳିନୀଦଳ ଭୂମିରେ କି ଯେ !
ପଡ଼ିଛି ଛିଡ଼ି, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲା କେଉଁ ଚନ୍ଦର।
(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | A | | | 4 | 7 | 9 | D | 5 | | 8 | |
| | | | | | | | | | | | A | 4 | D | |
| | C | | | | | 9 | | E | | 4 | | | 2 | |
| | 4 | | | | | | 0 | 1 | 7 | | | | 5 | |
| 9 | | | | | 3 | | C | | 0 | | | 1 | | B |
| 5 | | | D | 6 | A | | | | E | 0 | 1 | | | 8 |
| | | 1 | | 8 | E | | | | | | | | 4 | 2 |
| | A | | | 3 | 1 | 0 | | | | B | 9 | 5 | | |
| B | E | | 0 | | | 5 | | 6 | 4 | | | | A | |
| | | 8 | | | | | E | | 3 | | 2 | | | |
| | | 4 | | 2 | 0 | 8 | 5 | | | | | | 7 | |
| E | | 5 | | | | | | | | 3 | | | C | |
| | 9 | 7 | | | | | | 3 | 8 | | 4 | | | |
| | | B | 9 | 7 | | C | | | 1 | A | | | | 3 |
| | 2 | 3 | | E | 8 | | B | | | | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | B | 6 | 3 | 9 | 4 | D | 8 | 2 | 0 | C | 5 | 1 | A |
| 3 | 8 | 6 | 2 | 0 | 7 | C | 9 | 5 | B | A | 1 | 4 | E | D |
| 1 | D | 9 | 5 | A | B | 0 | 2 | E | 4 | 3 | 6 | 7 | C | 8 |
| 5 | 4 | 2 | C | 1 | D | 7 | 3 | A | 9 | E | 8 | 0 | 6 | B |
| C | 0 | A | 8 | E | 4 | 1 | 6 | B | 7 | 5 | D | 2 | 3 | 9 |
| 4 | 1 | C | D | 9 | 0 | A | B | 7 | 3 | 2 | E | 6 | 8 | 5 |
| D | 9 | E | 7 | 8 | A | 6 | C | 3 | 5 | B | 0 | 1 | 2 | 4 |
| B | A | 5 | 3 | 4 | 6 | 8 | E | 2 | D | 1 | 7 | 9 | 0 | C |
| 8 | 2 | 7 | B | C | 5 | 9 | 1 | 0 | 6 | 4 | A | E | D | 3 |
| 6 | 3 | 0 | E | 2 | 1 | 5 | 4 | D | 8 | C | 9 | B | A | 7 |
| 2 | 6 | 8 | 4 | 7 | C | B | A | 1 | E | D | 5 | 3 | 9 | 0 |
| 9 | C | 4 | 0 | 5 | 3 | D | 7 | 6 | 1 | 8 | 2 | A | B | E |
| A | E | 1 | 9 | 6 | 8 | 3 | 5 | C | 0 | 7 | B | D | 4 | 2 |
| 0 | 5 | D | 1 | B | E | 2 | 8 | 4 | A | 9 | 3 | C | 7 | 6 |
| 7 | B | 3 | A | D | 2 | E | 0 | 9 | C | 6 | 4 | 8 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବମିଖାଲ ରାସ୍ତା ମରାମତି ହେଉ

ମହାଶୟ,

ଭୁବନେଶ୍ୱରର କଟକ ରୋଡ୍‌ସ୍ଥିତ ବମିଖାଲ ଓଭରବ୍ରିଜ୍ ପାଖ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ଓଭରବ୍ରିଜ୍ କାମ ଯୋଗୁ ଏହି ୫୦ ମିଟର ସଂକୀର୍ଣ୍ଣ ରାସ୍ତା ପାରିହେବା ପାଇଁ ବେଳେ ବେଳେ ୩୦ ମିନିଟ୍ ଲାଗିଯାଉଛି। ପୂଜା ପୂର୍ବରୁ ଯଦି ଏମିତି ଅବସ୍ଥା ପୂଜା ସମୟରେ ପରିସ୍ଥିତି କ'ଣ ନ ହେବ ? ସେତେବେଳେ ଟ୍ରାଫିକ୍ ଜାମ୍ ହୋଇ ପୂରା ଅଚଳାବସ୍ଥା ସୃଷ୍ଟି ହେବ। ତେଣୁ ଆଜି କିମ୍ବା କାଲି ଭିତରେ ତୁରନ୍ତ ଏହି ରାସ୍ତା କାମଚଳା ଭାବେ ମରାମତି କରାଯାଉ।

ନବୀନ ପାତ୍ର, ଶହୀଦନଗର, ଭୁବନେଶ୍ୱର

### ଭାଇଚାରା ଓ ପରମ୍ପରାର ଅବକ୍ଷୟ

ଧରିତ୍ରୀ (୨।୧୦)ରେ ପ୍ରକାଶିତ 'ସମ୍ପତ୍ତି ନାହିଁ ବୋଲି ପଡିରହିଲା ମୃତ ଦେହ' ଶୀର୍ଷକ ଖବର ପଢି ବିସ୍ମିତ ହେଲି। ଘଟଣାଟି ଘଟିଛି ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ। ମୃତ ମହିଳାଙ୍କ ନାମ କମଳୀ ରାଉତ, ବୟସ ୭୫। ସମ୍ପତ୍ତି ନାହିଁ ବୋଲି ତାଙ୍କ ଶବ ଅପରାହ୍ଣ ସାଢେ ଗୋଟାଏରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ପଡିରହିଲା। କେହି ମରିଗଲେ ତା'ର ଜ୍ଞାତିକୁଟୁମ୍ବ ନ ଥିଲେ ପଡିଶା ଲୋକେ ଶବ ସଂସ୍କାର କରିବା ପରମ୍ପରା ରହିଆସିଛି। ଏଠାରେ ଆମ ଭାଇଚାରା ଓ ପରମ୍ପରାର ଅବକ୍ଷୟ ଦେଖିବାକୁ ମିଳିଲା।

ଡା. ନଟବର ନାୟକ, ଖରସ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

### ୧୬ ଅକ୍ଟୋବର ୧୯୯୩

- ଆଫ୍ରିକୀୟ ଜାତୀୟ କଂଗ୍ରେସ ନେତା ନେଲସନ ମଣ୍ଡେଲା ଓ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଏଫ୍.ଡବ୍ଲ୍ୟୁ.ଡି. କ୍ଲାର୍କ ୧୯୯୩ର ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି।
- ସନ୍ତ୍ରାସବାଦ ବିଲୋପ ସାଧନ କ୍ଷେତ୍ରରେ ଭାରତକୁ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ଉଦ୍ଦିଷ୍ଟ ଭାରତ–ବ୍ରିଟେନ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତିଟି ବ୍ରିଟେନ ପାର୍ଲାମେଣ୍ଟରେ ଅନୁମୋଦିତ ହୋଇଛି।
- ଭାରତ–ଇଣ୍ଡୋନିଆ ମଧ୍ୟରେ ବାଣିଜ୍ୟ ଓ ଅର୍ଥନୈତିକ ସହଯୋଗ ବୃଦ୍ଧି ସଂକ୍ରାନ୍ତ ଦୁଇଟି ରାଜିନାମା ସ୍ୱାକ୍ଷରିତ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୬/୨୦୧୮



ଆଫଗାନିସ୍ତାନ–ଇରାନ ସୀମାରେ ଥିବା ପଶ୍ଚିମ ଫରହା ଅଞ୍ଚଳରେ ରବିବାର ତାଲିବାନ ସେନା ୨ଟି ମିଲିଟାରୀ ଚେକ୍ ପୋଷ୍ଟ ଉପରେ ଆକ୍ରମଣ କରିବା ଫଳରେ ୨୦ ଆଫଗାନ୍ ସେନା ନିହତ ହୋଇଥିବା ସୂଚନା ମିଳିଛି। ଏଥିରେ ଅନ୍ୟ ୧୧ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ୫ ତାଲିବାନ ସେନା ମଧ୍ୟ ନିହତ ହୋଇଛନ୍ତି। ଏହାସହ ୧୦ରୁ ଅଧିକ ଆଫଗାନ ସେନାଙ୍କୁ ପଣବନ୍ଦୀ ରଖାଯାଇଛି।



## ସଂକ୍ଷେପରେ

### ସୌଭାଗ୍ୟ ଯୋଜନାରେ ରାଜ୍ୟକୁ ମିଳିବ ୧୦୦ କୋଟି ପୁରସ୍କାର

**ନୂଆଦିଲ୍ଲୀ,୧୫।୧୦:** କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର୍.କେ.ସିଂ ସୋମବାର ଏଠାରେ ଘରୋଇ ବିଦ୍ୟୁତୀକରଣ କାର୍ଯ୍ୟ ନେଇ ରାଜ୍ୟଗୁଡ଼ିକର ପ୍ରତିନିଧିଙ୍କ ସହ ଏକ ସମୀକ୍ଷା ବୈଠକରେ ବସିଥିଲେ। ଘରୋଇ ବିଦ୍ୟୁତୀକରଣ କାର୍ଯ୍ୟରେ ଶତପ୍ରତିଶତ ସଫଳତା ହାସଲ କରିଥିବା ରାଜ୍ୟଗୁଡ଼ିକୁ ସୌଭାଗ୍ୟ ଯୋଜନା ଅଧୀନରେ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କାର ପୁରସ୍କାର ଦେବେ ବୋଲି ସେ ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀ ସହିତ ଏହାର କର୍ମଚାରୀଙ୍କୁ ମଧ୍ୟ ୫୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ। ଏଠାରେ ରାଜ୍ୟ ପ୍ରତିନିଧିଙ୍କ ସହ ଆଲୋଚନା ଶେଷରେ ସେ କହିଛନ୍ତି ଯେ, ତିନୋଟି ଶ୍ରେଣୀରେ ରାଜ୍ୟଗୁଡ଼ିକ ଉକ୍ତ ଯୋଜନା ଅଧୀନରେ ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହାଛଡ଼ା ୫ ଲକ୍ଷ ଏବଂ ୫ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ ବିଦ୍ୟୁତ୍ ଯୋଗାଣ ନେଇ ଦୁଇଟି ସ୍ୱତନ୍ତ୍ର ଶ୍ରେଣୀ ସ୍ଥିର କରାଯାଇଛି। ଇତିମଧ୍ୟରେ ପ୍ରାୟ ୯୯ ପ୍ରତିଶତ ବିଦ୍ୟୁତୀକରଣ ଲକ୍ଷ୍ୟ ହାସଲ କରିଥିବା ୮ଟି ରାଜ୍ୟ ଗୁଜରାଟ, ପଞ୍ଜାବ, ଗୋଆ, ଆନ୍ଧ୍ରପ୍ରଦେଶ, ହରିୟାଣା, କେରଳ, ତାମିଲନାଡୁ ଏବଂ ହିମାଚଳ ପ୍ରଦେଶ ଏହି ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ମନ୍ତ୍ରୀ ସିଂ କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




## ସମ୍ପୂର୍ଣ୍ଣ ଆକଳନ ପରେ କେନ୍ଦ୍ର ନିକଟରେ ଦାବି କରାଯିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିୟମିତ ଭାବେ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରୁଛନ୍ତି। ସୋମବାର ମଧ୍ୟ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ବୈଠକ ଶେଷରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାତ୍ୟା ତିତଲି ଓ ଏହା ପରବର୍ତ୍ତୀ ସମୟରେ ହୋଇଥିବା କ୍ଷୟକ୍ଷତିର ସର୍ଭେ କରାଯାଉଛି। ସମ୍ପୂର୍ଣ୍ଣ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଚାଲିଛି। ଖୁବଶୀଘ୍ର ଏ ନେଇ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ନଭେମ୍ବର ୧ରୁ ଦୁବାଇକୁ ସିଧାସଳଖ ବିମାନ ସେବା

**ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)**

■ ୨୮ରୁ ଗୁଆହାଟୀକୁ ଉଡ଼ିବ ବିମାନ

■ ବ୍ୟାଙ୍କକ ପାଇଁ ଟିକେଟ ବୁକିଂ ଆରମ୍ଭ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସିଧାସଳଖ ଦୁବାଇକୁ ବିମାନ ସେବା ଆରମ୍ଭ ହେବ। ବିମାନ ଉଡ଼ାଣକାରୀ ସଂସ୍ଥା ଇଣ୍ଡିଗୋ ପକ୍ଷରୁ ଏହି ସେବା ପ୍ରଦାନ କରାଯିବ। ଆସନ୍ତା ନଭେମ୍ବର ୧ରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ାଣ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଦୁବାଇ ସହିତ ସାର୍ଜାହକୁ ବିମାନ ଉଡ଼ାଣ ପାଇଁ ଯୋଜନା ଚାଲିଥିବା ଇଣ୍ଡିଗୋ ପକ୍ଷରୁ ସୂଚନା ମିଳିଛି। ସେହିଭଳି ଆସନ୍ତା ୨୮ ତାରିଖରୁ ଭୁବନେଶ୍ୱରରୁ ଗୌହାଟୀକୁ ପ୍ରଥମଥର ପାଇଁ ବିମାନ ଉଡ଼ଣ କରିବ। ଏଥିପାଇଁ ଇଣ୍ଡିଗୋ ପକ୍ଷରୁ ବୁକିଂ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଏୟାର ଏସିଆ ଆସନ୍ତା ଡିସେମ୍ବର ୭ରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ବିମାନ ଉଡ଼ାଣ ପାଇଁ ଟିକେଟ୍ ବୁକିଂ ଆରମ୍ଭ କରିଛି। ସପ୍ତାହକୁ ତିନିଦିନ ଉଡ଼ାଣ କରିବ ଏୟାର ଏସିଆ। ରାତି ୧୨ଟା ୨୫ରୁ ଭୁବନେଶ୍ୱରରୁ ଉଡ଼ାଣ କରି ରାତି ୩ଟାରେ ବ୍ୟାଙ୍କକ୍‌ରେ ପହଞ୍ଚିବ। ଗତବର୍ଷ ଡିସେମ୍ବର ୧୦ରେ ଏୟାର ଇଣ୍ଡିଆ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ପରେ ଏହି ସେବା ବନ୍ଦ ରହିଥିଲା। ଏୟାର ଏସିଆ କ୍ୱାଲାଲାମ୍ପୁରକୁ ବିମାନ ଉଡ଼ାଣ ପରେ ଏବେ ବ୍ୟାଙ୍କକ୍‌କୁ ଉଡ଼ାଣ ଆରମ୍ଭ କରିବ। ଏଥିପାଇଁ ଯାତ୍ରୀମାନେ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ବିମାନବନ୍ଦରରୁ ପ୍ରତିଦିନ ୪୨ଟି ବିମାନ ଦେଶର ୮ଟି ସହର ସମେତ ମାଲେସିଆ ରାଜଧାନୀ କ୍ୱାଲାଲାମ୍ପୁରକୁ ଉଡ଼ାଣ କରୁଛି। ତେବେ ଦୁବାଇକୁ ବିମାନ ସେବା ଆରମ୍ଭ ହେବା ପରେ ଏହା କେବଳ ଯାତ୍ରୀମାନଙ୍କୁ ସୁବିଧା ମିଳିବ ତାହା ନୁହେଁ ଏହା ପରୋକ୍ଷରେ ରାଜ୍ୟ ପର୍ଯ୍ୟଟନ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

■ ଓଏମ୍‌ଭିଡି-ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟରେ ଏମ୍‌ଓୟୁ

# ପହିଲାରୁ ଡିଜିଟାଲ ହେବ ଯାନବାହନ ଦେୟ

**କଟକ ଅଫିସ, ୧୫।୧୦**

ଏଣିକି ଅନ୍‌ଲାଇନରେ ହେବ ପରିବହନ ବିଭାଗର ସମସ୍ତ ଦେୟ କାରବାର। ସୋମବାର ଓଏମ୍‌ଭିଡି(ଓଡ଼ିଶା ମୋଟର ଭେହିକଲ ଡିପାର୍ଟମେଣ୍ଟ) ଓ ଏଚଡିଏଫସି ବ୍ୟାଙ୍କ ମଧ୍ୟରେ ଏମଓୟୁ(ମେମୋରାଣ୍ଡମ ଅଫ ଅଣ୍ଡରଷ୍ଟାଣ୍ଡିଂ) ସମ୍ପନ୍ନ ହୋଇଛି। ପରିବହନ କମିଶନର ସଞ୍ଜୀବ ପଣ୍ଡା ଓ ଏଚଡିଏଫସି ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ଦେବାଶିଷ ସେନାପତିଙ୍କ ମଧ୍ୟରେ ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ନଭେମ୍ବର ପହିଲାରୁ ରାଜ୍ୟରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଆରମ୍ଭ କରିବ ଓ ମାନୁଆଲ ବ୍ୟବସ୍ଥା ଉଚ୍ଛେଦ କରାଯିବ। ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣଙ୍କ କାର୍ଯ୍ୟାଳୟ ସହିତ ଓଡ଼ିଶାର ୩୫ଟି ଆରଟିଓ ଅଫିସରେ କ୍ୟାଶ କାଉଣ୍ଟରରେ ପିଓଏସ୍ ମେଶିନ(ପଏଣ୍ଟ ଅଫ ସେଲ୍) ଓ ମୋବାଇଲ ଇ-ଚାଲାଣ ଡିଭାଇସ ଯୋଗାଇ ଦିଆଯିବ। ଏହି ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ୧୬୨ ପିଓଏସ୍ ମେଶିନ ଓ ମୋବାଇଲ ସ୍କ୍ୱାଡ୍ ପାଇଁ ୧୯୫ ଇ-ଚାଲାଣ ଡିଭାଇସ ଯୋଗାଇ ଦିଆଯିବ। ଉଭୟ ପିଓଏସ ଓ ଇ-ଚାଲାଣ ଡିଭାଇସକୁ ପରିବହନ ବିଭାଗର ସାରଥି ଓ ବାହନ ଡାଟାବେସ୍ ସହିତ ସଂଯୋଗୀକରଣ କରାଯିବ। ଯଦ୍ୱାରା ପରିବହନ ବିଭାଗର କର୍ମଚାରୀମାନେ ସମ୍ପୃକ୍ତ ଡ୍ରାଇଭରଙ୍କ ସମେତ ଗାଡ଼ିର ଇତିହାସ ଫିଲ୍ଡରେ ରହି ମଧ୍ୟ ଜାଣିପାରିବେ। ସେହିପରି କ୍ୟାଶ ପେମେଣ୍ଟ ବ୍ୟବସ୍ଥା ଫଳରେ ଗାଡ଼ିମାଲିକମାନଙ୍କୁ ଅନେକ କ୍ଷେତ୍ରରେ ହାତଗୁଞ୍ଜା ଦେବାକୁ ପଡୁଥିଲା। ଏଣିକି ଏମାନେ କ୍ରେଡିଟ କାର୍ଡ ଓ ଡେବିଟ କାର୍ଡ ମାଧ୍ୟମରେ ପେମେଣ୍ଟ ଦେଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ଟ୍ରିପଲ ଟି(ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି ଓ ଟିମ୍‌ୱାର୍କ)ର ଏହା ଏକ ଅଂଶବିଶେଷ ବୋଲି ପରିବହନ କମିଶନର ପଣ୍ଡା କହିଛନ୍ତି। କାରଣ

# ବିଶ୍ୱର ସବୁଠାରୁ ବଡ଼ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

■ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଶତବାର୍ଷିକୀ ଏବଂ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟଠାରେ ବଲ୍ଲଭଭାଇ ପଟେଲଙ୍କ ଏକ ପ୍ରତିମୂର୍ତ୍ତିର ଶୁଭ ଉଦ୍‌ଘାଟନ କରିବେ। ଗୁଜରାଟ ରାଷ୍ଟ୍ରମନ୍ତ୍ରୀ ଦିଲ୍ଲୀପ କୁମାର ଠାକୋର ଏହି ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଲ୍ଲୀପ କହିଛନ୍ତି ଯେ, ଏହି ପରିପ୍ରେକ୍ଷୀରେ ଗୁଜରାଟ ସରକାରଙ୍କ କେତେଜଣ ଏମ୍‌ପି, ବିଧାୟକ ଚଳିତ ୧୩ରୁ ୧୫ ପର୍ଯ୍ୟନ୍ତ ଭୁବନେଶ୍ୱର ଆସି ରାଜ୍ୟପାଳ ଗଣେଶୀ ଲାଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରଣ ଦେଇଛନ୍ତି। ୨୦୧୩ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ନରେନ୍ଦ୍ର ମୋଦି ଏନେଇ ଘୋଷଣା କରିଥିଲେ। ୨୯.୯ନିୟୁତ ଟଙ୍କା ବ୍ୟୟରେ ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ନିର୍ମିତ ଏହି ପ୍ରତିମୂର୍ତ୍ତି ପ୍ରଧାନମନ୍ତ୍ରୀଙ୍କ ନିଜସ୍ୱ ପରିକଳ୍ପନା। ତାଙ୍କ ଅନୁସାରେ ନ୍ୟୁୟର୍କଠାରେ ଅବସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଭଳି ଏହି ପ୍ରତିମୂର୍ତ୍ତି ପର୍ଯ୍ୟଟକମାନଙ୍କୁ ବିଶେଷ ଆକର୍ଷିତ କରିବ। ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଚ୍ଚତମ ପ୍ରତିମୂର୍ତ୍ତି ଥିବା ଚାଇନାର ବୁଦ୍ଧ ମନ୍ଦିରକୁ ଏହା ଅତିକ୍ରମ କରିବ। ଅନ୍ୟପଟେ ଏହି ପ୍ରତିମୂର୍ତ୍ତି ଉଦ୍‌ଘାଟନ ଅବସରରେ ଗୁଜରାଟର ୧୦ହଜାର ଗ୍ରାମରେ ଅକ୍ଟୋବର ଓ ନଭେମ୍ବରରେ ଏକତା ଯାତ୍ରା ଆୟୋଜିତ ହେବ। ଏହି ପ୍ରତିମୂର୍ତ୍ତି ଦେଶର ସମସ୍ତ ଜନସାଧାରଣଙ୍କ ମଧ୍ୟରେ ଏକତା ଓ ଅଖଣ୍ଡତାର ଭାବ ଉଦ୍ରେକ କରିବ।

# ଗଛରେ ପିଟି ହୋଇ ପୋଲ ତଳକୁ ଖସିଲା ବସ୍, ୩୦ ଆହତ

**ମାଥିଲି/ଖଇରପୁଟ, ୧୫।୧୦ (ଡି.ଏନ୍.ଏ)**



ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ଫାଣ୍ଡି ନିକଟ କଲୋନୀ ଛକଠାରେ ସୋମବାର ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଭାରସାମ୍ୟ ହରାଇ ପୋଲ ପାର୍ଶ୍ୱରେ ଥିବା ଗଛରେ ପିଟି ହୋଇ ତଳକୁ ଖସିପଡ଼ିଛି। ଫଳରେ ବସ୍‌ରେ ଥିବା ୩୦ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଦମକଳ ବାହିନୀ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋବିନ୍ଦପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ ରହିଥିବା ଜଣାପଡ଼ିଛି। ବସ୍ ଏକ ପାର୍ଶ୍ୱକୁ ଢଳିପଡୁଥିବା ବେଳେ ହେଲପର ବସ୍‌ରୁ ଡେଇଁବାକୁ ଚେଷ୍ଟା କରି ତାଙ୍କ ଗୋଡ ଛିଣ୍ଡିଯାଇଛି। ତାଙ୍କୁ ଉଦ୍ଧାର କରି କୋରାପୁଟ ସ୍ଥାନାନ୍ତର କରାଯାଇଛି। କେତେକ ଯାତ୍ରୀଙ୍କ କହିବା ଅନୁଯାୟୀ, ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଜୟପୁରରୁ ଚିତ୍ରକୋଣ୍ଡା ଅଭିମୁଖେ ମହାବାହୁ ନାମକ ବସ୍ (ଏପି ୩୫ ୟୁ- ୭୮୮୮) ଯାଉଥିଲା। ପୂର୍ବରୁ ଡ୍ରାଇଭର ମଦ୍ୟପାନ କରିଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଗାଡି ନ ଚଳାଇବାକୁ କହିବା ସତ୍ତ୍ୱେ ଡ୍ରାଇଭର ଶୁଣି ନ ଥିଲେ। ଗୋବିନ୍ଦପାଲି ଛକରେ କିଛି ସମୟ ବସ୍ ରହିବା ପରେ ଚିତ୍ରକୋଣ୍ଡା, ବାଲିମେଳା, ଖଇରପୁଟ ଆଦି ସ୍ଥାନକୁ ଯିବାକୁ ବସ୍‌ରେ ଯାତ୍ରୀ ଚଢ଼ିଥିଲେ। ଗୋବିନ୍ଦପାଲି ଫାଣ୍ଡି ଅତିକ୍ରମ କରି ପୋଲ ନିକଟରେ ବସ୍‌ଟି ଏକ ଗଛରେ ପିଟି ହୋଇ ପୋଲ ତଳକୁ ଖସିପଡ଼ିଥିଲା। ଦୁର୍ଘଟଣାର ତଦନ୍ତ ଚାଲିଥିବା ମାଥିଲି ଥାନା ଆଇଆଇସି ଜନ୍ ଖୁଜୁର କହିଛନ୍ତି।




## ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରିବା ପ୍ରସଙ୍ଗ

## ରାଜ୍ୟପାଳଙ୍କ ନିକଟରେ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କଲା ଭାଜପା

**ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଦେଶବ୍ୟାପୀ ଲାଗୁ କରାଯାଇଛି। ମାତ୍ର ରାଜ୍ୟ ସରକାର ହୀନ ରାଜନୀତି କରି ଏହି ଯୋଜନାକୁ ଓଡିଶାରେ ଲାଗୁ କରୁନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି। ରାଜ୍ୟ ସରକାର ହୀନ ରାଜନୀତି ପାଇଁ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଅନ୍ୟ ରାଜ୍ୟରେ ବସବାସ କରୁଥିବା ଓଡିଆମାନେ ଏହି ଯୋଜନାର ଲାଭ ଉଠାଇ ପାରିବେ ନାହିଁ। ଏହି ଯୋଜନା ଅନୁଯାୟୀ ରାଜ୍ୟବାସୀ ଅନ୍ୟ ରାଜ୍ୟରେ ଚିକିତ୍ସିତ ହୋଇପାରିବେ ନାହିଁ । ଏହାକୁ ନେଇ ଏବେ ଓଡିଶାବାସୀଙ୍କ ମନରେ ବିରାଟ କ୍ଷୋଭ ସୃଷ୍ଟି ହୋଇଥିବା ବେଳେ ସାଢେ ୪କୋଟି ଲୋକଙ୍କ ମନରେ ବଡଧରଣ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି । ତେଣୁ ଆୟୁଷ୍ମାନ ଯୋଜନା ଭଳି ଯୋଜନାରୁ ରାଜ୍ୟବାସୀଙ୍କୁ ବଞ୍ଚିତ ନ କରିବା ପାଇଁ ଭାଜପା ଦାବି କରିଛି । ଏଥିପାଇଁ ରାଜ୍ୟର ଗାଁ ଗହଳିରୁ ଏକ କୋଟିରୁ ଊର୍ଦ୍ଧ୍ୱ ଦସ୍ତଖତ ଦଳ ପକ୍ଷରୁ ସଂଗ୍ରହ କରାଯାଇଛି। ଏହି ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଏକ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ପ୍ରଦାନ କରିଛନ୍ତି । ଭାଜପା ସାଧାରଣ ସମ୍ପାଦକ ଭୃଗୁବକ୍ସି ପାତ୍ର କହିଛନ୍ତି ଯେ, ରାଜ୍ୟବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ପଞ୍ଚାୟତ, ବ୍ଲକ, ଜିଲା ଏବଂ ନିର୍ବାଚନମଣ୍ଡଳୀ ସ୍ତରରୁ ଲୋକଙ୍କର ମତକୁ ଦସ୍ତଖତ ମାଧ୍ୟମରେ ସଂଗ୍ରହ କରାଯାଇଛି। ଭାଜପା ପକ୍ଷରୁ ଏହି ଦସ୍ତଖତ ଅଭିଯାନ ଗତ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ଅକ୍ଟୋବର୧୪ ପର୍ଯ୍ୟନ୍ତ ଚାଲିଥିଲା। ଏହି ଅବସରରେ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ହେବା ପାଇଁ ସାଧାରଣ ରାଜ୍ୟବାସୀଙ୍କ ମନ ଭିତରେ ବହୁ ଉତ୍ସାହ ପରିଲକ୍ଷିତ ହୋଇଥିଲା ବୋଲି ସେ କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମେତ ରାଷ୍ଟ୍ରପତିଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ପାତ୍ର ସୂଚନା ଦେଇଛନ୍ତି।

■ ଝାରସୁଗୁଡ଼ାରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ

# ଲଖନପୁର ନୁହେଁ, ସମଲେଶ୍ୱରୀ ଓସିପି

**ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର (ଡି.ଏନ.ଏ.),୧୫।୧୦**

ଦିନିକିଆ ଝାରସୁଗୁଡ଼ା ଗସ୍ତରେ ଆସିଥିବା କେନ୍ଦ୍ର ରେଳବାଇ ଏବଂ କୋଇଲା ମନ୍ତ୍ରୀ ପୀୟୂଷ ଗୋୟଲ ଏମ୍‌ସିଏଲ୍ ଅଧିକାରୀଙ୍କୁ ଚକମା ଦେଇଛନ୍ତି। ଏମ୍‌ସିଏଲ୍‌କୁ ନିଜ ଦୋଷତ୍ରୁଟି ଲୁଚାଇବାକୁ ସମୟ ନ ଦେଇ ମନ୍ତ୍ରୀ ଅଚାନକ ଗସ୍ତସୂଚୀର ଦିଗ ପରିବର୍ତ୍ତନ କରିଥିଲେ। ଫଳରେ ଦୀର୍ଘଦିନ ହେବ ମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତ ହେଉଥିବା ଏମ୍‌ସିଏଲ୍‌ର ଅବସ୍ଥା ଖରାପ ହୋଇଯାଇଥିଲା। ବାସ୍ତବରେ ଲଖନପୁର ଖଣି ପରିଦର୍ଶନ କରିବା ପରିବର୍ତ୍ତେ କେନ୍ଦ୍ରମନ୍ତ୍ରୀ ଗୋୟଲ ବ୍ରଜରାଜନଗରସ୍ଥିତ ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ଅଧୀନରେ ଥିବା ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣି(ଓସିପି) ପରିଦର୍ଶନରେ ଯାଇ ଏମ୍‌ସିଏଲ୍ ଅଧିକାରୀଙ୍କୁ ଚକିତ କରିଦେଇଥିଲେ। କୋଇଲା ଖଣିରେ କିପରି କାମ ଚାଲିଛି ଏବଂ କେଉଁ ସୁଧାର ଅଣାଗଲେ ଉତ୍ପାଦନ ବୃଦ୍ଧି ପାଇବ ସେଥିପାଇଁ ଏହି ଆକସ୍ମିକ ଗସ୍ତ କରିଥିବା ମନ୍ତ୍ରୀ ଗୋୟଲ କହିଛନ୍ତି।



ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ଅଧୀନ ସମଲେଶ୍ୱରୀ କୋଇଲା ଖଣି ଅନୁଧ୍ୟାନ କରୁଛନ୍ତି ମନ୍ତ୍ରୀ।

କେନ୍ଦ୍ରମନ୍ତ୍ରୀ ଗୋୟଲ ସୋମବାର ଦିନ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଦିନ ୧୧.୩୦ରେ ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କ ସହ କୋଲ ଇଣ୍ଡିଆ ଅଧକ୍ଷ ଏ.କେ. ଝା ଏବଂ ଅନ୍ୟ ଅଧିକାରୀମାନେ ଏଠାରେ ପହଞ୍ଚିଥିଲେ। ମନ୍ତ୍ରୀଙ୍କ ଗସ୍ତପାଇଁ ଗତ କିଛିଦିନ ହେବ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜୋରସୋରରେ ପ୍ରସ୍ତୁତ ହେଉଥିଲେ। ସେଥିପାଇଁ ରାସ୍ତା ମରାମତି, ସଫେଇ, ଜବରଦଖଲ ମୁକ୍ତ, ଖଣି ଅଞ୍ଚଳରେ ପାଣି ସିଞ୍ଚନ, କୋଇଲା ଷ୍ଟକୟାର୍ଡରେ ନିଆଁ ଲିଭାଇବା ଭଳି ପଦକ୍ଷେପ ନେଇଥିଲେ। ହେଲେ କେନ୍ଦ୍ରମନ୍ତ୍ରୀ ଗୋୟଲ ପୂର୍ବସୂଚୀ ଅନୁସାରେ ଲଖନପୁର ମାଇନ୍ସ ଯିବା ପରିବର୍ତ୍ତେ ଅଚାନକ ଇବ୍‌ଭ୍ୟାଲି ଖଣିକ୍ଷେତ୍ର ଅଧୀନ ସମଲେଶ୍ୱରୀ କୋଇଲା ଖଣିକୁ ଗସ୍ତ କରିଥିଲେ। ଯାହା ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ ଅକଲ ଗୁଡୁମ୍ କରିଦେଇଥିଲା। ସେଠାରେ ମନ୍ତ୍ରୀ ଏମ୍‌ସିଏଲ୍ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଖଣି ଅଞ୍ଚଳ ସଫାସୁତୁରା ରଖିବାକୁ ତାଗିଦ୍ କରିବା ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ସମଲେଶ୍ୱରୀ କୋଇଲା ଖଣିର ଭିଉ ପଏଣ୍ଟକୁ ଯାଇ ଖଣିର ଚତୁର୍ଦ୍ଦିଗ ଅନୁଧ୍ୟାନ କରିଥିଲେ। ସେଠାରେ ପ୍ରାୟ ୨୦ ମିନିଟ୍‌ରୁ ଅଧିକ ସମୀକ୍ଷା କରିବା ପରେ ଝାରସୁଗୁଡ଼ା ଫେରି ଗଣମାଧ୍ୟମକୁ ସୂଚନା ଦେଇ କହିଲେ, ଖଣି ଅଞ୍ଚଳରେ ଚାଲିଥିବା କାର୍ଯ୍ୟକ୍ରମ ଅନୁଧ୍ୟାନ ପାଇଁ ଏହା ଆକସ୍ମିକ ଗସ୍ତ ଥିଲା। ବାର୍ଷିକ ୧୫ ମିଲିୟନ ଟନ୍ କୋଇଲା ଉତ୍ପାଦନ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଏହା କିପରି ହାସଲ କରିହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଲକ୍ଷ୍ୟ ହାସଲ ପାଇଁ ରେଳ ବିଭାଗ ଏବଂ କୋଇଲା ବିଭାଗ ଭିତରେ ସମନ୍ୱୟ ରକ୍ଷା କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ଅଞ୍ଚଳରେ ଉତ୍ପାଦନ ବୃଦ୍ଧି ହେଲେ ନୂତନ ରୋଜଗାର ବୃଦ୍ଧି ହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ହାର ମଧ୍ୟ ବୃଦ୍ଧି ହେବ ବୋଲି ସେ କହିଥିଲେ। ତେଣୁ କୋଇଲା ଉତ୍ପାଦନ ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ ଗୋୟଲ କହିଛନ୍ତି।

# ତାଳଚେର ଗସ୍ତରେ ପିୟୂଷ ଗୋଏଲ

## କୋଇଲା ଉତ୍ତୋଳନ ବୃଦ୍ଧି ଉପରେ ଆଲୋଚନା

**ତାଳଚେର,୧୫।୧୦(ନି.ପ୍ର.)**

କେନ୍ଦ୍ର କୋଇଲା, ଶକ୍ତି ଓ ରେଳମନ୍ତ୍ରୀ ପିୟୂଷ ଗୋଏଲ ସୋମବାର ଦିନିକିଆ ତାଳଚେର ଗସ୍ତରେ ଆସି ଫେରିଯାଇଛନ୍ତି। ଅପରାହ୍ନରେ ସେ ତାଳଚେର ଠାରେ ପହଞ୍ଚିବା ପରେ ଏମ୍‌ସିଏଲ୍‌ର ଏଠାରେ ଥିବା ଭୁବନେଶ୍ୱରୀ ଓ ଅନନ୍ତ କୋଇଲା ଖଣି ପରିଦର୍ଶନ କରିଥିଲେ। ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ଏମ୍‌ସିଏଲର କୋଇଲା ଉତ୍ତୋଳନ ଉପରେ ସମୀକ୍ଷା କରିଥିଲେ। କୋଇଲା ଉତ୍ତୋଳନ ପରିମାଣ କମ୍ ରହିଛି। ତେଣୁ କିପରି ଆଗାମୀ ଦିନରେ ଉତ୍ତୋଳନ ବୃଦ୍ଧି ପାଇବ ସେ ଉପରେ ମନ୍ତ୍ରୀ ଏମ୍‌ସିଏଲ୍ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକ କୋଇଲା ଉତ୍ତୋଳନ ହେଲେ ରାଜସ୍ୱ ବୃଦ୍ଧି ପାଇବା ସହ ଜିଲା ଖଣିଜ ପାଣ୍ଠିକୁ ମଧ୍ୟ ଅଧିକ ଅର୍ଥ ଆସିବ। ଏହା ଦ୍ୱାରା ଜିଲାର ଉନ୍ନତି ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ଖଣିରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କୋଇଲା ସଚିବ ଇନ୍ଦ୍ରଜିତ ସିଂହ, କୋଲ ଇଣ୍ଡିଆର ଅଧକ୍ଷ ଅନିଲ ଝା, ଏମ୍‌ସିଏଲର ଅଧକ୍ଷ ଆର୍. ଆର ମିଶ୍ର, ଏମ୍‌ସିଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ବିସ୍ଥାପିତଙ୍କ ସମସ୍ୟା, ୨୦୦୬ ପଲିସି ଲାଗୁ କରିବା, ଜଳଯୋଗାଣ, ନୂତନ ମେଡିକାଲ କଲେଜରେ ୨୦୧୯-୨୦୨୦ବର୍ଷରୁ ପାଠପଢ଼ା ଆରମ୍ଭ ହେବା, ପ୍ରଦୂଷଣ ନିରାକରଣ, ଭୂତଳ ଖଣିରେ ବାଲି ଭର୍ତ୍ତି କରାଯିବା ଆଦି ସମ୍ପର୍କିତ ୧୯ ଦଫା ସମ୍ବଳିତ ଦାବିପତ୍ର ମନ୍ତ୍ରୀ ଗୋଏଲଙ୍କୁ ପ୍ରଦାନ କରିଥିଲେ। ସେହିପରି ଆଇଏନଟିୟୁସି ଶ୍ରମିକ ସଂଗଠନ ଓ ତାଳଚେର ଓକିଲ ସଂଘ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ମନ୍ତ୍ରୀ ଦାବିପତ୍ର ଗ୍ରହଣ କରିଥିଲେ।

**Bank of Maharashtra**
**बैंक ऑफ महाराष्ट्र**
A GOVT. OF INDIA UNDERTAKING
एक परिवार एक बैंक

ମୁଖ୍ୟ କାର୍ଯ୍ୟାଳୟ : "ଲୋକମଙ୍ଗଳ", ୧୫୦୧, ଶିବାଜୀ ନଗର, ପୁଣେ - ୪୧୧୦୦୫, ଜୋନାଲ କାର୍ଯ୍ୟାଳୟ : ୩, ଏନ୍.ଏସ୍. ରୋଡ୍, କୋଲକାତା - ୭୦୦୦୦୧ ଫୋନ୍. ନଂ. ୦୩୩ - ୪୦୩୭ ୪୯୦୯, ଫାକ୍ସ : ୦୩୩ ୨୨୩୧୦୩୯୨, ଇମେଲ୍: legal_cal@mahabank.co.in

**ଦଖଲ ନୋଟିସ**
**[(ନିୟମ - ୮ (୧)]**

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ର ଉପଧାରା (୧୨) ସହିତ ପଠନପୂର୍ବକ ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ସେମାନଙ୍କୁ କଥିତ ନୋଟିସ ତାରିଖ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ଉକ୍ତ ନୋଟିସରେ ଦର୍ଶିତ ଅର୍ଥରାଶି ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଋଣଗ୍ରହୀତା ଉକ୍ତ ରାଶିକୁ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ଏତଦ୍ୱାରା ଋଣଗ୍ରହୀତା ତଥା ସର୍ବସାଧାରଣଙ୍କୁ ନୋଟିସ୍ ପ୍ରଦାନ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ କଥିତ ଅଧିନିୟମର ଧାରା ୧୩ (୪) ସମେତ କଥିତ ନିୟମାବଳୀର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ନିମ୍ନରେ ଋଣଗ୍ରହୀତା(ମାନଙ୍କ)/ଜାମିନଦାର(ମାନଙ୍କ) ପାଇଁ ଦର୍ଶାଯାଇଥିବା ତାରିଖରେ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା ସାଧାରଣ ଭାବେ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ କଥିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କାରବାର କରାଗଲେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଦ୍ୱାରା ନିମ୍ନଦର୍ଶିତ ଅର୍ଥରାଶି ଆଦାୟଯୋଗ୍ୟ ହେବ।

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଜାମିନଦାତାଙ୍କ ନାମ | ସମ୍ପତ୍ତିର ବର୍ଣ୍ଣନା | (କ) ଡିମାଣ୍ଡ ନୋଟିସ ତାରିଖ (ଖ) ଦଖଲ ତାରିଖ (ଗ) ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି ରାଶି |
|---|---|---|
| **୧. ଋଣଗ୍ରହୀତା: ଶ୍ରୀମତୀ ଜୟଶ୍ରୀ ତନ୍ତୀ,** ସ୍ୱାମୀ: ଶ୍ରୀ ରାଜେନ୍ଦ୍ର କୁମାର ତନ୍ତୀ। **୨. ଜାମିନଦାର: ଶ୍ରୀ ରାଜେନ୍ଦ୍ର କୁମାର ତନ୍ତୀ,** ପିତା: ଶ୍ରୀ ବୈକୁଣ୍ଠ ତନ୍ତୀ। **ଉଭୟ ସ୍ଥାନ:** କ୍ୱାର୍ଟର ନଂ. ୫୮/୨, ନ୍ୟୁ ଟେଲ୍‌ଓ୍ୱେ କଲୋନୀ, ପୋଷ୍ଟ- ବ୍ରଜରାଜନଗର, ଥାନା- ଝାରସୁଗୁଡ଼ା, ଓଡ଼ିଶା-୭୬୮୨୧୬। | ପ୍ଲଟ୍ ନଂ.୨୫୯୬/୭୫୧୨, ଖାତା ନଂ.୯୨୯/୨୦୮୩, ମୌଜା- ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନଂ.୬, ଥାନା- ଝାରସୁଗୁଡ଼ା ସ୍ଥିତ ଜମି ଓ ଜୟଶ୍ରୀ ତନ୍ତୀଙ୍କ ନାମରେ ନିର୍ମିତ ବିଲ୍ଡିଂର ଯଥାର୍ଥ ବନ୍ଧକ। **ସମ୍ପତ୍ତିର ଚୌହଦୀ ନିମ୍ନ ଅନୁଯାୟୀ ଅଟେ:** ଉତ୍ତରରେ – ସଡ଼କ, ଦକ୍ଷିଣରେ – ପ୍ଲଟ୍ ନଂ. ୫୪୪୫ (ପି), ପୂର୍ବରେ – ଗଳି ରାସ୍ତା, ପଶ୍ଚିମରେ – ପ୍ଲଟ୍ ନଂ.୫୪୪୪। | **(କ) ୧୯।୦୬।୨୦୧୮ (ଖ) ୧୨।୧୦।୨୦୧୮ (ଗ) ଟ.୧୨,୫୦,୮୯/-** (ବାର ଲକ୍ଷ ପଚାଶ ହଜାର ଆଠଶହ ଅଣାନବେ ଟଙ୍କା ମାତ୍ର) ତଥା ଲାଗୁ କରାଯାଇ ନ ଥିବା ସୁଧ ବିଆର୍‌ରେ (ବର୍ତ୍ତମାନ @୯.୭୦%) + ୦.୨୫% ଅର୍ଥାତ୍ @୯.୯୫% ବାର୍ଷିକ, ୧୩।୦୨।୨୦୧୮ଠାରୁ ଲାଗୁ, ତଥା ପ୍ରଯୁଜ୍ୟ ହାରରେ ଭବିଷ୍ୟତ ସୁଧ। |
| **୧. ଋଣଗ୍ରହୀତା: ଶ୍ରୀମତୀ ମାୟାଦେବୀ ଛଟୱାନୀ,** **୨. ସହ-ଋଣଗ୍ରହୀତା: ଅଶୋକ କୁମାର ଛଟୱାନୀ,** ମାତା: ଶ୍ରୀମତୀ ମାୟାଦେବୀ ଛଟୱାନୀ ଏବଂ **ଶ୍ରୀ ବଣ୍ଟିଲାଲ ଛଟୱାନୀ,** ମାତା: ଶ୍ରୀମତୀ ମାୟାଦେବୀ ଛଟୱାନୀ। **ସମସ୍ତଙ୍କ ସ୍ଥାନ:** କ୍ୱାର୍ଟର ନଂ.- ଏଫ୍‌ଏମ୍-୩୯, ବାସନ୍ତୀ କଲୋନୀ, ଉଦିତନଗର, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା – ୭୬୯୦୧୨। | ଏଫ୍‌ଟି. ଓଏସ୍‌ଏବ୍‌ବି, ବାସନ୍ତୀ କଲୋନୀ, ପ୍ଲଟ୍ ନଂ.୫୪, ହାଉସ୍ ନଂ. ଏଫ୍‌ଏମ୍ – ୩୯, ପିଏଚ୍ – IV, ହୋଲ୍ଡିଂ ନଂ. ୫୯, ଖାତା ନଂ.୫୯, ଦୁର୍ଗାପୁର ଏରିଆ ନଂ. ୧୭, ଗ୍ରାମ/ମୌଜା – ଦୁର୍ଗାପୁର ଏରିଆ, ଟାଉନ୍ ୟୁନିଟ୍ ନଂ୩୮, ଦୁର୍ଗାପୁର, ଥାନା- ଉଦିତନଗର, ରାଉରକେଲା ପୌରାଞ୍ଚଳ, ଜିଲ୍ଲା – ସୁନ୍ଦରଗଡ଼, ରାଜ୍ୟ – ଓଡ଼ିଶା, ପିନ୍ କୋଡ୍- ୭୬୯୦୧୨ ସ୍ଥିତ ୨୪୭୫ ବର୍ଗଫୁଟ ମାପର ଜମି ଓ ଘରର ଯଥାର୍ଥ ବନ୍ଧକ। **ପ୍ଲଟ୍‌ର ଚୌହଦୀ ନିମ୍ନ ଅନୁଯାୟୀ ଅଟେ:** ଉତ୍ତରରେ – ୩୦ ଫୁଟ ଚଉଡ଼ା ସଡ଼କ, ଦକ୍ଷିଣରେ – ଏଫ୍‌ଏମ୍-୨, ପୂର୍ବରେ – ଏଫ୍‌ଏମ୍-୩୮, ପଶ୍ଚିମରେ – ଏଫ୍‌ଏମ୍-୪୦ | **(କ) ୦୪।୦୭।୨୦୧୮ (ଖ) ୧୨।୧୦।୨୦୧୮ (ଗ) ଟ.୧୩,୮୪,୨୩୧/-** (ତେର ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଏକତିରିଶ ଟଙ୍କା ମାତ୍ର) ତଥା ଲାଗୁ କରାଯାଇ ନ ଥିବା ସୁଧ ବିଆର୍‌ରେ (ବର୍ତ୍ତମାନ @୯.୫୦%) + ୨.୦୦% ଅର୍ଥାତ୍ @୧୧.୫୦% ବାର୍ଷିକ, ୦୩।୧୧।୨୦୧୭ଠାରୁ ଲାଗୁ, ତଥା ପ୍ରଯୁଜ୍ୟ ହାରରେ ଭବିଷ୍ୟତ ସୁଧ। |
| **୧. ଋଣଗ୍ରହୀତା: ଶ୍ରୀମତୀ ମାୟାଦେବୀ ଛଟୱାନୀ,** **୨. ସହ-ଋଣଗ୍ରହୀତା: ଅଶୋକ କୁମାର ଛଟୱାନୀ,** ମାତା: ଶ୍ରୀମତୀ ମାୟାଦେବୀ ଛଟୱାନୀ ଏବଂ **ଶ୍ରୀ ବଣ୍ଟିଲାଲ ଛଟୱାନୀ,** ମାତା: ଶ୍ରୀମତୀ ମାୟାଦେବୀ ଛଟୱାନୀ। **ସମସ୍ତଙ୍କ ସ୍ଥାନ:** କ୍ୱାର୍ଟର ନଂ.- ଏଫ୍‌ଏମ୍-୩୯, ବାସନ୍ତୀ କଲୋନୀ, ଉଦିତନଗର, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା – ୭୬୯୦୧୨। | ଏଫ୍‌ଟି. ଓଏସ୍‌ଏବ୍‌ବି, ବାସନ୍ତୀ କଲୋନୀ, ପ୍ଲଟ୍ ନଂ.୫୪, ହାଉସ୍ ନଂ. ଏଫ୍‌ଏମ୍ – ୩୯, ପିଏଚ୍ – IV, ହୋଲ୍ଡିଂ ନଂ. ୫୯, ଖାତା ନଂ.୫୯, ଦୁର୍ଗାପୁର ଏରିଆ ନଂ. ୧୭, ଗ୍ରାମ/ମୌଜା – ଦୁର୍ଗାପୁର ଏରିଆ, ଟାଉନ୍ ୟୁନିଟ୍ ନଂ୩୮, ଦୁର୍ଗାପୁର, ଥାନା- ଉଦିତନଗର, ରାଉରକେଲା ପୌରାଞ୍ଚଳ, ଜିଲ୍ଲା – ସୁନ୍ଦରଗଡ଼, ରାଜ୍ୟ – ଓଡ଼ିଶା, ପିନ୍ କୋଡ୍- ୭୬୯୦୧୨ ସ୍ଥିତ ୨୪୭୫ ବର୍ଗଫୁଟ ମାପର ଜମି ଓ ଘରର ଯଥାର୍ଥ ବନ୍ଧକ। **ପ୍ଲଟ୍‌ର ଚୌହଦୀ ନିମ୍ନ ଅନୁଯାୟୀ ଅଟେ:** ଉତ୍ତରରେ – ୩୦ ଫୁଟ ଚଉଡ଼ା ସଡ଼କ, ଦକ୍ଷିଣରେ – ଏଫ୍‌ଏମ୍-୨, ପୂର୍ବରେ – ଏଫ୍‌ଏମ୍-୩୮, ପଶ୍ଚିମରେ – ଏଫ୍‌ଏମ୍-୪୦ | **(କ) ୧୫।୦୭।୨୦୧୮ (ଖ) ୧୨।୧୦।୨୦୧୮ (ଗ) ଟ.୧୫,୩୩,୬୯୭/-** (ପନ୍ଦର ଲକ୍ଷ ତେତିଶ ହଜାର ଛଅଶହ ସତାନବେ ଟଙ୍କା ମାତ୍ର) ତଥା ଲାଗୁ କରାଯାଇ ନ ଥିବା ସୁଧ ବେସ୍ ରେଟ୍‌ରେ, ବର୍ତ୍ତମାନ @୯.୭୦% ବାର୍ଷିକ, ୨୫।୦୧।୨୦୧୮ଠାରୁ ଲାଗୁ, ତଥା ପ୍ରଯୁଜ୍ୟ ହାରରେ ଭବିଷ୍ୟତ ସୁଧ। |

**ତାରିଖ: ୧୨।୧୦।୨୦୧୮, ସ୍ଥାନ: କୋଲକାତା** **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପାଇଁ / ପ୍ରାଧିକୃତ ଅଧିକାରୀ ଓ ମୁଖ୍ୟ ପରିଚାଳକ**

## ମା' ମାଣିକେଶ୍ୱରୀ ଭଜନ ସିଡି 'ବିବିଧା' ଉନ୍ମୋଚିତ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)** କଳାହାଣ୍ଡି ଜିଲାର ଆରାଧ୍ୟା ଦେବୀ ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଅବସରରେ ଶ୍ରଦ୍ଧାଳୁ ଭକ୍ତ ପୁଷ୍ପଶ୍ରୀ ଦେବୀଙ୍କ ରଚିତ ମା' ମାଣିକେଶ୍ୱରୀଙ୍କ ଉଦ୍ଦେଶ୍ୟରେ ରଚିତ ମନଛୁଁଆ ୪ଟି ଭଜନର ସିଡି 'ବିବିଧା' ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାଗୃହଠାରେ ଏକ ମନୋଜ୍ଞ ସନ୍ଧ୍ୟାରେ ଏହି ସିଡିର ଉନ୍ମୋଚନ ଉତ୍ସବରେ କଳାହାଣ୍ଡି ରାଜ କୁମାର ଅନନ୍ତ ଦେଓ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଭବାନୀପାଟଣା ଜେ.ପି. ସାନ୍ଧ୍ୟ ମହାବିଦ୍ୟାଳୟ ଓଡିଆ ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଓ ବିଶିଷ୍ଟ ଶିକ୍ଷାବିତ ଡା. ଉମେଶଚନ୍ଦ୍ର ଶତପଥୀ ଓ ସଙ୍ଗୀତ ନିର୍ଦ୍ଦେଶକ ସନତ୍ ପଣ୍ଡା ଉପସ୍ଥିତ ଥିଲେ। ଏମ.ଏସ.ଏ.ର ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନୂତନ ଭଜନ ସିଡିରେ କଣ୍ଠଦାନ କରିଥିବା ଶିଳ୍ପୀ ରୁବି ମହାନ୍ତି, ସୁନମ୍ ମୁନା ଓ ସଚ୍ଚିକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସିଡିର ନିର୍ମାତା ତଥା ଗୀତିକାର ପୁଷ୍ପଶ୍ରୀ ଦେବୀଙ୍କ ପୁତ୍ର ରାଜ୍ ସିଂଦେଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ଗିତିକାର ପୁଷ୍ପଶ୍ରୀ ଦେବୀଙ୍କ ରଚିତ ଅନ୍ୟାନ୍ୟ ଜଣାଣ ଗୁଡିକର ମଧ୍ୟ ସ୍ୱର ସଂଯୋଜନା କରାଯାଇ ସିଡି ପ୍ରସ୍ତୁତ କରାଯିବ ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ଅତିଥିମାନେ ଗୀତଗୁଡିକ ଅତ୍ୟନ୍ତ ଉଚ୍ଚମାନର ହୋଇଥିବା ଓ ମା' ମାଣିକେଶ୍ୱରୀଙ୍କ କରୁଣା ଲାଭ ନ ହେଲେ ଏଭଳି ସଙ୍ଗୀତ ରଚନା ଅସମ୍ଭବ ବୋଲି ପ୍ରକାଶ କରିଥିଲେ। ସିଡିର ୪ଟି ଭଜନ ଶୁଣି ଉପସ୍ଥିତ ନିମନ୍ତ୍ରିତ ଅତିଥିମାନେ ଆତ୍ମବିସ୍ମୃତ ହୋଇପଡିଥିଲେ। ପ୍ରକାଶ ଯୋଗ୍ୟ ଯେ, ଉକ୍ତ ସିଡିର ନିର୍ମାତା, ଗୀତିକାର, ସ୍ୱର ସଂଯୋଜକ ଓ କଣ୍ଠଶିଳ୍ପୀ ସମସ୍ତେ କଳାହାଣ୍ଡିର ହୋଇଥିବା ଦୃଷ୍ଟିରୁ ଏହା ଅତ୍ୟନ୍ତ ଲୋକପ୍ରିୟ ହେବ ବୋଲି ରେକର୍ଡିଂ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ସନତ ପଣ୍ଡା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ମୋଚିତ ସିଡିର କଣ୍ଠଶିଳ୍ପୀ ରୁବି ମହାନ୍ତି ଓ ସୁନମ୍ ମୁନା ସିଡିରେ ଥିବା ସେମାନଙ୍କ କଣ୍ଠସଙ୍ଗୀତ ପରିବେଶଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

# 'ଛତ୍ର ଘଟ'ର କ୍ଷେତ୍ର କଳାହାଣ୍ଡି

**କ**ନ୍ଧ, ପରଜା, ଗଣ୍ଡ, ଭତରା, ବଞ୍ଜାରା, ପହରିଆ ପ୍ରଭୃତି ଆଦିବାସୀ ସଂପ୍ରଦାୟର ସହାବସ୍ଥାନ ଓ ମିଳନର କ୍ଷେତ୍ର କଳାହାଣ୍ଡି। ଏହାର ଲୋକ ସଂସ୍କୃତି ଓ ଧାର୍ମିକ ଉପାସନାକୁ ଅନୁଧ୍ୟାନ କଲେ ଆଦିବାସୀ ଅଣ ଆଦିବାସୀ ସଂସ୍କୃତିର ଅପୂର୍ବ ସଙ୍ଗମ ଦେଖିବାକୁ ମିଳେ। କଳାହାଣ୍ଡିରେ ଏହି ସମନ୍ୱୟର ସ୍ୱରୂପରେ ମାଣିକେଶ୍ୱରୀ, ଲଙ୍କେଶ୍ୱରୀ, ରକ୍ତାମ୍ବରୀ ଦେବୀଙ୍କ ପୂଜା ବିଧି ଦେଖିବାକୁ ମିଳିଥାଏ। ଅନ୍ୟପକ୍ଷେ ମାଇଲି, ଭୀମା, ଜେନା, ବାବୁ ରାଏ, ସାତ୍ ଭଏନୀ, ମଟିଆ, ଭଣ୍ଡାର ଘରେନ୍, କାଳିସୁନ୍ଦ୍ରି, ବାର ଭାଇ ଭୈରବ ପ୍ରଭୃତି ଅଗଣିତ ଲୋକ ଦେବଦେବୀଙ୍କ ଉପାସନାରେ ମୌଳିକତା ବଜାୟ ରହିଛି।

### 'ସ୍ତମ୍ଭେଶ୍ୱରୀ' ପୂଜା ପରମ୍ପରା

କଳାହାଣ୍ଡିର ମୂଳ ଆଦିବାସୀ 'କନ୍ଧ' ସମେତ ଅନ୍ୟ ଆଦିବାସୀମାନେ ମୁଖ୍ୟତଃ ପ୍ରକୃତି ଉପାସକ । ସ୍ତମ୍ଭ ଉପାସନା, ବିଶେଷ କରି ଜଗନ୍ନାଥଙ୍କ ନବକଳେବର ପରି କନ୍ଧ ସମ୍ପ୍ରଦାୟରେ ପ୍ରଚଳିତ ନୂତନ ସ୍ତମ୍ଭ ସ୍ଥାପନ ପରମ୍ପରା ରହିଛି । ପ୍ରାକ୍ ମଧ୍ୟ ଯୁଗ କାଳରେ ଆଦିବାସୀଙ୍କ ଏହି ସ୍ତମ୍ଭ ପୂଜନ ପରମ୍ପରା ଓ ବୈଦିକ ସଂସ୍କୃତିର ମିଳନରୁ 'ସ୍ତମ୍ଭେଶ୍ୱରୀ' ପୂଜାର ପରମ୍ପରା ଜନ୍ମ ନେଇଥିଲା । କଳାହାଣ୍ଡି ଖ୍ରୀଷ୍ଟପୂର୍ବ ୪ର୍ଥରୁ ଖ୍ରୀଷ୍ଟାବ୍ଦ ୫ ଶତାବ୍ଦୀ କାଳର 'ଅସୁରଗଡ'ର ପ୍ରତ୍ନତାତ୍ତ୍ୱିକ ୧୯୭୪ରେ ଖନନ କାଳରେ ସ୍ତମ୍ଭେଶ୍ୱରୀ ମନ୍ଦିରର ଭଗ୍ନାବଶେଷ ଉଦ୍ଧାର କରାଯାଇଥିଲା । ଏହା ଓଡିଶାର ଏ ପର୍ଯ୍ୟନ୍ତ ଆବିଷ୍କୃତ ସର୍ବ ପୁରାତନ ଶକ୍ତି ପୀଠ ବୋଲି ଐତିହାସିକମାନେ ମର୍ଯ୍ୟାଦା ଦେଇଛନ୍ତି ।

ପ୍ରଚଳିତ ଜନଶ୍ରୁତି ଅନୁଯାୟୀ ବଙ୍କା ପାଇକମାନେ ଯୁଦ୍ଧରେ ବିଜୟୀ ହୋଇ ଘୁମୁରା ବାଦ୍ୟରେ ଆବାହନ କରି ବିଜିତ ରାଜ୍ୟରୁ ଲଙ୍କେଶ୍ୱରୀଙ୍କ ରାଜଧାନୀ ଜେନାବଳି ପାଟଣା (ବର୍ତ୍ତମାନର ଜୁନାଗଡ) କୁ ଆଣିଥିଲେ । ଯୁଦ୍ଧରେ ପରାଜିତ ରାଜ୍ୟର ଇଷ୍ଟଦେବୀଙ୍କୁ ବିଜୟର ରାଜା ନିଜ ରାଜ୍ୟରେ ପ୍ରତିଷ୍ଠା କରିବା ସହ ପରାଜିତ ରାଜ୍ୟରେ ନିଜର ଇଷ୍ଟଦେବୀଙ୍କୁ ସ୍ଥାପନ କରିବା ସେ କାଳର ପ୍ରଥା ଥିଲା । ଚିନ୍ଦକ ନାଗ ରାଜ୍ୟଧାନୀ କାଳଚୂରୀ ଶକ୍ତି ଦ୍ୱାରା ପତନ ହେବା ପରେ କାଳନ୍ତର ବିନ୍ଦକ ନାଗଙ୍କ ଇଷ୍ଟଦେବୀ ମାଣିକ୍ୟ ଦେବୀ ସେମାନଙ୍କର ବନ୍ଧୁ ଗଙ୍ଗରାଜାମାନଙ୍କ ଇଷ୍ଟଦେବୀ ହେଲେ । ପରେ ଗଙ୍ଗ ରାଜାମାନଙ୍କ ଦୁର୍ବଳତାରୁ କଳାହାଣ୍ଡି ଅଞ୍ଚଳରେ ମୁଣ୍ଡ ଟେକି ଥିବା ବର୍ତ୍ତମାନର ନାଗ ରାଜ ବଂଶର ଇଷ୍ଟଦେବୀ ଭାବେ ମାଣିକ୍ୟ ଦେବୀଙ୍କ 'ମାଣିକେଶ୍ୱରୀ' ଭାବେ ସ୍ଥାନ ପାଇଲେ ।

### ମାଣିକେଶ୍ୱରୀ ଛିନ୍ନମସ୍ତା

ମାଣିକେଶ୍ୱରୀଙ୍କ କୌଣସି ପ୍ରତିମା ନ ଥାଇ – ବସ୍ତ୍ରର ଆବରଣ ତଳେ ଏକ ସ୍ତମ୍ଭ ରହିଥାଏ । ପ୍ରତି ବର୍ଷ ମୂଳାଷ୍ଟମୀ ରାତିରେ ଦେବୀଙ୍କ ପୁରାତନ ମସ୍ତକୁ ବିସର୍ଜିତ ହୋଇ ରତ୍ନ, ଅଳଙ୍କାର ଖଚିତ ନୂତନ ମୃଣ୍ମୟ ମସ୍ତକ ସ୍ଥାପିତ ହୋଇଥାଏ । ଦେବୀଙ୍କ ଏହି ସ୍ୱରୂପ କନ୍ଧ ଆଦିବାସୀଙ୍କ ସ୍ତମ୍ଭପୂଜାର ପରମ୍ପରା । ମାଣିକେଶ୍ୱରୀ ହେଉଛନ୍ତି ଛିନ୍ନମସ୍ତା । ପ୍ରତି ମଙ୍ଗଳବାର ଏବଂ ଶନିବାର ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯାଏ । ଦଶହରା ବା ଶାରଦୀୟ ପର୍ବରେ ମାଣିକେଶ୍ୱରୀଙ୍କର ପ୍ରସିଦ୍ଧ ଛତର ଯାତ୍ରା ହୁଏ । 'ଛତର ଘଟ' ସମ୍ପର୍କରେ ଗବେଷକମାନଙ୍କ ବିଭିନ୍ନ ମତ ଶୁଣାଯାଏ । ମହାଷ୍ଟମୀ ତିଥିର ମଧ୍ୟ ରାତ୍ରିରେ ମନ୍ଦିରରେ ଉତ୍ତର ଦ୍ୱାର ନିକଟରେ ଅବସ୍ଥିତ ବୁଢା ରାଜା (ଭୈରବ)ଙ୍କ ସମ୍ମୁଖରେ ପୋଢ ବଳି ଦିଆଯିବା ପରେ ଭବାନୀପାଟଣାର ପଶ୍ଚିମ ଦିଗରେ ଅବସ୍ଥିତ 'ଜେନାଖାଲ'କୁ ନିଆଯାଏ । ଏହି 'ଜେନାଖାଲ'ରେ ବୋଦାବଳି ଓ ପୂଜାପାଠ ପରେ ମହାନବମୀ ପ୍ରାତଃକାଳରେ ମାଣିକେଶ୍ୱରୀ ସମସ୍ତ ସମ୍ପ୍ରଦାୟର ହଜାର ହଜାର ଭକ୍ତଙ୍କ ଗହଳିରେ ତୁରୀ, ଘୁମୁରା,



ନିଶାଣ, ଘଣ୍ଟ ମଧ୍ୟରେ ଛିଟକନା, ମନ୍ଦାରଫୁଲ, ବେଲପତ୍ର ମାଳରେ ବସ୍ତ୍ରାବୃତ୍ତା ମା'ଙ୍କ ପ୍ରତୀକ 'ଛତର' ଝୁମି ଝୁମି ମୁଖ୍ୟ ରାଜରାସ୍ତାର ୪ କିଲୋମିଟର ଦେଇ ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ସେହି ସମୟରେ ମୁଖ୍ୟ ରାସ୍ତାର ଦୁଇ କଡରେ ହଜାର ହଜାର ବୋଦା, ମେଣ୍ଢା, ପାରା, କୁକୁଡା ଆଦି ବଳି ଦିଆଯିବା ଫଳରେ ସମଗ୍ର ମୁଖ୍ୟ ରାଜରାସ୍ତା ସମେତ ଭବାନୀପାଟଣା ସହର ରକ୍ତାକ୍ତ ହୋଇଯାଇଥାଏ। ମା'ସେହି ରକ୍ତ ଉପରେ ଝୁମିଝୁମି ମନ୍ଦିରକୁ ପ୍ରବେଶ କରନ୍ତି। ଲୋକବିଶ୍ୱାସ ଯେ, ମା'ମାଣିକେଶ୍ୱରୀ ବର୍ଷକେ ଥରେ 'ଛତର' ଭାବେ ବାହାରକୁ ଆସି ଭକ୍ତମାନଙ୍କ ଦୁଃଖ, ବେଦନା ସବୁ ଲାଘବ କରିଥାନ୍ତି।

**–ରିପୋର୍ଟ: ସଞ୍ଜୀବ ଯୋଷୀ।**

## ୧୭ରେ ଯାତ୍ରା, ପ୍ରଶାସନ ପ୍ରସ୍ତୁତ

**ଭବାନୀପାଟଣା,୧୫।୧୦(ଡି.ଏନ.ଏ.)**

ଚଳନ୍ତି ବର୍ଷ ଛତର ଯାତ୍ରା ଆସନ୍ତ ୧୭ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ । ଏଥିପାଇଁ ଗତ ୧୧ ତାରିଖ ଦିନ ଜିଲାପାଳଙ୍କ ସମ୍ମିଳନୀ ପକ୍ଷରେ ଜିଲାପାଳ ଗାଭିଲ ପରା ହରର୍ଷଦଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ଦେଖିବା ପାଇଁ କଳାହାଣ୍ଡି ଜିଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏଥିପାଇଁ ସମସ୍ତ ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ ସେବା, ଅନବରତ ବିଦ୍ୟୁତ୍ ଯୋଗାଣ ଉପରେ ଜିଲା ପ୍ରଶାସନ ଗୁରୁତ୍ୱାରୋପ କରିଛି । ବିଭିନ୍ନ ଦୁର୍ଗା ପୂଜା ମଣ୍ଡପ ଓ ଛତର ଯାତ୍ରାର ପୂର୍ବଦିନ ଯଥା ୧୬ ତାରିଖ ମଙ୍ଗଳବାର ଭବାନୀପାଟଣା ସହରର ସୁରକ୍ଷା ବ୍ୟବସ୍ଥା ସହିତ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ କଡ଼ା ନଜର ରଖାଯାଇଛି । ସୁପ୍ରିମକୋର୍ଟର କଡା ନିର୍ଦ୍ଦେଶ ଅନୁଯାୟୀ ପଶୁବଳି ବନ୍ଦ କରିବା ପାଇଁ ଜନସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲାପାଳ ହର୍ଷଦ ସମେତ ଉପଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲାପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଅତିରିକ୍ତ ଏସ୍‌ପି, ଟାଉନ ଥାନା ଆଇଆଇସି ସମେତ ସହରର ବୁଦ୍ଧିଜୀବୀ, ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ସଂସ୍କୃତି, ସମନ୍ୱୟର ଦେବୀ ମାଣିକେଶ୍ୱରୀ



**ଓ**ଡିଶାର ପ୍ରମୁଖ ଶକ୍ତିପୀଠ ମଧ୍ୟରେ ଭବାନୀପାଟଣାର ମାଣିକେଶ୍ୱରୀ ପୀଠର ସ୍ୱତନ୍ତ୍ର ମାନ୍ୟତା ରହିଛି । ଆଦିବାସୀ ପରମ୍ପରା ସହିତ ଶକ୍ତି ପୂଜାର ସମନ୍ୱୟ ଏଠି ଦେଖିବାକୁ ମିଳେ । କାଳକ୍ରମେ ତାହା ସାର୍ବଜନୀନ ହୋଇଛି । କାଳୀଙ୍କ ବୀଜମନ୍ତ୍ରରେ ପୂଜିତା ମାଣିକେଶ୍ୱରୀଙ୍କ ଶାରଦୀୟ ଉତ୍ସବ କାଳରେ ନବକଳେବର ସହ ତାଙ୍କ ମୂଳତଃ ସ୍ତମ୍ଭରୂପ ଏକ ଭିନ୍ନତା ଆଣିଦେଇଛି । କନ୍ଧ ତଥା ଅନ୍ୟ ଆଦିବାସୀଙ୍କ ସ୍ତମ୍ଭପୂଜାରୁ 'ସ୍ତମ୍ଭେଶ୍ୱରୀ' ଙ୍କ ପରିକଳ୍ପନାରୁ ମାଣିକେଶ୍ୱରୀଙ୍କ ରୂପର କଳ୍ପନା କରାଯାଇଥିବା ବିଶ୍ୱାସ କରାଯାଏ ।

ମନ୍ଦିରର ଗର୍ଭଗୃହରେ ଅଛନ୍ତି ଦକ୍ଷିଣକାଳୀଙ୍କ ଯନ୍ତ୍ର, ଦେବୀଙ୍କ ଛତ୍ର ଓ ସିଲିଣ୍ଡର ସଦୃଶ ସମଗୋଲାକାର ସ୍ତମ୍ଭାକୃତି ଉପରେ ରହିଛି ବସ୍ତ୍ରର ଘୋଡଣି ଓ ତା' ଉପରେ ରତ୍ନ ଅଳଙ୍କାରାଦି ଭୂଷିତ ମସ୍ତକ । ମୂଳାଷ୍ଟମୀରୁ ମାଣିକେଶ୍ୱରୀଙ୍କ ଶାରଦୀୟ ଉତ୍ସବ ଆରମ୍ଭ ହୋଇଥାଏ । ଏହି ଦିନ ଦେବୀଙ୍କ ନୂତନ ମୃଣ୍ମୟୀ ମସ୍ତକ ଶାରଦୀୟ ଉତ୍ସବ ପାଳନ ପାଇଁ ଗୁପ୍ତ ବିଧିରେ ସ୍ଥାପିତ ହୋଇଥାଏ । ଏହା ଦେବୀଙ୍କ ନବକଳେବର । ବେହେରାଗୁଡା ଗ୍ରାମର ଏକ କୁମ୍ଭାର ପରିବାର ଓ ଭବାନୀପାଟଣା ଏକ ସ୍ୱର୍ଣ୍ଣକାର ପରିବାର ଦ୍ୱାରା ପ୍ରସ୍ତୁତ ଏହି ନୂତନ ମୃଣ୍ମୟ ମସ୍ତକକୁ ସ୍ଥାପନ କରାଯାଏ। ଚରଲଗ୍ନରେ ପୂଜକ ଦେବୀଙ୍କ ମୂଳମସ୍ତକକୁ ସ୍ଥାନାନ୍ତରିତ କରି ଏହି ନୂତନ ମସ୍ତକ ସ୍ଥାପନ କରନ୍ତି । ମୂଳମସ୍ତକଟି ଧାତୁ ଓ ପାଟକନାରେ ନିର୍ମିତ ହୋଇଥିବା ଗୁପ୍ତସୂତ୍ରରୁ ଜଣାଯାଏ।

ନୂତନ ମସ୍ତକ ସ୍ଥାପନ ହେବାପରେ, 'ଅନାଦେଶ ପ୍ରାୟଶ୍ଚିତ' ହୋମ ସମ୍ପାଦିତ ହୁଏ ଓ ଏଥିସହ ଶାରଦୀୟ ମହୋତ୍ସବ ଆରମ୍ଭ ହୁଏ । ଏହି ନୂତନ ସ୍ଥାପିତ ମସ୍ତକ ଦଶହରା ଯାଏ ପୂଜାପାଇଁ ପୁନର୍ବାର ମୂଳ ମସ୍ତକକୁ ସ୍ଥାପନ କରି ନୂତନ ମସ୍ତକକୁ ବିସର୍ଜନ କରାଯାଏ। ମୂଳାଷ୍ଟମୀରୁ ଦଶହରା ଯାଏଁ କାହିଁକି ନୂତନ ମସ୍ତକ ବସାଯାଏ ତାହା ଗୋପନୀୟ ତତ୍ତ୍ୱ ହୋଇ ରହିଥିଲେ ହେଁ, ଦଶହରାକାଳୀନ ପୂଜାରେ ଦେବୀଙ୍କ ଉଗ୍ରତାକୁ ପ୍ରଶମିତ କରିବାକୁ ଏହା ହୋଇଥାଏ ବୋଲି ମତ ରହିଛି। ତେବେ ଦକ୍ଷିଣକାଳୀଙ୍କ ଯନ୍ତ୍ର, ଏକାକ୍ଷରୀ ମନ୍ତ୍ରରେ କାଳୀଙ୍କ ତାନ୍ତ୍ରିକପୂଜା ବିଧିରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ, ତାଙ୍କର ଏପରି ଛିନ୍ନମସ୍ତାରୂପ ପ୍ରଣିଧାନ ଯୋଗ୍ୟ।

ଆଦିବାସୀମାନେ ମୁଖ୍ୟତଃ ପ୍ରକୃତି ଉପାସକ ଓ ପ୍ରକୃତିର ବିଭିନ୍ନ ଉପାଦାନରୁ ଐଶ୍ୱରୀୟ ଶକ୍ତିର ସନ୍ଧାନ କରିଥାନ୍ତି । କଳାହାଣ୍ଡି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ, ମାତୃଶକ୍ତିର ପ୍ରତୀକ ଭାବେ ସ୍ତମ୍ଭ ସ୍ଥାପନର ପରମ୍ପରା ବିଶେଷ ଭାବେ କନ୍ଧ ସମ୍ପ୍ରଦାୟରେ ଦେଖିବାକୁ ମିଳେ । ଏହି ପରମ୍ପରା କଳାହାଣ୍ଡିର ପଡୋଶୀ ରାୟଗଡା, ନବରଙ୍ଗପୁର, କୋରାପୁଟ, ବଲାଙ୍ଗୀର, ନୂଆପଡା ଓ କନ୍ଧମାଳର କନ୍ଧ ସମ୍ପ୍ରଦାୟରେ ମଧ୍ୟ ରହିଛି। ଏପରି ପ୍ରକୃତି ପୂଜନ ଓ ସ୍ତମ୍ଭପୂଜନ ଅନ୍ୟ ଆଦିବାସୀ ସମ୍ପ୍ରଦାୟରେ ମଧ୍ୟ ଦେଖିବାକୁ ମିଳେ। ପ୍ରାକ୍ ମଧ୍ୟଯୁଗରେ ଆଦିବାସୀଙ୍କ ଏହି ସ୍ତମ୍ଭ ପୂଜନ ପରମ୍ପରା, ଅଣ ଆଦିବାସୀ ପରମ୍ପରାର ମିଳନ, ସଂସ୍କୃତିକରଣ ପ୍ରକ୍ରିୟା ଓ ବ୍ରାହ୍ମଣ୍ୟ ଧର୍ମର ସ୍ୱୀକୃତି ମଧ୍ୟରେ 'ସ୍ତମ୍ଭେଶ୍ୱରୀ ପୂଜନ' ପରମ୍ପରାର ଅୟମାରମ୍ଭ ଏହି ଭୂଖଣ୍ଡରେ ହୋଇଥିଲା ।

କଳାହାଣ୍ଡି ଜିଲା ଅସୁରଗଡ଼ରେ ୧୯୭୩ରେ ଓଡିଶା ସଂସ୍କୃତି ବିଭାଗ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ପରୀକ୍ଷାମୂଳକ ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ୫ମ ଶତାବ୍ଦୀକାଳୀନ 'ସ୍ତମ୍ଭେଶ୍ୱରୀ'ଙ୍କ ମୂଳ ଶକ୍ତିପୀଠର ଅବଶେଷ ଉଦ୍ଧାର କରାଯାଇଥିଲା । ଏହା ପୂର୍ବ ଭାରତର ଏଯାଏଁ ଆବିଷ୍କୃତ ଶକ୍ତିପୀଠମାନଙ୍କ ମଧ୍ୟରେ ସର୍ବପୁରାତନ ହୋଇଥିବା ଐତିହାସିକମାନେ ପ୍ରମାଣିତ କରିଛନ୍ତି । ସେହିପରି ଅସୁରଗଡ଼ର ଅନତିଦୂର 'ତେରେସିଂହା'ରୁ ୧୯୪୬ରେ ପ୍ରାପ୍ତ, ୫ମ ଶତବ୍ଦୀରେ 'ରାଜା ତୁଷ୍ଟିକର' ଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଫଳକରେ ସେ ନିଜକୁ ସ୍ତମ୍ଭେଶ୍ୱରୀଙ୍କ ପାଦଭକ୍ତ ବୋଲି ଦର୍ଶାଇଛନ୍ତି। ସ୍ତମ୍ଭେଶ୍ୱରୀ ହେଉଛନ୍ତି ଶକ୍ତିଙ୍କ ନିରାକାର ରୂପ । ଆଦିବାସୀ କନ୍ଧଙ୍କ ସ୍ତମ୍ଭପୂଜା ଓ ସ୍ତମ୍ଭେଶ୍ୱରୀଙ୍କ ପରମ୍ପରାର ବିବର୍ତ୍ତନରେ ମଧ୍ୟଯୁଗରେ ତନ୍ତ୍ରପ୍ରଧାନ ମାଣିକେଶ୍ୱରୀ ଦେବୀଙ୍କ ରୂପର କଳ୍ପନା କରାଯାଇଥିବା ବିଶ୍ୱାସ କରାଯାଏ। ଏଥିରେ ଆଦିବାସୀ ପରମ୍ପରା, ସ୍ତମ୍ଭପୂଜା ଓ ଶାକ୍ତତନ୍ତ୍ରର ସମନ୍ୱୟ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ କନ୍ଧ ସମ୍ପ୍ରଦାୟର ଧାର୍ମିକ ଉପାସନା ପରମ୍ପରାକୁ ଅନୁଧ୍ୟାନ କଲାବେଳେ ଏକ ଯୁକ୍ତି ସଙ୍ଗତ ତଥ୍ୟ ମିଳେ। 'ମାନିକ ସାଇରୋ' ନାମକ ଏକ ଦେବୀଙ୍କୁ କନ୍ଧମାନେ ତାଙ୍କ ମୁଖ୍ୟ ଦେବୀ 'ଧରନୀପେନୁ' ଙ୍କ ଭଉଣୀ ବୋଲି ବିଶ୍ୱାସ କରନ୍ତି। ସମ୍ଭବତଃ ମାଣିକେଶ୍ୱରୀ ଏଠି ମାନିକ୍‌ସାଇରୋ ହୋଇଯାଇଛନ୍ତି।

ସେହିପରି ମାଣିକେଶ୍ୱରୀ ମନ୍ଦିରରେ ଦେବୀଙ୍କ ପାର୍ଶ୍ୱଦେବତା ଭାବେ ପୂଜା ପାଉଥିବା ବୁଢାରଜା ହେଉଛନ୍ତି ମହାକାଳ ଭୈରବ । ବୁଢାରଜା ଓ ବୁଢାଦେଓ ଗଣ୍ଡ ଆଦିବାସୀଙ୍କ ଆରାଧ୍ୟ ଦେବତା ଓ ସେ ଶିବଙ୍କ ରୂପ । ମାଣିକେଶ୍ୱରୀ ମନ୍ଦିରରେ ପାଳିତ ହେଉଥିବା ନବାନ୍ନ ପର୍ବରେ ଗଣ୍ଡ ଓ ସଅରାଙ୍କ ପ୍ରମୁଖ ଭୂମିକା ରହିଛି । ନାଗଝରି ସଗଡାର ଗଣ୍ଡ ପରିବାର ଦ୍ୱାରା ଏଥିପାଇଁ ନୂଆଧାନ ପ୍ରଦାନ କରାଯିବା ସହ ସେ ପ୍ରଥମ ନବାନ୍ନ ଅର୍ପଣ କରିଥାନ୍ତି । ଭବାନୀପାଟଣାର ନକ୍‌ଟିଗୁଡାର ସଅରା ପରିବାର ନୂତନ କୁଟୁଣି ଓ ପାହାରୁଣି ଯୋଗେଇଥାନ୍ତି । ଦେବୀଙ୍କ ପୂଜନ ପାଇଁ ଆବଶ୍ୟକ କୁଲା, ଟୁପା ଆଦି ଏକ ନିର୍ଦ୍ଦିଷ୍ଟ ମେହ୍ରା ପରିବାର ଦ୍ୱାରା ଯୋଗାଯାଇଥାଏ । ପୂଜକ, ପୂଝାରୀ, ରାନ୍ଧୁଣିଆ ଓ ଛତ୍ରବାହକ ବ୍ରାହ୍ମଣ ହୋଇଥିବା ବେଳେ ମୁଣ୍ଡଛିନା, ବାହୁକ ଓ ଦଣ୍ଡସେନା ପାଇକ ସମ୍ପ୍ରଦାୟର । ଗଉଡ ସମ୍ପ୍ରଦାୟର ନରିଆ ଏବଂ ନିତ୍ୟ ବାଦ୍ୟକାର ତଥା ଦେବୀଙ୍କ 'ଛତର ଯାତ୍ରା'ରେ ଜେନାବାଦ୍ୟ ବାଜନ କରୁଥିବା ବାଦକମାନେ ହେଉଛନ୍ତି ଡମ୍ବ ସମ୍ପ୍ରଦାୟର । ନିର୍ଦ୍ଦିଷ୍ଟ ପରିବାରର ମହିଳାମାନେ ବିଭିନ୍ନ ପର୍ବ ପାଇଁ ଫୁଲମାଳ ପ୍ରସ୍ତୁତ କରିଥାନ୍ତି । ଦେବୀଙ୍କ ପୂଜାରେ ଏହି ସମସ୍ତଙ୍କ ନିର୍ଦ୍ଦିଷ୍ଟ ଭୂମିକା ରହିଛି, ଯାହା ବିନା ଦେବୀଙ୍କ ପୂଜା ଓ ଉତ୍ସବ ସମ୍ଭବ ନୁହେଁ । ମୋଟାମୋଟି ଭାବେ, ମାଣିକେଶ୍ୱରୀଙ୍କ ତତ୍ତ୍ୱ ଓ ଉପାସନାରେ ବିଭିନ୍ନ ସମ୍ପ୍ରଦାୟ, ଜାତି ଓ ସଂସ୍କୃତିର ଅପୂର୍ବ ମିଳନ ସୃଷ୍ଟି ହୋଇଛି।

**ଉମାଶଙ୍କର କର**
ଗବେଷକ ଭବାନୀପାଟଣା


## ମତ୍ସ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରମୁଖ ଯୋଜନା

| କ୍ର.ସଂ. | ଯୋଜନାର ନାମ | କାର୍ଯ୍ୟକ୍ରମ | ପ୍ରକଳ୍ପ ମୂଲ୍ୟ | ରିହାତି ବ୍ୟବସ୍ଥା | ମନ୍ତବ୍ୟ |
|---|---|---|---|---|---|
| ୧ | ମତ୍ସ୍ୟ ପୋଖରୀ ଯୋଜନା (ମୋ ମାଛ ପୋଖରୀ) | ନୂତନ ପୋଖରୀ ଖନନ ଓ ମଧୁର ମାଛ ଚାଷ | ଟ. ୮,୫୦,୦୦୦/– (ହେକ୍ଟର ପିଛା) | ସବୁ ବର୍ଗର ଚାଷୀଙ୍କ ପାଇଁ –୫୦ ପ୍ରତିଶତ | ସର୍ବନିମ୍ନ ପାଣି ଏରିଆ–୦.୨୦ ହେକ୍ଟର ସର୍ବୋଚ୍ଚ ପାଣି ଏରିଆ–୨.୦୦ ହେକ୍ଟର |
| ୨ | ମତ୍ସ୍ୟ ପୋଖରୀ ଯୋଜନା (ମୋ ମାଛ ପୋଖରୀ) | ଅଙ୍ଗୁଳିକା (ବଡ଼ ଜାଆଁଳ) ଉତ୍ପାଦନ | ଟ. ୨,୫୦,୦୦୦/– (ହେକ୍ଟର ପିଛା) | ସବୁ ବର୍ଗର ଚାଷୀଙ୍କ ପାଇଁ –୫୦ ପ୍ରତିଶତ | ସର୍ବନିମ୍ନ ପାଣି ଏରିଆ–୦.୧୦ ହେକ୍ଟର ସର୍ବୋଚ୍ଚ ପାଣି ଏରିଆ–୧.୦୦ ହେକ୍ଟର |
| ୩ | ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା | ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛଚାଷ | ଚଳନ ପୁଞ୍ଜି ହେକ୍ଟର ପିଛା ଟ.୧,୫୦,୦୦୦/– | ସବୁ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଶତକଡ଼ା ୬୦ ପ୍ରତିଶତ | ଲିଜ୍ ଚୁକ୍ତିର ନକଲ ବ୍ୟାଙ୍କ ପାସ୍‌ବୁକ୍ ସ୍ୱୟଂ ସହାୟକ ଗୋଷ୍ଠୀର ଗ୍ରେଡେସନ୍ ରେଜିଷ୍ଟ୍ରେସନ/ ସ୍ୱୀକୃତି |
| ୪ | ନୀଳ ବିପ୍ଳବ | ନୂତନ ପୋଖରୀ ଖନନ ଓ ମଧୁର ମାଛଚାଷ | ଟ. ୮,୫୦,୦୦୦/– (ହେକ୍ଟର ପିଛା) | ସାଧାରଣ ବର୍ଗ–୪୦ ପ୍ରତିଶତ, ଅନୁସୂଚିତ ଜାତି/ ଜନଜାତି/ ମହିଳା– ୬୦ ପ୍ରତିଶତ | ସର୍ବନିମ୍ନ ପାଣି ଏରିଆ–୦.୨୦ ହେକ୍ଟର ସର୍ବୋଚ୍ଚ ପାଣି ଏରିଆ–୨.୦୦ ହେକ୍ଟର |
| ୫ | ନୀଳ ବିପ୍ଳବ | ପୁରାତନ ପୋଖରୀ ପଙ୍କୋଦ୍ଧାର ଓ ମଧୁର ମାଛ ଚାଷ | ଟ. ୫,୦୦,୦୦୦/– (ହେକ୍ଟର ପିଛା) | | ସର୍ବନିମ୍ନ ପାଣି ଏରିଆ–୦.୨୦ ହେକ୍ଟର ସର୍ବୋଚ୍ଚ ପାଣି ଏରିଆ–୨.୦୦ ହେକ୍ଟର |
| ୬ | ନୀଳ ବିପ୍ଳବ | ମତ୍ସ୍ୟ ପରିବହନ ନିମନ୍ତେ ଅଟୋରିକ୍ସା ଓ ବରଫ ବାକ୍ସ | ଟ.୨,୦୦,୦୦୦/– | | ସକ୍ରିୟ ମତ୍ସ୍ୟଜୀବୀ/ମତ୍ସ୍ୟ ବିକ୍ରେତା ହୋଇଥିବେ |
| ୭ | ନୀଳ ବିପ୍ଳବ | ମତ୍ସ୍ୟ ପରିବହନ ନିମନ୍ତେ ମଟର ସାଇକେଲ ଓ ବରଫ ବାକ୍ସ | ଟ.୬୦,୦୦୦/– | | ସକ୍ରିୟ ମତ୍ସ୍ୟଜୀବୀ/ ମତ୍ସ୍ୟ ବିକ୍ରେତା ହୋଇଥିବେ |
| ୮ | ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା | ମତ୍ସ୍ୟଜୀବୀଙ୍କ ସନ୍ତାନମାନଙ୍କ ନିମନ୍ତେ ମାଟ୍ରିକ ପରବର୍ତ୍ତୀ ମେଧା ବୃତ୍ତି | ୭୦%ରୁ ଉର୍ଦ୍ଧ୍ୱ ନମ୍ବର– ଟ.୭୫୦୦/– ୬୦%ରୁ ଉର୍ଦ୍ଧ୍ୱ ଓ ୭୦%ରୁ କମ୍– ଟ.୫୦୦୦/– ୫୦%ରୁ ଉର୍ଦ୍ଧ୍ୱ ଓ ୬୦%ରୁ କମ୍– ଟ.୩୦୦୦/– | | +୨ ଶ୍ରେଣୀରେ ନାମ ଲେଖାଇଥିବେ |

ଯୋଜନା ସମ୍ବନ୍ଧୀୟ ବିଶେଷ ବିବରଣୀ ପାଇଁ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ/ ଜିଲାରେ ଅବସ୍ଥାପିତ ଜିଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

**ସୌଜନ୍ୟ: ଜିଲା ମତ୍ସ୍ୟ ଅଧିକାରୀ, କଳାହାଣ୍ଡି, ଟେଲିଫୋନ୍ ନମ୍ବର: ୦୬୬୭୦-୨୩୦୫୩୮**




# ମହାନଦୀରେ ସଙ୍କଟରେ ପଡ଼ିଲେ ହାତୀପଲ

**କଟକ ଅଫିସ/ଆଠଗଡ଼, ୧୫।୧୦(ସ୍ୱ.ପ୍ର.)**

ସୋମବାର ସକାଳୁ ମହାନଦୀରେ ଦେଖିବାକୁ ମିଳିଥିଲା ବିରଳ ଦୃଶ୍ୟ। ମୁଣ୍ଡଳୀ ନିକଟରେ ୫ଟି ହାତୀ ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିବା ଲୋକେ ଦେଖିଥିଲେ। ହାତୀମାନେ କୂଳକୁ ଉଠିବା ପାଇଁ ଚେଷ୍ଟା କରୁଥିବା ବେଳେ ନଦୀ ସ୍ରୋତ ସେମାନଙ୍କୁ ତଳକୁ ଭିଡି ନେଉଥାଏ। ଅନନ୍ତପୁର ନିକଟରେ ଦୁଇଟି ହାତୀ ଅଟକି ଯାଇ ଆଠଗଡ ବନଖଣ୍ଡ ଆଡକୁ ଚାଲିଯାଇଥିଲେ। ବାକି ୩ ହାତୀ ଭାସି ଚାଲିଥିଲେ। ଖବର ପାଇ ଆଠଗଡ଼ ଓ ଚନ୍ଦକା ବନଖଣ୍ଡ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୁଣ୍ଡଳୀ ବ୍ୟାରେଜର ୪ଟି ଗେଟ୍ ବନ୍ଦ କରାଯାଇ ନଦୀର ଜଳସ୍ତର କମାଯାଇଥିଲା। ଫଳରେ ପାଣିରେ ଭାସୁଥିବା ୩ ହାତୀ ନରାଜ ପାଖାପାଖି ପହଞ୍ଚିବା ପରେ ଉପରକୁ ଉଠିଥିଲେ। କାଳେ ହାତୀ ଗ୍ରାମ ଭିତରକୁ ପଶିଯିବେ ତାହାକୁ ନେଇ ନରାଜ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବନ ବିଭାଗର ପ୍ରାୟ ୫୦ଜଣ କର୍ମଚାରୀ ଏହି ହାତୀଙ୍କ ପିଛା କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ୩ ହାତୀ ଚନ୍ଦକାମୁହାଁ ହୋଇ ଗୋବିନ୍ଦପୁର ନିକଟ ଏକ ପାହାଡ ଉପରେ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅନନ୍ତପୁରଠାରେ କୂଳକୁ ଆସିଥିବା ୨ ହାତୀଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏହି ସମୟରେ ଏକ ହାତୀର ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ପ୍ରଥମେ ଆଠଗଡ଼ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ହାତୀପଲ କେଉଁଠୁ ଆସିଲେ ତାହାକୁ ନେଇ ବନ ବିଭାଗର ଦୁଇ ରେଞ୍ଜ ଅଧିକାରୀଙ୍କ ତଥ୍ୟ ଅମେଳ ହୋଇଛି। ଆଠଗଡ଼ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ କହିବାନୁଯାୟୀ, ଏହି ହାତୀପଲ ଚନ୍ଦକା ଅଭୟାରଣ୍ୟରୁ ଆଠଗଡ଼ ଆଡକୁ ଆସୁଥିବା ବେଳେ ନଦୀସ୍ରୋତରେ ଭାସିଯାଇଥିଲେ। ମାତ୍ର ଡମପଡା ରେଞ୍ଜର ସଂଗ୍ରାମ କେଶରୀ ମହାନ୍ତି କୁହନ୍ତି, ଆଠଗଡ଼ ବନଖଣ୍ଡ ଅଞ୍ଚଳରୁ ଏହି ହାତୀପଲ ଚନ୍ଦକା ଆଡକୁ ଆସୁଥିବା ବେଳେ ଏହି ଘଟଣା ଘଟିଛି। ମାତ୍ର ସମସ୍ତ ହାତୀ ସୁରକ୍ଷିତ ଥିବା ବଡ଼ କଥା ବୋଲି ନାୟକ କହିଛନ୍ତି।

■ବହୁଚର୍ଚ୍ଚିତ ପ୍ରଗତିନଗର ମହିଳା ମୃତ୍ୟୁ ଘଟଣା

# ବଡ଼ଯାଆଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ ସାନ ଯାଆ



ଚନ୍ଦ୍ରକାନ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରୁଛି ।

**ଜୁନାଗଡ,୧୫।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମାଟିଗାଁ ପଞ୍ଚାୟତ ପ୍ରଗତିନଗରଠାରେ ଗତ ଫେବୃୟାରୀ ୧୮ ତାରିଖ ସନ୍ଧ୍ୟା ୮ଟାରେ ରାସ୍ତା କଡରେ ଏକ ଘରେ ଏକୁଟିଆ ଥିବା ମହିଳାଙ୍କୁ ହତ୍ୟା ଘଟଣାର ଦୀର୍ଘ ୮ ମାସ ପରେ ପର୍ଦ୍ଦାଫାଶ କରିଛି କ୍ରାଇମ ବ୍ରାଞ୍ଚ ପୋଲିସ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ପୋଲିସ ଦଫା ୪୫୭, ୩୦୨ରେ ଏକ ମାମଲା (ନଂ.୧୫/୨୦୧୮) ରୁଜୁ କରି ସାନଯାଆ ଚନ୍ଦ୍ରକାନ୍ତି ମେହେର ଓ ଜଣେ ନାବାଳକଙ୍କୁ ସୋମବାର ଗିରଫ କରିଛି। ଚନ୍ଦ୍ରକାନ୍ତିଙ୍କୁ ଜୁନାଗଡ ଜେଏମ୍ଏଫ୍ସି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ଖାରଜ ହେବାରୁ ଧର୍ମଗଡ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ କୋର୍ଟକୁ ପଠାଯାଇଛି। ସେଠାରେ ଜାମିନ ଖାରଜ ହେବାରୁ ତାଙ୍କୁ ବ୍ରହ୍ମପୁର ବାଳସ୍ୱଧାର ଗୃହକୁ ପଠାଯାଇଥିବା ଅଭିଯୁକ୍ତଙ୍କ ପକ୍ଷରୁ ଲଢୁଥିବା ଯୁବ ଆଇନଜୀବୀ ଜୟଦେବ ସୁନାନୀ ପ୍ରକାଶ କରିଛନ୍ତି। ଏଥିରେ ବଡଯାଆ ଅର୍ଥାତ୍ ସୂର୍ଯ୍ୟକାନ୍ତିଙ୍କ ମୃତ୍ୟୁର ଷଡଯନ୍ତ୍ର ରଚିଥିଲା ତାଙ୍କ ସାନ ଯାଆ ଚନ୍ଦ୍ରକାନ୍ତି ବୋଲି ପୋଲିସ କହିଛି ।

ଘଟଣାରୁ ପ୍ରକାଶ, ଫେବୃୟାରୀ ୧୮ ତାରିଖ ରାତିରେ ଘରେ କେହି ନ ଥିବା ବେଳେ ପ୍ରଗତିନଗରଠାରେ ରହୁଥିବା ସୋମେଶ୍ୱର ମେହେରଙ୍କ ସ୍ତ୍ରୀ ସୂର୍ଯ୍ୟକାନ୍ତି ମେହେର(୪୫)ଙ୍କୁ ହତ୍ୟାକରି କେହି ଜଣେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ । ରାତିରେ ତାଙ୍କ ସମ୍ପର୍କୀୟ ନାତି ଘରକୁ ଶୋଇବାକୁ ଆସିବା ବେଳେ ସୂର୍ଯ୍ୟକାନ୍ତିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ପ୍ରଥମେ ପରିବାର ଲୋକଙ୍କୁ ଓ ପରେ ପୋଲିସରେ ଖବର ଦେଇଥିଲେ। ୧୯ ତାରିଖ ସକାଳେ ସାଇଣ୍ଟିଫିକ ଟିମ ସହିତ ପୋଲିସ ପହଞ୍ଚି ଶବ ପଞ୍ଚନାମା କରି ତଦନ୍ତ ଜାରି ରଖିଥିଲା । ଗତ ଅଗଷ୍ଟ ୨୫ ତାରିଖରେ ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ପୋଲିସ ମାମଲା (ନଂ.୧୫/୨୦୧୮) ରୁଜୁ କରି ଏକ ୩ ଜଣିଆ ଟିମ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ପକ୍ଷରୁ ଡିଏସ୍ପି ହିମାଂଶୁ ମିଶ୍ରଙ୍କ ନେତୃତ୍ୱରେ ଇନିସପେକ୍ଟର ଅବନ୍ତି ନାୟକ ଓ ସବ୍ ଇନିସପେକ୍ଟର ସୁଧାଂଶୁ ପାତ୍ରଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ତଦନ୍ତରୁ ସୂର୍ଯ୍ୟକାନ୍ତିଙ୍କ ସାନ ଦିଅର ବିପିନଙ୍କ ସ୍ତ୍ରୀ (ଯାଆ) ସହ ମନୋମାଳିନ୍ୟ ଯୋଗୁ ଚନ୍ଦ୍ରକାନ୍ତି ମେହେର ପଡୋଶୀ ଜଣେ ନାବାଳକଙ୍କୁ ଟଙ୍କା ଦେଇ ମାରିବା ପାଇଁ କହିଥିଲେ। ପ୍ରାୟ ୮୦ ହଜାର ଟଙ୍କାର ମୂଲଚାଲ ପରେ ଅଗ୍ରିମ ଟଙ୍କା ପାଇ ସମ୍ପୃକ୍ତ ନାବାଳକ ଘରେ କେହି ନ ଥିବା ସୁଯୋଗ ନେଇ ସୂର୍ଯ୍ୟକାନ୍ତିଙ୍କ ଘରେ ପହଞ୍ଚିଥିଲେ। ପରେ ଏକ ଛୁରି ସାହାଯ୍ୟରେ ପଛପଟୁ ତାଙ୍କ ବେକକୁ କାଟିଥିଲେ। ସୂର୍ଯ୍ୟକାନ୍ତି ଛଟପଟ ହେଉଥିବା ବେଳେ ପଥର ଆଣି ମୁହଁରେ ଛେଚି ଚାଲି ଯାଇଥିବା ସେ ସ୍ୱୀକାର କରିଥିବା ପୋଲିସ କହିଛି। ହତ୍ୟା ପରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୫ ହଜାର ଟଙ୍କା ପାଇଥିବା ସମ୍ପୃକ୍ତ ନାବାଳକ ସ୍ୱୀକାର କରିଛି।

## ୮ମାସ ପରେ ଗୁମର ଖୋଲିଲା କଲା କ୍ରାଇମବ୍ରାଞ୍ଚ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଣସ ଚୋପା,**
**ପର ପୁଅକୁ ପରତେ ନ ଯିବୁରେ ବୋପା !**

ନିଃଶ୍ୱାସକୁ ବିଶ୍ୱାସ ନ ଥାଏ, ତେଣୁ କାହାରିକୁ ବିଶ୍ୱାସ କରିବା ଉଚିତ ହୋଇ ନ ଥାଏ। ସେହିପରି ପର କେବେ ନିଜ ରକ୍ତ ପରି ଆପଣାର ହୋଇପାରନ୍ତି ନାହିଁ। ଏଠାରେ ପୋଷ୍ୟପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୁଅ ନାହିଁ ପୁଅ ପେଟରେ,**
**ପୁଅର ମା' ଖଡୁ ଗଢ଼ାଉଛି,**
**ବନମାଳୀପୁର ହାଟରେ ।**

ନଈ ନ ଦେଖୁଣୁ ନଙ୍ଗଳା ହେବା ପରି ବହୁ ପୂର୍ବରୁ ବ୍ୟସ୍ତ ବିଚଳିତ ହୋଇପଡ଼ିବା ବ୍ୟକ୍ତି ପକ୍ଷେ ଶୋଭନୀୟ ହୋଇ ନ ଥାଏ। ଏପରିସ୍ଥଳେ ପିଲା ଜନ୍ମ ନ ହେଉଣୁ ଆଗରୁ ତା'ପାଇଁ ପ୍ରସ୍ତୁତି କରିବା ବୋକାମିର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ





ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାରରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।

- ଚାଣକ୍ୟ



# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼

## ଅଭିଯୁକ୍ତଙ୍କୁ କାବୁ କଲେ ଲୋକେ

ସମ୍ବଲପୁର,୧୫।୧୦(ବ୍ୟୁରୋ)

ସମ୍ବଲପୁର ସହର ଅଇଁଠାପାଲି ଥାନା ଅନ୍ତର୍ଗତ ଫାଟକ ଡେଲି ମାର୍କେଟରେ ସୋମବାର ସକାଳ ସାଢ଼େ ୭ଟାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଆହତ ଯୁବକ ଜଣକ ହେଲେ ରାମଗଡ଼ପଡ଼ାର ମଣ୍ଟୁ ପୋଡ଼ (୩୦)। ତାଙ୍କ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମଣ୍ଟୁଙ୍କୁ ଗୁଳି ମାଡ଼ କରିଥିବା ପ୍ରଗତିବିହାରର ଶ୍ରୀଧର ଜେନା (୩୭)ଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଶ୍ରୀଧରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବନ୍ଧୁକ ଓ ୨ଟି ଗୁଳି ଜବତ କରିଛି। ଗୁଳିମାଡ଼ କରି ଶ୍ରୀଧର ଖସି ପଳାଉଥିବାବେଳେ ସେଠାରେ ଉପସ୍ଥିତ ଲୋକେ ସାହସ ଜୁଟାଇ ତାଙ୍କୁ କାବୁ କରି ନିସ୍ଥୁକ ମାଡ଼ ମାରିଥିଲେ। ଲୋକଙ୍କ ମାଡ଼ରେ ଶ୍ରୀଧରଙ୍କ ମୁଣ୍ଡ ଫାଟିଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ





ଗୁଳିମାଡ଼ରେ ଆହତ ମଣ୍ଟୁ ପୋଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି(ବାମ)। ଅଭିଯୁକ୍ତ ଶ୍ରୀଧର ଜେନା।

ପହଞ୍ଚି ଶ୍ରୀଧରଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ହେପାଜତକୁ ନେବା ସହ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ଶ୍ରୀଧରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ଏସ୍‌ପି ଅଫିସରେ ଅପରାହ୍ନ ସାଢ଼େ ଗୋଟାଏରେ ପୋଲିସ ଖବରଦାତା ସମ୍ମିଳନୀ ଡାକିଥିଲା। ଏଥିରେ ଏସ୍‌ପି ସଞ୍ଜୀବ ଆରୋରା ଏବଂ ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ଉପସ୍ଥିତ ଥିଲେ। ଖବରଦାତାଙ୍କୁ ସମ୍ବୋଧିତ କରି ଏସ୍‌ପି ଆରୋରା କହିଥିଲେ ଯେ ଗୁଳିମାଡ଼ର ଶିକାର ହୋଇଥିବା ମଣ୍ଟୁ ଜଣେ ପରିବା ବ୍ୟବସାୟୀ। ମଣ୍ଟୁ ଓ ଶ୍ରୀଧରଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଏହି କାରଣରୁ ହିଁ ଗୁଳିକାଣ୍ଡ ଘଟିଛି। ଏ ନେଇ ଅଇଁଠାପାଲି ଥାନାରେ ଏକ ମାମଲା (ନଂ ୩୯୫/୧୮) ରୁଜୁ କରାଯାଇଛି। ଶ୍ରୀଧରଙ୍କ ନାମରେ ପୂର୍ବରୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ଗାଡି ଚଳାଚଳ ଉପରେ କଟକଣା

ସମ୍ବଲପୁର,୧୫।୧୦(ବ୍ୟୁରୋ)

ସମ୍ବଲପୁର ସହରରେ ଦୁର୍ଗାପୂଜା ପାଇଁ ଟ୍ରାଫିକ ବ୍ୟବସ୍ଥାର କେତେକ ପରିବର୍ତ୍ତନ କରାଯାଇଛି। ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ଗାଡି ଚଳାଚଳ ନିୟମ ଉପରେ ପରିବର୍ତ୍ତନ କରିଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପୂଜା ସମୟରେ ସହର ଭିତରକୁ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ । କେବଳ ୪୦୭ ଓ ୨୦୭ ଭଳି ମିନିଟ୍ରକ୍‌ଗାଡିକୁ ବ୍ୟବସାୟୀମାନେ ବ୍ୟବହାର କରିପାରିବେ। ରାତି ୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଏହି ମିନି ଟ୍ରକ୍‌ଗୁଡିକ ଚଳାଚଳ କରିପାରିବ। ପୂର୍ବରୁ ରାତ୍ରୀକାଳୀନ ବସ୍‌ଗୁଡିକ ସମ୍ବଲପୁର ଓ ଧନୁପାଲି ଛକ ଦେଇ ଆସୁଥିଲା। ଏବେ ତାହା ସିନ୍ଦୂରପଙ୍କ ଚୌଧୁରୀଛକ-ଜୟନ୍ତପୁର ଛକ-ମାନେଶ୍ୱର ଦେଇ ଭୁବନେଶ୍ୱର ପଟକୁ ଯିବ। ସେହିପରି ଭୁବନେଶ୍ୱର ପଟୁ ଆସୁଥିବା ଟ୍ରକ୍, ବସ୍ ଓ ଭାରି ଯାନ ଗୁଡିକ ମାନେଶ୍ୱର ଛକ ଓ ଅଇଁଠାପାଲି ପଟ ଦେଇ ସମ୍ବଲପୁର ଝାରସୁଗୁଡା ଓ ବରଗଡ ଯିବ । ହେଲେ ହାଲୁକା ଗାଡି ଗୁଡିକ ଚୌଧୁରୀ ଛକ ଦେଇ ଫୁଟିବନ୍ଧ ଓ ମହାବୀର ପଡା ଆସି ଜାତୀୟ ରାଜପଥରେ ପହଞ୍ଚିବେ । କୌଣସି ଗାଡିକୁ ଗୋଲବଜାର, ପିରବାବା ଛକ, ମ୍ୟୁନିସିପାଲଟି, ସାନସଡକ, ବଡସଡକ ଆଡକୁ ଛଡାଯିବ ନାହିଁ । କାର ଓ ଅଟୋ ରାଜା ବଗିଚା କମଳିବଜାର ପର୍ଯ୍ୟନ୍ତ ଆସି ପାରିବ । ହେଲେ ଅନ୍ୟ ରାସ୍ତାଦେଇ ଯିବାକୁ ପଡିବ । ରାତି ଗୋଟାଏ ପରେ କ୍ଷେତରାଜପୁର-ଦୁର୍ଗାପାଲି ରିଂରୋଡ ରାସ୍ତା ଖୋଲା ଯିବ । ଧନୁପାଲି ଓ ଗୋବିନ୍ଦଟୁଲାରେ କୌଣସି ଗାଡି ଯିବା ଆସିବା କରିପାରିବ ନାହିଁ । କେବଳ ଚାରଭାଟି ବ୍ରିଜ ପର୍ଯ୍ୟନ୍ତ ପାର୍କିଂ ପାଇଁ ଯାଇପାରିବ।

# ଡଙ୍ଗର ଯାତ୍ରାରେ ବୋଦ, ଗର୍‌ରା ବଳି

ରିଷିଡ଼ା,୧୫।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ନିକଟସ୍ଥ ବଡଡୁଙ୍ଗୁରୀଗୁଡ଼ାଠାରେ ମଙ୍ଗଳବାର ଡଙ୍ଗର ଯାତ୍ରା ଅବସରରେ ଗୋଟିଏ ଗର୍‌ରା ବଳି ଦିଆଯାଇଛି । ସିକଲାପଟେନ ପୀଠରେ ଆୟୋଜିତ ଏହି ଯାତ୍ରାରେ ପୂଜାର୍ଚ୍ଚନା ସ୍ଥାନୀୟ ଦିହାରୀ (ପୂଜାରୀ) କରିଥିଲେ । ବାମନ ବୁଢା ଓ ସିକଲାପଟେନ ପୂଜାର୍ଚ୍ଚନାରେ ଏହି ଯାତ୍ରା ଅନେକ ବର୍ଷ ହେଲା ଚାଲିଆସିଛି । ସେଥିପାଇଁ ଆଖପାଖର ଲୋକେ ଏହି ଯାତ୍ରାରେ ଉପସ୍ଥିତ ରହି ନଡିଆ, କୁକୁଡ଼ା ବଳି ଦିଆଯାଇଥିଲା ।

## ସଂକ୍ଷେପରେ

### କଥାଭାଙ୍ଗିଲା ପର୍‌ଶାସନ, ରାସ୍‌ତା ସଜାଲେ ଗାଁବାସୀ

ସମ୍ବଲପୁର,୧୫।୧୦(ବ୍ୟୁରୋ)- ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ତବଲା ପଁନ୍‌ଚେତ କୁଠେଲ ଗାଁକେ ରାସ୍‌ତାଟେ ତିଆର କରବାର ଲାଗି ଗାଁବାସୀ ଜିଲା ଆର୍ ବ୍ଲକ୍ ପର୍‌ଶାସନକେ ବହୁତ୍ ଥର ଗୁହାରି କରିଥିଲେ। ଜିଲାପାଳ ସମର୍ଥ ବର୍ମା, ବିଡିଓ ପଙ୍କଜ ପ୍ରଧାନ, ପୂର୍‌ବର ଜିଲା ପରିଷଦ ସଭ୍ୟା ନୂଆଁଦେଇ ପ୍ରଧାନ ଗାଁକେ ପରିଦର୍‌ଶନ କରିଥିଲେ। ସେ ସମିଆରେ ଇ ରାସ୍‌ତା ତିଆରି ଲାଗି ଇମାନେ ସଭେ କଥା ଦେଇଥିଲେ। ହେଲେ ଆଏଜ୍‌କେ ହେନ୍‌ଥେଇ ୨ ବଛର ବିତି ଯାଇଥିଲେ ବି ପର୍‌ଶାସନ ତାର କଥା ରଖି ନାଇଁପାରଲା। ଯିବା ଆଏବାରେ ବଡା ଅସ୍‌ବିଧା ହେଉଥିବାର ଲାଗି ସୋମବାର ଗାଁବାସୀ ରାସ୍‌ତାକେ ସଜେଇଛନ୍। ରୁଗ୍‌ଡି ପକେଇ ଖାଲଖମା ରାସ୍‌ତାକେ ଚପଟ୍ କରିଛନ୍। ଇ ଗାଁରେ ୮୦ ପରିବାର୍‌ର ପାଖାପାଖି ୫୦୦ ଲୋକ୍ ରହୁଛନ୍। ଗାଁକେ ଯିବାକେ ହେଲେ ଇଟା ଗୁଟେନ ରାସ୍‌ତା। ଇ ରାସ୍‌ତା ମରାମତି କାମ୍ ଗାଁର ସୁଦର୍ଶନ ମୁଣ୍ଡା, କାହ୍ନା ମୁଣ୍ଡା, ମହେନ୍ଦ୍ର ମୁଣ୍ଡା, ଗୁରୁ ଚନ୍ଦନ ମୁଣ୍ଡା ପର୍‌ମୁଖର୍ଙ୍କର ମଂଗୁଆଲତିରେ ଗାଁର ଯୁବକ୍‌ମାନେ ଶ୍ରମଦାନ୍ କରିଥିଲେ।

### ଅବଦୁଲ କଲାମ୍‌ଙ୍କ ଜୟନ୍ତୀ

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଅବଦୁଲ କଲାମଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି । ଜିଲା ସ୍କୁଲ ଛକସ୍ଥିତ କଲାମଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସଭା ଓ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ସାଧାରଣ ସମ୍ପାଦକ ବୋଧରାମ ଦାଶ ସୂଚନା ପ୍ରଦାନ କରିଥିଲେ । ଡ. ସନ୍ତୋଷ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ କୁମାର ପାଢ଼ିଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଆୟୋଜିତ ବକ୍ତୃତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଚାଷୀଙ୍କୁ ଲୁଟୁଛି ଦୁଗ୍ଧ ସଂଗ୍ରହକାରୀ ସଂସ୍ଥା

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମର ଗୋ-ପାଳକମାନେ ଦୁଗ୍ଧ ଉତ୍ପାଦନ କରୁଛନ୍ତି । ସେମାନେ ପୂର୍ବରୁ ଓମଫେଡକୁ ଦୁଗ୍ଧ ବିକ୍ରୟ କରୁଥିଲେ । କିନ୍ତୁ ପରବର୍ତ୍ତି ସମୟରେ ଦୁଗ୍ଧ ଚାଷୀମାନେ ଅନ୍ୟ ଏକ ସଂସ୍ଥାକୁ ବିକ୍ରି କରୁଛନ୍ତି । ପୂର୍ବରୁ ସଂପୃକ୍ତ ସଂସ୍ଥା ଅଧିକ ଟଙ୍କା ଦେବାକୁ ଲୋଭ ଦେଖାଇଥିଲା । ଏଥିସହ ପ୍ରତି ୧୦ ଦିନରେ ଚାଷୀଙ୍କୁ ଟଙ୍କା ମଧ ପଇଠ କରୁଥିଲା । କିନ୍ତୁ ପରିତାପର ବିଷୟ ଯେ, ମେ ୧୧ ତାରିଖରୁ ଆଜି ପର୍ଯ୍ୟନ୍ତ ୩୦ଜଣ ଚାଷୀଙ୍କ ମୋଟ ୪ଲକ୍ଷ ୮୯ ହଜାର ୬୪୦ଟଙ୍କା ଦେଇନି। ସଂପୃକ୍ତ ସଂସ୍ଥାର କର୍ମଚାରୀଙ୍କୁ ଯୋଗାଯୋଗ କଲେ ଧରାଛୁଆଁ ଦେଉନାହାନ୍ତି । ଏନେଇ ସୋମବାର ଦୁଗ୍ଧ ଚାଷୀମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ରାମ୍‌ଲୀଲା ପାଇଁ ରାବଣ ବରଣ

ପଡିଆବାହାଲ,୧୫।୧୦(ଡି.ଏନ.ଏ.)

ପଡିଆବାହାଲ ଦୁର୍ଗାପୂଜା କମିଟି ତରଫରୁ ଦୁର୍ଗା ପୂଜା ଅବସରରେ ଅନୁଷ୍ଠିତ ହେବାକୁ ଥିବା ରାମଲୀଲା ପାଇଁ ରାବଣ ବରଣ କରାଯାଇଛି। କବରାପାଲି ଗ୍ରାମର ମେଘନାଦ ବାଗ୍ଙ୍କୁ ରାବଣ ରୂପେ ଶ୍ରୀଫଳ, ଅଙ୍ଗବସ୍ତ୍ର, ପୁଷ୍ପମାଲ୍ୟ ଦେଇ ବରଣ କରାଯାଇଛି । ଏହି ଉପଲକ୍ଷେ କମିଟି ତରଫରୁ ଦୁଲଦୁଲି ବାଜା ସହ ଏକ ଭବ୍ୟ ଶୋଭାଯାତ୍ରା ପଡିଆବାହାଲରୁ ବାହାରି ମେଘନାଦଙ୍କ ଗ୍ରାମ ପରିକ୍ରମା କରି ତାଙ୍କ ଘରେ ପହଞ୍ଚିଥିଲା । କମିଟି ତରଫରୁ ପ୍ରଦୀପ ପଧାନ ଓ ଅଶ୍ୱିନୀ ମିଶ୍ର ତାଙ୍କୁ ବରଣ କରିଥିଲେ। ୧୯ ତାରିଖ ରାବଣ ବଧ ସହ ଆତସବାଜି କାର୍ଯ୍ୟକ୍ରମ ରହିଛି।

# ଯୁଯୁମୁରାରେ ଦୁର୍ଗାପୂଜା ପାଇଁ କଳସ ଯାତ୍ରା



ସମ୍ବଲପୁର ଯୁଯୁମୁରାରେ ଦୁର୍ଗା ପୂଜା ପାଇଁ କଳସଯାତ୍ରାରେ ଶ୍ରଦ୍ଧାଳୁ ।

ସମ୍ବଲପୁର,୧୫।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରାରେ ଦୁର୍ଗାପୂଜା ପାଇଁ ପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ସୋମବାର ସକାଳେ ସ୍ଥାନୀୟ କପିଳେଶ୍ୱର ବାବାଙ୍କ ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଘଣ୍ଟ, ଶଙ୍ଖ, ଦୁଲଦୁଲି ବଜା ସହ କଳସ ଶୋଭାଯାତ୍ରା ଆଗକୁ ବଢିଥିଲା । ମନ୍ଦିର ପରିସର ପୋଖରୀରୁ ପାଣି ବୁଡାଇ ଶ୍ରଦ୍ଧାଳୁ ଗ୍ରାମ ପରିକ୍ରମା କରବା ସହ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ କଳସ ସ୍ଥାପନ କରାଇଥିଲା। କଳସ ସ୍ଥାପନା ପରେ ମଣ୍ଡପରେ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ଓ କ୍ଷେତ୍ରପାଳ ନନ୍ଦ ପୂଜା ଆରମ୍ଭ କରିଥିଲେ । ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଚଣ୍ଡିପାଠ କରାଯାଇଥିଲା। ବରୁଣ ଦେହୁରୀ ଓ ତାଙ୍କ ସ୍ତ୍ରୀ ରଶ୍ମିତା କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ।

# ଆଜି ଭାଇଜିଉଁନ୍ତିଆ

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ସମ୍ବଲପୁରରେ ସୋମବାର ଦେବୀ ପୀଠ ଓ କେତେକ ଦୁର୍ଗା ମଣ୍ଡପରେ ଷଷ୍ଠୀ ଏବଂ ସପ୍ତମୀ ପୂଜା ହୋଇଛି। ମଙ୍ଗଳବାର ଅଷ୍ଟମ ତିଥିରେ ଭାଇଜିଉଁନ୍ତିଆ ହେବ। ଏଥିପାଇଁ ଭଉଣୀମାନେ ଆସି ପହଞ୍ଚିଛନ୍ତି। ଏହି ପର୍ବକୁ ଦୃଷ୍ଟିରେ ରଖି ଗୋଲବଜାର ସମେତ ସହରର ବିଭିନ୍ନ ଛକ ଗୁଡିକରେ ଭାଇଜିଉଁନ୍ତିଆ ହାଟ ହୋଇଛି। ସମ୍ବଲପୁରୀ ବସ୍ତ୍ରାଳୟ ଗୁଡିକରେ ଦିନ ତମାମ ଭିଡ ଦେଖିବାକୁ ମିଳିଥିଲା । ଅପରପକ୍ଷେ ସହରରେ ୫୨ଟି ଦୁର୍ଗା ମଣ୍ଡପ ସୁସଜ୍ଜିତ ହୋଇଛି । ଆଲୋକମାଳାରେ ସହର ଝଲସି ଉଠୁଛି। ଭଉଣୀମାନଙ୍କ ଆଗମନରେ ପ୍ରତ୍ୟେକ ପରିବାର ଖୁସିର ମାହୋଲ ହୋଇଛି । କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ ଉତ୍ସବ ଓ ଗୋବିନ୍ଦତୋଲା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦଶହରା ମାହୋଲକୁ ଅଧିକ ଆକର୍ଷଣୀୟ କରିଛି । ଗୋବିନ୍ଦତୋଲାରେ ଦେବୀ ଭୁବନେଶ୍ୱରୀଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି । କାଳୀବାଡିଠାରେ ଦୁର୍ଗାରୂପି ବିଲ୍ୱ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଷଷ୍ଠୀ ପୂଜାର ବୋଧନ, ଆମନ୍ତ୍ରଣ ଓ ଅଧିବାସ ନୀତି ସଂପନ୍ନ ହୋଇଛି । କଲିକତାର ପଣ୍ଡିତ ତାପସ ମିଶ୍ର ଓ ତନ୍ତ୍ର ଧାରକ କ୍ରିଷ୍ଣାନ୍ଦୁ ଚୌଧୁରୀ ପୂଜା କାର୍ଯ୍ୟ କରିଥିଲେ।

# ଭୂଷଣ, ଶ୍ୟାମ ମେଟାଲିକ୍ସରେ ମକ୍ ଡ୍ରିଲ୍

# ସୁରକ୍ଷା ପାଇଁ କାରଖାନା କର୍ମଚାରୀଙ୍କୁ ସଚେତନ କରାଗଲା

ସମ୍ବଲପୁର/ରେଙ୍ଗାଲି, ୧୫।୧୦(ବ୍ୟୁରୋ/ଡି.ଏନ.ଏ.)

ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ (ବିପିଏସଏଲ) ପକ୍ଷରୁ ସୋମବାର ସୁରକ୍ଷା ସଚେତନତା ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ବିପିଏସଏଲ କୋକ୍ ଓଭନ୍-୨ କମ୍ପ୍ଲେକ୍ସଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଗ୍ୟାସ ଲିକେଜ୍ ହୋଇ ନିଆଁ ଲାଗିବା ପରେ କିପରି ଲିଭା ଯାଇପାରିବ ସେ ନେଇ କର୍ମଚାରୀମାନଙ୍କୁ ମକ୍ ଡ୍ରିଲ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା । ଶିଳ୍ପ ଓ ବାଷ୍ପ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସରେ ମଧ ସୋମବାର ଶ୍ରମିକ ସୁରକ୍ଷା ମକଡିଲ କାର୍ଯ୍ୟକ୍ରମ ହୋଇଥିଲା । ଆପତ୍ତ କାଳୀନ ସମୟରେ କିଭଳି ଭାବେ ଉଦ୍ଧାର କରାଯିବ ସେ ଉପରେ ମକଡ୍ରିଲ କରାଯାଇଥିଲା । ଏହା ସହ କୌଣସି ଦୁର୍ଘଣା ବେଳେ କିଭଳି ସୁରକ୍ଷା ଲାଗି ପଦକ୍ଷେପ ନିଆଯିବ ସେ ଦିଗରେ କର୍ମଚାରୀଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫାକ୍ଟ୍ରି ଓ ବଏଲର ସହ ପରିଚାଳକ ଅନିଲ କୁମାର ନନ୍ଦ ଯୋଗ ଦେଇଥିଲେ । ରମେଶ ବାବୁ, ଚନ୍ଦ୍ରକାନ୍ତ ନାଇଡୁ ଉପସ୍ଥିତ ଥିଲେ । କମ୍ପାନୀର ସୁରକ୍ଷା ଓ ପରିବେଶ ବିଭାଗର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ । ସୁରଜିତ ପଡପଣ୍ଡା ମକଡ୍ରିଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସମ୍ବଲପୁର ଶ୍ୟାମ ମେଟାଲିକ୍ସରେ ମକଡ୍ରିଲ କାର୍ଯ୍ୟକ୍ରମରେ ଅତିଥିମାନେ।

# କାନଭାସରେ ମା' ଦୁର୍ଗାଙ୍କ ଛବି

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ଗୋବିନ୍ଦତୋଲା ପୂଜା ମଣ୍ଡପ ପରିସରରେ କାନଭାସରେ ମା' ଦଶଭୁଜାଙ୍କ ଚିତ୍ର ଦେଖିବାକୁ ମିଳିଛି। କଳା ଓ କଳାକାର ଅନୁଷ୍ଠାନର ସଞ୍ଜୟ ସାହୁ, ଜଗନ୍ନାଥ ବେହେରା, ସୁମନ ପାଲ, ରାଧାରମଣ ମୁଦୁଲି, କୁଳଦୀପ ବର୍ମା, ନିତ୍ୟାନନ୍ଦ ପଣ୍ଡା, ମହମ୍ମଦ କାସିମ, ଆଶିଷ ମେହେର, ଆୟୁଷ୍ମାନ ଦାଶ, ରୋଶନ ଦାଶ, ସୁମନ ବେରା, ରାଜେଶ ବଡ଼େଇ, ଏମ ଦତ୍ତାତ୍ରେୟ ବୈଠାରୁ, ଦେବେନ୍ଦ୍ର ସାହୁ, ଅପର୍ଣ୍ଣା ପଣ୍ଡା, ନିତୁ ଶର୍ମା, ନମ୍ରତା ନାୟକ, ଦେବୀଚନରାଣୀ ଦ୍ୱିବେଦୀ, ମିନାକ୍ଷୀ ପାଣିଗ୍ରାହୀ, ସୌମ୍ୟାଶ୍ରୀ ପ୍ରଧାନ, ଚିରୋଦିନ ବେହେରା ପ୍ରମୁଖ ଚିତ୍ରଶିଳ୍ପୀମାନେ ଏଥିରେ ଭାଗ ନେଇ ମା' ଦୁର୍ଗାଙ୍କ ଚିତ୍ର ଆଙ୍କିଥିଲେ । ପ୍ରଶାନ୍ତ ମାଝି, ଗୌରୀ ପଣ୍ଡା, ଦେବେନ୍ଦ୍ର ମହାପାତ୍ର, ପ୍ରଦୀପ ପାଢ଼ୀ, ସୂର୍ଯ୍ୟ ପାଣିଗ୍ରାହୀ, ବାଙ୍କ ବିହାରୀ ପଣ୍ଡା, ରବୀନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ସୋମବାର ଗୋବିନ୍ଦତୋଲା ଦୁର୍ଗାପୂଜା ମଣ୍ଡପ ପରିସରରେ କାନଭାସରେ ଦଶଭୁଜା ।

# କଳସ ଶୋଭାଯାତ୍ରା, ଅଧିବାସ

ଦେବଗଡ,୧୫।୧୦(ସ୍ୱ.ପ୍ର)

ଦେବଗଡ଼ ମନୋରମା କ୍ଲବ ମଠ ସାହିରେ ନବନିର୍ମିତ ମା' କନକ ଦୁର୍ଗା ମନ୍ଦିରରେ ସୋମବାର କଳସ ଶୋଭାଯାତ୍ରା ସହ ଅଧିବାସ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନପାଟ ଜଳପ୍ରପାତରୁ କଳସରେ ପାଣି ଆଣି ମା' ପଧାନୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶୋଭାଯାତ୍ରା ନଗର ପରିକ୍ରମା କରି ମନ୍ଦିରରେ ପହଞ୍ଚି କଳସ ସ୍ଥାପନ କରାଯାଇଥିଲା। ମା' କନକ ଦୁର୍ଗା ମନ୍ଦିର ପୂଜା ପାଇଁ ନୟାଗଡ଼ ଜିଲା ରଣପୁର ଗ୍ରାମର ପଣ୍ଡିତ ଦୀନବନ୍ଧୁ ଶତପଥୀ ପୂଜକ ଭାବେ ଯୋଗ ଦେଇଥିବା ବେଳେ କର୍ତ୍ତା ସରୋଜ ମେହେର ତାଙ୍କ ସ୍ତ୍ରୀ କିଶୋରୀ ମେହେର ଦାୟିତ୍ୱ ତୁଲାଉଛନ୍ତି। ସପ୍ତମୀ, ଅଷ୍ଟମୀ, ନବମୀ ଓ ଦଶମୀ ତିଥୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ ସମାରୋହ, ଅନ୍ନପ୍ରସାଦ ବଣ୍ଟନ, ରାବଣ ପୋଡି ଆଦି କାର୍ଯ୍ୟକ୍ରମ ରଖାଯାଇଛି।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ରଙ୍ଗିଆଟିକ୍ରା ଚାମ୍ପିୟନ

ଦେବଗଡ଼,୧୫।୧୦(ସ୍ୱ.ପ୍ର.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ଝରାଗୋଗୁଆ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ୫ଦିନିଆ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରଙ୍ଗିଆଟିକ୍ରା(ଝରାଗୋଗୁଆ) ଏବଂ ତେଲିକୁସମ ନେହେରୁ କ୍ଲବ ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲରେ ରଙ୍ଗିଆଟିକ୍ରା ଦଳ ୧-୦ ଗୋଲାରେ ତେଲିକୁସମ ଦଳକୁ ପରାସ୍ତ କରି ଚାମ୍ପିୟନ ବିବେଚିତ ହୋଇଥିଲା। ରେଫରି ଭାବେ ଚକ୍ରଧର କିଷାନ ଓ ବିପିନ କିଷାନ, ବିରାଜ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଖେଳ ଆୟୋଜନରେ କ୍ଲବ ସଭାପତି ବିପିନ କିଷାନ, ସମ୍ପାଦକ ଦୀପକ କଷାନ, ସୁଶାନ୍ତ, ରଘୁ, ହୃଷୀକେଶ, ଗୌରାଙ୍ଗ, ରଞ୍ଜନ, ପ୍ରମୋଦ, ବିକାଶଙ୍କ ସମେତ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଉଦ୍‌ବୋଧନ ଦେଇଥିଲେ। ସେହିପରି ଝରାଗୋଗୁଆ ସରପଞ୍ଚ ନୃସିଂହ ନାୟକ, ଯୋଗେଶ ପ୍ରଧାନ, ଶ୍ରଦ୍ଧାକର ବାରିକ, ବିଭୂତି ପଟଲେ, ବିଜୟ ଠାକୁର ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ବାଲିବନ୍ଧାରେ ଟ୍ରାଫିକ ପାର୍କ ଉଦ୍‌ଘାଟିତ

ସମ୍ବଲପୁର, ୧୫।୧୦ (ବ୍ୟୁରୋ)

ମହାନଦୀ ବାଲିବନ୍ଧାଠାରେ ଟ୍ରାଫିକ ପାର୍କ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ଜିଲାପାଳ ସମର୍ଥ ବର୍ମା, ଡିଏଫଓ ଡ. ସଞ୍ଜିତ କୁମାର, ସମ୍ବଲପୁର ଏସପି ସଞ୍ଜିବ ଅରୋରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ସୁଧାଂଶୁ ଭୋଇ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏମଆର ଦାଶ, ଆସିଷ୍ଟାଣ୍ଟ ଇଂ. ବି.ବି. ମହାନ୍ତି, ଜୟଦେବ ପଣ୍ଡା, ସନ୍ତୋଷ କୁମାର ଖୁଣ୍ଟିଆ, ସୁଧାସିନ୍ଧୁ ଖୁଣ୍ଟିଆ, ସୌମ୍ୟରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହୋଇଛି । ଏଥିରେ ଟ୍ରାଫିକ ନିୟମ, ସଡକ ସୁରକ୍ଷା, ସିଗନାଲ ନିୟମ ସମେତ ଟ୍ରାଫିକ ସମ୍ପର୍କିତ ଶିକ୍ଷଣୀୟ ବିଷୟ ରହିଛି ।

# ତିଲେଇବଣି ବ୍ଲକ: ଜିଲା ବିଜେଡିର ଜନସମ୍ପର୍କ ପଦଯାତ୍ରା

ଦେବଗଡ଼,୧୫।୧୦(ସ୍ୱ.ପ୍ର.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ଡିମିରକୁଦା, ଲଇମୁରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜିଲା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। ଜିଲା ସଭାପତି ସୁଧୀର କପରଦାରଙ୍କ ନେତୃତ୍ୱରେ ଗ୍ରାମଗୁଡିକରେ ପଦଯାତ୍ରା ସହିତ ପଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଭୂତି ଗଙ୍ଗଦେବ, ଇଂ. ବିଷ୍ଣୁପ୍ରସାଦ ଅମାତ୍ୟ, ଚିତ୍ତରଞ୍ଜନ ପ୍ରଧାନ, ଆଲୋକ ଅମାନ୍ତ, ତିଲେଇବଣି ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଏସ୍‌ଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଜିଲା ମହିଳା ସଭାନେତ୍ରୀ ପ୍ରମିଳା ଟିଗା, ତିଲେଇବଣି ବ୍ଲକ ସଭାପତି ବାବୁଲାଲ ପୃଷେଠ, ଚନ୍ଦ୍ରଶେଖର ଭୁକ୍ତା, ଲଳିତ ପାଲ, ଶୁକଦେବ ଭଞ୍ଜ, ସମିତି ସଭ୍ୟ ଭଦ୍ର କିଷାନ, ଘନେଶ୍ୱର ନାୟକ, ଡିମିରିକୁଦା ସରପଞ୍ଚ କୁମୁଦିନୀ ନାୟକ, ବିକାଶ ମିଶ୍ରଙ୍କ ସମେତ ଅନ୍ୟ ଦଳୀୟ କର୍ମୀ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ।




ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା।



**ଆମ ଗାଁ ଆମ ବିକାଶ** :ଗାଁର ଉନ୍ନତି ପାଇଁ ଗାଁ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସିଧାସଳଖ କଥାବାର୍ତ୍ତା କ୍ରମେ ପ୍ରକଳ୍ପ ମଞ୍ଜୁର



ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା : **ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**



**ଖାଦ୍ୟ ସୁରକ୍ଷା ଯୋଜନା** : ରାଜ୍ୟର ଜଣେ ହେଲେ ବି ଲୋକଙ୍କୁ ଅନାହାରରେ ରହିବାକୁ ଦିଆଯିବ ନାହିଁ



ଜଳସେଚନ କ୍ଷେତ୍ରରେ ଯୁଗାନ୍ତକାରୀ ପ୍ରୟାସ : **ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ**



ପଞ୍ଚସଖାଙ୍କ ସାଧନାପୀଠ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ



ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆସ୍ଥାଭାଜନ ଓ ସମ୍ମାନର ପାତ୍ର ହୋଇପାରିଛନ୍ତି : ଦଲାଇଲାମା



ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ସୁଯୋଗ : ପ୍ରତିଶ୍ରୁତି ରକ୍ଷାକଲେ ମୁଖ୍ୟମନ୍ତ୍ରୀ




ଅତ୍ୟାଧୁନିକ ହକି କମ୍ପ୍ଲେକ୍ସର ଉଦ୍‌ଘାଟନ : ରାଜଧାନୀ ଭୁବନେଶ୍ୱର ଆଜି ଦେଶର କ୍ରୀଡ଼ା ହବ୍



ଓଡ଼ିଶାକୁ ଗଢ଼ିବେ ନିର୍ମାଣ ଶ୍ରମିକ, ସେମାନଙ୍କ ପିଲାଙ୍କ ଭବିଷ୍ୟତ ଦାୟିତ୍ୱ ଆମ ମୁଖ୍ୟମନ୍ତ୍ରୀଙ୍କର




ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପାଇଁ ପୁଞ୍ଜିନିବେଶକମାନଙ୍କ ଗହଣରେ ଆମ ମୁଖ୍ୟମନ୍ତ୍ରୀ



ମହିଳା ସଶକ୍ତିକରଣର ପ୍ରଭାବୀ ପ୍ରୟାସ : **ମିଶନ ଶକ୍ତି**

ସଂଭ୍ରାନ୍ତ ପରିବାରରୁ ଆପଣ ହିଁ ଗ୍ରହଣ କଲେ ଆହ୍ୱାନ । ମହାବାତ୍ୟାର ଦାରୁଣ ଆଘାତରେ ବିଧ୍ୱସ୍ତ ଓଡ଼ିଶାର ପୁନରୁତ୍‌ଥାନ ପାଇଁ ଅସୀମ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶନ ପୂର୍ବକ ଆପଣ ଆରମ୍ଭ କରିଛନ୍ତି ବିକାଶର ମହାପର୍ବ ।

ଆପଣଙ୍କ ବ୍ୟକ୍ତିତ୍ୱ ହେଉଛି ନେତୃତ୍ୱ ଓ କାର୍ଯ୍ୟାନ୍ୱୟନର ଯୁଗଳବନ୍ଦୀ । ଆପଣଙ୍କ ସ୍ୱଚ୍ଛ ପ୍ରଶାସନ, ରାଜନୀତିକ ସୌଜନ୍ୟ, ମୂଲ୍ୟବୋଧ ଓ ଅପରିମିତ ଦୂରଦୃଷ୍ଟି ବଳରେ ଆଜି ଓଡ଼ିଶା ଦେଶର ଅନ୍ୟତମ ସମୃଦ୍ଧ ରାଜ୍ୟ ଭାବେ ପ୍ରତିଷ୍ଠିତ ।

ରାଜ୍ୟବାସୀଙ୍କ ସହଯୋଗ ଓ ସଦିଚ୍ଛାକୁ ପାଥେୟ କରି ସେମାନଙ୍କ ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ନିମନ୍ତେ ଦୃଢ଼ ନେତୃତ୍ୱ ଆପଣଙ୍କୁ ଦେଶର ଆଦର୍ଶ ମୁଖ୍ୟମନ୍ତ୍ରୀ, ଶ୍ରେଷ୍ଠ ପ୍ରଶାସକ ଭାବରେ ପ୍ରତିଷ୍ଠିତ କରିଛି ।




ଦକ୍ଷ ଓଡ଼ିଶା : **ସ୍କିଲ୍‌ଡ୍ ଇନ୍ ଓଡ଼ିଶା**
ଦକ୍ଷତା ବିକାଶରେ ଓଡ଼ିଶା ଆଜି ଦେଶରେ ଅଗ୍ରଣୀ



**କୃଷି ଓ କୃଷକଙ୍କ ସଶକ୍ତିକରଣ** : କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଭାବବିନିମୟ




ନବୀନ ପଟ୍ଟନାୟକ : ଶ୍ରେଷ୍ଠ ପ୍ରଶାସକ



ନବୀନ ପଟ୍ଟନାୟକ : ଆଦର୍ଶ ମୁଖ୍ୟମନ୍ତ୍ରୀ



ସମ୍ମାନର ସହ ବଞ୍ଚିବାର ଅଧିକାର : ବସ୍ତିବାସିନ୍ଦାଙ୍କୁ ଜମି ଓ ଘର ସୁବିଧା ପାଇଁ **ଜାଗା** ଯୋଜନା

## ଆଜି ଆପଣଙ୍କ ଜନ୍ମତିଥିରେ ଶୁଭକାମନା ।



# ପୂଜା ଶପିଂ

ଦଶହରା ପାଇଁ ଝଲସୁଛି ଦେବୀପୀଠ। ଗାଁରୁ ସହର ପର୍ଯ୍ୟନ୍ତ ବେଶ୍ ଚଳଚଞ୍ଚଳ। କେବଳ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଦେଖିବାରେ ନୁହେଁ, ବରଂ ଶପିଂ ପାଇଁ ମାର୍କେଟରେ ମହିଳାମାନଙ୍କ ଭିଡ଼ ଜମିବାରେ ଲାଗିଛି। ଏହି ସମୟରେ ସାମାନ୍ୟ ଅସାବଧାନ ରହିଲେ ଠକାମିର ଶିକାର ହେବା ଆଶଙ୍କା ରହିଛି। ତେବେ ଏହି ସମୟରେ କି କି ସତର୍କତା ଅବଲମ୍ବନ କରିବେ ସେ ସମ୍ପର୍କରେ...

- ପୂଜା ପାଇଁ ମାର୍କେଟରେ ପ୍ରବଳ ଗହଳି ଥାଏ। ଏଭଳି ଗହଳିରେ ଚୋରି କିମ୍ବା ଲୁଟ୍ ହେବା ସମ୍ଭାବନା ଥାଏ। ସେଥିପାଇଁ ସୁନାଗହଣା ବଦଳରେ ଇମିଟେସନ ପିନ୍ଧନ୍ତୁ। ସାଙ୍ଗରେ କ୍ୟାଶ୍ ନ ନେଇ ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ନିଅନ୍ତୁ।
- ଆପଣଙ୍କ ଇଚ୍ଛା ଏବଂ ଆବଶ୍ୟକତା ମଧ୍ୟରେ ଫରକ୍ ଜାଣନ୍ତୁ। ପ୍ରଥମେ ବଜେଟ ନିର୍ଦ୍ଧାରିତ କରନ୍ତୁ ଏହା ପରେ ପ୍ରାଥମିକତା ଅନୁଯାୟୀ ଶପିଂ କରନ୍ତୁ।
- ପୂଜା ପାଇଁ ବିଭିନ୍ନ ଶପିଂ ମଲ୍‌ରେ ଡିସ୍‌କାଉଣ୍ଟ ଅଫର ଥାଏ। ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଆକର୍ଷଣୀୟ ଅଫର ବେଳେବେଳେ ଗ୍ରାହକଙ୍କୁ ଦ୍ୱନ୍ଦ୍ୱରେ ପକାଇଥାଏ। ଏଥିପାଇଁ କୌଣସି ଜିନିଷ କିଣିବା ପୂର୍ବରୁ ଏହାର ମୂଲ୍ୟ ତଥା କ୍ୱାଲିଟି ଅନ୍ୟାନ୍ୟ ସ୍ଥାନରେ କେତେ ଓ କିପରି ରହିଛି ଭଲଭାବେ ଜାଣିନିଅନ୍ତୁ।
- କେବଳ ଶପିଂ ମଲ୍ ନୁହେଁ, ଅନ୍‌ଲାଇନ୍‌ରେ ମଧ୍ୟ ଡ୍ରେସ୍ ମ୍ୟାଟେରିଆଲଠାରୁ ଆରମ୍ଭକରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯେପରିକି ଫ୍ରିଜ୍, ଗଡ୍‌ରେଜ୍, ୱାଶିଂମେଶିନ, ଟିଭି, ମୋବାଇଲ ଆଦିରେ ଥାଏ ମନଲୋଭା ଡିସ୍‌କାଉଣ୍ଟ। ତେବେ ତରବରରେ କିଣିବା ପୂର୍ବରୁ ଏହାର ଫିଚର, ମୂଲ୍ୟ ଓ ସର୍ତ୍ତାବଳୀ ଜାଣିରଖନ୍ତୁ।
- ପୂଜା ପାଇଁ ଅନେକେ ପାର୍ଟି ଓୟେର ଡ୍ରେସ୍‌କୁ ଗୁରୁତ୍ୱ ଦେଇଥାନ୍ତି। ଏପରି ଡ୍ରେସ୍ କିଣନ୍ତୁ ଯାହାକି ଆପଣ ଅନ୍ୟ ସମୟରେ ମଧ୍ୟ ପିନ୍ଧିପାରିବେ।
- ଡ୍ରେସ୍ ମ୍ୟାଟେରିଆଲ କିଣିବା ବେଳେ ସାଇଜ୍ ଦେଖି କିଣନ୍ତୁ। କାରଣ ପରବର୍ତ୍ତୀ ସମୟରେ ଯଦି ଏହାକୁ ବଦଳାଇବାକୁ ପଡ଼େ, ହୁଏତ ଏହାର ଠିକ୍ ସାଇଜ୍ ମିଳି ନ ପାରେ। ଏ ପରିସ୍ଥିତିରେ ଉକ୍ତ ସାମଗ୍ରୀର ରିଟର୍ନ ଅପ୍ସନ ମଧ୍ୟ ନ ଥିଲେ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।
- ଦଶହରାରେ ଆସୁଥିବା ଅଫର ହାତଛଡ଼ା ହୋଇଯିବ ଭାବି ବ୍ୟସ୍ତହୋଇ କୌଣସି ଜିନିଷ ତରବରରେ କିଣନ୍ତୁ ନାହିଁ। କାରଣ ଦଶହରା ପରେ ଦୀପାବଳି ଓ ପରେ ଖ୍ରୀଷ୍ଟମାସ୍ ଏବଂ ନୂଆବର୍ଷର ମଧ୍ୟ ଅଫର ରହିବ।
- ଏହି ସମୟରେ ଅଫରରେ ଗୋଟିଏ ସାମଗ୍ରୀରେ ଆଉ ଗୋଟିଏ ଜିନିଷ ଫ୍ରି ଥାଏ। ଲୋଭର ବଶବର୍ତ୍ତୀ ହୋଇ ଅନେକେ ଏହା କମ୍ ମୂଲ୍ୟରେ ମିଳୁଛି ଭାବି କିଣିଥାନ୍ତି। ହେଲେ ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳେ ଉଭୟ ସାମଗ୍ରୀ ଖରାପ ପଡ଼ିଥାଏ। ଏଥିପାଇଁ ଫ୍ରି ମିଳୁଥିବା ସାମଗ୍ରୀଟି ଯଦି ଆପଣଙ୍କର ଆବଶ୍ୟକ ନାହିଁ ତେବେ ଅଯଥାରେ ଏହାକୁ କିଣନ୍ତୁ ନାହିଁ।
- ରିଟେଲରମାନେ ସେମାନଙ୍କର ସେଲ୍ ବଢ଼ାଇବା ପାଇଁ ଅଫର ରଖିଥାନ୍ତି। ଏହାଦ୍ୱାରା ଆପଣଙ୍କର ଟଙ୍କା ସଞ୍ଚୟ ହେଉ କି ନ ହେଉ ସେମାନଙ୍କର ଭଲ ବିକ୍ରି କିନ୍ତୁ ହୋଇଥାଏ। ହେଲେ ଏଥିରେ ଆପଣ ଭାବବିହ୍ୱଳ ନ ହୋଇ ଉକ୍ତ ଜିନିଷର ପ୍ରକୃତ ମୂଲ୍ୟ ବୁଝନ୍ତୁ।
- ଦଶହରା ସମୟରେ ଭଲ ବିକ୍ରି ହେବ ଭାବି ଅନେକ ଦୋକାନୀ ଆକର୍ଷଣୀୟ ଅଫର ତଥା ଡିସ୍‌କାଉଣ୍ଟ ରଖିଥାନ୍ତି। ଜିନିଷର ପ୍ରକୃତ ଦରକୁ ଅଧିକ ବଢ଼ାଇ ଦେଇ ଏହା ଉପରେ ଛାଡ଼ ରଖିଥାନ୍ତି। ଏଭଳି ଜିନିଷ କିଣିବା ପୂର୍ବରୁ ତାହାର ଗୁଣବତ୍ତା ଏବଂ ରେଟ୍ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ।



**ବାହାରେ ବୁଲିବା ସମୟରେ..**

- ସାଙ୍ଗରେ ଲିପ୍ ଗ୍ଲସ୍, ହେୟାର ବ୍ରସ୍, କମ୍ପାକ୍ଟ ପାଉଡର ନେବାକୁ ଭୁଲନ୍ତୁ ନାହିଁ।
- ବୁଲିବା ସମୟରେ ନିଜର ପର୍ସ, ମୋବାଇଲ ଏବଂ କିଣିଥିବା ଜିନିଷକୁ ସତର୍କତାର ସହ ରଖନ୍ତୁ।
- ବାଇକ୍ କିମ୍ବା କାର୍‌ରେ ବୁଲିବାକୁ ଯାଉଥିଲେ ପାର୍କିଂ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ହିଁ ରଖନ୍ତୁ। ନ ହେଲେ ଚୋରି ହେବା ସମ୍ଭାବନା ରହିଛି।

## କ'ଣ କରନ୍ତି ଏମାନେ...



ସୁସ୍ମିତା



ବନିତା

ଏଥର ପୂଜାରେ ମା'ଙ୍କ ମେଢ଼ ଦେଖିବାକୁ ପରିବାର ସହ କଟକ ଯିବି। କିଛି ଶପିଂ ମଧ୍ୟ କରିବାର ଅଛି। ବାହାର ଜିନିଷ ଖାଇବାକୁ ମୁଁ ପସନ୍ଦ କରେନି। ସେଥିପାଇଁ ଏସବୁ ଖାଦ୍ୟଠାରୁ ଦୂରରେ ରହିବି। ଏହି ସମୟରେ ବିଭିନ୍ନ ସ୍ଥାନରେ ସେଲ୍ ଲାଗିଥାଏ। ଅନାବଶ୍ୟକ ଜିନିଷ ନ କିଣି ଅତି ଆବଶ୍ୟକ ଜିନିଷ ଉପରେ ଗୁରୁତ୍ୱ ଦେବି। କିଣାକିଣି ପାଇଁ କମ୍ ସମୟ ଓ ପୂଜାମଣ୍ଡପ ବୁଲି ଦେଖିବାରେ ମୁଁ ବେଶି ସମୟ ଦେବି।

*– ବନିତା କାନୁନ୍‌ଗୋ, ଗୃହିଣୀ, ଖଣ୍ଡଗିରି, ଭୁବନେଶ୍ୱର*

ଦଶହରାରେ ଦିନ ଅପେକ୍ଷା ରାତି ସମୟରେ ବୁଲିବାକୁ ଭଲ ଲାଗେ। ଆଲୋକମାଳାରେ ସଜ୍ଜିତ ପରିବେଶରେ ବନ୍ଧୁବାନ୍ଧବ ତଥା ପରିବାର ସହ ବୁଲିବାର ମଜା ନିଆରା। ବର୍ଷା ନ ହେଲେ ମା'ଙ୍କ ଦର୍ଶନ ଭଲଭାବେ କରିହେବ। କିଛି ଶପିଂ କରିବାର ଅଛି। ଦଶହରା ପାଇଁ ଲୁଗାପଟା କିଣାକିଣି ସରିଲାଣି। ଖାଲି ପୂଜାକୁ ଅପେକ୍ଷା।

*– ସୁସ୍ମିତା ଦାସ, କର୍ମଜୀବୀ, ଗୌତମନଗର, ଭୁବନେଶ୍ୱର*

ଫ୍ୟାଶନ

# ଟ୍ରାଡିଶନାଲ ଲୁକ୍

**ଏଥର ପୂଜାରେ ଟ୍ରାଡିଶନାଲ ସହ ଟ୍ରେଣ୍ଡି ଲୁକ୍ ପାଇବାକୁ ଚାହୁଁଥିଲେ ଆପଣାଇ ପାରିବେ ନିମ୍ନୋକ୍ତ ଟିପ୍ସ...**

- ନବରାତ୍ରି ତଥା ଦଶହରା ପର୍ବରେ ମହିଳାମାନେ ଟ୍ରାଡିଶନାଲ ଗେଟ୍‌ଅପ୍‌ରେ ଅଧିକ ସୁନ୍ଦର ଲାଗିଥାନ୍ତି। ଟ୍ରାଡିଶନାଲ ମାନେ ନୁହେଁ କେବଳ ଶାଢ଼ି କିମ୍ବା ଲେହେଙ୍ଗା ପିନ୍ଧିବା। ଟ୍ରାଡିଶନାଲ ଏମ୍ବ୍ରୋଡୋରିର ଲଙ୍ଗ୍ ସ୍କର୍ଟ ସହ ପ୍ଲେନ୍ ଟପ୍ସ ପିନ୍ଧିପାରିବେ। ଏହାକୁ ମ୍ୟାଚ୍‌କରି ଆସେସୋରିଜ୍ ପିନ୍ଧନ୍ତୁ। ଅଧିକ ଗହଣା ପିନ୍ଧିବେ ନାହିଁ। ଏହି ଆଉଟ୍‌ଫିଟ୍‌ରେ ଆପଣ ଜଙ୍କ୍ ଇୟର ରିଙ୍ଗ୍‌ସ ବା ନେକ୍‌ଲେସ୍ ପିନ୍ଧିପାରିବେ। ଏହା ବ୍ୟତୀତ ଫ୍ଲୋରାଲ ଲଙ୍ଗ୍ ସ୍କର୍ଟ ସହ ମ୍ୟାଚ୍‌କରି ଟପ୍ସ ବା ଶର୍ଟ ଟି–ଶାର୍ଟ ପିନ୍ଧନ୍ତୁ।
- ଯଦି ଶାଢ଼ି ପିନ୍ଧିବାର ଇଚ୍ଛା ଅଛି, ତେବେ ସିଲ୍କ ବା କାଞ୍ଜିବରମ୍ ଶାଢ଼ି ସହ ମ୍ୟାଚ୍ କରୁଥିବା କ୍ରପ ଟପ୍ସ ପିନ୍ଧନ୍ତୁ। ଏହି ଆଉଟ୍‌ଫିଟ୍‌ରେ ମେଟାଲ ବା କାଚ ଚୁଡ଼ି ପିନ୍ଧନ୍ତୁ। ଏହା ବ୍ୟତୀତ ପ୍ଲେନ୍ ବ୍ଲାକ୍ ଶାଢ଼ି ସହ ଫ୍ଲୋରାଲ ପ୍ରିଣ୍ଟର ଫଙ୍କି ବ୍ଲାଉଜ୍ ପିନ୍ଧିପାରିବେ।
- କାଜୁଆଲ୍ ଲୁକ୍ ପାଇଁ ପ୍ଲାଜୋ ସହ ଟ୍ୟୁନିକ୍ ପିନ୍ଧିପାରିବେ। ଏଥିରେ ହାଲ୍‌କା ଟ୍ରାଡିଶନାଲ ଟଚ୍ ଦେବା ପାଇଁ ଝୁମ୍‌କା ବା କାନ୍ଧ ପର୍ଯ୍ୟନ୍ତ ଲମ୍ବା ଇୟର ରିଙ୍ଗ୍‌ସ ପିନ୍ଧିପାରିବେ।
- ଯଦି ଆପଣ ଡ୍ରେସ୍ ଏବଂ ମେକ୍‌ଅପ୍‌ରେ ଅଧିକ ଖର୍ଚ୍ଚ କରିବାକୁ ଚାହୁଁନାହାନ୍ତି ତେବେ ଜିନ୍ସ ସହ ଲଙ୍ଗ୍ ସ୍ଲିଟ୍ କୁର୍ତ୍ତି ପିନ୍ଧିପାରିବେ। ଏହା ସହିତ ମେଟାଲ ନେକ୍ ଲେସ୍ ପିନ୍ଧନ୍ତୁ।

ଜିନ୍ସ ସହିତ ହ୍ୱାଇଟ୍ କୁର୍ତ୍ତି ଏବଂ ଏହା ଉପରେ ରାଜସ୍ଥାନୀ କୋଟ୍ ମଧ୍ୟ ଆପଣଙ୍କୁ ସିମ୍ପଲ ଏବଂ ଟ୍ରାଡିଶନାଲ ଲୁକ୍ ଦେବ। ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ମ୍ୟାଚିଂ ନାଗରେ(ଏମ୍ବ୍ରୋଏଡୋରି ୱାର୍କ ହୋଇଥିବା ଜୋତା) ପିନ୍ଧନ୍ତୁ।



# ଆକାଶ ମେମୋରିଆଲ ଫୁଟବଲ, ସାପଡଗର ଚାମ୍ପିୟନ

ବାଲିଶଙ୍କରା,୧୫।୧୦(ଡି.ଏନ୍.ଏ.)

ବାଲିଶଙ୍କରା ବ୍ଲକର ଭଣ୍ଡାରୀଶଙ୍କରା ଗ୍ରାମରେ ଦୁଇଦିନ ଧରି ଆୟୋଜିତ ଆକାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ରାଶପତ୍ରା ଓ ସାପଡଗର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ସାପଡଗର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବୈକୁଣ୍ଠ ଷଣ୍ଢ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୩ ହଜାର ଓ ରନର୍ସଅପ୍ ଟିମ୍‌କୁ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯମୁନା ସରପଞ୍ଚ ସୁଶିଲ ଗଧି, ସାଧୁରାମ ଓରାମ, ରତ୍ନାକର ନାଏକ, ପରମେଶ୍ୱର ଚିତା, ଉପେନ୍ଦ୍ର କୁଜୁର, ଦୀନବନ୍ଧୁ ବାର୍ଲା, ମୁକେଶ ବାରିକ, ଶ୍ରୀକର ମାଝି, ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୁଶିଲ ସରେଙ୍ଗ, ରିଙ୍କୁ ମାହାର, ସୁମନ୍ତ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ବନମାଳି, ଶଙ୍କର, ଉମେଶ, ବିନୋଦ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଭଣ୍ଡାରୀଶଙ୍କରା ଗ୍ରାମର ଆକାଶ ନାମକ ଯୁବକଙ୍କର ଗତବର୍ଷ ଫୁଟବଲ ଖେଳୁ ଖେଳୁ ପଡ଼ିଆରେ ଦେହାନ୍ତ ହୋଇଥିଲା। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳିତବର୍ଷ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା।



ଫାଇନାଲ ମ୍ୟାଚ୍ ଖେଳିଥିବା ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

## ଭଡ଼ା ଟଙ୍କା ଲୁଟ୍ ଉଦ୍ୟମ କରି ଯୁବକ ଗିରଫ

**ରେଙ୍ଗାଲି,୧୫।୧୦(ଡି.ଏନ.ଏ)**–ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଅଫିସରୁ ଭଡ଼ା ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରିବା ଜଣଙ୍କୁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ପୋଲିସ ସ୍ଥାନୀୟ ତଲାବିରା ଗ୍ରାମର ସୁନୀଲ ଦାସଙ୍କୁ ଗିରଫ କରିଛି। ଗତ ୧୨ ତାରିଖ ସୁନୀଲ ପଞ୍ଚାୟତ ଅଫିସରେ ପଶି ନିର୍ବାହୀ ଅଧିକାରୀ ଗଦାଧର ନାୟକଙ୍କୁ ଧମକ ଚମକ ଦେଇ ଭଡ଼ା ଟଙ୍କା ନେଇଯିବାକୁ ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକ୍ୟୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ–
7991052261
7991052595

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ
72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ
ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କ ଜୀବନର ଦଶା ଓ ଦିଗ ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

> ମୁଁ ଆଥଲେଟିକ୍ସରୁ ଅବସର ନେଇସାରିଛି, ପେସାଦାର ଖେଳାଳିଭାବେ କୌଣସି ଫୁଟବଲ କ୍ଲବ ସହିତ ଚୁକ୍ତି ମଧ୍ୟ କରିନାହିଁ। ଏହାସତ୍ତ୍ୱେ ଡୋପ୍ ଟେଷ୍ଟ ନୋଟିସ ମୋତେ ବିସ୍ମିତ କରିଛି।
>
> –ଉଷେନ ବୋଲ୍ଟ, ଜାମାଇକାନ ସ୍ପ୍ରିଣ୍ଟ ଲିଜେଣ୍ଡ

> ଆମେ ଆୟୋଜକ ଦେଶଭାବେ ନୁହେଁ, ବରଂ ମହାଦେଶୀୟ ଚାମ୍ପିୟନଭାବେ ୨୦୨୦ ଅଲିମ୍ପିକ୍ସର ହକି ଇଭେଣ୍ଟ ଖେଳିବାକୁ ଚାହୁଁ।
>
> –ସେଗ୍‌ଫ୍ରେଡ୍ ଏକମାନ, ଜାପାନ ହକି କୋଚ୍


PLEDGE 'PLASTIC-FREE' ODISHA
Siddhanta Mahapatra
Actor
#PlasticFreeOdisha
ଧରିତ୍ରୀ DHARITRI TEAM

# ଧୋନୀଙ୍କୁ ଅତିକ୍ରମ କଲେ ରିଷଭ

**ହାଇଦ୍ରାବାଦ, ୧୫।୧୦:** ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଥିବା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଅତିକ୍ରମ କରିଛନ୍ତି ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ। ୩୭ ବର୍ଷୀୟ ଧୋନୀ ଲମ୍ବା ଫର୍ମାଟରେ ପ୍ରଥମ ୫ ମ୍ୟାଚ୍‌ରେ କରିଥିବା ସ୍କୋରକୁ ପନ୍ତ ପଛରେ ପକାଇ ଦେଇଛନ୍ତି। ଧୋନୀ ପ୍ରଥମ ୫ ଟେଷ୍ଟରୁ ୨୯୭ ରନ୍ କରିଥିଲେ। ସମାନ ସଂଖ୍ୟକ ମ୍ୟାଚ୍ ଖେଳି ପନ୍ତ ୪୩.୨୫ ଆଭରେଜରେ ୩୪୬ ରନ୍ କରିଛନ୍ତି। ୨୧ ବର୍ଷୀୟ ପନ୍ତ ଇଂଲଣ୍ଡ ବିପକ୍ଷରେ ନଟିଂହାମଠାରେ ପଦାର୍ପଣ କରିବା ପରେ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ୧୧୪ ରନ୍ କରିଥିଲେ, ଯାହାକି ତାଙ୍କର ଏପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ସ୍କୋର। ଏହାପରେ ଇଣ୍ଡିଜ୍ ବିପକ୍ଷ ଉଭୟ ମ୍ୟାଚ୍‌ରେ ସେ ୯୨ ଲେଖାଏ ରନ୍ କରିଥିଲେ।

# ଜାତୀୟ ସିନିୟର ଉଷୁରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୧୫।୧୦(କ୍ରୀଡ଼ା ପ୍ରତିନିଧି)**

ମେଘାଳୟର ଶିଲଂଠାରେ ଅନୁଷ୍ଠିତ ୨୭ତମ ଜାତୀୟ ସିନିୟର ଉଷୁରେ ଓଡ଼ିଶା ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ପାଇଛି। ସୋମବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୯ ମହିଳା ଓ ୨୦ ପୁରୁଷ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଚାଙ୍ଗକ୍ୱାନ ବିଭାଗରେ ଦିବ୍ୟମୋହନ ପ୍ରଧାନ ରୌପ୍ୟ ପଦକ ଜିତିଥିବାବେଳେ ତାଇଜିକ୍ୱାନ ମହିଳା ବର୍ଗରେ ଅଙ୍କିତା ପ୍ରିୟଦର୍ଶିନୀ ଏବଂ ଗୁନ୍‌ସୁ ବିଭାଗରେ ଓମ୍ ଶ୍ରୀବାସ୍ତବ ମିଶ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶାର ଟିମ୍ ମ୍ୟାନେଜରଭାବେ ସୁଧାଂଶୁ ପଣ୍ଡା, ନଟବର ସେଠୀ, କୋଚ୍‌ଭାବେ ଅନୁରାଧା ଦୋରା, ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଚାରକଭାବେ ନବୀନ ସିଂ ଶିଲଂ ଯାତ୍ରା କରିଥିଲେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ପ୍ରତିଯୋଗିତାରେ ମୁଖ୍ୟ ବିଚାରପତି ଦାୟିତ୍ୱ ନିର୍ବାହ କରିଥିଲେ। ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ (ବାମରୁ) ଓମ୍ ଶ୍ରୀବାସ୍ତବ, ଦିବ୍ୟମୋହନ ପ୍ରଧାନ ଓ ଅଙ୍କିତା ପ୍ରିୟଦର୍ଶିନୀ।

# ନମ୍ବରୱାନ ସହ ବର୍ଷ ଶେଷ କରିବେ ହାଲେପ

**ପ୍ୟାରିସ, ୧୫।୧୦(ଏଏଫପି)**

କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ରୋମାନିଆ ମହିଳା ଟେନିସ ତାରକା ସିମୋନା ହାଲେପ ବିଶ୍ୱ ର୍‍ୟାଙ୍କିଂରେ ନମ୍ବରୱାନ ସ୍ଥାନରେ ରହି ବର୍ଷ ଶେଷ କରିବା ସ୍ପଷ୍ଟ ହୋଇଛି। ହାଲେପ ୨୦୧୮ରେ ୪୦ ସପ୍ତାହଧରି ନମ୍ବରୱାନ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛନ୍ତି। ଏହି ସିଜନରେ ସେ ୬ଟି ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହୋଇଥିବାବେଳେ ୩ଟି ଟାଇଟଲ ଅର୍ଜନ କରିଛନ୍ତି। ତାଙ୍କର ବିଜୟ-ପରାଜୟ ରେକର୍ଡ ୪୬-୧୧ ରହିଛି। ଏହି ବର୍ଷ ହାଲେପ ଶେନଝେନ୍ ଓପନ, ରୋଜର୍ସ କପ୍ ଏବଂ କ୍ୟାରିୟରର ସର୍ବପ୍ରଥମ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଛନ୍ତି। ଏହା ବ୍ୟତୀତ ସେ ଅଷ୍ଟ୍ରେଲିଆନ ଓପନ, ରୋମ ଏବଂ ସିନସିନ୍ନାଟି ଟୁର୍ନାମେଣ୍ଟରେ ରନର୍ସଅପ୍ ରହିଛନ୍ତି। ଡବ୍ଲ୍ୟୁଟିଏ ର୍‍ୟାଙ୍କିଂରେ ନମ୍ବରୱାନ ସ୍ଥାନରେ ରହି ବର୍ଷ ଶେଷ କରିବା ମୋ ପାଇଁ ବଡ଼ ସମ୍ମାନ ବୋଲି ହାଲେପ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

**ଡବ୍ଲ୍ୟୁଟିଏ ର୍‍ୟାଙ୍କିଂ ତାଲିକା**

ସିମୋନା ହାଲେପ(ରୋମାନିଆ, ୭୪୨୧ ପଏଣ୍ଟ), କାରୋଲିନ ଓଜନିଆକି (ଡେନମାର୍କ, ୬୪୬୧), ଆଞ୍ଜେଲିକ୍ କର୍ବର (ଜର୍ମାନୀ, ୫୪୦୦), ନାଓମି ଓସାକା (ଜାପାନ, ୪୭୪୦), କାରୋଲିନା ପ୍ଲିସ୍‌କୋଭା(ଚେକ୍ ରିପବ୍ଲିକ, ୪୪୬୫), ଏଲିନା ସ୍ୱିତୋଲିନା (ୟୁକ୍ରେନ, ୪୩୫୦), ପେତ୍ରା କ୍ୱିଟୋଭା (ଚେକ୍ ରିପବ୍ଲିକ, ୪୨୫୫), ସ୍ଲୋଆନେ ଷ୍ଟିଫେନ୍ସ (ଆମେରିକା, ୪୦୨୨), ଜୁଲିଆ ଜର୍ଜ୍ସ (ଜର୍ମାନୀ, ୩୭୮୫), କିକି ବେର୍ଟେନ୍ସ (ନେଦରଲାଣ୍ଡ୍ସ(୩୭୪୦)।

# ଜୋକୋଭିଚ୍ ନମ୍ବରୱାନ ର୍‍ୟାଙ୍କିଂର ନିକଟତର

**ପ୍ୟାରିସ, ୧୫।୧୦(ଏଏଫପି)**

ଶାଙ୍ଘାଇ ମାଷ୍ଟର୍ସ ଟାଇଟଲ ଜିତିବାପରେ ସର୍ବିଆର ନୋଭାକ ଜୋକୋଭିଚ୍ ନମ୍ବରୱାନ ର୍‍ୟାଙ୍କିଂର ନିକଟତର ହୋଇଛନ୍ତି। ସୋମବାର ପ୍ରକାଶିତ ଏଟିପି ର୍‍ୟାଙ୍କିଂ ଅନୁସାରେ ଜୋକୋଭିଚ୍ ୭୪୪୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫଳରେ ବର୍ତ୍ତମାନ ୭୬୬୦ ପଏଣ୍ଟ ସହିତ ଶୀର୍ଷରେ ଥିବା ସ୍ପେନର ରାଫାଲ ନାଡାଲଙ୍କ ପାଇଁ ବିପଦଘଣ୍ଟି ବାଜିଛି। ଆଣ୍ଠୁରେ ଆଘାତ ସମସ୍ୟାରେ ଥିବାରୁ ନାଡାଲ ଏଟିପି ଟୁର୍‌ର ଏସିଆନ ପ୍ରତିଯୋଗିତା ଗୁଡ଼ିକରୁ ଦୂରେଇ ଯାଇଛନ୍ତି। ଗତସପ୍ତାହରେ ସେ ଆଣ୍ଠୁରେ ଅସ୍ତ୍ରୋପଚାର କରାଇଛନ୍ତି। ଏହା ଜୋକୋଭିଚ୍‌ଙ୍କୁ ବେଶ୍ ସୁହାଇଛି। ଶାଙ୍ଘାଇ ମାଷ୍ଟର୍ସର ଫାଇନାଲରେ ମୋର୍ନା କୋରିକ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ହରାଇବାପରେ ସେ ନାଡାଲଙ୍କଠାରୁ ଆଉ ମାତ୍ର ୨୧୫ ପଏଣ୍ଟ ପଛରେ ରହିଛନ୍ତି।

**ଏଟିପି ର୍‍ୟାଙ୍କିଂ:** ରାଫାଲ ନାଡାଲ(ସ୍ପେନ, ୭୬୬୦ ପଏଣ୍ଟ), ନୋଭାକ ଜୋକୋଭିଚ୍ (ସର୍ବିଆ, ୭୪୪୫), ରୋଜର ଫେଡରର (ସୁଇଜରଲାଣ୍ଡ, ୬୨୬୦), ଜୁଆନ ମାର୍ଟିନ ଡେଲପୋଟ୍ରୋ (ଆର୍ଜେଣ୍ଟିନା, ୫୮୬୦), ଆଲେକଜାଣ୍ଡର ଜାଭେରେଭ (ଜର୍ମାନୀ, ୫୦୨୫), ମାରିନ ସିଲିକ (କ୍ରୋଏସିଆ, ୪୧୮୫), ଡୋମିନିକ୍ ଥିଏମ(ଅଷ୍ଟ୍ରିଆ, ୩୮୨୫), କେଭିନ ଆଣ୍ଡରସନ (ଦକ୍ଷିଣ ଆଫ୍ରିକା, ୩୭୭୫), ଗ୍ରିଗୋର ଡିମିଟ୍ରୋଭ (ବୁଲଗେରିଆ, ୩୪୪୦), ଜନ ଇଶ୍‌ନେର (ଆମେରିକା, ୩୨୯୦)।



ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ମସ୍କଟ ଯାତ୍ରା କରିବା ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରରେ ଭାରତୀୟ ହକି ଦଳ।

# ଜାତୀୟ ଶିବିରରେ ଓଡ଼ିଶାର ୩

**କଟକ ଅଫିସ,୧୫।୧୦**

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଆନୁକୂଲ୍ୟରେ କଟକରେ ଜାତୀୟ ୧୯ବର୍ଷରୁ କମ୍ ମହିଳା ଫୁଟବଲ ଦଳ ପ୍ରସ୍ତୁତି ଶିବିର ଗତ ୧୦ ତାରିଖରୁ ଜାରି ରହିଛି । ଥାଇଲାଣ୍ଡରେ ହେବାକୁ ଥିବା ଏଏଫ୍‌ସି ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଦଳ ଅଂଶଗ୍ରହଣ କରିବ । ୨୨ ତାରିଖରେ ଦଳ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିବ । ଭାରତ ୨୪ରେ ପାକିସ୍ତାନ, ୨୬ରେ ନେପାଳ ଓ ୨୮ ତାରିଖରେ ଥାଇଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିବ। ତେବେ ଶିବିରରେ ମୋଟ୍ ୨୩ଜଣ ଖେଳାଳି ରହିଥିବା ବେଳେ ଓଡ଼ିଶାର ୩ଜଣ ସାମିଲ ହୋଇଛନ୍ତି। ଏମାନେ ହେଲେ ମନୀଷା ନାୟକ, ଯବାମଣୀ ଟୁଡୁ ଓ ସୋନି ବେହେରା। ଆଲେକ୍ସ ଆମ୍ବ୍ରୋଜ ଦଳର ମୁଖ୍ୟ କୋଚ୍, ଧ୍ରୁବ ସହକାରୀ କୋଚ୍, କାଦିର ଗୋଲକିପର କୋଚ୍ ରହିଛନ୍ତି। ଜାତୀୟ ଦଳ ନିର୍ଦ୍ଦେଶକ ଅଭିଷେକ ଯାଦବ ସୋମବାର ଶିବିର ଅନୁଧ୍ୟାନରେ ଆସି ପହଞ୍ଚିଥିବା ଜଣାପଡ଼ିଛି।

# ଶାହରୁଖଙ୍କୁ ନିର୍ଦ୍ଦେଶନା ଦେଲେ ରହମନ

**ହକି ବିଶ୍ୱକପ୍**



**ଆଉ ୪୧ ଦିନ**

ହକି ବିଶ୍ୱକପ୍ ଅଫିସିଆଲ ଭିଡିଓ 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ'କୁ ଅଧିକ ଜୀବନ୍ତ ଓ ହୃଦୟସ୍ପର୍ଶୀ କରିବା ଲାଗି ମ୍ୟୁଜିକ୍ ମାଷ୍ଟର ଏ.ଆର ରହମନ ବଲିଉଡ୍ ଷ୍ଟାର ଶାହରୁଖ ଖାଁଙ୍କୁ ପ୍ରଥମ ଥର ନିର୍ଦ୍ଦେଶନା ଦେଇଛନ୍ତି। ଗୁଲ୍‌ଜାରଙ୍କ ଦ୍ୱାରା ଲିଖିତ ହକି ବିଶ୍ୱକପ୍ ଟାଇଟଲ ସଙ୍ଗ୍ 'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ'ରେ ସଂଗୀତ ସଂଯୋଜନା ମଧ୍ୟ କରିଛନ୍ତି ଏ.ଆର୍. ରହମନ। ମ୍ୟୁଜିକ ଭିଡିଓରେ ଭାରତୀୟ ହକିର ଝଲକ ଉପସ୍ଥାପନ କରାଯାଇଛି। ହକି ବିଶ୍ୱକପ୍ ଗୀତ ସହିତ ଇଲେକ୍‌ଟ୍ରିକ୍ ଭିଡିଓ ପ୍ରତ୍ୟେକ ଭାରତୀୟଙ୍କ ମନରେ ହକି ଖେଳ ପାଇଁ ପ୍ରେରଣା ସୃଷ୍ଟି କରିବ। ହକି ବିଶ୍ୱକପ୍ ୨୦୧୮ ଆରମ୍ଭ ହେବାକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବାକି ରହିଛି। ମସ୍କଟରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଖେଳି ଭାରତୀୟ ଦଳ ଫେରିବା ପରେ ଏହି ଗୀତ ଓ ଭିଡିଓ ଚଳିତ ମାସ ଶେଷଭାଗରେ ରିଲିଜ କରିବ। ଶାହରୁଖ ଗତ ସପ୍ତାହରେ ଟୁଇଟ କରି ଭାରତୀୟ ହକି ପ୍ରତି ତାଙ୍କ ସମର୍ଥନ ଏବଂ ହାର୍ଟ ବିଟ୍ ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, 'ମେରା ଦିଲ୍ ହକି କେ ଲିୟେ ବହତ ତେଜ୍ ଧଡ଼କ୍‌ତା ହେ'। ଏହି ବଲିଉଡ ଷ୍ଟାର ଆହୁରି ମଧ୍ୟ ହକିକୁ ଭାରତର ଗୌରବ ବୋଲି ବର୍ଣ୍ଣନା କରିଛନ୍ତି। ମେନ୍ ଇନ୍ ବ୍ଲୁ ଯେପରି ନିଜ ମାଟିରେ ବିଶ୍ୱକପ୍ ଜିତିବ ସେଥିପାଇଁ ଦଳକୁ ଉତ୍ସାହିତ କରିବା ଲାଗି ସେ ଦେଶବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଶାହାରୁଖ ଏବଂ ଏ ଆର ରହମନଙ୍କ କମ୍ବିନେଶନ ହକି ବିଶ୍ୱକପ୍‌କୁ ଅଧିକ ସଂଖ୍ୟାରେ ଖେଳପ୍ରେମୀଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଲିଗ୍ ପର୍ଯ୍ୟାୟରେ ପ୍ରତିଟି ଦଳ ତିନୋଟି ଲେଖାଏଁ ମ୍ୟାଚ ଖେଳିବେ। ଡିସେମ୍ବର ୧୦ ଓ ୧୧ରେ ଚାରୋଟି କ୍ରସ୍‌ଓଭର ମ୍ୟାଚ ଖେଳାଯିବ। ଉଦ୍‌ଘାଟନୀ ଉତ୍ସବରେ ସିନେମା ଓ ମ୍ୟୁଜିକ୍‌ର ଦୁଇ ମାଷ୍ଟର ଶାହରୁଖ ଏବଂ ରହମନଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହେବ।

**'ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆ'**



# ଜାତୀୟ ଶିବିରରେ ଓଡ଼ିଶାର ୩

**କଟକ ଅଫିସ,୧୫।୧୦**

ଅଲଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଆନୁକୂଲ୍ୟରେ କଟକରେ ଜାତୀୟ ୧୯ବର୍ଷରୁ କମ୍ ମହିଳା ଫୁଟବଲ ଦଳ ପ୍ରସ୍ତୁତି ଶିବିର ଗତ ୧୦ ତାରିଖରୁ ଜାରି ରହିଛି । ଶିବିରରେ ମୋଟ୍ ୨୩ଜଣ ଖେଳାଳି ରହିଥିବା ବେଳେ ଓଡ଼ିଶାର ୩ଜଣ ସାମିଲ ହୋଇଛନ୍ତି। ଏମାନେ ହେଲେ ମନୀଷା ନାୟକ, ଯବାମଣୀ ଟୁଡୁ ଓ ସୋନି ବେହେରା। ଆଲେକ୍ସ ଆମ୍ବ୍ରୋଜ ଦଳର ମୁଖ୍ୟ କୋଚ୍, ଧ୍ରୁବ ସହକାରୀ କୋଚ୍, କାଦିର ଗୋଲକିପର କୋଚ୍ ରହିଛନ୍ତି।

CLASSIFIED DISPLAY










ଧରିତ୍ରୀ DHARITRI
Puja Quiz- 2018
Quiz No.4

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଆର୍ଜେଣ୍ଟିନାର ଅଫିସିଆଲ୍ ନାମ କ'ଣ ?
କ. ଆର୍ଜେଣ୍ଟାଇନ୍ ରିପବ୍ଲିକ୍ ☐ ଖ. ଆର୍ଜେଣ୍ଟାଇନ୍ ଜନସ୍ ☐ ଗ. ଆର୍ଜେଣ୍ଟାଇନ୍ ଆଣ୍ଡେରା ☐ ଘ. କେଉଁଟି ନୁହେଁ ☐

୨. ଗୋଆର ଉଚ୍ଚ ନ୍ୟାୟାଳୟ କେଉଁଠି ଅଛି ?
କ. ଦିଲ୍ଲୀ ☐ ଖ. ମୁମ୍ବାଇ ☐ ଗ. ଗାନ୍ଧୀନଗର ☐ ଘ. କେଉଁଠି ନୁହେଁ ☐

୩. ବୋରନ୍ ହେଉଛି ଗୋଟିଏ ?
କ. ଧାତୁ ☐ ଖ. ଅଧାତୁ ☐ ଗ. ଉପଧାତୁ ☐ ଘ. କେଉଁଟି ନୁହେଁ ☐

୪. 'ଆଟମ୍'ର ନାମକରଣ କେଉଁ ବୈଜ୍ଞାନିକ କରିଥିଲେ ?
କ. କଣାଦ ☐ ଖ. ଡିମୋକ୍ରିଟସ୍ ☐ ଗ. ଡାଲ୍‌ଟନ୍ ☐ ଘ. କେଉଁଟି ନୁହେଁ ☐

୫. ରାଜନୈତିକ ଦଳ କେଉଁ ଦେଶରେ ପ୍ରଥମେ ସୃଷ୍ଟି ହୋଇଥିଲା ?
କ. ଭାରତ ☐ ଖ. ଯୁକ୍ତରାଷ୍ଟ୍ର ଆମେରିକା ☐ ଗ. ଇଂଲଣ୍ଡ ☐ ଘ. କେଉଁଟି ନୁହେଁ ☐

Participant's Name:..........
Address:..........
..........
Education ..........
Mobile.......... Age:..........
E-mail:..........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 4
B-15, Industrial Estate, Rasulgarh, Bhubaneswar-10





"ଗୁଜରାଟ ହେଉଛି ସମସ୍ତ ଭାରତୀୟଙ୍କ ରାଜ୍ୟ । ସମସ୍ତଙ୍କ ସୁରକ୍ଷା, ବିକାଶ ଏବଂ ସମ୍ମାନ ପ୍ରତି ରାଜ୍ୟ ସରକାର ଯତ୍ନବାନ୍ । ହିନ୍ଦୀ ଭାଷୀ ଲୋକଙ୍କ ଉପରେ ଆକ୍ରମଣ କରି ଗୁଜରାଟରେ ବିଶୃଙ୍ଖଳା ଏବଂ ଅଶାନ୍ତି ସୃଷ୍ଟି କରିବାକୁ କଂଗ୍ରେସ ଷଡ଼ଯନ୍ତ୍ର ଚଲାଇଛି ।
- ବିଜୟ ରୂପାନୀ, ଗୁଜରାଟ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ପାକିସ୍ତାନ ସାନି ନିର୍ବାଚନ ଇମ୍ରାନ୍‌ଙ୍କୁ ଝଟକା, ଚମକିଲେ ନୱାଜ

**ଇସ୍‌ଲାମାବାଦ,୧୫।୧୦(ପି.ଟି.)-** ସାନି ନିର୍ବାଚନରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନେତୃତ୍ୱାଧୀନ ପାକିସ୍ତାନ ତେହେରିକ୍-ଇ-ଇନ୍‌ଶାଫ୍ (ପିଟିଆଇ) ପାର୍ଟିକୁ ଶକ୍ତ ଧକ୍କା ଲାଗିଛି। ଦୁର୍ନୀତି ମାମଲାରେ ସଜା କାଟୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ପିଏମ୍‌ଏଲ୍-ଏନ୍‌ର ଚମକ ଦେଖିବାକୁ ମିଳିଛି। ପିଟିଆଇକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଏପରି କି ପିଟିଆଇ ଗଡ଼ ଖାଇବର୍ ପାଖ୍‌ତୁନ୍‌ଖ୍ୱାରେ ମଧ ନୱାଜଙ୍କ ଦଳ ବାଜି ମାରିଛି। ପାକିସ୍ତାନ ନ୍ୟାଶନାଲ୍ ଆସେମ୍ବ୍ଲିର ୧୧ ଆସନ ଏବଂ ୨୪ ପ୍ରାଦେଶିକ ଆସେମ୍ବ୍ଲି ଆସନ ପାଇଁ ରବିବାର ଭୋଟ ଗ୍ରହଣ ହୋଇଥିଲା। ନିର୍ବାଚନରେ ଉଭୟ ପିଟିଆଇ ଏବଂ ପିଏମ୍‌ଏଲ୍-ଏନ୍‌କୁ ୪ଟି ଲେଖାଏ ନ୍ୟାଶନାଲ୍ ଆସେମ୍ବ୍ଲି ସିଟ୍ ମିଳିଥିବାବେଳେ ପିଏମ୍‌ଏଲ୍-କ୍ୟୁ ୨ ଏବଂ ଏମ୍‌ଏମ୍‌ଏ ଗୋଟିଏ ଆସନରେ ବିଜୟୀ ହୋଇଛି। ସେହିପରି ଷ୍ଟେଟ୍ ଆସେମ୍ବ୍ଲିରେ ପିଟିଆଇ ହାତକୁ ୧୧ଟି ଆସନ ଯାଇଥିବାବେଳେ ପିଏମ୍‌ଏଲ୍-ଏନ୍ ୭, ପିପିପି ଏବଂ ଏଏନ୍‌ପି ଗୋଟିଏ ଲେଖାଏ ଆସନରେ ବିଜୟୀ ହୋଇଛନ୍ତି ବୋଲି ପାକିସ୍ତାନ ନିର୍ବାଚନ କମିଶନ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।

### ବିମାନରୁ ଖସି ଏୟାର ହୋଷ୍ଟେସ୍ ଗୁରୁତର

**ମୁମ୍ବାଇ,୧୫।୧୦(ପି.ଟି.)-** ମୁମ୍ବାଇ ଏୟାରପୋର୍ଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଏୟାର ଇଣ୍ଡିଆ ବିମାନରୁ ଖସି ପଡ଼ି ୫୩ ବର୍ଷୀୟା ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଉଭୟ ଡାକ୍ତରଖାନା ଏବଂ ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସକାଳ ୬ଟା ବେଳେ ଏୟାରଇଣ୍ଡିଆ ବିମାନ ବୋଇଂ ୭୭୭ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହେଉଥିଲା। ବିମାନର ଗେଟ୍ ବନ୍ଦ କରିବା ବେଳେ ୫୩ ବର୍ଷୀୟା ଫ୍ଲାଇଟ୍ ଆଟେଣ୍ଡାଣ୍ଟ ହର୍ଷା ଲୋବୋ ୨୦ ଫୁଟ୍ ଉଚ୍ଚରୁ ରିୟର୍ ଡୋର୍ ଏବଂ ପାହାଚ ମଝିରେ ଖସି ପଡ଼ିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଲୋବୋଙ୍କ ଗୋଡ଼ରେ ଏକାଧିକ ଫ୍ରାକ୍‌ଚର ହୋଇଛି। ବିମାନର ଗେଟ୍ ଏବଂ ଶିଡ଼ି ମଧ୍ୟରେ ଫାଙ୍କ ଥିବାରୁ ସେ ଖସି ପଡ଼ିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ରବିନାଙ୍କ ନାଁରେ ମାମଲା



**ମୁଜାଫରପୁର,୧୫।୧୦(ପି.ଟି.)-** ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଅଡୁଆରେ ପଡ଼ିଯାଇଛନ୍ତି ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ। ତାଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ମାମଲା ଦାଏର କରିଛନ୍ତି ଜଣେ ଆଇନଜୀବୀ। ରବିନାଙ୍କ ସମେତ ଅନ୍ୟ ଦୁଇ ଜଣଙ୍କ ନାଁରେ ମଧ ମାମଲା ହୋଇଛି। ଏକ ହୋଟେଲ ଉଦ୍‌ଘାଟନ ପାଇଁ ଗତ ୧୨ ତାରିଖରେ ରବିନା ବିହାରର ମୁଜାଫରପୁରକୁ ଗସ୍ତ କରିଥିଲେ। ଅଭିନେତ୍ରୀଙ୍କ ଝଲକ ପାଇବା ପାଇଁ ଅନେକ ଲୋକ ଜମା ହେବାରୁ ରାସ୍ତା ଜାମ୍ ହୋଇଯାଇଥିଲା ଏବଂ ସେ ଫସିରହିଲେ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି।

### ଇତିହାସର ଆଇନାରେ
## ଅକ୍ଟୋବର ୧୬ର ପ୍ରମୁଖ ଘଟଣା

୧୯୦୫ ଅକ୍ଟୋବର ୧୬ରେ ବଙ୍ଗଳାକୁ ବିଭାଜନ କରାଯାଇଥିଲା। ଏହାର ପ୍ରାକ୍ ଘୋଷଣା ତତ୍କାଳୀନ ଭାଇସ୍‌ରାୟ୍ ଲର୍ଡ କର୍ଜନ ଜୁଲାଇ ୧୯ରେ କରିଥିଲେ। ଦକ୍ଷିଣରେ ଅଧିକାଂଶ ହିନ୍ଦୁ ଏବଂ ପୂର୍ବରେ ମୁସଲମାନଙ୍କୁ ନେଇ ବଙ୍ଗଳାକୁ ବିଭାଜନ କରାଯାଇଥିଲା। ଏହାପରେ ବଙ୍ଗଳାରେ ସ୍ୱଦେଶୀ ଅଭିଯାନ ଆରମ୍ଭ ହୋଇଥିଲା। ଇଂରେଜ ସରକାରର ଏହି ନୀତିକୁ ଉଭୟପଟୁ ବିରୋଧ ହୋଇଥିଲା। ୧୯୧୧ରେ ଏହାକୁ ପୁଣିଥରେ ଲର୍ଡ ହାର୍ଡିଞ୍ଜଙ୍କ ସମୟରେ ଏକାଠି କରାଯାଇଥିଲା।

୧୯୫୧ ଅକ୍ଟୋବର ୧୬ରେ ପାକିସ୍ତାନର ପ୍ରଥମ ପ୍ରଧାନମନ୍ତ୍ରୀ ଲିୟାକତ୍ ଅଲ୍ଲୀ ଖାନ୍‌ଙ୍କୁ ରାୱଲପିଣ୍ଡିରେ ହତ୍ୟା କରାଯାଇଥିଲା। ଏକ ନିର୍ବାଚନୀ ସଭାରେ ଯୋଗ ଦେଇ ଫେରିବା ବେଳେ ତାଙ୍କୁ ସାଦ୍ ଆକବର ବାବରକ୍ ନାମକ ଜଣେ ବ୍ୟକ୍ତି ଗୁଳି କରି ହତ୍ୟା କରିଥିଲେ। ଲିଆକତ୍‌ଙ୍କ ସୁରକ୍ଷା କର୍ମୀମାନେ ମଧ ହତ୍ୟାକାରୀକୁ ଘଟଣାସ୍ଥଳରେ ଗୁଳିକରି ମାରିବାରେ ସଫଳ ହୋଇଥିଲେ।

# ଦିଲ୍ଲୀବାସୀ ପୁଣି ଅଣନିଃଶ୍ୱାସୀ

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**





ରାଜଧାନୀ ଦିଲ୍ଲୀରେ ପୁଣି ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ବାୟୁମଣ୍ଡଳରେ ଧୂଆଁବଳୟ ସୃଷ୍ଟି ହେବା ଯୋଗୁ ଲୋକେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ପରିସ୍ଥିତି ଜଟିଳ ହେଉଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ସୋମବାର ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍ (ଜିଆର୍‌ଏପି) ଅନୁଯାୟୀ ଦିଲ୍ଲୀ–ଏନ୍‌ସିଆର୍ ଅଞ୍ଚଳରେ ଯନ୍ତ୍ର ମାଧ୍ୟମରେ ରାସ୍ତା ସଫେଇ ସାଙ୍ଗକୁ ଅଧିକ ଟ୍ରାଫିକ୍ ପୋଲିସ ମୁତୟନ କରାଯିବ। ଦିଲ୍ଲୀ ଆଖପାଖ ରାଜ୍ୟରେ କ୍ଷେତରେ ନଡ଼ା ପୋଡ଼ା ଉପରେ ରୋକ ଲଗାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ କୁହାଯାଇଛି।

ପଞ୍ଜାବ ଓ ହରିୟାଣାରେ କ୍ଷେତରେ ନଡ଼ା ପୋଡ଼ାଯାଉଥିବାରୁ ଦିଲ୍ଲୀ ସହରରେ ବାୟୁର ମାନ ଏବେ 'ପୋର୍ କ୍ୟାଟେଗୋରୀ' ରହିଛି। ବାୟୁମଣ୍ଡଳର ସ୍ଥିତିକୁ ନଜରରେ ରଖି କେତେକ ନିୟମ କଡ଼ାକଡ଼ି କରିବା ଲାଗି ଜିଆର୍‌ଏପି କାର୍ଯ୍ୟକାରୀ ହୁଏ। ଏଥି ଅନୁଯାୟୀ ଆବର୍ଜନା ପୋଡ଼ା ଉପରେ ନିଷେଧାଦେଶ ଜାରି ହେବା ସହିତ ଇଟାଭାଟିରେ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ପଦକ୍ଷେପ ଗ୍ରହଣ କରାଯିବ। ଧୂଆଁବଳୟ ଯୋଗୁ ରାସ୍ତାଘାଟ ପରିଷ୍କାର ଭାବେ ଦିଶୁନାହିଁ। ତେଣୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ ହେବେ। ଜେନ୍‌ସେଟ୍ ବ୍ୟବହାର ଉପରେ ମଧ କଟକଣା ଲାଗେ। କିନ୍ତୁ ବିଦ୍ୟୁତ୍ ସରବରାହରେ ସମସ୍ୟା ଯୋଗୁ ଏନ୍‌ସିଆର୍‌ରେ ଏହି ନିୟମ ଲାଗୁ ହେବ ନାହିଁ ବୋଲି ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷର ସଦସ୍ୟ ରଏ ଚୌଧୁରୀ କହିଛନ୍ତି। ବାୟୁର ମାନ ଅଧିକ ଖରାପ ହେଲେ ଅର୍ଥାତ୍ 'ଭେରି ପୋର୍ କ୍ୟାଟେଗୋରୀ'ରେ ପହଞ୍ଚିଲେ ପାର୍କିଂ ଫି ୩ରୁ ୪ ଗୁଣ ବଢ଼ାଇ ଦିଆଯିବା ସହ ମେଟ୍ରୋ ଓ ବସ୍ ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସେହିପରି ଦିଲ୍ଲୀ–ଏନ୍‌ସିଆର୍‌ର ପ୍ରଦୂଷଣ ସ୍ତର 'ସିଭିୟର କ୍ୟାଟେଗୋରୀ' ଅର୍ଥାତ୍ ଅତ୍ୟଧିକ ଖରାପ ହେଲେ ରାସ୍ତାରେ ଜଳ ସିଞ୍ଚନ କରାଯିବ ବୋଲି ସିପିସିବିର ଜଣେ ଅଧିକାରୀ କହିଛନ୍ତି। ବାୟୁର ମାନ 'ସିଭିୟର ପ୍ଲସ୍ ଏମର୍ଜେନ୍ସି କ୍ୟାଟେଗୋରୀ' ଛୁଇଁଲେ ଦିଲ୍ଲୀକୁ ଟ୍ରକ୍ ପ୍ରବେଶ ନିଷେଧ, ନିର୍ମାଣ କାର୍ଯ୍ୟ ବନ୍ଦ, ଅଧିକ ପଦକ୍ଷେପ ଗ୍ରହଣ ପାଇଁ ଟାସ୍କ ଫୋର୍ସ ଗଠନ କରାଯିବ। ଆବଶ୍ୟକ ପଡ଼ିଲେ ସ୍କୁଲ ଛୁଟି ଘୋଷଣା ହେବ। ସୋମବାରରୁ ଜିଆର୍‌ଏପି ଯୋଜନା କାର୍ଯ୍ୟକାରୀ ହୋଇଯାଇଛି। ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନା, ପରଖିବା ଲାଗି ଦିଲ୍ଲୀ–ଏନ୍‌ସିଆର୍‌ରେ ୪୧ ଟିମ୍ ମୁତୟନ କରିଛି ସିପିସିବି।

**ବଢ଼ୁଛି ପ୍ରଦୂଷଣ ସ୍ତର**
- ରାଜଧାନୀ ଆକାଶରେ ଧୂଆଁବଳୟ
- ସିପିସିବି ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ
- ସ୍ଥିତି ନିୟନ୍ତ୍ରଣ ଲାଗି ଜିଆର୍‌ଏପି ଲାଗୁ

ଅକ୍ଟୋବର ୧୧ ସୁଦ୍ଧା ୧୬ ଥର ଦିଲ୍ଲୀରେ ବାୟୁର ମାନ ଯାଞ୍ଚ ହୋଇଛି। ତେବେ ପଡ଼ୋଶୀ ରାଜ୍ୟରେ କ୍ଷେତ୍ରରେ ନଡ଼ା ପୋଡ଼ିବା ପ୍ରଦୂଷଣର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ପଞ୍ଜାବ ଓ ହରିୟାଣାରେ ନଡ଼ା ପୋଡ଼ାଯାଉଥିବାର ଦୃଶ୍ୟ ନାସା ପକ୍ଷରୁ ପ୍ରଦତ୍ତ ଉପଗ୍ରହ ଚିତ୍ରରେ ଦେଖିବାକୁ ମିଳୁଛି। ନାସା ଏହାର ୱେବ୍‌ସାଇଟରେ ଦର୍ଶାଇଛି ଯେ, ଗତ ୧୦ ଦିନ ମଧ୍ୟରେ ଅମୃତସର, ଅମ୍ବାଲା, କର୍ନାଲ, ସିର୍ସା ଏବଂ ହିସାରରେ ଅଧିକ ମାତ୍ରାରେ ନଡ଼ା ପୋଡ଼ାଯାଇଛି। ଫସଲ ଅମଳ ପରେ ପ୍ରତିବର୍ଷ ଅକ୍ଟୋବର, ନଭେମ୍ବରରେ ଏହି ଦୁଇ ରାଜ୍ୟରେ ଧାନକ୍ଷେତରେ ନିଆଁ ଲଗାଇବା ଯୋଗୁ ଦିଲ୍ଲୀ–ଏନ୍‌ସିଆରରେ ପ୍ରଦୂଷଣ ବଢ଼ୁଛି। ସେହିପରି ଏପ୍ରିଲରେ ଗହମ ଅମଳ ପରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ପ୍ରଦୂଷିତ ବାୟୁ ସାଙ୍ଗକୁ କୁହୁଡ଼ି ଯୋଗୁ ପ୍ରତିବର୍ଷ ଶୀତଋତୁରେ ଦିଲ୍ଲୀ ଆକାଶରେ ବିଷାକ୍ତ ବଳୟ ସୃଷ୍ଟି ହେଉଛି।

# ଆଲ୍ଲାହାବାଦ ହେବ ପ୍ରୟାଗରାଜ

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**

**ଘୋଷଣା କଲେ ଯୋଗୀ**



ଆଲ୍ଲାହାବାଦ ହେବ ପ୍ରୟାଗରାଜ। ଉତ୍ତରପ୍ରଦେଶର ଆଲ୍ଲାହାବାଦ ସହରର ନାମ ପରିବର୍ତ୍ତନ କରି ପ୍ରୟାଗରାଜ ରଖିବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶନିବାର ଘୋଷଣା କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ କଂଗ୍ରେସ ଦୃଢ଼ ବିରୋଧ କରିଛି। ଅନେକେ ଏହାକୁ ସ୍ୱାଗତ କରିଛନ୍ତି। କିନ୍ତୁ କେତେକ ଏହାକୁ ଲୋକ ସଭା ନିର୍ବାଚନ ପୂର୍ବରୁ ଏକ ରାଜନୈତିକ ନାଟକବାଜି ବୋଲି କହିଛନ୍ତି।

ଯୋଗୀଙ୍କ ଘୋଷଣାକୁ ନେଇ ସଙ୍ଗମ ସହରର ସାଧୁସନ୍ଥ ସମାଜ ସ୍ୱାଗତ କରିଛନ୍ତି। ପୁରାତନ ସ୍ଥଳର ପ୍ରକୃତ ନାମର ପୁନଃ ପ୍ରଚଳନ ଲାଗି ସନ୍ଥ ସମାଜ ଦାବି କରିଛି। ଆଖଡ଼ା ପରିଷଦ ଗତବର୍ଷ ଯୋଗୀଙ୍କ ସହ ସାକ୍ଷାତ୍ ବେଳେ ଆଲ୍ଲାହାବାଦ ନାମ ପରିବର୍ତ୍ତନ ଲାଗି ଦାବି କରିଥିଲେ। ୨୦୧୯ କୁମ୍ଭମେଳା ବେଳେ ସେମାନଙ୍କ ଦାବି ପୂରଣ ହେବ ବୋଲି ଯୋଗୀ ମଧ ପ୍ରତିଶ୍ରୁତି ଦେଇଥିଲେ। ଉତ୍ତରପ୍ରଦେଶରେ ପୂର୍ବର ଭାଜପା ସରକାର ରାଜନାଥ ସିଂ ଏବଂ କଲ୍ୟାଣ ସିଂଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମଧ ନାମ ପରିବର୍ତ୍ତନ ଉଦ୍ୟମ ହୋଇଥିଲା। କିନ୍ତୁ ମେଣ୍ଟ ଦଳଗୁଡ଼ିକର ବିରୋଧ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା।

ଶନିବାର ମୁଖ୍ୟମନ୍ତ୍ରୀଙ୍କ ସଦ୍ୟ ଘୋଷଣା ପରେ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମେ ଏହାକୁ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବାକୁ ହେବ। କ୍ୟାବିନେଟ୍‌ରେ ଏହା ପାସ୍ ହେଲା ପରେ ରାଜ୍ୟପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ। ଶନିବାର ଅନୁଷ୍ଠିତ କୁମ୍ଭମାର୍ଗଦର୍ଶକ ମଣ୍ଡଳ ବୈଠକରେ ରାଜ୍ୟପାଳ ରାମ ନାଏକ ଏହି ଦାବି ଉପରେ ନିଜର ସହମତି ପ୍ରକାଶ କରି ସାରିଛନ୍ତି।

ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ, ଓକିଲ ଗୋଷ୍ଠୀଙ୍କ ମଧ୍ୟରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୋଗୀଙ୍କ ଘୋଷଣାକୁ ବିରୋଧ କରି କଂଗ୍ରେସ ନେତା ବାବା ଅଭୟ କହିଛନ୍ତି, ଏହି ନିଷ୍ପତ୍ତି କୌଣସି ପ୍ରଭାବ ପକାଇବ ନାହିଁ। ସହରର ନାମ ଆଲ୍ଲାହାବାଦ ଥିଲେ ମଧ ପ୍ରୟାଗର ମହତ୍ତ୍ୱ ବେଶ୍ ରହିଛି।

# ମୋଦି–ଜିନ୍‌ପିଙ୍ଗ୍ ସାକ୍ଷାତ୍ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**

ଆସନ୍ତା ନଭେମ୍ବରରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଠାରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସହ ତାଙ୍କର ସାକ୍ଷାତ୍ ହେବ। ବୈଠକ ବେଳେ ଉଭୟ ନେତା ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ସୋମବାର ନୂଆଦିଲ୍ଲୀରେ ଅବସ୍ଥାପିତ ଚାଇନା ଆମ୍ବାସାଡର ଲ୍ୟୁ ଝାଓହୁଇ କହିଛନ୍ତି। ଚଳିତବର୍ଷ ବୁହାନ୍‌ରେ ଶିଖର ସମ୍ମିଳନୀ ହେବା ପରେ ମୋଦି ଏବଂ ଜିନ୍‌ପିଙ୍ଗ୍ ଦୁଇଥର ଭେଟ ହୋଇଛନ୍ତି। ଜୁନ୍‌ରେ ଚାଇନା କିଙ୍ଗ୍‌ଡାଓରେ ହୋଇଥିବା ସାଂଘାଇ ସହଯୋଗିତା ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ଏବଂ ଜୁଲାଇରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଦୁହେଁ ବୈଠକ କରିଥିଲେ।



# ମାନହାନି ମାମଲା ଦାଏର କଲେ ଆକ୍‌ବର, ଆଲୋକ ନାଥ

**ନୂଆଦିଲ୍ଲୀ/ମୁମ୍ବାଇ,୧୫।୧୦(ପି.ଟି.)**



'#ମିଟୂ' କ୍ୟାମ୍ପେନ୍ ଜରିଆରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ମହିଳାଙ୍କ ବିରୋଧରେ ସୋମବାର ମାନହାନି ମୋକଦ୍ଦମା ଦାଏର କରିଛନ୍ତି କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକ୍‌ବର ଏବଂ ବରିଷ୍ଠ ଅଭିନେତା ଆଲୋକ ନାଥ। '#ମିଟୂ' କ୍ୟାମ୍ପେନ୍ ଆରମ୍ଭ ହେବା କ୍ଷଣି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ଏହି ଦୁଇ ବ୍ୟକ୍ତି। ଆକ୍‌ବରଙ୍କ ବିରୋଧରେ ୧୫ ଜଣ ମହିଳା ସମାନ ଅଭିଯୋଗ ଆଣିଥିବାବେଳେ ସାମ୍ବାଦିକା ପ୍ରିୟା ରମଣୀଙ୍କ ନାମରେ ସେ ଦିଲ୍ଲୀ କୋର୍ଟରେ ମାମଲା ଦାଏର କରିଛନ୍ତି। ସେପଟେ ମୁମ୍ବାଇରେ ଲେଖିକା ତଥା ନିର୍ଦ୍ଦେଶିକା ବିନ୍‌ତା ନନ୍ଦାଙ୍କ ବିରୋଧରେ ଆଲୋକ ନାଥ ମାନହାନି ମାମଲା ଦାଏର କରିଛନ୍ତି। ମିଥ୍ୟା ଅଭିଯୋଗ ଆଣିଥିବା ବିନ୍‌ତା ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ଏକ ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ଆଲୋକ ନାଥ ଆବେଦନରେ ଦର୍ଶାଇଛନ୍ତି। ୧୯୯୦ରେ ଧାରାବାହିକ 'ତାରା'ର ଶୁଟିଂ ବେଳେ ଆଲୋକ ନାଥ ତାଙ୍କୁ ଏକାଧିକ ବାର ବଳାତ୍କାର କରିଥିଲେ ବୋଲି ବିନ୍‌ତା '#ମିଟୂ' କ୍ୟାମ୍ପେନ୍ ଜରିଆରେ ଏକ ଫେସ୍‌ବୁକ୍ ପୋଷ୍ଟରେ ଅଭିଯୋଗ ଆଣିଥିଲେ।

## ଫୁର୍‌ସତ

# ସ୍ମଗ୍ ସୃଷ୍ଟିର କାରଣ ପରଫ୍ୟୁମ୍

**ବେଜିଂ:** ଚାଇନାରେ ସୃଷ୍ଟି ହେଉଥିବା ସ୍ମଗ (ଧୂଆଁମିଶା କୁହୁଡ଼ି) ପାଇଁ ହେୟାର ଜେଲ୍, ପରଫ୍ୟୁମ୍ ଏବଂ ଏୟାର ରିଫ୍ରେଶରକୁ ଦାୟୀ କରାଯାଇଛି। ଏଥିରେ ଥିବା ଯୌଗିକ ପଦାର୍ଥ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହୋଇଛି। ଏଥିପାଇଁ ମାରାତ୍ମକ ସ୍ମଗ ସୃଷ୍ଟି ହେଉଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟୀ, ବେଜିଂରେ ବାୟୁର ଗୁଣବତ୍ତା ସୂଚକାଙ୍କ ୨୧୩ ହୋଇଥିବା ବେଳେ ଏହା 'ଅତି ଅସ୍ୱାସ୍ଥ୍ୟକର' ବୋଲି ଅଭିହିତ କରାଯାଇଛି। ବେଜିଂ ମହାନଗରୀରେ ୨୧ ନିୟୁତ ଲୋକ ବାସ କରନ୍ତି। ଏଠାରେ ବାୟୁ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା। ୨୦୧୫ଠାରୁ ଚାଇନା ସରକାର ଏଥିପାଇଁ ଅନେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ତନ୍ମଧ୍ୟରୁ କୋଇଲା ଇନ୍ଧନ ବ୍ୟବହାର ସୀମିତ ରଖାଯିବା ସହିତ ବାୟୁ ପ୍ରଦୂଷଣକାରୀ ଶିଳ୍ପସଂସ୍ଥାଗୁଡ଼ିକୁ ସହରଠାରୁ ଦୂରକୁ ସ୍ଥାନାନ୍ତର କରାଯାଉଛି।

ଚାଇନା ବର୍ଷବର୍ଷ ଧରି ସ୍ମଗ ସମସ୍ୟାର ଶିକାର ହୋଇଆସୁଛି। ଏହାଦ୍ୱାରା ଚାଇନାର କେତେକ ଅଞ୍ଚଳରେ କିଛି ଲୋକ ଫୁସଫୁସ ରୋଗରେ ଆକ୍ରାନ୍ତ ହୋଇ ଅକାଳ ମୃତ୍ୟୁର ଶିକାର ହେଉଛନ୍ତି। ପ୍ରଦୂଷିତ ବାୟୁରୁ ରକ୍ଷା ପାଇବା ପାଇଁ ଲୋକମାନେ ମାସ୍କସ ଏବଂ ବାୟୁଶୋଧକ ବ୍ୟବହାର କରିବାକୁ ଚାଇନା ସରକାର ପରାମର୍ଶ ଦେଇଛନ୍ତି। ବେଜିଂରେ ବାୟୁ ପ୍ରଦୂଷଣ ନିମନ୍ତେ ଚାରି ସ୍ତରୀୟ ସତର୍କତା ବ୍ୟବସ୍ଥା ଜାରି କରାଯାଇଛି। ବାୟୁ ପ୍ରଦୂଷଣର ସର୍ବୋଚ୍ଚ ମାତ୍ରାକୁ ଲାଲ୍ ରଙ୍ଗ ଦ୍ୱାରା ଚିହ୍ନଟ କରାଯାଇଥିବା ବେଳେ ଏହା ନିମ୍ନକୁ ରହିଛି କମଳା ରଙ୍ଗ, ହଳଦିଆ ଏବଂ ନୀଳ। ବାୟୁ ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ଯାନବାହନ ଏବଂ ମାଲ୍ ପରିବହନକାରୀ ଟ୍ରକ୍‌ଗୁଡ଼ିକର ଚଳାଚଳ ନିଷିଦ୍ଧ କରିଦିଆଯାଏ।

# 'ସୁପର ହ୍ୟୁମ୍ୟାନ୍'କୁ ବିରୋଧ କରୁଥିଲେ ହକିଙ୍ଗ୍

**ଲଣ୍ଡନ:**



ବିଶ୍ୱର ସୁପରିଚିତ ଥିଓରିଟିକାଲ୍ ଫିଜିସିଷ୍ଟ ଷ୍ଟିଫେନ୍ ହକିଙ୍ଗ୍ 'ସୁପରହ୍ୟୁମ୍ୟାନ୍' ଭଳି ଏକ ନୂଆ ମାନବର ଉତ୍ପତ୍ତି ବିରୋଧରେ ସତର୍କ କରାଇ ଦେଇଛନ୍ତି। ଜିନ୍ ପରିବର୍ତ୍ତନ ଦ୍ୱାରା ସୃଷ୍ଟ ଏହି ନୂଆ ଜାତି ବର୍ତ୍ତମାନର ମାନବ ଜାତିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ ବୋଲି ସେ ତାଙ୍କ ନିବନ୍ଧରେ ଉଲ୍ଲେଖ କରିଛନ୍ତି।

ସାତମାସ ତଳେ ମୃତ୍ୟୁବରଣ କରିଥିବା ଏହି ବିଶିଷ୍ଟ ବୈଜ୍ଞାନିକ ବିଭିନ୍ନ ବିଜ୍ଞାନସମ୍ମତ ପ୍ରବନ୍ଧକୁ ନେଇ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ନାମକ ଏକ ସଂକଳନ ପ୍ରସ୍ତୁତ କରିଛନ୍ତି। ଏହା ଆସନ୍ତା ସପ୍ତାହରେ ପ୍ରକାଶିତ ହେବାକୁ ଯାଉଛି। ଗତ ମାର୍ଚ୍ଚ ମାସରେ ୭୬ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ମୋଟର ନ୍ୟୁରନ୍ ରୋଗରେ ପୀଡିତ ଏହି ବୈଜ୍ଞାନିକଙ୍କର ସର୍ବାଙ୍ଗ ଅଚଳ ହୋଇପଡିଥିଲା। ସେ ସବୁବେଳେ ଏକ ହୁଇଲ୍ ଚେୟାରରେ ବସିରହି ଗବେଷଣାରତ ଥିଲେ। ସେ ତାଙ୍କ ଶେଷ ନିବନ୍ଧରେ ଲେଖିଛନ୍ତି, ବିଶ୍ୱର ଧନଶାଳୀ ବ୍ୟକ୍ତିମାନେ ସେମାନଙ୍କ ନିଜର ଏବଂ ସନ୍ତାନଙ୍କର ଡିଏନ୍‌ଏକୁ ଜେନେଟିକ୍ ପଦ୍ଧତିରେ ପରିବର୍ତ୍ତନ କରି ସୁପରହ୍ୟୁମ୍ୟାନ୍ ସୃଷ୍ଟି କରିବାକୁ ସମର୍ଥ ହେବେ। ଏଭଳି ମାନବ ବର୍ଦ୍ଧିତ ସ୍ମୃତିଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଏବଂ ଉତ୍ତମ ବିଚାରଶକ୍ତି ଧାରଣ କରିବା ସହିତ ଦୀର୍ଘାୟୁ ହୋଇପାରିବେ। କିନ୍ତୁ ଏହା ଅନ୍ୟ ସାଧାରଣ ମାନବଙ୍କ ପାଇଁ ମାରାତ୍ମକ ହେବାର ଆଶଙ୍କା ଥିବାରୁ ଏହା ବିରୋଧରେ କେତେକ ଦେଶରେ ଆଇନ ପ୍ରଣୟନ ହେବ। କିନ୍ତୁ କେତେକ ବ୍ୟକ୍ତି ସ୍ମୃତିଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଏବଂ ଆୟୁଷ ବୃଦ୍ଧି ଭଳି ମାନବୀୟ ଚରିତ୍ରର ବିକାଶ କରିବାର ଲୋଭ ସମ୍ବରଣ କରିପାରିବେ ନାହିଁ।

କ୍ରିସ୍ପର ଭଳି ଏକ ଡିଏନ୍‌ଏ–ଏଡିଟିଙ୍ଗ୍ ପଦ୍ଧତି ଦ୍ୱାରା ବୈଜ୍ଞାନିକମାନେ ବର୍ତ୍ତମାନ ମଣିଷର କ୍ଷତିକାରକ ଜିନ୍‌କୁ ପରିବର୍ତ୍ତନ କରିପାରୁଛନ୍ତି। ମାତ୍ର ୬ବର୍ଷ ତଳେ ଉଦ୍‌ଭାବିତ ଏହି ପଦ୍ଧତି ବିଶ୍ୱର ବିଭିନ୍ନ ଦେଶରେ ବ୍ୟବହାର ହେଲାଣି। ତେବେ ବିଶ୍ୱକୁ ଧ୍ୱଂସମୁଖରୁ ରକ୍ଷାପାଇଁ ହକିଙ୍ଗ୍‌ଙ୍କ ଭବିଷ୍ୟବାଣୀକୁ ବହୁ ବୈଜ୍ଞାନିକ ସ୍ୱାଗତ କରିଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୨୧.୫ |
| ଚାନ୍ଦବାଲି | ୩୩.୦ | ୨୪.୮ |
| କଟକ | ୩୧.୬ | ୨୨.୨ |
| ପାରାଦ୍ୱୀପ | ୩୧.୬ | ୨୫.୦ |
| ଭୁବନେଶ୍ୱର | ୩୨.୫ | ୨୨.୨ |
| ଗୋପାଳପୁର | ୩୩.୪ | ୨୫.୩ |
| ପୁରୀ | ୩୩.୪ | ୨୫.୬ |
| ଅନୁଗୋଳ | ୩୨.୧ | ୧୯.୬ |
| ବାରିପଦା | ୩୧.୮ | ୨୧.୨ |
| ଝାରସୁଗୁଡ଼ା | ୩୪.୪ | ୨୧.୦ |
| କେନ୍ଦୁଝର | ୩୦.୫ | ୧୮.୪ |
| ସମ୍ବଲପୁର | ୩୩.୬ | ୨୦.୯ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୨ | ୨୧.୪ |
| ତାଳଚେର | --- | ୨୧.୫ |
| ଭବାନୀପାଟଣା | ୩୧.୨ | ୨୦.୬ |
| ବଲାଙ୍ଗୀର | ୩୨.୫ | ୨୧.୨ |
| କୋରାପୁଟ | ୨୬.୬ | ୧୮.୬ |
| ଫୁଲବାଣୀ | --- | ୧୭.୦ |
| ଟିଟିଲାଗଡ଼ | ୩୨.୫ | ୧୯.୫ |
| ମାଲକାନଗିରି | ୩୦.୫ | --- |
| ସୋନପୁର | ୩୨.୦ | ୨୦.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୯.୩ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମେଘାନ୍ ଅନ୍ତଃସତ୍ତ୍ୱା



**ଲଣ୍ଡନ:** ବ୍ରିଟେନ୍ ରାଜପରିବାରକୁ ଆସୁଛନ୍ତି ଆଉ ଜଣେ ନୂଆ ସଦସ୍ୟ। ଡ୍ୟୁକ୍ ଅଫ୍ ସସେକ୍ସ ପ୍ରିନ୍ସ ହ୍ୟାରିଙ୍କ ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି ଡଚେସ୍ ଅଫ୍ ସସେକ୍ସ ଯୁବରାଣୀ ମେଘାନ୍ ମର୍କଲେ। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ଯୁବରାଜ ହ୍ୟାରି ଏବଂ ଯୁବରାଣୀ ମେଘାନ୍‌ଙ୍କ କୋଳକୁ ଆସିବେ ସେମାନଙ୍କ ପ୍ରଥମ ସନ୍ତାନ। ସୋମବାର କେନ୍‌ସିଙ୍ଗ୍‌ଟନ୍ ପ୍ୟାଲେସ୍ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଅଷ୍ଟମ ଅଣନାତି/ନାତୁଣୀଙ୍କ ଆଗମନ ଖବର ପାଇ ମହାରାଣୀ ଏଲିଜାବେଥ୍ ୨ୟ ଉଲ୍ଲସିତ ଥିବା ରାଜପ୍ରାସାଦ ପକ୍ଷରୁ କୁହାଯାଇଛି। ୩୭ ବର୍ଷୀୟା ପୂର୍ବତନ ଆମେରିକୀୟ ଅଭିନେତ୍ରୀ ମେଘାନ୍ ମେ ୧୯ରେ ଲଣ୍ଡନ୍‌ର ୱିଣ୍ଡସର୍ କ୍ୟାସଲ୍‌ଠାରେ ଭବ୍ୟ ସମାରୋହରେ ୩୪ ବର୍ଷୀୟ ଯୁବରାଜ ହ୍ୟାରିଙ୍କୁ ବିବାହ କରିଥିଲେ। ତାଙ୍କର ପ୍ରଥମ ସନ୍ତାନ ବ୍ରିଟେନ୍ ଶାସିକା ମହାରାଣୀ ଏଲିଜାବେଥ୍ ୨ୟଙ୍କ ଅଷ୍ଟମ ଅଣନାତି/ନାତୁଣୀ ହେବେ ଏବଂ ବ୍ରିଟିଶ୍ ସାମ୍ରାଜ୍ୟର ସପ୍ତମ ଉତ୍ତରାଧିକାରୀ। ଏହି ଖବରକୁ ନେଇ ବ୍ରିଟେନ୍‌ବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି।



ସୋମବାର ବିକାଶ ସ୍କୁଲ ପରିସରରେ ସିବିଏସଇ କ୍ଲଷ୍ଟର-୨ ଆଥେଲେଟିକ୍ ମିଟ ଉଦଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ।

### ସିବିଏସ୍‌ଇ କ୍ଲଷ୍ଟର୍‌-୨ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

# ରାଉରକେଲା ଡିପିଏସ୍ ନେଲା ଅଲରାଉଣ୍ଡ ରନର୍ସ ଅପ୍ ଟ୍ରଫି

**ସମ୍ବଲପୁର,୧୫।୧୦(ବ୍ୟୁରୋ)**

ସମ୍ବଲପୁରସ୍ଥିତ ବିକାଶ ଶାସନ କ୍ୟାମ୍ପସ୍ଠାରେ ସୋମବାର ସିବିଏସ୍‌ଇ କ୍ଲଷ୍ଟର୍-୨ ଆଥ୍‌ଲେଟିକ୍ ମିଟ୍-୨୦୧୮ ଉଦ୍‌ଯାପିତ ହୋଇଯାଇଛି। ଛତିଶଗଡ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଅଲରାଉଣ୍ଡ ଚାମ୍ପିୟନ୍ ହୋଇଛି। ରାଉରକେଲା ଦିଲ୍ଲୀ ପବ୍ଲିକ୍ ସ୍କୁଲ ଅଲରାଉଣ୍ଡ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ୩ ଦିନ ଧରି ଚାଲିଥିବା ଏହି ଆଥ୍‌ଲେଟିକ୍ ମିଟ୍ ସିବିଏସ୍‌ଇ କ୍ଲଷ୍ଟର-୨ରେ ପ୍ରାୟ ୧୨୦ଟି ସ୍କୁଲ ସାମିଲ ହୋଇଥିଲେ । ୭୨ ଘଣ୍ଟା ଧରି ଅନବରତ ଜଳିଥିବା ଶୁଭ ଆଥଲେଟିକ୍ ମଶାଲକୁ ଅତିଥିମାନେ ନିର୍ବାପିତ କରିଥିଲେ । ଅଣ୍ଡର୍-୧୪ ବାଳକ ବିକାଶ ଦ କନ୍‌ସେପ୍ଟ ସ୍କୁଲ, ଅଣ୍ଡର-୧୪ ବାଳିକା ଦୁର୍ଗ ଛତିଶଗଡ ଦିଲ୍ଲୀ ପବ୍ଲିକ୍ ସ୍କୁଲ, ଅଣ୍ଡର-୧୭ ବାଳକ ଭୁବନେଶ୍ୱର ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ, ଅଣ୍ଡର-୧୭ ବାଳିକାରେ ଛତିଶଗଡ଼ ଦିଲ୍ଲୀ ପବ୍ଲିକ୍ ସ୍କୁଲ, ଅଣ୍ଡର୍-୧୯ ବାଳକରେ ରାଉରକେଲା ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ଏବଂ ଅଣ୍ଡର୍-୧୯ ବାଳିକାରେ ଛତିଶଗଡ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଦଳଗତ ଚାମ୍ପିୟନ ହୋଇଛନ୍ତି। ତେବେ ଅତିରିକ୍ତ ଡିଭିଜିନାଲ ରେଳ ପ୍ରବନ୍ଧକ ଏଲ୍.ଭି.ଏସ୍.ଏସ୍ ପାଟ୍ରୁଡୁ ମୁଖ୍ୟ ଅତିଥି, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ପାଇକରାୟ, ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ନରେନ୍ଦ୍ରରାମ ପ୍ରସାଦ, ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ କନ୍‌ସେପ୍ଟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସେଲି ପାଢ଼ୀ, ସମ୍ବଲପୁର ଡିପିଏସ୍ ଅଧ୍ୟକ୍ଷା ସୁଜାତା ଲେଙ୍କା ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଦେଢ଼ମାସରେ ୧୫୦ ଜଣଙ୍କୁ ଧରିଲାଣି ପୋଲିସ

**ସମ୍ବଲପୁର,୧୫।୧୦(ବ୍ୟୁରୋ)**-ସମ୍ବଲପୁର ଜିଲାରେ ପାର୍ବଣ ଋତୁକୁ ଆଖି ଆଗରେ ରଖି ପୋଲିସ ଆକ୍ସନ ମୁଡ୍‌କୁ ଆସିଛି। ଗଣେଶ ପୂଜାଠାରୁ ଦେଢ଼ମାସ ଭିତରେ ଜିଲାର ବିଭିନ୍ନ ଥାନା ପୋଲିସ ଦ୍ୱାରା ୧୫୦ ଜଣ ଗିରଫ ହେଲେଣି। ପୂର୍ବରୁ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଛି । ୪୬ ଜଣଙ୍କୁ ନୋଟିସ ମଧ୍ୟ ଜାରି କରାଯାଇଛି । ୯୦ଟି ଅସ୍ତ୍ରଶସ୍ତ୍ର ଓ ବନ୍ଧୁକ ଜବତ ହୋଇଛି। ଟିମା ଝାଙ୍କର, ବିକାଶ ମୁଣ୍ଡା ଭଳି ଅପରାଧୀମାନଙ୍କ ବିରୋଧରେ ଏନଏସଏ (ଜାତୀୟ ସୁରକ୍ଷା ଆଇନ) ଲାଗୁ କରାଯାଇଛି । ସେହିପରି ମଦ, ଗଞ୍ଜେଇ, ନିଶା କାରବାର, ଜୁଆ, ସଟ୍ଟା ଖେଳିବା ଅଭିଯୋଗରେ ଶତାଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବ୍ୟାପକ ମାତ୍ରାର ନିଶା ଦ୍ରବ୍ୟ ଜବତ ହୋଇଛି।

# ୨୩ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗଣିତ ପ୍ରଶିକ୍ଷଣ ଶିବର

**ପୁରୁଣାକଟକ,୧୫।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ଗଣିତ ସଂସଦ ଆନୁକୂଲ୍ୟରେ ଜିଲାର ୨୩ଟି ବିଦ୍ୟାଳୟର ୧୭୮ ଜଣ ଶିକ୍ଷୟିତ୍ରୀ ଓ ୩୫ ଜଣ ଶିକ୍ଷକଙ୍କ ସମେତ ୧୩ ଜଣ ଅଭିଭାବକଙ୍କୁ ନେଇ ଗଣିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମାଥ୍‌ମେଟିକ୍ସ ଅଲମ୍ପିଆନ, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ଆଦିରେ ଆସୁଥିବା ଜଟିଳ ଗଣିତ ପ୍ରଶ୍ନର ସରଳ ସମାଧାନ ଉପରେ ଆଲୋଚନା ହୋଇଥିଲା। ଗଣିତ ବିଶାରଦ ହାଡ଼ିବନ୍ଧୁ ପଟ୍ଟନାୟକ, ସାଧନ କର୍ମୀ ଦିନେଶଚନ୍ଦ୍ର ପ୍ରଧାନ, ସରୋଜ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଗଣିତର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୃପ୍ତି ରଞ୍ଜନ ଦାନୀ, ଗଣିତ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ, ସିଆରସିସି ରବିନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧରେ ପହଞ୍ଚିଲେ ପଦଯାତ୍ରୀ

**ବୌଦ୍ଧ,୧୫।୧୦.(ସ୍ୱ.ପ୍ର.)**

ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘ ଓଡିଶା ପକ୍ଷରୁ ଶିକ୍ଷା ଅଧିକାର ଆଇନକୁ କଡାକଡି ପାଳନ କରିବା ଦାବିରେ ସିନାପାଲିରୁ ବାହାରିଥିବା ପଦଯାତ୍ରା ସୋମବାର ବୌଦ୍ଧରେ ପହଞ୍ଚିଛି। ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧିମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ ଦାବି କରାଯାଇଛି। ଅକ୍ଟୋବର ୨ ତାରିଖରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ପଦଯାତ୍ରାର ନେତୃତ୍ୱ ନେଉଛନ୍ତି ଶିକ୍ଷା ଅଧିକାର ଆନ୍ଦୋଳନ ମହାସଂଘର ଆବାହକ ସୁରଥ ବେହେରା।

## ଏମ୍‌ଏମ୍ ୱାଇସି ବିଜୟୀ

**ବୌଦ୍ଧ,୧୫।୧୦.(ସ୍ୱ.ପ୍ର.)**

ବୌଦ୍ଧ ଗେହ୍ଲାମା କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଗେହ୍ଲାମା କପ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିନର ଖେଳ ଏମ୍‌ଏମ୍ ୱାଇସି ଓ ମନୁପାଲି କ୍ଲବ ମଧ୍ୟରେ ହୋଇଥିଲା। ଅତିଥି ଭାବେ ଅଜିଜ ଖାଁ, ଶ୍ରୀକାନ୍ତ ବହିଦାର ଓ ରବୀନ୍ଦ୍ର ବେହେରା ଯୋଗ ଦେଇଥିଲେ। ଖେଳରେ ଏମଏମ ୱାଇସି ମନୁପାଲି ଦଳକୁ ୩-୧ ଗୋଲରେ ହରାଇ ବିଜୟୀ ହୋଇଥିଲା।

## ପୋଖରୀରେ ବୁଡି ଜଣେ ମୃତ

**ବାମରା,୧୫।୧୦(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ ଲଇଗୁରା ଗାଁରେ ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁଘଟିଛି। ସେ ହେଲେ ଲଇଗୁରା ଗ୍ରାମର ଲକ୍ଷ୍ମଣ ଜୟପୁରିଆ (୫୨)। ରବିବାରଠୁ ସେ ନିଖୋଜ ଥିଲେ । ସୋମବାର ସକାଳୁ ଘର ପାଖ ପୋଖରୀରେ ତାଙ୍କମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ମହୁଲପାଲି ପୋଲିସ ପହଞ୍ଚି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ପଠାଇଥିଲା। ତେବେ ରାତିରେ ଲକ୍ଷ୍ମଣ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଗୋଡ ଖସି ଯାଇ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି । ଏ ନେଇ ମହୁଲପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୧୮) ରୁଜୁ କରି ତଦନ୍ତ କରୁଛି।

---

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS : BHUBANESWAR**

O-889

Lr.No. 25648 dt. 11.10.2018

**"e" Procurement Notice for bridge works in Odisha (Online-5(Bridge)/2018-19 dt. 11.10.2018)**

1. Name of the work : Constn. of bridge work
2. Total No. of works : 9(Nine )nos
3. Estimated cost : Varied from 454.25 lakh to Rs 3403.54 lakh
4. Class of contractor : A, Spl. & Super Class as applicable
5. Period of completion : Varied from 18 (Eighteen ) calendar months to 28 (Twenty eight) calendar months as applicable
6. Other details :

| Procurement Officer | Bid identification No | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Engineer-in-Chief ,Rural Works, Odisha, Bhubaneswar | Online-5(Bridge) /2018-19 | 9 (Nine)nos | 23.10.2018 at 11.00 AM | 14.11.2018 Up to 3.00 PM |

Other details can be seen in the bidding documents, which is available in website **www.tendersorissa.gov.in**

25123/11/0042/1819 **Engineer-in-Chief, Rural Works, Odisha, Bhubaneswar**

---

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**

O-106

(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287

E-Mail / E-Despatch

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender /17-2018-19/BPR &**
**Bid Identification No. Online Tender /18-2018-19/BPR**

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 17-2018-19/BPR | Road Works under RIDF-XXIV | 02 Nos. | From Rs. 197.12 lakhs to Rs. 316.30 Lakhs | "B" or "A" or "Special" Class as applicable | 09 (Nine) & 11 (Eleven) Calendar Month as provided |
| Online Tender / 18-2018-19/BPR | Road Works under MMSY | 01 No. | Rs. 370.39 lakhs | "A" or "Special" Class as applicable | 11 (Eleven) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender/17-2018-19/BPR<br>Online Tender/18-2018-19/BPR | 22.10.2018 at 10.00AM | 05.11.2018 upto 3.00PM |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

25071/11/0030/1819 *Superintending Engineer, R.W.Circle, Berhampur*

---

**GOVERNMENT OF ODISHA**
**DEPARTMENT OF HIGHER EDUCATION**

**EXTENSION OF TIMELINE FOR ONLINE SUBMISSION OF "E-MEDHABRUTI" APPLICATIONS FOR THE YEAR 2018-19 (FRESH) IN RESPECT OF STUDENTS OF NON-SAMS INSTITUTIONS FOR ALL CATEGORIES OF MERIT.**

No. 47-N : It is hereby informed to all eligible students of Non-SAMS institutions that submission of online applications (Fresh) for the year 2018-19 of all categories of merit is hereby extended as noted below. Accordingly, the online portal is enabled for submission of online applications within the extended datelines.

The User Manual, FAQs to be followed by students of Non-SAMS Institutions is available in the website www.medhabruti.org for reference.

Extended Date line for Online subsmission of Fresh Medhabruti Applications

| Students of Institutions Type | Activities | Scholarship Type | Extended Date line |
|---|---|---|---|
| Students of Non-SAMS institutions (CBSE / ICSE affiliated schools, KVs / Institutions offering 3 years courses / Universities / PG colleges / Tech. & Prof. Colleges / Medical Colleges and other such institutions | Submission online applications by the concerned eligible students along with required documents | Jr. Merit / Sr. Merit / P.G. Merit / Technical & Professional Merit | 15.11.2018 |

All the eligible students are advised to submit their online applications within the above extended detelines positively. No. further extension shall be made.

For more details please use Sanjog Helpline (Toll Free) No. 155335 / 18003456770/ or e-mail on emedhabruti1819@gmail.com

11001/11/0038/1819 **Sd./- Additional Secretary to Government**

---

**RTE-SSA, SUBARNAPUR**

Letter No. 2302/MIS/18 Date: 15.10.18

**TENDER CALL NOTICE**

Tenders are invited from intending Company/ Authorised Dealer/Distributor/Registered Firm for supply and installation of Desktop Computer UPS, Laser Printer, Furniture, Stabiliser at Computer Aided Learning School (CAL) of Subarnapur District. They may obtain requisite tender application from the website **www.opepa.in** & **www.subarnapur.nic.in** & submit the tender paper through Speed Post / Registered Post only to the District Project Coordinator, RTE-SSA, Subarnapur on or before **dt.06.11.2018** by **05.00 PM**.

By order of Collector & Chairman, RTE-SSA, Subarnapur
**Sd./- District Project Coordinator, RTE-S.S.A., Subarnapur**

---

**GOVERNMENT OF ODISHA**
**DEPARTMENT OF SCHOOL AND MASS EDUCATION**

50-n

**ADVERTISEMENT**

1. Govt. in S&ME Department in their Lr. No. 22130/SME, dtd.04.10.2018 and No. 22172/SME, dtd.05.10.2018 have decided to extended the last date for submission of online application by the Private School Managements for obtaining / issue of certificate of recognition (COR) for the academic Session 2018-19 to 2022-23 in their favour upto 31.10.2018 as per RCFCE Act, 2009 and ORCFCE Rules, 2010.
2. The portal will remain open upto 31.10.2018.
3. The private School Management can apply for issue of COR through Private School Management Portal (PSMP) in www.opepa.odisha.gov.in.
4. All other terms and conditions as reflected in the earlier advertisement remain unchaged.

*Sd./- Director Elementary Education*
*Odisha, Bhubaneswar*

27005/11/0015/1819

---

**GOVERNMENT OF ODISHA**
**SUPERINTENDING ENGINEER, PHULBANI (R&B) CIRCLE, PHULBANI**
**E-mail: sernbphulbani@gmail.com**
**1ST Corrigendum to Tender Call Notice vide Bid Identification No. SE-(R&B)-PLB-06/2018-19. No. 1221 Dtd. 04.10.2018.**

**No. 1255** **Dated 12.10.2018**
**No. 729-B:-**

The following changes are made in respect of the Bid Identification No. SE-(R&B)-PLB-06/2018-19.

| | | | |
|---|---|---|---|
| 1) | Date and Time of sale and receipt of Bids: | : | From 10.00 A.M. of Dtd. 27.10.2018 to 5.00 P.M. of dtd. 09.11.2018. |
| 2) | Last Date for Submission of Bid | : | 5.00 P.M. of dtd 09.11.2018. |
| 3) | Date of Opening of the Bid | : | 11.00 A.M. of 12.11.2018. |

The other terms & conditions stipulated in the Original tender call notice for all other works remain unchanged.

**Sd./- Er. T.R. Parida**
**Superintending Engineer**
**Phulbani (R&B) Circle, Phulbani**

**34129/11/0011/1819**

---

**OFFICE OF THE COLLECTOR & DIST. MAGISTRATE, KANDHAMAL**
**(Social Welfare Section)**

**TENDER CALL NOTICE**

**No. 2236/ SW, Dtd. 12.10.2018**

No.42-g : Sealed tenders are invited from the intending printing press / supplying Agencies for printing and supply of New Arunima Work Book 1 to 11 to Pre-School Children (Colour Print) to reach the undersigned on or before 06.11.2018 by 4PM. (thorugh speed post/ Registered post to the Office of the DSWO, Kandhamal, Phulbani). The sealed tender will be opened on 08.11.2018 at 3PM by the undersigned in his office in presence of the tenderers or their authorized agents and Dist. Level Tender Committee constituted for the purpose.

Details regarding tender papers, terms & conditions can be downloaded from the District website (www.kandhamal.nic.in).

There shall be two stages of bidding - Technical & Financial. Interested tenders must sumbit their technical bid and financial bids in separate envelope superscribed as financial and technical bid respectively. These two envelopes must be placed in a third bigger envelope superscribed as "tender bid for printing and supply of New Arunima work book I & II" in Kandhamal District.

The tenders received beyond the scheduled time and date shall be rejected. The undersigned reserves the right to accept or reject any or all the tenders without asigning any reason thereof.

**Sd./- Collector**
**Kandhamal, Phulbani**

24041/11/0009/1819

---

**OFFICE OF THE EXECUTIVE ENGINEER MINOR IRRIGATION DIVISION, KHURDA**
**E-mail: eemidkhurda@yahoo.co.in, PH.No. 06755-221502**
**GOVERNMENT OF ODISHA**
**e-PROCUREMENT NOTICE**
**BID IDENTIFICATION No: EE, MID, KHD 14 /2018-19**

No.628-A:-

| | | |
|---|---|---|
| Name of work | : | Civil Construction Works |
| No. of works | : | 10 (Ten) Nos. |
| Estimated cost | : | Rs. 10.72 lakh to 27.78 lakh. |
| Tender paper cost | : | Rs. 6,000.00 |
| Period of completion Class of Contractor | : | 180 days. "B, C & D". |
| Availability of bid documents | : | From 26.10.2018 11.00 AM to 08.11.2018 up to 5.00 PM in website (www.tendersorissa.gov.in). |
| Period of Receipt of bid through on Line | : | From 26.10.2018 11.00AM 08.11.2018 upto 5.00 PM through On- Line. |
| Mode of Payment | : | Online. |
| Date of opening of bid documents | : | 09.11.2018. |
| Date of Lottery( If required) | : | On dt. 20.11.2018 at 11 .00 AM on wards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in | | |
| Name & Address of the OIT | : | Executive Engineer, M.I.Division, Khurda, At- Pallahat, PO-Khurda, Dist:- Khurda, PIN-752056, E-mail ID-eemidkhurda@yahoo.co.in. |
| Further details can be seen from the e-Procurement market place. | : | http://tendersorissa.gov.in. |

**Executive Engineer**
**M.I.Division, Khurda**

32042/11/0013/1819

---

**COLLECTORATE, NABARANGPUR**
**(Social Welfare Section)**

**1) Tender Call Notice Number - 2242 Dated 15.10.2018**

The Tender Call Notice invited vide letter No. 2242 dated 15.10.2018 by the Collecotor, Nabarangpur for printing and supply of new Arunima Abhysa Pustika to this District and detail term & conditions available in the District website **www.nawrangapur.nic.in**.

**Sd./- District Social Welfare Officer, Nabarangpur**

---

**"e" Procurement Notice**

No. 2168 Date: 15.10.18

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Tender Reference No. : EO/JMC/039/2018-19
2. Tender I.D No. : **2018_ORULB_50244**
3. Name of the work : Civil construction works as mentioned in website
4. No. of works : 01 No.
5. Estimated cost : Rs.392700.00
6. Period of completion : 30 days
7. Date & time of bidding : 17.10.2018 to 26.10.2018 upto 5 PM
8. Last date & time for receipt of bids in the portal : 26.10.2018 upto 5 PM
9. Submission of original documents (TP Cost, EMD, Affidavit etc. as per DTCN) : On or before 30.10.2018 upto 11 AM (physically produce to the Executive Officer inviting the bid or through Registered Post / Speed Post or Office tender box
10. Bids received online shall be opened on : 30.10.2018 at 11.30 AM
11. Name and address of the officer inviting bid : Executive Officer, Jatni Municipality

Further details can be seen from the procurement portal i.e. **www.tendersorissa.gov.in**.

**Sd./- Executive Officer, Jatni Municipality**

---

**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO. III BHUBANESWAR**
**bbsrrandb03@yahoo.com**
**No. 5459,** **Date : 14.10.2018**

No. 739-B

**Government of Odisha**
**'e'-Procurement Notice No. (33) of 2018-19**
**Bid Identification No. C.C. (R&B) 03**

| | | |
|---|---|---|
| 1. | Name of the Work | Road Works |
| 2. | Total No. of Works | 2 Nos. works |
| 3. | Estimated Cost | 1) Rs. 25,51,873.00, 2) 22,23,789.00 |
| 4. | Class of Contractor | (C & B) |
| 5. | Period of Completion | 15 (Fifteen) days |
| 6. | Type of tender | Single Cover System. (online) |
| 7. | Date & time of availability of bid document in the portal | From 17.10.2018 at 13.00 hrs to 17.00 hrs. of 25.10.2018 at 14.00 hrs. |
| 8. | Last Date & Time for Receipt of bids in the Portal | 25.10.2018, upto 14.00 hrs |
| 9. | Name & Address of the officer Inviting Bid | Er. P. Hotta, Executive Engineer, Bhubaneswar (R&B) Division No. III, Bhubaneswar |

Further details can be seen from the e-procurement portal https://tendersorissa.gov.in

N.B. : subsequent corrigendum / addendum if required shall be available in the website as indicated above.

**Sd./- Executive Engineer**
34089/11/0014/1819 **Bhubaneswar (R&B) Division, No. III, BBSR**

---

**OFFICE OF THE COACH IN-CHARGE, SPORTS HOSTEL, BHUBANESWAR**

Email address: sportshostelbhubaneswar@gmail.com
Phone: 0674-2421424

Letter No. 571/SH Bhubaneswar Dated 15.10.18

**TENDER CALL NOTICE**

**No. 9-TT:-** Sealed Quotations / Tenders are invited from the intending suppliers / authorised firms having valid GST clearance certificate, TIN, PAN for supply of Dress Materials, Shoes Materials and Game Equipments for the inmates of different Sports Disciplines of Sports Hostel, Bhubaneswar for the year 2018-19. The detail terms and conditions and list of items intended to be procured will be available either in the website of Sports & Youth Services Department, Govt. of Odisha www.dsysodisha.gov.in or in the office of the Coach in-Charge Sports Hostel, Kalinga Stadium Premises, Nayapalli, Bhubaneswar-751012, Dist.- Khorda during the office hour on all working days in between 11.00AM to 4.30PM.

The rate should be inclusive of all taxes and deliveries of the material are to be made in the Sports Hostel, Bhubaneswar Office. Sealed Quotations / Tenders along with required documents and samples will be received by the undersigned upto 3.00PM on 05.11.2018 and will be opened on the same day at 4.00PM in presence of Quotationers / Authorised Representatives. Bids received beyond this stipulated date, time and without samples shall not be considered.

The undersigned reserves the right to reject / cancel any or all the Quotations without assigning any reason thereof.

*Sd./- Coach-in-Charge*
29008/11/0001/1819 *Sports Hostel, Bhubaneswar*


INDIA'S SECOND LARGEST FOOTWEAR RETAIL CHAIN | 750+ STORES ACROSS INDIA | KHADIMS.COM | /KHADIMSINDIA
Khadim's Festive collection
the sole of india
Khadim's®
WOMEN
51604851660 | ₹ 499
51606751650 | ₹ 699
27833027880 | ₹ 699
23045423050 | ₹ 699
28940628920 | ₹ 849
42232042281 | ₹ 1599
49910049990 | ₹ 1499
51502451570 | ₹ 999
26611826630 | ₹ 1299
35827535850 | ₹ 1199
MEN
15190515130 | ₹ 499
28028228090 | ₹ 699
28002828030 | ₹ 749
53600953640 | ₹ 749
48800248841 | ₹ 2499
56603156630 | ₹ 1499
93610193640 | ₹ 2299
49301149360 | ₹ 2299
63105163150 | ₹ 1499
Khadim's
PUJA OFFER
SHOP & WIN
JACKPOT OFFER CAR
Shop for ₹500 & above and get a chance to win many other attractive prizes
Participate in lucky draw*
T&C Apply*
KIDS
38125838130 | ₹ 499
38126138190 | ₹ 499
56101256150 | ₹ 379
65371265350 | ₹ 329
Brands from the house of Khadim's
BRITISH WALKERS® POWER STRIDE
LAZARD
TURK Rugged Style
PRO
SHARON™ easers
cleo® THE STYLE STORY
softouch™
bonito™ fun together
adrianna® walk like a princess
Call us at 1800 274 0501 Toll Free (domestic calls only), 8am to 8pm
BHUBANESWAR Ashok Nagar, Janapath | Pal Heights, Jaydev Vihar | KIIT Square,Patia | Sahidnagar | Esplanade One Mall, Rasulgarh JATNI Badabazar Road CUTTACK Buxi Bazar | Bajrakabati Road, Dolamundai | Netaji Subhas Chandra Bose Arcade, Darga Bazar | College Square CHOUDWAR | SALIPUR | ATHAGARH | BERHAMPUR Fire Station Road ANGUL Sankar Cinema Hall Road JAJPUR ROAD Gopobandhu Chawk | Bank Street JAJPUR TOWN Jajati Nagar CHANDIKHOLE NH-5 BALICHANDRAPUR | BALASORE Vivekananda Marg BARIPADA College Road ROURKELA Shanti Tower | Bisra Road | Sector -5 SAMBALPUR Gole Bazar | Budharaja JHARSUGUDA Mongal Bazar Road PURI Grand Road | NIMAPARA Ganesh Bazar NAYAGARH Main Road PATTAMUNDAI College Road JAGATSINGPUR Central Market PARADEEP | DHENKANAL Jawahar Chawk BHADRAK Bypass Road BARGARH Bhatli Chawk KHARIAR Boden Chowk PHULBANI Bus stand Road BHAWANIPATNA Satyam Cinema Hall Road
For business enquiry, call 09338852211



୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ନେଟ୍ ପ୍ରକଳ୍ପକୁ ଶେଷ କରିବା ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

**– ମନୋଜ ସିହ୍ନା, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ**



ଡିଜିଟାଲ ନେଣଦେଣ ଚାହିଦା ବଢୁଥିବା ବେଳେ ଏ କ୍ଷେତ୍ରରେ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଲୋଡ଼ା।

**– ଆଧିଲ ସେଟ୍ଟୀ, ସିଇଓ, ବ୍ୟାଙ୍କ ବାଜାର**

## ସଂକ୍ଷେପରେ

### ଅଢ଼େଇ ଟଙ୍କା ହ୍ରାସ ବେକାର
## ଡିଜେଲ ଦର ପୁଣି ବଢ଼ିଲା

**ନୂଆଦିଲ୍ଲୀ,୧୫-୧୦:** ନିକଟରେ କେନ୍ଦ୍ର ସରକାର ଡିଜେଲ ମୂଲ୍ୟ ୨.୫୦ ଟଙ୍କା କମାଇଥିଲେ। ଏହାପର ଠାରୁ କ୍ରମାଗତ ୧୦ ଦିନ ଧରି ଡିଜେଲ ଦର ବଢ଼ିଚାଲିଛି। ସରକାର ହ୍ରାସ କରିଥିବା ଦର ସୋମବାର ଦିଲ୍ଲୀରେ ଟପିଯାଇଛି। ବିଗତ ୧୦ ଦିନ ମଧ୍ୟରେ ଡିଜେଲ ଦର ୨.୫୧ଟଙ୍କା ବଢ଼ିସାରିଛି। ଗତବର୍ଷ ଜୁନ୍‌ରେ ତୈଳ କମ୍ପାନୀଗୁଡ଼ିକ ଦୈନିକ ମୂଲ୍ୟ ସଂଶୋଧନ ଲାଗୁ କରିବା ପରେ ଡିଜେଲର ଦର ବୃଦ୍ଧି ଅତି ଦ୍ରୁତ ହୋଇଛି। ଦିଲ୍ଲୀରେ ସୋମବାର ଡିଜେଲ ଦର ଲିଟର ପିଛା ୭୫.୪୬ ଟଙ୍କା ରହିଛି,ଯାହାକି ଅକ୍ଟୋବର ୪ରେ ୭୫.୪୫ଟଙ୍କାରୁ ଅଧିକ। ସରକାର ଅକ୍ଟୋବର ୫ରେ ଦର ହ୍ରାସ ଘୋଷଣା କରିଥିଲେ। ସୋମବାର ପେଟ୍ରୋଲ ଲିଟର ପିଛା ୮୨.୭୨ଟଙ୍କା ହୋଇଛି।

## ପାଇକାରୀ ମୁଦ୍ରାସ୍ଫୀତି ୫.୧୩%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୫-୧୦:** ପେଟ୍ରୋଲ ଓ ଡିଜେଲର ଦାମ୍ ବଢ଼ିବା ତଥା ଖାଦ୍ୟ ପଦାର୍ଥ ମହଙ୍ଗା ହେବା କାରଣରୁ ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ବୃଦ୍ଧି ପାଇ ଦୁଇ ମାସର ସର୍ବୋଚ୍ଚ ସ୍ତର ୫.୧୩%ରେ ପହଞ୍ଚିଛି। ଅଗଷ୍ଟରେ ଏହା ୪.୫୩ ପ୍ରତିଶତ ରହିଥିଲା। ୨୦୧୭ସେପ୍ଟେମ୍ବରରେ ଏହା ୩.୧୪% ଥିଲା। ତଥ୍ୟରୁ ଜଣାପଡିଛି ଯେ, ସେପ୍ଟେମ୍ବରରେ ପେଟ୍ରୋଲ ଓ ଡିଜେଲ ମୁଦ୍ରାସ୍ଫୀତି କ୍ରମଶଃ ୧୭.୨୧ପ୍ରତିଶତ ଏବଂ ୨୨.୧୮ ପ୍ରତିଶତ ବୃଦ୍ଧିପାଇଛି। ସେହିପରି ଏଲ୍‌ପିଜି ମୁଦ୍ରାସ୍ଫୀତି ୩୩.୫୧ ପ୍ରତିଶତକୁ ବଢ଼ିଛି। ଅନୁରୂପ ଭାବେ ଖାଦ୍ୟପଦାର୍ଥ ମୂଲ୍ୟ ଆଲୋଚ୍ୟ ମାସରେ ଦେଖିଲେ ଜଣାପଡୁଛି ଯେ, ଆଳୁ ୮୦.୧୩% ମହଙ୍ଗା ହୋଇଛି। ସେହିପରି ପିଆଜ ଓ ଫଳର ଦାମ୍‌ରେ କ୍ରମଶଃ ୨୫.୨୩ ପ୍ରତିଶତ ଏବଂ ୭.୩୫ ପ୍ରତିଶତ କମିଛି।

## ବାଣିଜ୍ୟ ନିଅଣ୍ଟ ୫ ମାସର ସର୍ବନିମ୍ନ ସ୍ତରରେ

**ନୂଆଦିଲ୍ଲୀ,୧୫-୧୦:** ପାଞ୍ଚ ମାସ ପରେ ସେପ୍ଟେମ୍ବରରେ ଭାରତର ରପ୍ତାନି ହ୍ରାସ ପାଇଛି। ତେବେ ଦେଶର ବାଣିଜ୍ୟ ନିଅଣ୍ଟ ଏହି ସମୟରେ ୫ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚି ୧୩.୯୮ ବିଲିୟନ ଡଲାର ଛୁଇଁଛି। ସେପ୍ଟେମ୍ବରରେ ଦେଶର ରପ୍ତାନି ୨.୧୫% ରହିଥିବା ବେଳେ ଆମଦାନୀ ୧୦.୪୫% ଅର୍ଥାତ୍ ୪୧.୯ ବିଲିୟନ ଡଲାର ରହିଛି। ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ତଥ୍ୟ ଜାରି କରି କୁହାଯାଇଛି ଯେ,ରପ୍ତାନି ହ୍ରାସ ପାଇବା ସାମୟିକ।

# ଇରାନ ତେଲ ନ ମିଳିଲେ ଚିନ୍ତା ନାହିଁ

**ନୂଆଦିଲ୍ଲୀ,୧୫-୧୦**

- ସୌଦି ଆରବ, ଇରାକ ଭଳି ଦେଶ ଭାରତକୁ ତେଲ ଯୋଗାଇବେ
- କଣ୍ଟ୍ରାକ୍ଟରେ ଅପଶନାଲ ଭଲ୍ୟୁମ୍ ବ୍ୟବସ୍ଥା ରହିଛି
- ୫ ମାସ ପାଇଁ ସଙ୍କଟ



ନଭେମ୍ବର ୪ରୁ ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହୋଇଯିବ। ଏହାକୁ ଦୃଷ୍ଟିରେ ରଖି ଭାରତ ବିକଳ୍ପ ବ୍ୟବସ୍ଥା କରିସାରିଛି। କଟକଣା ପରେ ଟଙ୍କା ମାଧ୍ୟମରେ ଇରାନରୁ ତେଲ କିଣିବା ଲାଗି ଭାରତ ପ୍ରସ୍ତୁତ ହେଉଛି। କିନ୍ତୁ ଆମେରିକା ଚାପରେ ଯଦି ଏହା ସମ୍ଭବ ନ ହୁଏ ତେବେ ସୌଦି ଆରବ, ଇରାକ ଓ ଅନ୍ୟ ଓପେକ୍ ରାଷ୍ଟ୍ର ଭାରତର ଚାହିଦା ପୂରଣ କରିବେ। ଏ ନେଇ ଭାରତ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଭାରତ ୨୦୧୭-୧୮ ଆର୍ଥିକ ବର୍ଷରେ ଇରାନରୁ ୨୨୬ ଲକ୍ଷ ଟନ ଅଶୋଧିତ ତେଲ କିଣିଥିଲା। ଚଳିତ ବର୍ଷ ୨୫୦ ଲକ୍ଷ ଟନ ତେଲ କିଣିବା ଲାଗି ସେ ଦେଶ ସହିତ ଚୁକ୍ତି ହୋଇଛି। ନଭେମ୍ବରରେ କଟକଣା ଲାଗୁ ହେବା ପରେ ଇରାନରୁ ତେଲ ଆସିବା ବନ୍ଦ ହୋଇପାରେ। ଏପରି ସ୍ଥଳେ ଆମଦାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଭାରତକୁ ତେଲ ସଙ୍କଟର ସାମ୍ନା କରିବାକୁ ପଡିପାରେ। ତେବେ ଏହି ସଙ୍କଟ ମାତ୍ର ୫ ମାସ ଧରି ଚାଲିବ। ଏହାର ମୁକାବିଲା ଲାଗି ସୌଦି ଆରବ, ଇରାକ ସମେତ ଅନ୍ୟ ଓପେକ୍ ଦେଶଗୁଡ଼ିକ ଆଗେଇ ଆସିଛନ୍ତି। ସେମାନଙ୍କ ସହ ଭାରତର ଚୁକ୍ତି ହୋଇଛି। ଏହି ଚୁକ୍ତିରେ ଅତିରିକ୍ତ କ୍ଷମତାର ବିକଳ୍ପ ନାମକ ଏକ ବ୍ୟବସ୍ଥା ରହିଛି। ଏହି ବିକଳ୍ପ ଜରିଆରେ ଭାରତ ନିଜର ତେଲ ଚାହିଦାକୁ ପୂରଣ କରିବ ବୋଲି ଅଧିକାରୀ ଜଣକ କହିଛନ୍ତି। ଉଲ୍ଲେଖଥାଉ କି, ଭାରତକୁ ତେଲ ଯୋଗାଣ କ୍ଷେତ୍ରରେ ଇରାନ ତୃତୀୟ ସର୍ବବୃହତ ରାଷ୍ଟ୍ର। ସୌଦି ଆରବ ପ୍ରଥମରେ ରହିଥିବା ବେଳେ ଇରାକ ଦ୍ୱିତୀୟ ସ୍ଥାନରେ ରହିଛି।

ଇରାନରୁ ତୈଳ ନ ମିଳିବା କ୍ଷେତ୍ରରେ ଭାରତ ଆଗୁଆ ଯୋଜନା ପ୍ରସ୍ତୁତ କରିଛି ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଚଳିତ ମାସ ପର୍ଯ୍ୟନ୍ତ ଇରାନରୁ ଅଶୋଧିତ ତେଲ ଆମଦାନୀରେ କୌଣସି ଅସୁବିଧା ନାହିଁ। ଅବଶିଷ୍ଟ ୫ ମାସ ପାଇଁ ସମସ୍ୟା ରହିଛି। ଏହି ସମୟ ପାଇଁ ସୌଦି ଆରବ,ଇରାକ ଭଳି ଦେଶରୁ ଅତିରିକ୍ତ ତେଲ କିଣି ଚାହିଦାକୁ ପୂରଣ କରାଯିବ। ଆମ ନିକଟରେ ସମସ୍ତ ବିକଳ୍ପ ଯୋଜନା ରହିଛି। ସେ କହିଛନ୍ତି ଯେ, ଇରାନରୁ ସମ୍ପୂର୍ଣ୍ଣ ତେଲ ମିଳିବା ବନ୍ଦ ହୋଇଗଲେ ମଧ୍ୟ ଦେଶର ତୈଳ ବିପଣନ କମ୍ପାନୀଙ୍କ ଉପରେ ଏହାର ପ୍ରଭାବ ପଡିବନି। ତେବେ ଇରାନରୁ ତେଲ କିଣିବାକୁ ଭାରତ ଆଗ୍ରହୀ। ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ସପ୍ତାହରେ କହିଥିଲେ ଯେ, ଦେଶର ଦୁଇଟି ତୈଳ କମ୍ପାନୀ ଆମେରିକାର କଟକଣା ସତ୍ତ୍ୱେ ଇରାନରୁ ତେଲ କିଣିବାକୁ ଚୁକ୍ତି କରିଛନ୍ତି। ଇଣ୍ଡିଆନ ଅଏଲ କର୍ପୋରେଶନ ଓ ଏମ୍ଆର୍‌ପିଏଲ୍ କମ୍ପାନୀ ନଭେମ୍ବରରେ ଇରାନରୁ ୧୨.୫ ଲକ୍ଷ ଟନ ତେଲ କିଣିବାକୁ ଅର୍ଡର ଦେଇଛନ୍ତି।

## ରାଜ ଇଲେକଟ୍ରୋନିକ୍ସର ୨୨ତମ ଶୋ'ରୁମ ଶୁଭାରମ୍ଭ



**ଭୁବନେଶ୍ୱର,୧୫-୧୦:** ଇଲେକଟ୍ରୋନିକ୍ସର ପ୍ରମୁଖ ରିଟେଲ ଚେନ୍ ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ଏହାର ୨୨ତମ ମେଗା ଶୋ'ରୁମ ଯାଜପୁର ରୋଡ୍‌ଠାରେ ଖୋଲିଛି। ନୂଆ ଷ୍ଟୋରକୁ ଟାଟା ଷ୍ଟିଲର ଜେନେରାଲ ମ୍ୟାନେଜର ପ୍ରଶାନ୍ତ କୁମାର ମଲ୍ଲିକ ଏବଂ ଶୋ'ରୁମର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ ଶୁଭାରମ୍ଭ କରିଛନ୍ତି। ଏହା ଚୋରଦା ଟ୍ରାଫିକ ଛକ, ବାଇପାସ ରୋଡଠାରେ ଖୋଲିଛି। ଗତ ୪୦ ବର୍ଷ ଧରି ରାଜ୍ ଇଲେକଟ୍ରୋନିକ୍ସ ଗ୍ରାହକଙ୍କୁ ସେବା ଯୋଗାଣ ଧାରା ଜାରି ରଖିଛି। ଗ୍ରାହକମାନେ ଗୋଟିଏ ଛାତ ତଳେ ସବୁ ବର୍ଗର ଇଲେକଟ୍ରୋନିକ୍ସ ସାମଗ୍ରୀ ଲାଭ କରିବାକୁ ସକ୍ଷମ ହେବେ। ଏହା ସହ ସ୍ମାର୍ଟଫୋନ୍ , ହୋମ୍ ଆପ୍ଲାଏନ୍ସ, କ୍ୟାମେରା ଭଳି ଡିଜିଟାଲ ସାମଗ୍ରୀ ଏଠାରେ ଉପଲବ୍ଧ ହେବ। ଶୋ'ରୁମରେ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ସୁବିଧା କରାଯାଇଛି ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି। ପାର୍ବଣ ଅଫର ଗ୍ରାହକ ପାଇ ପାରିବେ ବୋଲି ଶୋ'ରୁମ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷା ସବିତା ରାଉତ, ଅମରେଶ ବିଶ୍ୱାଳ, ପ୍ରଶାନ୍ତ କୁମାର ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ, ପ୍ରିୟଦର୍ଶିନୀ ବିଶ୍ୱାଳ, ସମନ୍ଦିନୀ ବିଶ୍ୱାଳ, ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ସେଣ୍ଟ୍ରାଲରେ ପୂଜା ସ୍ପେଶାଲ ଅଫର

**ଭୁବନେଶ୍ୱର,୧୫-୧୦**







ସହରର ପ୍ରମୁଖ ସପିଙ୍ଗ୍ ଡେଷ୍ଟିନେଶନ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ପାର୍ବଣ ଅବସରରେ ସ୍ପେଶାଲ ଅଫ୍‌ର 'ପୂଜା ସଜବାଜରେ ଭୁବନେଶ୍ୱର' ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତବର୍ଷ ଭୁବନେଶ୍ୱର ସେଣ୍ଟ୍ରାଲ ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ ଗ୍ରାହକଙ୍କ ସହ ପାର୍ବଣକୁ ପାଳନ କରୁଛି। ପାର୍ବଣ ଉପଲକ୍ଷେ ଏହା ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଇ ପ୍ରଥମ ଥର ଲାଗି କ୍ରୟ ଉପରେ ଉପହାର (ଗିଫ୍ଟ ୱିଥ୍ ପର୍‌ଚେଜ୍) ସୁବିଧା ଆଣିଛି। ବିଭିନ୍ନ ଅଫର୍‌କୁ କଷ୍ଟମରଙ୍କ ଭଲ ରେସ୍‌ପନ୍ସ ମିଳୁଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। ଏଠାରେ ଗ୍ରାହକମାନେ ଫ୍ୟାଶନ ତଥା ଅନ୍ୟାନ୍ୟ ସାମଗ୍ରୀ କ୍ରୟର ଅନନ୍ୟ ଅଭିଜ୍ଞତା ଲାଭ କରିବାକୁ ସକ୍ଷମ ହେବେ। ସ୍ୱତନ୍ତ୍ର ଅଫର ମଧ୍ୟରେ ୪,୯୯୯ ଟଙ୍କାର କ୍ରୟ ଉପରେ ଗ୍ରାହକ ୨୯୯୦ ଟଙ୍କା ମୂଲ୍ୟର କୋର୍‌ୟୋ ମିକ୍ସର ଗ୍ରାଇଣ୍ଡର ୪୯୯ ଟଙ୍କାରେ ପାଇପାଇବେ। ୧୪,୯୯୯ ଟଙ୍କାର କିଣାକିଣିରେ ୯,୦୫୦ ଟଙ୍କାର ଆମେରିକାନ ଟୁରିଷ୍ଟର ହାର୍ଡ ଲଗେଜ୍ ମାତ୍ର ୪୯୯ ଟଙ୍କାରେ ମିଳୁଛି। ଏହାବାଦ୍ ୨୯,୯୯୯ ଟଙ୍କାର କ୍ରୟରେ ୨୨,୯୯୦ ଟଙ୍କା ମୂଲ୍ୟର କୋର୍‌ୟୋ ୩୨ ଇଞ୍ଚର ଏଲ୍‌ଇଡି ଟିଭି ମାତ୍ର ୪,୯୯୯ ଟଙ୍କାରେ ଉପଲବ୍ଧ ହେଉଛି।

ସେହିଭଳି ସେଣ୍ଟ୍ରାଲ୍, ବଜାଜ୍ ଫିନ୍‌ସର୍ଭ ଏବଂ ଆଇସିଆଇସିଆଇ ସହ ଚୁକ୍ତିରେ ସାମିଲ୍ ହୋଇଛି। ବଜାଜ୍ ଫିନ୍‌ସର୍ଭରେ ଗ୍ରାହକମାନେ କିସ୍ତିରେ କ୍ରୟ ସୁବିଧା ପାଇପାରିବେ। ଆଇସିଆଇସିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡରେ ସପିଙ୍ଗ୍ ଉପରେ ରିହାତି ସୁବିଧା ଗ୍ରାହକ ପାଇପାରିବେ। ଏଠାରେ ଲେଡିଜ୍‌ୱେର, କିଡସ୍‌ୱେର, ମେନ୍ସୱେର, ଫୁଟ୍‌ୱେର, ସନ୍‌ଗ୍ଲାସେସ, ଆପାରେଲ୍ସ, କସ୍‌ମେଟିକ୍ସ ଭଳି ଅନ୍ୟ ବର୍ଗରେ ସାମଗ୍ରୀ ଉପଲବ୍ଧ। ବିଭିନ୍ନ ବର୍ଗର ସପିଙ୍ଗ୍ ଆବଶ୍ୟକତାକୁ ଧ୍ୟାନରେ ରଖି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ବ୍ୟକ୍ତି ବିଶେଷଙ୍କ ସହ ଏହା ଫ୍ୟାମିଲି, ଫ୍ରେଣ୍ଡଙ୍କର ଏକ ଫେବରିଟ୍ ସପିଙ୍ଗ୍ ଡେଷ୍ଟିନେଶନ ହୋଇ ପାରିଛି ବୋଲି ସେଣ୍ଟ୍ରାଲ ପକ୍ଷରୁ ସୂଚନା ରହିଛି।

## ପିସି ଜୁଏଲରର ଉତ୍ସବ ଅଫର

**ନୂଆଦିଲ୍ଲୀ,୧୫-୧୦:** ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ପିସି ଜୁଏଲର ପକ୍ଷରୁ ଉତ୍ସବ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ଗ୍ରାହକ ହୀରା, ସୁନା ଏବଂ ରୁପା ଗହଣାର ଗଢ଼ାମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ଏହି ଅଫର ୧୦ ଅକ୍ଟୋବରଠାରୁ ନଭେମ୍ବର ୧୮ ଯାଏ ଚାଲିବ। କମ୍ପାନୀ ଗ୍ରାହକଙ୍କୁ ଆକର୍ଷକ ଡିଜାଇନ ପ୍ରଦାନ କରୁଛି। ଏହା ମଧ୍ୟରେ ନେକଲେସ୍ ସେଟ୍, ମୁଦି, ଚୁଡି, ସୁନା ଏବଂ ରୁପା ଚେନ୍ ଭଳି କଲେକ୍ସନ ରହିଛି। ଏହି ଅଫର ଗ୍ରାହକଙ୍କୁ ଲାଭ ପ୍ରଦାନ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ପିସି ଜୁଏଲରର ପରିଚାଳନା ନିର୍ଦ୍ଦେଶକ ବଳାରାମ ଗର୍ଗ ସୂଚନା ଦେଇଛନ୍ତି।

PCJ Jeweller for generations
PC Jeweller

**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)

**CORRIGENDUM**

Date of opening (Technical) of e-Tender for Supply and installation of manual change over switches with panel box at NIFT Bhubaneswar published in newspapers on 20.09.2018 is extended to **26.10.2018**. Details available in e-tender portal and NIFT website **www.nift.ac.in/bhubaneswar**

**- Director**

See Career Appointment on every Wednesday & Saturday

**INDIAN PORT RAIL CORPORATION LTD**
(A Govt. Of India Enterprise)
Under Ministry of Shipping

"Carting Of Concrete Sleepers From Dhanmandal Station of East Coast Railway To Paradip Port"
Tender No
IPRCL/BBS/T/PPT-BOT/1
dated 16.10.2018
Date of Opening
01-11-2018
For details, please visit
**www.iprcl.org**

**OFFICE OF THE MUNICIPAL COUNCIL, PARADEEP**
**No. 8012, Date. 15.10.2018**

**e-Procurement Notice**
**Paradadeep Municipality, Paradeep**

| | | |
|---|---|---|
| Tender Call Notice No. | : | No. 8009/ Dt. 15.10.2018 |
| Bid Identification No. | : | EO/PDPM/06(27)/18-19 |
| Tender ID | : | 2018_ORULB_50252 |
| Nature of works | : | Civil works |
| Number of works | : | 27 (Twentyseven) Nos. |
| Tender value | : | 1.32 Lakhs - 17.76 Lakhs |
| Available period | : | Dt. 17.10.2018 from 10.00 hours to dt. 29.10.2018 by 17.00 hours |
| Tender Opening Date | : | Dt. 31.10.2018 at 11.00 hours |

Bidders are requrested read the NIT & DTCN and Participate with their Class-II DSC before closing date at www.tendersodisha.gov.in

**Sd./- Executive Officer**
**Paradeep Municipality**

**OFFICE OF THE EXECUTIVE ENGINEER, MINOR IRRIGATION DIVISION, DHENKANAL**
**No 2596 / Dt. 12.10.2018**

**e- Procurement Notice**
**Bid Identification No.- DMID / 07 / 2018-19**
e-mail ID : eemidkl@yahoo.co.in

The Executive Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work | Improvement of Check Dam/ Construction Balance work of MIP/ Repair to Building in different Block of Dhenkanal District for the year 2018-19 |
| No. of Works | 56(Fifty Six) Only |
| Estimated Cost | Varies from Rs 2.64 to Rs. 35.36 lakhs (Approximately) |
| Cost of Tender Paper | Varies from Rs 2000/- to Rs 6000/- (Non- Refundable) |
| Period of Completion | Varies from 02 (Two) to 03 (Three) Calendar months |
| Availability of bid documents for sale and receipt through on-line | From dt.30.10.2018, 10.00 A.M, to dt.13.11.2018, up to 5.00 P.M. |
| Last date / time of receipt of bids in the portal | 13.11.2018 ( 5.00PM) |
| Date of opening of bid through online | On dt. 14.11.2018 at 11.00 A.M in the Office of the E.E, M.I.Division, Dhenkanal. |
| Mode of payment of Bid Cost and Bid security | Online |
| The detail tender call notice can also be seen in the DOWR website **http:/dowrorissa.gov.in** | |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| Name & Address of the OIT: | Executive Engineer, Minor Irrigation Division, Dhenkanal. At /P.O / District – Dhenkanal. Ph.No / Fax No.-06762-224461, Email ID:eemidkl@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

32027/11/0011/1819

**Executive Engineer,**
**M.I.Division, Dhenkanal.**

**ସର୍ବଶିକ୍ଷା ଅଭିଯାନ, କଳାହାଣ୍ଡି, ଭବାନୀପାଟଣା**

**ନିଯୁକ୍ତି, ବିଜ୍ଞାପନ**

**ନଂ ୫୧୧୨** **ତାରିଖ: ୧୨।୧୦।୨୦୧୮**

ପ୍ରତିକୂଳ ଅବସ୍ଥାରେ ରହୁଥିବା ଓ ଶିକ୍ଷାରୁ ବଞ୍ଚିତ ହୋଇଥିବା 6 ବର୍ଷରୁ 14 ବର୍ଷ ବୟସର ପିଲାଙ୍କ ପାଇଁ କଳାହାଣ୍ଡି ଜିଲ୍ଲା ସଦର ମହକୁମା (ଭବାନୀପାଟଣା) ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଖୋଲାଯାଇଥିବା ଆବାସିକ ଛାତ୍ରାବାସରେ ଖାଲିଥିବା Warden ଓ ଚପରାସୀ-ତଥା ଝାଡୁଦାର (Peon) ପଦବୀ ପୂରଣ ପାଇଁ ଆବଶ୍ୟକ ଦରଖାସ୍ତ ଆହ୍ୱାନ କରାଯାଉଅଛି। Warden ପଦବୀ ପାଇଁ କେବଳ ପୁରୁଷ ପ୍ରାର୍ଥୀ ଆବେଦନ କରିପାରିବେ ଏବଂ ଚପରାସୀ-ତଥା ଝାଡୁଦାର ପଦବୀ ପାଇଁ କେବଳ ମହିଳା ପ୍ରାର୍ଥିନୀ ଆବେଦନ କରିପାରିବେ। ଇଚ୍ଛୁକ ଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ଜିଲ୍ଲା ୱେବ୍‌ସାଇଟ୍ (www.kalahandi.nic.in) ଓ OPEPA ୱେବ୍‌ସାଇଟ୍ (www.opepa.in) ରୁ ଆବଶ୍ୟକ ଦରଖାସ୍ତ, ଖାଲି ପଡ଼ିଥିବା ପଦବୀ ସଂଖ୍ୟା ଆବେଦନ କରିବା ପାଇଁ ଆବଶ୍ୟକ ଅନ୍ୟାନ୍ୟ ତଥ୍ୟ ଡାଉନ୍‌ଲୋଡ୍ କରି 09.11.2018 ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ସୂଚାଇ ଦିଆଗଲା। Warden ପାଇଁ ପ୍ରାର୍ଥୀ ସ୍ନାତକ (BA/B.Sc.) ହୋଇଥିବେ ତାହା ସହିତ B.Ed. କରିଥିବେ। B.Ed. ପ୍ରାର୍ଥୀ ନ ମିଳିଲେ କେବଳ ସ୍ନାତକ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱକୁ ବିଚାରକୁ ନିଆଯିବ। ଚପରାସୀ-ତଥା-ଝାଡୁଦାର ପାଇଁ ପ୍ରାର୍ଥିନୀ HSC pass କରିଥିବେ ଓ ବୟସ ଏହି ବିଜ୍ଞାପନ ବାହାରିବା ଦିନ ସୁଦ୍ଧା 18 ରୁ 35 ବର୍ଷ ଓ ୱାର୍ଡେନ ପାଇଁ ବୟସ ସୀମା 30 ରୁ 50 ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଉପରୋକ୍ତ ଆବଶ୍ୟକତା ପୂରଣ କରୁଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ 09.11.2018 ତାରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଡାକ ଯୋଗେ (କେବଳ ସ୍ପିଡ ପୋଷ୍ଟ ଓ ରେଜିଷ୍ଟ୍ରି ଡାକ ଯୋଗେ) ଆବେଦନ କରିପାରିବେ। ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

**ଜିଲ୍ଲାପାଳ ତଥା ଅଧ୍ୟକ୍ଷ ସର୍ବଶିକ୍ଷା ଅଭିଯାନ, କଳାହାଣ୍ଡିଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ**
**ସର୍ବଶିକ୍ଷା ଅଭିଯାନ, କଳାହାଣ୍ଡି, ଭବାନୀପାଟଣା**

**GOVERNMENT OF ODISHA** No.632-A
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, JHARSUGUDA**
E-mail :- eemijharsuguda@gmail.com

No.1516 Date: 11.10.2018

**e-PROCUREMENT NOTICE**
**BID REF No: EE,MID,JSD/06/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 01 (One)No. |
| Estimated cost | : | Approximately Rs.35.10 lakh. |
| Tender paper cost | : | Referred to DTCN |
| Period of completion | : | Referred to DTCN |
| Availability of bid documents | : | From 26.10.2018 10.00 AM to 02.11.2018 up to 05.00 PM in website (www.tendersorissa.gov.in) |
| Period of receipt of bid through online | : | From 26.10.2018 10.00 AM to 02.11.2018 up to 05.00 PM through online |
| Date of opening of bid documents | : | On dt. 03.11.2018 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website- **http://dowrorissa.gov.in**.

| | | |
|---|---|---|
| Name & Address of the OIT | : | Executive Engineer, M.I.Division, Jharsuguda At-Jharsuguda, Near Pahadi Mandir, PO-Kalimandir Road, -District. Jharsuguda PIN-768002 |
| Further details can be seen from the e-Procurement market place | : | http://tendersorissa.gov.in. |

32291/11/0004/1819

**Executive Engineer**
**M.I.Division, Jharsuguda**

**Odisha State Health & Family Welfare Society**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012, District- Khordha (Odisha) Phone/Fax: 0674- 2392480/79

Advt. No. 45/18 Date- 16.10.2018

**CORRIGENDUM**
**CONTRACTUAL APPOINTMENT**

Ref.: Advt. No. 44/18 dt. 11.10.2018

**No. 506-E:-** The number of vacancies for the post Assistant Manager-GKS & Health System Strengthening (Sl. No. 03) as published in the advertisement no. 44/18 dated 11.10.2018 may be read as 04 (Four) instead of 01 (One).

All other contents of the aforesaid advertisement shall however, remain unchanged.

***Sd./- Mission Director***
***NHM, Odisha***

10084/11/0063/1819

**NOTIFIED AREA COUNCIL, PATNAGARH**
**"e"-Procurement Notice**
**Bid Reference NAC(PTG) No.8/2018-19**
**Tender Call Notice No.2035** **Dt.12.10.18**

1. Name of the work :- Civil construction work as mentioend in website
2. No. of works :- 19 Nos.
3. Bid value :- Rs.1,32,824/- to Rs.5,70,000/-
4. Period of completion :- 60 days to 120 days
5. Date & time of availability of the bid documents in the portal :- From Dt.15.10.2018 at 05.00 PM to Dt.31.10.2018 upto 05.00 PM
6. Last date / time for receipt of bids in the portal :- Dt.31.10.2018 upto 05.00 PM
7. Last date and time of receiving the original documents through - Dropping in Box / Regd. Post / Speed Post :- From Dt.01.11.2018 to Dt.02.11.2018 upto 05.00 PM
8. Bids receipt online shall be opened on :- Dt.03.11.2018 at 11.00 AM
9. Name & address of the officer inviting bid :- Executive Officer, N.A.C., Patnagarh
10. Further details can be seen from the procurement portal : **www.tendersorissa.gov.in**

**Sd./- Executive Officer**
**N.A.C., Patnagarh**

**NEELACHAL ISPAT NIGAM LIMITED**
Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

**TENDER NOTICE**

**NIT No: NINL/CM/SAM/SC/SPR/249/NIT- 475 DT 15.10.2018**

Name of Work: **Manufacturing & Supply of different types of coupling under ARC. Last Date & Time of Submission of Tender: 15.00 Hours of 05.11.2018.** For details, please visit our website **www.ninl.in**. Corrigendum, extension etc shall be notified on website only.

**Dy. General Manager (Commercial)**

**ବିଜ୍ଞାପନ**

**ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

**No. 23-RR:-** ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଭାଗବତ ଟୁଙ୍ଗୀ/ ଭାଗବତଗାଦି ଇତ୍ୟାଦିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଯେଉଁ ଗ୍ରାମ/ସାହିରେ ପ୍ରାଚୀନ ଭାଗବତ ଟୁଙ୍ଗୀ/ ଭାଗବତଗାଦି /କୋଠଘର / ଜାଗାଘର ଇତ୍ୟାଦି ରହିଥିବ ଏବଂ ସମ୍ପୃକ୍ତ ଅନୁଷ୍ଠାନ ଦୈନନ୍ଦିନ ଭାଗବତ ପଠନ ଓ ଆନୁଷଙ୍ଗିକ ପୂଜାର୍ଚ୍ଚନା ନିୟମିତ ଭାବେ କରାଯାଉଥିବ, ସେମାନେ ଦରଖାସ୍ତ କରିବାକୁ ଯୋଗ୍ୟ ବିବେଚିତ ହେବେ। ଆଗ୍ରହୀ ଅନୁଷ୍ଠାନମାନେ ନିମ୍ନରେ ଦିଆଯାଇଥିବା ନମୁନା ଫର୍ମ ମୁତାବକ ସଠିକ୍ ଭାବେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ (District Culture Officer)ଙ୍କ କାର୍ଯ୍ୟାଳୟରେ ତା୨୦।୧୦।୨୦୧୮ରିଖଠାରୁ ତା୨୦।୧୧।୨୦୧୮ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ସମସ୍ତ ଆବେଦନପତ୍ରଗୁଡ଼ିକୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଣୀତ ନିୟମ ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଗଠିତ କମିଟି ମାଧ୍ୟମରେ ବିଚାର କରାଯାଇ ଯୋଗ୍ୟ ବିବେଚିତ ଭାଗବତ ଟୁଙ୍ଗୀ/ ଭାଗବତଗାଦି/ କୋଠଘର/ ଜାଗାଘରଗୁଡ଼ିକ ସପକ୍ଷରେ ଆର୍ଥିକ ସହାୟତା ମଞ୍ଜୁର କରାଯିବାକୁ ପଦକ୍ଷେପ ନିଆଯିବ। ନିର୍ଦ୍ଧାରିତ ସମୟସୀମା ପରେ ଦାଖଲ ହୋଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ଉପରୋକ୍ତ ବିଜ୍ଞାପନ, ଆବେଦନପତ୍ରର ନମୁନା ଓ ଅନ୍ୟାନ୍ୟ ତଥ୍ୟ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ (www.orissaculture.gov.in)ରେ ମଧ୍ୟ ଉପଲବ୍ଧ।

**ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର**
**ଭୁବନେଶ୍ୱର-୭୫୧୦୧୪**

03001/11/0046/1819






# ଦେବୀଙ୍କ ମୁଣ୍ଡବସା ପର୍ବ



ମାଣିକେଶ୍ୱରୀଙ୍କ ଶକ୍ତିପୀଠରେ ଶାରଦୀୟ ଉତ୍ସବରେ ସ୍ୱତନ୍ତ୍ର ପୂଜାନୀତି ସହ ଅନୁଷ୍ଠିତ ହୋଇଥାଏ ପ୍ରସିଦ୍ଧ ଛତ୍ରଯାତ୍ରା । ଛତ୍ରଯାତ୍ରା ମାଣିକେଶ୍ୱରୀଙ୍କ ମୁଖ୍ୟଯାତ୍ରା । ପ୍ରତିବର୍ଷ ଆଶ୍ୱିନ ମାସ ମୂଳାଷ୍ଟମୀ ତିଥିରେ ମାଣିକେଶ୍ୱରୀଙ୍କ ମାଟି ନିର୍ମିତ ନୂତନ ମସ୍ତକ ସ୍ଥାପନ ପୂର୍ବକ ନବକଳେବର କରାଯାଇଥାଏ । ନୂତନ ମସ୍ତକ ସ୍ଥାପନ (ମୁଣ୍ଡବସା) ପର୍ବଠାରୁ ଆରମ୍ଭ କରି ମହାଷ୍ଟମୀ ପର୍ଯ୍ୟନ୍ତ ମାଣିକେଶ୍ୱରୀଙ୍କ ଷୋଡଶ ଦିନାତ୍ମକ ଶାରଦୀୟ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହି ଷୋହଳ ଦିନ ପ୍ରତ୍ୟହ ଦୁଇଓଳି ସ୍ୱତନ୍ତ୍ର ପଞ୍ଚମକାର ପୂଜାର୍ଚ୍ଚନା, ଚଣ୍ଡୀପାଠ ଓ ହୋମ କରାଯାଇଥାଏ । ମହାଷ୍ଟମୀର ମଧ୍ୟରାତ୍ରୀରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଅଷ୍ଟବଳି ଦିଆଯାଇଥାଏ । ତା'ପରେ ମନ୍ଦିର ପରିସରରେ ଥିବା ବୁଢାରଜା (ମହାକାଳ ଭୈରବ) ମନ୍ଦିରରେ ମହାପଶୁ ବଳି ଦିଆଯିବା ପରେ ଦେବୀଙ୍କ ବିଜୟ ପ୍ରତିମା ଛତ୍‌ରକୁ ଛତ୍ରବାହକ ଧରି ମନ୍ଦିରଠାରୁ ପ୍ରାୟ ୩ କି.ମି. ଦୂରରେ ସହରର ପଶ୍ଚିମ ଉପକଣ୍ଠରେ ଫାଶି ଡଙ୍ଗର ନିକଟରେ ଥିବା ଜେନାଖାଲକୁ ନେଇଥାନ୍ତି । ଦେବୀଙ୍କ ଛତ୍‌ର ଜେନାଖାଲ ନିଆଯିବା ସମୟରେ ଜେନାବାଦ୍ୟ ବାଜୁଥାଏ ଓ କେହି ସାମନାକୁ ଆସନ୍ତି ନାହିଁ। ଜେନାଖାଲରେ ଗୁପ୍ତ ଭାବେ ବିଶେଷ ପୂଜାର୍ଚ୍ଚନା ଓ ବଳି ପରେ ମହାନବମୀର ପ୍ରତ୍ୟୁଷରୁ ଦେବୀଙ୍କ ଛତ୍‌ର ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି । ପରମ୍ପରା ଅନୁଯାୟୀ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ଦେବୀଙ୍କ ଛତ୍‌ର ସାମ୍ନାରେ ଅଗ୍ରଧାବନ କରୁଥାଏ । ଘୁମୁରା ବ୍ୟତୀତ ଅନେକ ବାଦ୍ୟ ଓ ନୃତ୍ୟ ଦଳ ଦେବୀଙ୍କ ଛତ୍‌ରକୁ ସ୍ୱାଗତ କରି ମନ୍ଦିର ପର୍ଯ୍ୟନ୍ତ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ପାଛୋଟି ନେଇଥାନ୍ତି । ଜେନାଖାଲଠାରୁ ମନ୍ଦିର ଯାଏଁ ଲକ୍ଷାଧିକ ଭକ୍ତ ଦେବୀଙ୍କ ଛତ୍‌ରକୁ ଧୂପ ଦୀପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିବା ସହ ଛାଗଳ, କୁକୁଡା ଆଦି ବଳି ଦେଇଥାନ୍ତି । ଦେବୀଙ୍କ ଛତ୍‌ର ଯାତ୍ରାରେ ବହୁ ଭକ୍ତ ଛତ୍‌ର ଉପରକୁ ଜୀବନ୍ତ ପାରା ଉଡାଇଥାନ୍ତି । ପରମ୍ପରା ଅନୁଯାୟୀ ମନ୍ଦିରର ସିଂହଦ୍ୱାର ନିକଟରୁ କଳାହାଣ୍ଡି ମହାରାଜା ଛତ୍‌ରକୁ ଧୂପ ଦୀପ ଦେଇ ବନ୍ଦାପନା କରି ଛତ୍ର ବାହକଠାରୁ ଛତ୍‌ରକୁ ନିଜେ ଗ୍ରହଣ କରି ମନ୍ଦିରର ଗର୍ଭଗୃହ ପର୍ଯ୍ୟନ୍ତ ବୋହି ନେଇଥାନ୍ତି ।

ବିଜୟା ଦଶମୀ ଦିନ ପୁଣିଥରେ ଦେବୀଙ୍କ ଛତ୍‌ରକୁ ମନ୍ଦିରରୁ ବାହାର କରି ଲାଖମରା ଯାତ୍ରା ନିମନ୍ତେ ସହରର ପଶ୍ଚିମ ଉପକଣ୍ଠରେ ନକ୍‌ଟିଗୁଡାଠାରେ ଥିବା ଲାଖମରା ପଡିଆକୁ ନିଆଯାଇଥାଏ । ଲାଖମରା ପଡିଆରେ ଏକ ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍‌ରକୁ ସ୍ଥାପନ କରି ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ବଳି ଦିଆଯାଏ । ତା'ପରେ ଆରମ୍ଭ ହୁଏ ଲାଖମରା ପ୍ରତିଯୋଗିତା । ଏକ ଉଚ୍ଚ ସ୍ଥାନରେ ବାଉଁଶରେ ବନ୍ଧା ଯାଇଥିବା ଛୋଟ ମାଟି କୁଣ୍ଡି ବା ଘଡି (ଲାଖ)କୁ ବନ୍ଧୁକରେ ଲକ୍ଷ୍ୟଭେଦ କରିବା ପ୍ରତିଯୋଗିତା ଆରମ୍ଭ ହୋଇଥାଏ । ଯିଏ ବନ୍ଧୁକରେ ଲକ୍ଷ୍ୟ ଭେଦ କରିପାରେ ତାକୁ ରାଜ ଦରବାର ପକ୍ଷରୁ ପୁରସ୍କୃତ କରାଯାଇଥାଏ । ଲାଖମରା ସରିବା ପରେ ଦେବୀଙ୍କ ଛତ୍‌ରକୁ ଘୁମୁରା ବାଦ୍ୟ ଓ ଜେନାବାଦ୍ୟର ତାଳେ ତାଳେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥାଏ । ଏହାକୁ ଦେବୀଙ୍କ ବାହୁଡା ଛତ୍‌ର ଯାତ୍ରା ବୋଲି ମଧ୍ୟ କୁହାଯାଇଥାଏ । ମୂଳାଷ୍ଟମୀ ଦିନ ସ୍ଥାପନ କରାଯାଇଥିବା ଦେବୀଙ୍କ ମାଟି ମୁଣ୍ଡକୁ ବିଜୟାଦଶମୀର ମଧ୍ୟରାତ୍ରୀରେ ଗୋପନରେ ନେଇ ପୁରୁଷୋତ୍ତମ ସାଗରରେ ବିସର୍ଜନ କରାଯାଇଥାଏ । ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ମାଣିକେଶ୍ୱରୀଙ୍କ ଶାରଦୀୟ ଉତ୍ସବର ସ୍ୱତନ୍ତ୍ର ପୂଜାର୍ଚ୍ଚନା ବିଜୟା ଦଶମୀ ଦିନ ଶେଷ ହୋଇଥାଏ ।

–ସତ୍ୟନାରାୟଣ ମହାପାତ୍ର
ଭବାନୀପାଟଣା


























ପବିତ୍ର ଦଶହରା ପୂଜା ଓ ମାଁ ମାଣିକେଶ୍ୱରୀଙ୍କ ଛତରଯାତ୍ରା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

*Smt. Namita Sahu, Chairperson*

SHASTRIJI WOMEN'S DEGREE COLLEGE
SHASTRIJI MAHILA VIDYANIKETAN
SASTRISWARUP VIDYANIKETAN

Residential-cum-Day Scholar
KALYAN NAGAR, BHAWANIPATNA-766001

Email: shastrijimv@gmail.com | Website: www.shastrijimahilavidyaniketan.org
**Ph: 06670-233801, Mob: 8763885234**




# ମା' ପାଟଖଣ୍ଡାଙ୍କ ଛତର ଯାତ୍ରା

ମଦନପୁର,୧୫।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ଅନ୍ତର୍ଗତ ମଦନପୁରଠାରେ ସ୍ଥାନୀୟ ଆରାଧ୍ୟ ଦେବୀ ମା' ପାଟଖଣ୍ଡାଙ୍କ ଛତର ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି । ଛତର ଯାତ୍ରାରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଛତର ଯାତ୍ରା ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ଦିନଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇ ସପ୍ତମୀ ତିଥିରେ ଛତର ଯାତ୍ରା ହୋଇଥାଏ । ୭ ଦିନ ସାତ ରାତି ମନ୍ଦିରରେ ଅଖଣ୍ଡ ଦୀପ ପୂଜାର୍ଚ୍ଚନା ହୋଇଥାଏ । ଲୋକକଥା ଅନୁସାରେ ବହୁ ପୂର୍ବେ ମା' ପାଟଖଣ୍ଡା ଓ ପାର୍ଶ୍ୱଦେବୀ ଖେମୁଣ୍ଡି ରାଜ୍ୟରୁ ଆସିଥିଲେ। ସେମାନେ ବାଟରେ କେତେକ ସ୍ଥାନରେ ବିଶ୍ରାମ ନେଇଥିଲେ। ତାଙ୍କର ପୂଜା ବାଲିଗୁଡ଼ା, ମଦନପୁର, ଦେଉଳଗୁଡି ଓ ବଲାଙ୍ଗୀର ଜିଲ୍ଲା ଜରାସିଂହାରେ ପୂଜା ହୋଇଥାଏ। ଛତର ଯାତ୍ରାରେ ପାଟଖଣ୍ଡା ଦିହାରୀ ରୂପେ ମନୁ ଦିଆରୀ ଛତର ଧରିଥିବା ବେଳେ ବାହାଧରନିଆ ରୂପେ ଭୋଲାନାଥ ସିଂ, ଶଶିକାନ୍ତ ଚିନ୍ଦା, ଭାଗିରଥୀ ମାଝି ସାହାଯ୍ୟ କରିଥିଲେ। ମ.ରାମପୁର ରାଜ ପରିବାରରୁ ମାହେନ୍ଦ୍ରାଦିତ୍ୟ ସିଂହଦେଓ, ପୃଥ୍ୱୀରାଜ ସିଂହଦେଓ, ବୁଧେନ୍ଦ୍ର ପ୍ରସାଦ ସିଂହଦେଓ, ହିରେନ୍ଦ୍ର ପ୍ରତାପ ସିଂହଦେଓ, ଭୂବନ ସିଂହଦେଓ, ତନ୍ମୟ ପ୍ରତାପ ସିଂହଦେଓ, ଚିରାଗ ସିଂହଦେଓ ସହଯୋଗ କରିଥିଲେ । ମୁଖ୍ୟ ଢୁଲିଆ ରୂପେ ପାର୍ଥ ମହାନନ୍ଦ ଏବଂ ଧରଣୀପଡାର କ୍ଷୀର ବଗର୍ତ୍ତିଙ୍କ ନେତୃତ୍ୱରେ ଘୁମୁରା ଏବଂ ନିଶାନ୍ ବାଦ୍ୟ ଦ୍ୱାରା ମା'ଙ୍କୁ ସ୍ୱାଗତ କରିଥିବା ବେଳେ ମଦନପୁର ସରପଞ୍ଚ ରାଜେଶ ଧଙ୍ଗଡାମାଝି, ଲକ୍ଷ୍ୟା ମହାନନ୍ଦ, ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ ଏବଂ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

## ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, କଳାହାଣ୍ଡି, ଭବାନୀପାଟଣା

### ପ୍ରଗତିପଥେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

- ସ୍ୱାସ୍ଥ୍ୟ ସେବାକୁ ଘରେ ଘରେ ପହଞ୍ଚାଇବା ପାଇଁ ଗ୍ରାମାଞ୍ଚଳରେ ୧୭୩୮ ଦୁର୍ଗମ ଅଞ୍ଚଳରେ ୧୧୪ ଓ ସହରାଞ୍ଚଳରେ ୭୫ଜଣ ଆଶା କର୍ମୀ କର୍ମରତ। ଏମାନଙ୍କ ମଧ୍ୟରୁ ୧୦୦ ଜଣ ଜାତୀୟ ମୁକ୍ତ ବିଦ୍ୟାଳୟରୁ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଛନ୍ତି।
- ଆଶା କଲ୍ୟାଣ ଯୋଜନାରେ ମୁଖ୍ୟ ୫ଜଣ ଆଶା କର୍ମୀଙ୍କ ନିକଟ ସମ୍ପର୍କୀୟମାନଙ୍କୁ ୧,୦୦,୦୦୦ ଟଙ୍କା (ଏକଲକ୍ଷ ଟଙ୍କା) ଲେଖାଏଁ ସହାୟତା ରାଶି ଦିଆଯାଇଛି।
- ଗ୍ରାମୀଣ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗାଁ କଲ୍ୟାଣ ସମିତି ଏକ ପ୍ରମୁଖ ଗୋଷ୍ଠୀସ୍ତରୀୟ ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଅଛି। ପ୍ରତ୍ୟେକ ଗାଁର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ଲୋକମାନଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବାରେ ସୁଯୋଗ ଓ 'ଆମରି ହାତରେ ଆମରି ସ୍ୱାସ୍ଥ୍ୟ'ର ପରିକଳ୍ପନାକୁ ସାକାର କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ।
- ପ୍ରଚଣ୍ଡ ଗ୍ରୀଷ୍ମଋତୁରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସରଳ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତା ଆଶା କର୍ମୀମାନଙ୍କ ମାଧ୍ୟମରେ ଘରକୁ ଘର ପହଞ୍ଚାଇବା ପ୍ରୟାସ ଲାଗିରହିଥାଏ।
- ବର୍ଷାଦିନରେ ସାଧାରଣତଃ ମ୍ୟାଲେରିଆ, ଡେଙ୍ଗୁ ଓ ତରଳଝାଡ଼ାର ପ୍ରକୋପ ବେଶି ଦେଖାଯାଇଥାଏ। ତେଣୁ ଏହି ତିନୋଟି ରୋଗର ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଜିଲ୍ଲାରେ ବିଭିନ୍ନ ପ୍ରକାର ସଚେତନତା ଏହି ଜିଲ୍ଲା ଦେବାକୁ ପଡ଼ିବ। ବିଭିନ୍ନ ସଚେତନତା ନେବା ସତ୍ତ୍ୱେ ଗତ ଅଗଷ୍ଟ ମାସରେ କୋକସରା ବ୍ଲକ୍ର ଲଡୁ ଗାଁରେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଦେଖାଦେଇଥିଲା ଯାହାକି ଜିଲ୍ଲା ପ୍ରଶାସନ ଓ ଗାଁ ଲୋକମାନଙ୍କ ତତ୍ପରତା ଯୋଗୁଁ ଡେଙ୍ଗୁ ରୋଗର ପ୍ରାଦୁର୍ଭାବକୁ ନିୟନ୍ତ୍ରଣ କରିବାକୁ ସଫଳ ହୋଇଛି।
- ରାଜ୍ୟ ସରକାରଙ୍କ ଦମନ କାର୍ଯ୍ୟକ୍ରମ ମଧ୍ୟରେ ଅପହଞ୍ଚ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ପାଇଁ ବିଭିନ୍ନ ପ୍ରକାର ସଚେତନତା ଓ କାର୍ଯ୍ୟକ୍ରମ ଓ ଚିକିତ୍ସା କରାଯାଇଛି। ଯାହାଦ୍ୱାରା ପୂର୍ବ ଅପେକ୍ଷା ମ୍ୟାଲେରିଆ ରୋଗୀ ସଂଖ୍ୟା ଦିନକୁ ଦିନ ହ୍ରାସ ହେବାକୁ ଲାଗିଛି।
- ଜଳଜନିତ ରୋଗ ଓ ତାହାର ପ୍ରତିକାର ପାଇଁ ଲୋକମାନଙ୍କୁ ବ୍ଲିଚିଂ ପାଉଡ଼ର ପିଇବା ପାଣିରେ ମାତ୍ରା ଅନୁସାରେ ଓ ହେଲୋଜେନ୍ ବଟିକା ଦିଆଯାଇଥାଏ।
- ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ (ମହିଳା ଓ ପୁରୁଷ) ବନ୍ଧ୍ୟାକରଣ ଓ ଅସ୍ଥାୟୀ (ଅନ୍ତରା, ଛାୟା, କପର୍‌ଟି, ମାଳାଏନ୍ ଓ ନିରୋଧ) ପଦ୍ଧତିଗୁଡ଼ିକ ପ୍ରଚାର ଓ ପ୍ରସାର କରିବା ଦ୍ୱାରା ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସହାୟକ ହେଉଛି।
- ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଗ୍ରାମୀଣ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଦିବସ ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର ଦିନ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।
- ଗର୍ଭବତୀ ମା' ଓ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ରୋଗ (ଟିଟାନସ୍, ପୋଲିଓ, ମିଳିମିଳା, ମିଜିଲସ୍, ରୁବେଲ ଇତ୍ୟାଦି) ପ୍ରତିରୋଧକ ଟିକାକରଣ ଯୋଗାଇ ଦିଆଯାଇଛି। ଦୁର୍ଗମ ଅଞ୍ଚଳରେ ମିଶନ ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ ମାଧ୍ୟମରେ ନିୟମିତ ଟିକାକରଣ କରିବାରୁ ବଞ୍ଚିତ ମା' ଓ ଶିଶୁମାନଙ୍କୁ ସଫଳ ଭାବେ ଟିକାକରଣ ସମାପନ କରାଯାଇଛି।
- ଅଣସଂକ୍ରାମକ ରୋଗ (ଡାଇବେଟିସ୍, ହାଇପରଟେସନ୍‌ସନ, ହୃଦୟଜନିତ ରୋଗସମୂହ ଏବଂ କ୍ୟାନ୍‌ସର) ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଉକ୍ତ ବିଷୟରେ ତାଲିମ ଦିଆଯାଇଛି। ଏହି ପର୍ଯ୍ୟାୟକ୍ରମରେ କ୍ୟାନସର ଓ ମାନସିକ ରୋଗୀମାନଙ୍କୁ ଚିହ୍ନଟ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇଛି।
- ନିରାମୟ ମାଧ୍ୟମରେ ସମସ୍ତ ଔଷଧପତ୍ର, ସବୁ ରୋଗୀମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଇଛି। ନିଦାନ ଯୋଜନା ମାଧ୍ୟମରେ ରୋଗୀର ସମସ୍ତ ପରୀକ୍ଷାନିରୀକ୍ଷା ଯଥା– ସିଟି ସ୍କାନ୍‌ଠାରୁ ଆରମ୍ଭ କରି ରକ୍ତ, ମଳମୂତ୍ର ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ପରୀକ୍ଷା ଯୋଗାଇ ଦିଆଯାଇଛି।
- ଜିଲ୍ଲାର ଫିଜିଓଥେରାପି ୟୁନିଟ୍ ମାଧ୍ୟମରେ ସମସ୍ତ ଫିଜିଓଥେରାପିଷ୍ଟ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି।
- ସରକାରଙ୍କ ସମସ୍ତ ଯୋଜନା ଯଥା– ଜେଏସ୍‌ୱାଇ, ଜେଏସ୍‌ଏସ୍‌କେ, ଆର୍‌ବିଏସ୍‌କେ, ବିଏସ୍‌କେୱାଇ ଓ ଏସ୍‌ଟିଏଫ୍ ମାଧ୍ୟମରେ ସମସ୍ତ ରୋଗୀଙ୍କୁ ସୁବିଧା ଯୋଗାଇ ଦିଆଯାଉଛି।
- ଜାତୀୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ଆସୁଥିବାରୁ ଗତ ୩ବର୍ଷ ହେଲା ରାଜ୍ୟସ୍ତରୀୟ 'କାୟାକଳ୍ପ' ପୁରସ୍କାରରେ ପୁରସ୍କୃତ ହୋଇଆସୁଛି।
- ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ କୁଷ୍ଠରୋଗୀଙ୍କୁ ଏମ୍‌ଡିଟି ଔଷଧ ମାଗଣାରେ ଦିଆଯାଉଛି। ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଏହା ଉପଲବ୍ଧ। ଏଥିସହିତ ୨୦୨୦ ସୁଦ୍ଧା ଭାରତକୁ କୁଷ୍ଠମୁକ୍ତ ରାଷ୍ଟ୍ର ନିର୍ମାଣ କରିବାରେ ଆପଣଙ୍କ ସହଯୋଗ କାମନା।
- ଜିଲ୍ଲାରେ ୨୩ଟି ଟିବି (ଯକ୍ଷ୍ମା) ରୋଗ ପରୀକ୍ଷା କେନ୍ଦ୍ର ରହିଛି। ଏହି ଜିଲ୍ଲା ସିବି–ନାଟ ମେସିନ୍ ସହାୟତାରେ ମଧ୍ୟ ଟିବି ରୋଗ ପରୀକ୍ଷା କରାଯାଉଛି।
- ସାମୂହିକ ଭାବରେ ଜିଲ୍ଲାର ପ୍ରତ୍ୟେକ ରୋଗ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରକାର ପ୍ରଚାର ପ୍ରସାର ମାଧ୍ୟମରେ ଯଥା– ରେଡିଓ, ଟିଭି, ହୋର୍ଡିଂ, ପୋଷ୍ଟର, ପ୍ରାଚୀରପତ୍ର, ଗୋଷ୍ଠୀସଭା, ବିଭିନ୍ନ ପ୍ରକାରର ଲୋକନୃତ୍ୟ ଇତ୍ୟାଦି ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଉଛି।

**ସରୋଜ କୁମାର ତିଆଡ଼ି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, କଳାହାଣ୍ଡି**






www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୬/୨୦୧୮ Sambalpur, Tuesday, October 16/ 2018

FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA,
MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

# ବାଉତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଟାଟରକିଲା ଚାମ୍ପିୟନ

ବୀରମହାରାଜପୁର, ୧୫।୧୦ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର କୁମୁରସିଂଘା ଖେଳ ପଡିଆଠାରେ ଆୟୋଜିତ ୮ମ ମା' ବାଉତୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିନିକା (ନାରାୟଣଟିକିରା) ଦଳକୁ ୭-୬ ଗୋଲରେ ହରାଇ ବୌଦ୍ଧ ଟାଟରକିଲା ଦଳ ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ୮ଟି ବଛାବଛା ଦଳ ଭାଗନେଇଥିବା ବେଳେ ଉପରୋକ୍ତ ଦୁଇ ଦଳ ମଧ୍ୟରେ ଫାଇନାଲଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ତହିଁରେ ଟାଟରକିଲା ବିଜୟୀ ଘୋଷିତ ହୋଇଥିଲା। ଫାଇନାଲ ମ୍ୟାଚକୁ ତରଭା ଏଇଏସ କଲେଜର ପିଇଟି ସଞ୍ଜୀବ କୁମାର ସାହୁ ରେଫରୀ ଭାବେ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଗବର ଗ୍ରାମ ପଞ୍ଚାୟତର ସରପଞ୍ଚ ବ୍ୟୋମକେଶ ପଣ୍ଡା ମୁଖ୍ୟଅତିଥି ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସୁବଳୟା ସମିତି ସଭ୍ୟ ରଞ୍ଜିତ କୁମାର ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ତଥା ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମହାଲିକ ଉତ୍ସବରେ ପୌରହିତ୍ୟ କରିଥିବା ବେଳେ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି,
ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍



## ସଂକ୍ଷେପରେ



### ସମଲେଶ୍ୱରୀଙ୍କ କାଳରାତ୍ରି ବେଶ

**ବରଗଡ଼ ଅଫିସ୍,୧୫।୧୦:** ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକରେ ଶାରଦୀୟ ନବରାତ୍ର ପୂଜା ଉତ୍ସାହର ସହିତ ପାଳନ କରାଯାଉଛି । ସୋମବାର ନବରାତ୍ର ପୂଜାର ସପ୍ତମ ଦିବସରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ କାଳରାତ୍ରି ବେଶରେ ଦର୍ଶନ ଦେଇଥିଲେ । ଏହି ବେଶରେ ଦେବୀଙ୍କୁ ଦର୍ଶନ କଲେ ଅଗ୍ନିଭୟ, ଜଳଭୟ, ଶତ୍ରୁଭୟ, ଗ୍ରହ ଦୋଷ ଆଦି ଦୂରୀଭୂତ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ଫଳରେ ମାଁ ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ମଙ୍ଗଳବାର ମାଁ ସମଲେଶ୍ୱରୀ ମହାଗୌରୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ଖଣ୍ଡାଧୁଆ, ବିଲ୍ୱବରଣ

**ପଦ୍ମପୁର, ୧୫।୧୦ (ଡି.ଏନ.ଏ):** ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା ଅବସରରେ ସୋମବାର ଖଣ୍ଡାଧୁଆ ଓ ବିଲ୍ୱବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରଜାଘର ପୂଜା ଘରୁ ପାଟଖଣ୍ଡା ଓ ଅସ୍ତ୍ରଶସ୍ତ୍ର ଅଣାଯାଇ ଏକ ଶୋଭାଯାତ୍ରାରେ ଭକ୍ତମାନେ ସହର ପରିକ୍ରମା କରିଥିଲେ । ସେଠାରୁ ନଦୀ ଘାଟକୁ ଯାଇ ବିଲ୍ୱବରଣ କରାଯିବା ପରେ ଦୁର୍ଗା ମଣ୍ଡପରେ ପାଟଖଣ୍ଡା ସ୍ଥାପନା କରାଯାଇଥିଲା ।



### ବ୍ରାହ୍ମଣଟିକ୍ରାରେ ରାବଣରାଜ୍

**ଭେଡ଼େନ,୧୫।୧୦(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ ଗ୍ରାମପଞ୍ଚାୟତର ବ୍ରାହ୍ମଣଟିକ୍ରାଠାରେ ସୋମବାର ବିଳମ୍ବିତ ରାତିରେ ଶାରଦୀୟ ଦୁର୍ଗାପୂଜା ଅବସରରେ ମୁକ୍ତମଞ୍ଚ ରାବଣ ଦରବାର ରାମଲୀଳା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ସୀତା ସ୍ୱୟଂବର, ପର୍ଶୁରାମଙ୍କ ଗର୍ବ ଗଞ୍ଜନ ଦୃଶ୍ୟ ଅଭିନୀତ ହୋଇଛି। ରାବଣ ଭୂମିକାରେ ଅଭିନେତା ଝସକେତନ ପ୍ରଧାନ ଅଭିନୟ କରୁଛନ୍ତି । ସେହିପରି ଅଲେଖ ବୁଢ଼େକ ରାମ, ଉତ୍ତମ ଭୋଇ ଲକ୍ଷ୍ମଣ, ରୁଦ୍ର ମେହେର ଜନକରାଜା, ଭିକାରୀ ବିଶି ପର୍ଶୁରାମ, ବର୍ଷାରାଣୀ ପଣ୍ଡା ସୀତା ଏବଂ ଦୂତ ଭୂମିକାରେ ଟିଙ୍କୁ ମେହେର ଅଭିନୟ କରୁଛନ୍ତି ।

### ଖଣ୍ଡାଧୁଆ ଶୋଭାଯାତ୍ରା

**ବରପାଲି, ୧୫।୧୦ (ଡି.ଏନ.ଏ):** ବରପାଲି ସହର ସ୍ଥିତ ଅଶୋକ କ୍ଲବ, ତହସିଲଛକ ଓ ଜଗନ୍ନାଥ ନଗର ଦୁର୍ଗାପୂଜା ପାଇଁ ପାରମ୍ପରିକ ଖଣ୍ଡାଧୁଆ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ସ୍ଥାନୀୟ ଅଶୋକ କ୍ଲବ ପକ୍ଷରୁ ଘଣ୍ଟ, ନୃତ୍ୟ ଓ ଦୁଲଦୁଲି ସହ ବାଜା ଗଜାରେ ସହର ପ୍ରକମ୍ପିତ ହୋଇଥିଲା । ପରେ ବରଣ କରାଯାଇ ପୂଜାମଣ୍ଡପରେ କଳସ ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା ହୋଇ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ଛନ୍ଦାଚରଣ ରଥ, ରବିନ୍ଦ୍ର ଦାଶ ଓ ଆନନ୍ଦ ଦାଶ ପୂଜାର୍ଚ୍ଚନା କରୁଥିବା ବେଳେ କର୍ତ୍ତା ଭାବେ ସନ୍ତୋଷ ସାହୁ ଦାୟିତ୍ୱ ତୁଲାଉଛନ୍ତି ।

### ଯୁବକଙ୍କ ରାସ୍ତା ସଫେଇ

**ଭେଡ଼େନ,୧୫।୧୦(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁହାଖଣ୍ଡି ଗ୍ରାମର ଯୁବକମାନେ ରବିବାର ଗ୍ରାମ ରାସ୍ତାକୁ ସଫେଇ କରିଛନ୍ତି । ଗ୍ରାମର ସୁଦାମ ମହାକୁର, ଦୀପକ ଭୋଇ, ଅଜିତ ଜାଲ, ପପୁ ମହାକୁର, ଦୀପେନ୍ଦ୍ର ଭୋଇ, ଅରୁଣ ମହାକୁର ଏବଂ ଅନ୍ୟ ଯୁବକ ମାନେ ଗାଁ ରାସ୍ତା ସଫେଇ କରିଥିଲେ ।

ସ୍ୱାସ୍ଥ୍ୟ ସମସ୍ୟା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର

# ମାସକରେ ସମାଧାନ ନ ହେଲେ ଆନ୍ଦୋଳନ

**ସୋନପୁର,୧୫।୧୦(ନି.ପ୍ର.)**

ଭିତ୍ତିଭୂମିର ଅଭାବ ସହିତ ଜିଲାରେ ୫୩ଟି ଡାକ୍ତର ପଦବୀ ଖାଲି ଥିବା ଯୋଗୁଁ ସୁବର୍ଣ୍ଣପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ଠିକ୍ ସମୟରେ ଜମି ଯୋଗାଇ ନଦେବା ଯୋଗୁଁ ଜିଲା ସଦର ମହକୁମାରେ ନିର୍ମାଣ ହେବକୁ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍‌ସିଏଚ୍)ର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲା। ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ହେଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇ ପାରୁନି। ଏଥିପାଇଁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ସଚେତନ ନାଗରିକମାନେ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ୫ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମଧୁସୂଦନ ମିଶ୍ର ମିଳିତ ଜନ ଅଭିଯୋଗ ଶୁଣାଣି ପାଇଁ ଯାଇ ଥିବାରୁ ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ।

ଦାବି ଅନୁଯାୟୀ ୨୦୧୨ମସିହାରେ ଏମସିଏଚ୍ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିଥିଲା। ହେଲେ ଜମି ଯୋଗାଇ ପାରିଲାନି ଜିଲା ପ୍ରଶାସନ। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୨କୋଟି ୩୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଦୀର୍ଘ ୧ ବର୍ଷ ଧରି ଟଙ୍କା ପଡି ରହିବା ପରେ ଗତ ସେପ୍ଟେମ୍ବର ମାସରେ ପ୍ରଶାସନ ଜମି ଯୋଗାଇଲା। ୧ସପ୍ତାହ ହେବ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାମ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ନୂତନ ଭାବେ ୭ମହଲା ବିଶିଷ୍ଟ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଗତ ଜୁଲାଇ ୨୪ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ପ୍ରଶାସନ ନିକଟରେ ୧୦ଏକର ଜମି ପ୍ରଦାନ କରିଛି। ହେଲେ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇ ନଥିବା ଜଣାପଡିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଭେଷଜ ବିଶେଷଜ୍ଞ କ୍ୟାନସର ରୋଗୀଙ୍କୁ ଚିକିତ୍ସା ପାଇଁ ମୁମ୍ବାଇରେ ପ୍ରଶିକ୍ଷଣ ନେଇ ୬ମାସ ପୂର୍ବରୁ ଫେରିଛନ୍ତି। କିନ୍ତୁ କ୍ୟାନସର ୱାର୍ଡ ଓ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ସତ୍ତ୍ୱେ ତାହା ନିର୍ମାଣ ହୋଇପାରୁନି। ଗରିବ ଲୋକମାନେ ଏଥିଯୋଗୁଁ ହୀନସ୍ତା ହେଉଛନ୍ତି। ୧ ମାସ ମଧ୍ୟରେ ଏହି ସବୁ ସମସ୍ୟାର ସମାଧାନ ପାଇଁ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ନଚେତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ୍, ନାରୀନେତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର, ଭବାନୀ ଶଙ୍କର ପଣ୍ଡା, ଦାସଦୀପ୍ତ ମହାପାତ୍ର, ପ୍ରାଣବନ୍ଧୁ ଦାଶ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବା ସହ ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ ।



ସଚେତନ ନାଗରିକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଫୁଟବଲ : ଉଲବା ଚାମ୍ପିୟନ

**ସୋହେଲା ୧୫।୧୦(ଡି.ଏନ.ଏ)**

ସୋହେଲା ଥାନା ଅନ୍ତର୍ଗତ ସୀମାନ୍ତ ଲୁହୁରାଟଟି (ପଣ୍ଡକିପାଲି)ରେ ଅନୁଷ୍ଠିତ ହୋଇଥିବା ତିନି ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଉଲବା ଦଳ ଚାମ୍ପିୟନ ହୋଇଛି । ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ରବିବାର ଅପରାହ୍ନରେ ଫାଇନାଲ ମ୍ୟାଚ୍ ଡୁରୁଙ୍ଗା ଓ ଉଲବା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଖେଳ ଶେଷ ହେବା ପର୍ଯ୍ୟନ୍ତ କେହି କାହାରିକୁ ଗୋଲ କରି ପାରି ନ ଥିଲେ । ଟାଇବ୍ରେକର ଜରିଆରେ ଉଲ୍‌ବା ଦଳ ଡୁରୁଙ୍ଗାଦଳକୁ ୪-୨ ଗୋଲରେ ପରାଜିତ କରି ବିଜୟୀ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବରଗଡ ଏଲ୍‌ଆଇସିର ପ୍ରଶାସନିକ ଅଧିକାରୀ ଶେଷଦେବ ଭୋଇ ମୁଖ୍ୟଅତିଥି, ଘେଁସ କଲେଜର ଅଧ୍ୟାପକ ଗଜାନନ ଭୋଇ ଏବଂ ପ୍ରାଣୀଧନ ନିରୀକ୍ଷକ ଗୋପାଳ ମେହେର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ହୃଦମଣି ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଲୁହୁରେନବାଇ କ୍ଲବର ସଭାପତି ପିତାମ୍ବର ଦର୍ଜୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସୁବାଷ ଭୋଇ ସଭା ସଂଯୋଜନା କରିଥିଲେ । ଅମିତ ଅଗ୍ରୱାଲ, ସାନନ୍ଦ ବିଶ୍ୱାଳ, ରାଜୁ ମେହେର, ମହେନ୍ଦ୍ର ମୁଟକିଆ, ପ୍ରଫୁଲ୍ଲ ସହଯୋଗ କରିଥିଲେ ।

## ପାର୍ବଣର ପଞ୍ଚମ ସନ୍ଧ୍ୟା, ରାମଲୀଳାରେ ସୀତାଠାବ

**ସୋହେଲା,୧୫।୧୦(ଡି.ଏନ.ଏ)**

ସୋହେଲା ସାର୍ବଜନୀନ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ହଟଲିଠାରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣର ପଞ୍ଚମ ସନ୍ଧ୍ୟାରେ ମଧୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାର୍ବଣକୁ ଆରମ୍ଭ କରିଥିଲେ । ଏମସିଏଲର ଜିଏମ (ୱେଲଫେୟାର) ଦିଲୀପ ପାଣିଗ୍ରାହୀ, ତାଙ୍କ ସ୍ତ୍ରୀ ଏବଂ ଜବେଦ ଜବାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବଳବୀର ସିଂ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚମ ସନ୍ଧ୍ୟାରେ ନୁପୁର ଡ୍ୟାନ୍ସ ଏକାଡେମୀ କଲିକତାର କଳାକାରମାନେ ବିହୁ, ଲାବଣୀ ଏବଂ ରଙ୍ଗବତୀ ଗୀତର ତାଳେ ତାଳେ ନୃତ୍ୟ କରି ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ଟାଙ୍ଗୁରପଦର ସୁର ଝଙ୍କାର ଅନୁଷ୍ଠାନର କଳାକାରମାନେ ଡାଲଖାଇ ଏବଂ ନଚନିଆଁ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ସୁର ସଙ୍ଗମ ଅନୁଷ୍ଠାନ ଲୋଇସିଂହାର କଳାକାରମାନେ ଜାଇଫୁଲ, ଢ଼ାପ ଓ ଘୁଙ୍ଗୁରା ନୃତ୍ୟ ପରିବେଷଣ କରିଥିଲେ । ଚେତନା ମଣ୍ଡପଠାରେ ଚାଲିଥିବା ରାମଲୀଳାର ଷଷ୍ଠ ରଜନୀରେ ନାଟ୍ୟାଭିନୟରେ ହନୁମାନଙ୍କ ଲଙ୍କାଗମନ, ସୀତା ଠାବ, ଅକ୍ଷୟ କୁମାର ବଧ ଓ ଲଙ୍କା ପୋଡି ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ଜିତେନ୍ଦ୍ରିୟ, ଆକାଶ, ଜଗଦାନନ୍ଦ, ଶେଖ ଜଲିଲ, ଦିଲୀପ, ସୁଶାନ୍ତ, ରାଷ୍ଟ୍ରପତି, ତୁଷାର, ସରୋଜ, ନନ୍ଦଲାଲ, ରିଙ୍କୁ, ସୁନୀଲ, ହାରାଧନ, ମାନଭଞ୍ଜନ, କ୍ଷୀରୋଦ୍ର ପ୍ରମୁଖ ଅଭିନୟ କରିଥିଲେ । ନାରୀ ଚରିତ୍ରରେ ପୁନମ, ସସ୍ମିତା ଓ ଗୋବଳ ଅଭିନୟ କରିଥିଲେ ।



ପାର୍ବଣର ପଞ୍ଚମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି ।

## ହିତାଧିକାରୀଙ୍କୁ ରାଶନକାର୍ଡ, ଭତ୍ତା ବଣ୍ଟନ

**ପୁରୁଣାକଟକ,୧୫।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଓ ଭତ୍ତା ବଣ୍ଟନ କରାଯାଇଛି। ବାମଣ୍ଡା ସରପଞ୍ଚ ଲଳିତ ମୋହନ ଥାଟୀ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ସମିତିସଭ୍ୟ ଅମ୍ଳାନ ଜ୍ୟୋତି ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ସନତ କୁମାର ପୁରୋହିତ, ୱାର୍ଡସଭ୍ୟ ନରେନ୍ଦ୍ର ବେହେରା, ଉମେଶ ଭୋଇ, ଦମୟନ୍ତୀ ତରିଆ, ଅରୁଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୧୪୪ ଜଣ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ କରାଯାଇଥିବା ବେଳେ ୮୪ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଛି। ଯୋଗାଣ ସହାୟକ ସୌମ୍ୟରଂଜନ ଦାସ ସହଯୋଗ କରିଥିଲେ।

## ଜିଲା ପ୍ରଶାସନର ମିଳିତ ଜନଶୁଣାଣି

**୯୨ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**



ମିଳିତ ଜନଶୁଣାଣୀରେ ଜିଲାପାଳ ମଧୁସୂଦନ ମିଶ୍ର ଅଭିଯୋଗ ଶୁଣାଣି କରୁଛନ୍ତି ।

**ବୀରମହାରାଜପୁର, ୧୫।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ବୀରମହାରାଜପୁରଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଆୟୋଜିତ ଉକ୍ତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ଓ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଏଥର ଶିବିରରେ ସମୁଦାୟ ୯୮ଟି ଆବେଦନପତ୍ର ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରେ ଥିଲା ୮୪ଟି ବ୍ୟକ୍ତିଗତ, ୧୪ଟି ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ଉପରେ ପର୍ଯ୍ୟବେଶିତ। ତନ୍ମଧ୍ୟରୁ ୯୨ଟି ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯିବା ସହ ଆଶୁ ସମାଧାନ କରାଯାଇଥିଲା। ତତ୍‌ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ଟି ଆବେଦନପତ୍ର ଏବଂ ରେଡକ୍ରସ ସାହାଯ୍ୟ ନିମେନ୍ତ ୩ଜଣଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ସେହିପରି ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ବିଡିଓ ଅଭିମନ୍ୟୁ ମାଝୀ, ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ସହଯୋଗ କରିଥିଲେ।

## ହରଭଙ୍ଗା ଆର୍‌ଆଇ ଅଫିସ ଘେରାଉ

**ବୌଦ୍ଧ,୧୫।୧୦.(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପା ଅନୁସୁଚିତ ଜାତି ମୋର୍ଚ୍ଚା ପକ୍ଷରୁ ହରଭଙ୍ଗା ଆରଆଇ ଅଫିସ ଘେରାଉ କରାଯାଇଛି। ୭ ଦଫା ଦାବି ସମ୍ବଳିତ ଏକ ପତ୍ର ଆରଆଇଙ୍କୁ ଦିଆଯାଇଛି। ଜିଲା ସଭାପତି ସୌମିତ୍ରୀ ନାଏକ, ଯୁଗଳକିଶୋର ସାହୁ, କମଳାକାନ୍ତ ପାଣ୍ଡେ, ଅଶୋକ ସାହୁ, ନେତ୍ର ମାନସେଠ, ସୂର୍ଯ୍ୟନାରାୟଣ ମହାପାତ୍ର, ସୁଶାନ୍ତ ପ୍ରଧାନ, ମାଗୁଣୀ ଗାଇଗୌରିଆ, ସୁଶୀଳ ଦେହୁରୀ, ଶମ୍ଭୁ ପ୍ରସାଦ ପ୍ରଧାନ, ପ୍ରଶନ୍ନ ପ୍ରଧାନ, ରବୀନ୍ଦ୍ର ନାରାୟଣ ପ୍ରଧାନ, ସନ୍ତୋଷ ବେହେରା, ରବୀନ୍ଦ୍ର ବେହେରା, ଅରୁପା ଦୀପ, ଶମ୍ଭୁନାଥ ମହାନନ୍ଦିଆ, ଦେବାଶିଷ ମହାକୁଡ, କାଇଁଚ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ଭାଜପା ଅନୁସୁଚିତ ଜାତି ମୋର୍ଚ୍ଚା କର୍ମୀମାନେ ଆର୍‌ଆଇ ଅଫିସ୍ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।

## ଦୁର୍ଗାପୂଜାରେ ସଦ୍‌ଭାବନା ଯାତ୍ରା



ଦୁର୍ଗାପୂଜା ଅବସରରେ ସୋହେଲାରେ ସଂହତି ଓ ସଦ୍‌ଭାବନା ଶୋଭାଯାତ୍ରା ଚାଲିଛି ।

**ସୋହେଲା ୧୫।୧୦(ଡି.ଏନ.ଏ)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା ୭୫ବର୍ଷରେ ପଦାର୍ପଣ କରିଥିବାରୁ ଚଳିତ ବର୍ଷ ଏହାର ପ୍ଲାଟିନମ ଜୁବୁଲି ପାଳନ କରୁଛି । ଏହି ଅବସରରେ ସୋମବାର ସଂହତି ଓ ସଦ୍‌ଭାବନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ଦୁର୍ଗାମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା । ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା, କାର୍ଯ୍ୟକାରୀ ସଭାପତି ତଥା ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ହାତରେ ଝଣ୍ଡା ଧରି ଭାଗ ନେଇଥିଲେ । ଏଥିରେ ପ୍ରମୋଦ ଦେବତା, ମହମ୍ମଦ ରଫିକ, ରାମ ନିବାସ ଅଗ୍ରୱାଲ, ଟେକଚାନ୍ଦ ଦୁଆନ, ଗିରିଜେଶ ଖାଡାଙ୍ଗା, ବାବୁଲୁ ଦେବତା, ଗଣତନ୍ତ୍ର ପଧାନ, ନଥୁରାମ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ବେହେରା, ଟଙ୍କଧର ଝାଙ୍କର, ଲଳିତ ଅଗ୍ରୱାଲ, ବଳବୀର ସିଂ ଠାକୁର, ଅନୀଲ ପଧାନ, ଶିଶିର ସାହୁ, ସୁଶାନ୍ତ ମିଶ୍ର, ତୁଷାରକାନ୍ତ ସାହୁ, ରମାକାନ୍ତ ସାହୁ, ପ୍ରମୋଦ ସାହୁ, ଗୋବିନ୍ଦ ସାହୁ, ଗୋପାଳ ନାୟକ, ଅଶ୍ୱିନୀ ପାତ୍ର, ହିରୋ ମାଝି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଫସଲବୀମା ଦାବି, ଏଡିଏମଙ୍କୁ ଭେଟିଲେ



ଏଡିଏମଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

**ବରଗଡ଼ ଅଫିସ୍,୧୫।୧୦**

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଖୋଳା ପଞ୍ଚାୟତର ଚାଷୀମାନେ ଫସଲବୀମା କ୍ଷତିପୂରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତ ୨୦୧୭ ଖରିଫ ଫସଲ ବେଳେ ବ୍ୟାପକ ଫସଲ ଉଜୁଡ଼ି ଯାଇଥିଲା। ମାତ୍ର ବୀମା କ୍ଷତିପୂରଣ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଫସଲକ୍ଷତି ତଥା କ୍ରପ୍‌କଟିଂ ଆଧାରରେ କ୍ଷତିପୂରଣ ଦେବା ପରିବର୍ତ୍ତେ ବୀମା କମ୍ପାନୀ ତାଠାରୁ ଯଥେଷ୍ଟ କମ୍ ବୀମା କ୍ଷତିପୂରଣ ଦେବାକୁ ମସୁଧା ଚଳାଇଛି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝୀଙ୍କୁ ଭେଟି ଗୁହାରୀ କରିଥିଲେ । ଜୟ କିସାନ ଆନ୍ଦୋଳନର ରମେଶ ମହାପାତ୍ରଙ୍କ ନେତୃତ୍ୱରେ ସଞ୍ଜୋସ ଖାଡ଼ିଆ, ପ୍ରକାଶ ଭୋଇ, ଭାଗିରଥୀ ଦୁଆନ, ଅଚ୍ୟୁତ ପ୍ରଧାନ, ଦୟାନିଧି ସାହୁ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ ।

# ଗର୍ଭ ନିରୂପଣ ନେଇ ହଟହଟା

**ବରଗଡ଼ ଅଫିସ୍/ସରଣ୍ଡା, ୧୫।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଞ୍ଚଳର ଜଣେ ମାନସିକ ରୋଗାକ୍ରାନ୍ତ ଅବିବାହିତା ଯୁବତୀଙ୍କ ଗର୍ଭ ନିରୂପଣକୁ ନେଇ ପରିବାର ଲୋକଙ୍କୁ ହଟହଟା ହେବାକୁ ପଡ଼ିଛି । ସମ୍ପୃକ୍ତ ପରିବାର ଲୋକଙ୍କ ମାନସିକ ଚିନ୍ତା ଆହୁରି ବଢ଼ିଯାଇଥିବା ବେଳେ ଡାକ୍ତର କରିଥିବା ଗର୍ଭ ନିରୂପଣ ପରୀକ୍ଷା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଗତ କିଛିଦିନ ତଳେ ସମ୍ପୃକ୍ତ ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ ଅତାବିରା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେତେବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ଡାକ୍ତର ଯୁବତୀଙ୍କୁ ପରୀକ୍ଷା କରି ସେ ଗର୍ଭବତୀ ଥିବା କହିଥିଲେ । ଡାକ୍ତରଙ୍କ କଥାକୁ ପରିବାର ଲୋକେ ସହଜରେ ବିଶ୍ୱାସକୁ ନେଇ ନ ଥିଲେ ଏବଂ ଅନ୍ୟ ଏକ ଘରୋଇ ଡାକ୍ତରଖାନାର ଜଣେ ପ୍ରସୂତୀ ବିଶେଷଜ୍ଞଙ୍କ ପାଖକୁ ନେଇଥିଲେ । ସେଠାରେ ପରୀକ୍ଷା କରିବା ପରେ ଯୁବତୀ ଜଣକ ଗର୍ଭବତୀ ନ ଥିବା ପ୍ରସୂତୀ ବିଶେଷଜ୍ଞ କହିଥିଲେ । ଏହାପରେ ସୋମବାର ପରିବାର ଲୋକେ ସେହି ଯୁବତୀଙ୍କୁ ଧରି ପୁଣି ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ ଏବଂ ଗର୍ଭ ପରୀକ୍ଷାରେ ତାଳମେଳ ରହୁ ନ ଥିବା ନେଇ ପ୍ରଶ୍ନ ଉଠାଇଥିଲେ। ଶେଷରେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ସିଧାସଳଖ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ମାତ୍ର ଜିଲା ମୁଖ୍ୟ ଡାକ୍ତରଖାନାରେ ଯୁବତୀଙ୍କ କୌଣସି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନ ଥିଲା ଏବଂ ତାଙ୍କୁ ବୁର୍ଲା ସ୍ଥାନାନ୍ତର ପାଇଁ ଉପସ୍ଥିତ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଜଣେ ମାନସିକ ରୋଗାକ୍ରାନ୍ତ ଯୁବତୀ ଏବଂ ତାଙ୍କ ପରିବାର ପ୍ରତି ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଏଭଳି ମନୋବୃତ୍ତିରୁ ଜିଲାରେ ସ୍ୱାସ୍ଥ୍ୟସେବା କେଉଁ ଢଙ୍ଗରେ ଚାଲିଛି, ତାହା ସହଜରେ ଅନୁମେୟ ।

## ଟିଟିଣ୍ଡା, ୟୁନାଇଟେଡ କ୍ଲବ ବିଜୟୀ

**ବରଗଡ଼ ଅଫିସ୍,୧୫।୧୦**

ବରଗଡ଼ ଲେଙ୍ଗୁମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଟିଟିଣ୍ଡା ଓ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଟିଟିଣ୍ଡା ଓ ଉଲ୍‌ବା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଟାଇବ୍ରେକରର ସହାୟତାରେ ଟିଟିଣ୍ଡା ବିଜୟୀ ହୋଇଥିଲା । ସେହିପରି ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ ଓ ବଡ଼ମାଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଟାଇବ୍ରେକରର ସହାୟତାରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ ବିଜୟୀ ହୋଇଥିଲା। ଗୋପାଳ ନାୟକ, ମନୋଜ ଭୂୟାଁ, ଚିତ୍ତ ପାଣ୍ଡେ, ନିରଞ୍ଜନ ମହାକୁର, ଉମେଶ ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।

- ସତ୍ୟ ସାଇବାବା

## ସଂକ୍ଷେପରେ

### କୋର୍ଟରୁ ଚମ୍ପଟ୍ ମାରିଥିବା ଅଭିଯୁକ୍ତ ଧରାପଡିଲେ

**ବଲାଙ୍ଗୀର ଅଫିସ,୧୫।୧୦:** ପୋଲିସକୁ ଚକ୍‌ମା ଦେଇ ବଲାଙ୍ଗୀର ସିଭିଲ କୋର୍ଟ ପରିସରରୁ ଚମ୍ପଟ ମାରିଥିବା ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଅଭିଯୁକ୍ତଙ୍କୁ ପୁଣି ପୋଲିସ ଅତ୍ୟନ୍ତ ସତର୍କତାର ସହ ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ୍‌କୁ ପଠାଇ ଦିଆଯାଇଛି। ରବିବାର ସନ୍ଧ୍ୟାରେ ବଲାଙ୍ଗୀର ମାଳପଡ଼ାର କଳିଙ୍ଗ ମେଣ୍ଡଲି(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର କଳିଙ୍ଗଙ୍କ ବିରୋଧରେ ତାଙ୍କ ବାପା ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଥିଲେ। ବାପାଙ୍କୁ ମାଡପିଟ୍ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ ଅଭିଯୋଗ ପରେ ଶନିବାର ଟାଉନ୍ ଥାନା ପୋଲିସ ଏକ ମାମଲା(ନଂ.୪୮୦/୨୦୧୮) ରୁଜୁ କରିଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ କଳିଙ୍ଗଙ୍କୁ ଗିରଫ କରିଥିଲା। ରବିବାର ଅପରାହ୍ନରେ ଟାଉନ୍ ଥାନା ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲେ। କୋର୍ଟ ପରିସରରେ ହାଜର ହେବା ପରେ ଜଜ୍ କଳିଙ୍ଗଙ୍କୁ ଜାମିନ୍ ନାମଞ୍ଜୁର କରିଥିଲେ। ପରେ ପୋଲିସ କଳିଙ୍ଗଙ୍କୁ ଜେଲ ହାଜତ୍‌କୁ ନେବା ପାଇଁ ଉଦ୍ୟମ କରୁଥିବା ବେଳେ କୋର୍ଟ ପରିସରରୁ ଚମ୍ପଟ୍ ମାରିଥିଲେ।



### ୨୫ ଏକର ଧାନଚାଷ ନଷ୍ଟ

**ଦେଓଗାଁ,୧୫।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅଧୀନ ନୂଆଁପାଲିର ଜନୈକ ଚାଷୀଙ୍କ ୨୫ ଏକର ଧାନ ତିତ୍‌ଲି ପ୍ରଭାବରେ ତଳେ ପଡି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଧବଳେଶ୍ୱର ନାଏକ ୨୫ ଏକର ଜମିରେ ଧାନ ଚାଷ କରିଥିଲେ। ଉତ୍ତମ ବର୍ଷା ଯୋଗୁ ଧାନଗଛଗୁଡିକ ହୃଷ୍ଟପୁଷ୍ଟ ହୋଇ ବଢୁଥିବା ବେଳେ ତିତ୍‌ଲି ପ୍ରଭାବରେ ପବନ ବୋହି ବର୍ଷା ହେବାରୁ ଧାନଗଛଗୁଡିକ ତଳେ ପଡି ପାଣିରେ ଲାଗି ଯାଇଥିଲା। ଫଳରେ ଗଛଗୁଡିକ ନଷ୍ଟ ହୋଇଯାଇଛି। ବେଳେ ପ୍ରତିକାରର କୌଣସି ଉପାୟ ନ ପାଇ ଧବଳେଶ୍ୱର ଚିନ୍ତାରେ ପଡିଛନ୍ତି। ଏ ନେଇ ସୋମବାର ସେ ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କୁ ସାକ୍ଷାତ କରି ଧାନଗଛ ନଷ୍ଟ ହୋଇଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କୃଷି ଅଧିକାରୀ ନାଏକ ଓ ଗ୍ରାମ୍ୟ କୃଷି କର୍ମୀ ଶ୍ରୀବସ୍ତ ପଧାନ ଚାଷ ଜମି ବୁଲି ଦେଖିଛନ୍ତି। ଏ ସଂକ୍ରାନ୍ତରେ ରିପୋର୍ଟ ପଠାଯାଇ ସରକାରୀ ସହାୟତା ପାଇଁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବର୍ଷାରେ ଅନେକ ଚାଷୀଙ୍କ ଜମିରେ ଚାଲିଚର ହୋଇ ଧାନ ଚାଷ ନଷ୍ଟ ହୋଇଥିବା ବେଳେ ତତ୍‌ଲି ବାତ୍ୟାର ପ୍ରଭାବରେ ଅଞ୍ଚଳରେ ଅନେକ ଚାଷୀଙ୍କ ଧାନଗଛ ତଳେପଡି ନଷ୍ଟ ହୋଇ ଯାଇଥିବା ଅଭିଯୋଗ ହୋଇଛି। କ୍ଷୟକ୍ଷତିର ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

୨୮ତମ ଜଗନ୍ନାଥପଡ଼ା ସାର୍ବଜନୀନ ଦୁର୍ଗାପୂଜା

# ରାଜସ୍ଥାନୀ ବାସ୍ତୁକଳା ମୁଖ୍ୟ ଆକର୍ଷଣ

**ବଲାଙ୍ଗୀର ଅଫିସ, ୧୫।୧୦**

ସ୍ୱତନ୍ତ୍ର କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି, ମେଢ଼, ତୋରଣ ଓ ସାଜସଜ୍ଜା ପାଇଁ ସହରରେ ବେଶ୍ ଚର୍ଚ୍ଚିତ ଜଗନ୍ନାଥପଡ଼ା ସାର୍ବଜନୀନ ଦୁର୍ଗାପୂଜା ୨୮ବର୍ଷରେ ପଦାର୍ପଣ କରିଛି। ଜଗନ୍ନାଥପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଦୁର୍ଗାପୂଜାକୁ ସ୍ୱତନ୍ତ୍ର ଓ ଆକର୍ଷଣୀୟ କରିବା ପାଇଁ ସମସ୍ତ ଉଦ୍ୟମ କରାଯାଇଛି। ସୋମବାର ବିଲ୍ୱାଧିବାସ ସମ୍ପନ୍ନ ହୋଇଛି। ମଙ୍ଗଳବାର ମହାସପ୍ତମୀ ପୂଜା ଆରମ୍ଭ ହେବ। ବୁଧବାର ମହାଷ୍ଟମୀ ପୂଜା, ହୋମ ଓ ଚଣ୍ଡୀପାଠ କରାଯିବ। ଗୁରୁବାର ମହାନବମୀ ଅବସରରେ ସପ୍ତଶତୀ ଦୁର୍ଗାହୋମ ଓ ଶୁକ୍ରବାର ପବିତ୍ର ଦଶହରା ଅବସରରେ କୁମାରୀ ପୂଜା ଓ ଅପରାଜିତା ପୂଜା ସମ୍ପନ୍ନ ହେବ। ଚଳିତବର୍ଷ କର୍ତ୍ତା ଭାବେ ଜଗଦୀଶ ପଟେଲ ଓ ସୁଭଦ୍ରା ପଟେଲ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟପୂଜକ ଭାବେ ବଲାଙ୍ଗୀର ଗାନ୍ଧୀନଗରପଡ଼ାର ଲଳିତ ମୋହନ ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ପୂଜା ପରିଚାଳନା ଓ ସାଜସଜ୍ଜାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପୂଜା ସକାଶେ ପୂଜା କମିଟି ପକ୍ଷରୁ ପ୍ରାୟ ୩ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି। ଉଦୟୀମାନ୍



ରାଜସ୍ଥାନୀ ବାସ୍ତୁକଳା ଶୈଳୀରେ ନିର୍ମିତ ଦୁର୍ଗାମୂର୍ତ୍ତି ପାଖରେ ଜଗନ୍ନାଥପଡ଼ା ପୂଜା କମିଟି ସଦସ୍ୟ।

ଶିଳ୍ପୀ ରବୀନ୍ଦ୍ର ନାରାୟଣ ନାଏକ ରାଜସ୍ଥାନୀ ବାସ୍ତୁକଳାର ଏକ ଚିତ୍ତାକର୍ଷକ ମେଢ଼, ମଣ୍ଡପ ଓ ମୂର୍ତ୍ତି ତିଆରି ପାଇଁ ପ୍ରସ୍ତାବ ଦେଇଥିଲେ । ଏହାକୁ ସମସ୍ତ କମିଟି ସଦସ୍ୟ ସମର୍ଥନ କରିଥିଲେ । ତୋରଣ ଓ ମେଢ଼ ସାଜସଜ୍ଜାରେ ଯୁବଶିଳ୍ପୀ ନାଏକ ରାଜସ୍ଥାନୀ ପ୍ରାଚୀନ ବାସ୍ତୁକଳାକୁ ଅତି ନିଖୁଣ ଭାବେ ଫୁଟାଇଛନ୍ତି। ଏହା ଅତ୍ୟନ୍ତ ଆକର୍ଷଣୀୟ ଓ ନିଆରା ହୋଇଛି। ଦୀର୍ଘ ୨୫ ବର୍ଷ ଧରି ଜଗନ୍ନାଥପଡ଼ାର ମୂର୍ତ୍ତି ତିଆରି କରି ଆସୁଥିବା ଲୋଇସିଂହା ନିକଟ ନଆଁଗାଁର ମୂର୍ତ୍ତିକାର ମୁରଲୀ ବିଶ୍ୱାଳ ଚଳିତ ବର୍ଷ ଦୁର୍ଗାମୂର୍ତ୍ତିକୁ ରାଜସ୍ଥାନୀ ବାସ୍ତୁକଳାର ରୂପକଳ୍ପ ଦେଇଛନ୍ତି। ବାଉଁଶ କାରିଗର ସଦାନନ୍ଦ ନାଏକ ସାଜସଜ୍ଜାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି । ଜଗନ୍ନାଥପଡ଼ାବାସୀଙ୍କ ସହଯୋଗରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ସାଜସଜ୍ଜା ଓ ଅନ୍ୟାନ୍ୟ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ପୂଜା କମିଟି ସଭାପତି ଚତୁର୍ଭୁଜ ରାଉତ, ଉପସଭାପତି କମଳ ଲୋଚନ ସାଏ, ସମ୍ପାଦକ ଯଦୁମଣି ସାଏ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାଉତ୍, କୋଷାଧ୍ୟକ୍ଷ ପ୍ରମୋଦ ବଡ଼ିଆ ଓ ଯୁଗ୍ମ କୋଷାଧ୍ୟକ୍ଷ କୁନ୍ଦନ ସାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ପୂଜା କମିଟି ଉପଦେଷ୍ଟା ସଞ୍ଜୟ ସାଏ, ହରେକୃଷ୍ଣ ପଟେଲ, ମନୋରଞ୍ଜନ ରାଉତ୍, କନିଷ୍ଠ ସାଏ, ପୂର୍ଣ୍ଣଚନ୍ଦ୍ର ନାଏକ, ମନୋରଞ୍ଜନ ସାଏ, ପୁରୁଷୋତ୍ତମ ଦେବତା, ରାମଚନ୍ଦ୍ର ନାଏକ, ରଜନୀକାନ୍ତ ପଟେଲ, ଶମ୍ଭୁ ପ୍ରସାଦ ଚୋପଦାର ଓ ଅନ୍ୟ ସଦସ୍ୟମାନେ ସହଯୋଗ କରୁଛନ୍ତି। ଚଳିତବର୍ଷ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ପୂଜା ସମୟରେ ସୁନ୍ଦରାକାଣ୍ଡ ରାମାୟଣ ପାରାୟଣ କରାଯିବ। ଗାୟିକା ସୁବାସିନୀ ମିଶ୍ର ରାମାୟଣ ପାରାୟଣ କରିବେ। ଏପରି କି ଫଟକରା ଓ ବ୍ରାହ୍ମନ୍‌ବାହାଲି ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହେବ। ରାଜସ୍ଥାନୀ ବାସ୍ତୁକଳା ଶୈଳୀରେ ନିର୍ମିତ ମୃଣ୍ମୟୀ ମୂର୍ତ୍ତି ଓ ମେଢ଼, ତୋରଣ ଶ୍ରଦ୍ଧାଳୁ ଓ ଦର୍ଶକଙ୍କୁ ବେଶ୍ ଆମୋଦିତ କରିବ ବୋଲି ଆଶା କରାଯାଉଛି।



ବୁର୍ଡା ପୂଜା କମିଟି ପକ୍ଷରୁ ନିର୍ମାଣ ହୋଇଥିବା ମୃଣ୍ମୟୀ ମୂର୍ତ୍ତି।

## ବିଲ୍ୱାଧିବାସ, କଳସ ଶୋଭାଯାତ୍ରା

**ଲୋଇସିଂହା,୧୫।୧୦ (ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅଧୀନ ବୁର୍ଡା, ଯୋଗୀସର୍ଡା ଓ ବାଦିବାହଲ ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂଜା କମିଟି ପକ୍ଷରୁ ସୋମବାର ଅପରାହ୍ନରେ ବିଲ୍ୱାଧିବାସ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମହାସପ୍ତମୀ ପୂଜା ହୋଇ ଶନିବାର ଭସାଣି ଉତ୍ସବ କାର୍ଯ୍ୟକ୍ରମ ରହିଛି। ପୂଜା ଅବସରରେ ୧୮ ଓ ୧୯ ତାରିଖ ରାବଣ ଦରବାର କାର୍ଯ୍ୟକ୍ରମ ରହିଛି। ୧୯ରେ ପ୍ରସିଦ୍ଧ ରାବଣ ପୋଡି ଉତ୍ସବ ଓ ଆତସବାଜି ପ୍ରଦର୍ଶନ ରଖାଯାଇଛି। ବିଜୟ କୁମାର ଦେବତା ରାବଣଭୂମିକା ଓ ମହାମନ୍ତ୍ରୀ ଭୂମିକାରେ ସମ୍ପଦ ମେହେର ଅଭିନୟ କରିବେ। ମଙ୍ଗଳବାର ରାତିରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ସେହିପରି ଷଷ୍ଠ ବର୍ଷ ଯୋଗୀସର୍ଡା ପୂଜା ଅବସରରେ ସୋମବାର ରାତିରେ ଶିଶୁ କଳାକାରଙ୍କ ଦ୍ୱାରା ମହିଷା ମର୍ଦ୍ଦିନୀ ନାଟ୍ୟ ଓ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ସେହିପରି ବାଦିବାହଲ ଗ୍ରାମରେ ପ୍ରଥମ ବର୍ଷ ୩ଦିନ ଧରି ପୂଜା ଆରମ୍ଭ ହେଉଛି। ସୋମବାର ସନ୍ଧ୍ୟାରୁ ଭଜନ ସମାରୋହ ରହିଥିବାବେଳେ ଅନ୍ୟ ଦିନମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବା ପୂଜା କମିଟି ସୂତ୍ରରୁ ପ୍ରକାଶ।

୬୧ତମ ସମଲେଇ ଯାତ୍ରା

## ତୁଷରା ସହର ଚଳଚଞ୍ଚଳ

**ଗୁଡ଼ଭେଲା,୧୫।୧୦(ଡି.ଏନ୍.ଏ.)**

ତୁଷରା ସହରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପ୍ରସିଦ୍ଧ ସମଲେଇ ଯାତ୍ରା ଆଶ୍ୱିନ ଅମାବାସ୍ୟା ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଏନେଇ ମନ୍ଦିର ପରିସର ସୁସଜ୍ଜିତ ଆଲୋକମାଳାରେ ଝଲସି ଉଠୁଥିବାବେଳେ ସହର ଚଳଚଞ୍ଚଳ ହୋଇଉଠିଛି। ଏପରି କି ବିଭିନ୍ନ ଗ୍ରାମରେ ଅସ୍ଥାୟୀ ମଣ୍ଡପରେ ମା'ଦୁର୍ଗାଙ୍କୁ ୯ଦିନ ଧରି ପୂଜା କରାଯାଉଥିବା ବେଳେ ତୁଷରା ସହରରେ ମା'ଙ୍କ ପୀଠରେ ୩ଦିନ ଧରି ଶାରଦୀୟ ପୂଜା ବିଧିର ପରମ୍ପରା ରହିଛି। ପୀଠରେ ସୋମବାରଠାରୁ ୧୦ ଦିନ ଧରି ସମଲେଇ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଚଣ୍ଡୀ ପାଠ କରାଯିବ। ଏପରି କି ଭକ୍ତଙ୍କ ମନସ୍କାମନା ନେଇ ମା'ଙ୍କ ନିକଟରେ ଅଖଣ୍ଡ ଦୀପ ପ୍ରଜ୍ଜଳନ କରିଥାନ୍ତି। ଅନ୍ୟପକ୍ଷରେ ୧୪ ତାରିଖ ଶୁକ୍ଳ ଷଷ୍ଠୀ ରବିବାର ଗୋଧୂଳି ଲଗ୍ନରେ ପୂଜକ ଗୋପାଳ ଭୋଇଙ୍କ ଘରୁ ଛତ୍ରର ବାହାରି ମା'ଙ୍କ ମନ୍ଦିରଙ୍କୁ ବିଜେ କରିଥିଲା। ଛତର ମନ୍ଦିରକୁ ଯିବା ସମୟରେ ରାସ୍ତାରେ ଗ୍ରାମବାସୀ ଧୂପ ଦେଇ ପୂଜା କରିଥିଲେ। ରାତି ସାଢେ ୯ଟାରେ ମା'ସମଲେଇ ବରୁଆଙ୍କ ଦେହରେ ଆବିର୍ଭାବ ହୋଇ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୬ତାରିଖ ମହାଷ୍ଟମୀ ତଥା ମଙ୍ଗଳବାର ସକାଳ ୭ଟାରୁ ସାଢେ ୮ଟାରେ ମଧ୍ୟରେ ମା' ବରୁଆଙ୍କ ଦେହରେ ଆବିର୍ଭାବ ହୋଇ ନଗର ପରିକ୍ରମା କରିବା ସହ ଭକ୍ତଙ୍କ ଗୁହାରି ଶୁଣିବାର ପରମ୍ପରା ରହିଥିବା ବେଳେ ନଗରବାସୀ ମା'ଙ୍କ ଗୋଡ଼ ଧୋଇ ଜାଗର ଜାଳି ପୂଜାର୍ଚ୍ଚନା କରିଥାନ୍ତି। ବୁଧବାର ନବମୀ ରାତି ପ୍ରାୟ ୧୨ଟାରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ତୁଷରା ସମଲେଶ୍ୱରୀ ମନ୍ଦିରକୁ ମା'ଙ୍କ ଛତର ବିଜେ।

## ଘଣ୍ଟାସୁନୀ ଲୋକମହୋତ୍ସବ ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼,୧୫।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ଘଣ୍ଟାସୁନୀ ଲୋକମହୋତ୍ସବ ପାଳନ ନେଇ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ ସଭା ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ନିର୍ବାହି ଅଧିକାରୀ ସନ୍ତୋଷ ବେହେରା, ପୂର୍ବତନ ନଗରପାଳ ଭବାନୀ ପ୍ରସାଦ ହୋତା, ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର, ଡା. ପିକେ ନାୟକ, ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମହୁରା, ଥାନା ଏସ୍‌ଆଇ ସରୋଜ ରଞ୍ଜନ ରଥ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ପ୍ରଧାନ, ଜିଲା ପଞ୍ଚାୟତ ଅଧିକାରୀ ସରୋଜ ମେହେର, ପୂର୍ତ୍ତ ସହକାରି ଯନ୍ତ୍ରୀ ନରୋତ୍ତମ ଦେହୁରି, ପିଏଚ୍‌ଡି ସହକାରି ଯନ୍ତ୍ରୀ ମିହିରକାନ୍ତ ମହାନ୍ତି, ଅଗ୍ନିଶମ ଅଧିକାରୀ ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ନେଇ ଟିଟିଲାଗଡ ବିଧାୟକ ଟୁକୁନୀ ସାହୁଙ୍କ ସମେତ ସହରର ବରିଷ୍ଠ ନାଗରିକ, ସରକାରୀ ଅଧିକାରୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମର ସଫଳତା ନେଇ ନାଗରିକଙ୍କ ମତାମତ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ମା'ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟ

## କ୍ୱାର୍ଟର ଫାଇନାଲରେ ହଳଦୀ, ଖୋଲାନା



ହଳଦୀ ଓ ଜଗୁଆ ଦଳର ଖେଳାଳିମାନଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

**ମୁରିବାହାଲ, ୧୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମ ପଞ୍ଚାୟତର ଜଗୁଆ ଆଦିବାସୀ ନେହେରୁ ଯୁବକ ସଂଘ ଆନୁକୂଲ୍ୟରେ ୯ମ ବାର୍ଷିକ ମା' ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୨ଟି ମ୍ୟାଚ ଖେଳା ଯାଇଥିଲା। ଏଥିରେ ହଳଦୀ ଓ ଖୋଲାନ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ ଜଗୁଆ ଓ ହଳଦୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ଗୋଲରେ ହଳଦୀ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବେଛୁବାହାଲି ବନାମ ଖୋଲାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଛୁବାହାଲିକୁ ୨-୦ଗୋଲରେ ପରାସ୍ତ କରି ଖୋଲାନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଉଭୟ ମ୍ୟାଚକୁ ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ।

କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଟିଟିଲାଗଡ଼,୧୫।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଛାମୁଆ ସାହିତ୍ୟିକ ସଂଗଠନ କୋଶଲି ଭାଷା ସୁରକ୍ଷା ସମିତି ପକ୍ଷରୁ କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବାକୁ ଦାବି କରାଯାଇଛି। ଏପରି କି କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବାକୁ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସଭାପତି ଭିକାରି ମିଶ୍ରଙ୍କ ନେତୃତ୍ୱରେ ଏନେଇ ଟିଟିଲାଗଡ଼ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସମିତି ଉପସଭାପତି ଦିଲୀପ ପଶାୟତ, ସମ୍ପାଦକ ନିଳମଣୀ ସାହୁ, ସଂଗଠନ ସମ୍ପାଦକ ଚତୁର୍ଭୁଜ ସାଆନ୍ତ, କୋଷାଧ୍ୟକ୍ଷ ନୀଳାମ୍ବର ବେହେରା, କାର୍ଯ୍ୟନିର୍ବାହି ସଭ୍ୟ ଗୋବିନ୍ଦ ନାମଦେବ, ରାଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ତିତ୍‌ଲି ପ୍ରଭାବରେ ଆଖୁଚାଷ କ୍ଷତିଗ୍ରସ୍ତ

**ଗୁଡ଼ଭେଲା,୧୫।୧୦(ଡି.ଏନ୍.ଏ.)**

ତିତଲି ପ୍ରଭାବରେ ଗୁଡ଼ଭେଲା ବ୍ଲକରେ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ ଅଧୀନ ସମରା ଗ୍ରାମର ଚାଷୀ ବିପିନ ପ୍ରଧାନ ଏବଂ ସୁଧାକର ପ୍ରଧାନ ତାଙ୍କ ଆଖୁ ଚାଷ ନଷ୍ଟ ହୋଇଯାଇଥିବା ନେଇ ବଲାଙ୍ଗୀର ଜିଲାପାଳ, କୃଷୀ ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏପରି କି ସରପଞ୍ଚ ରବୀନ୍ଦ୍ର ପ୍ରଧାନ ସୋମବାର ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କୁ ଲିଖିତ ଭାବେ ଜଣାଇ କ୍ଷତିପୂରଣ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ବିପିନଙ୍କ ପରିବାର କହିଲେ ପୁଅ ଝିଅ ମିଶି ୭ ଜଣ ହୋଇଥିବା ବେଳେ ଜମି କହିଲେ ଏକ ଏକର। ଏଥିରେ ସେ ଆଖୁ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ସେହିପରି ସୁଧାକରଙ୍କ ପୁଅ ଝିଅ ମିଶି ୫ଜଣ। ସେ ମଧ୍ୟ ୧ ଏକର ଜମିରେ ଆଖୁ ଚାଷ କରି ପରିବାର ଚଳାନ୍ତି। ଚଳିତ ବର୍ଷ ଆଖୁ ଚାଷ ଭଲ ହୋଇଥିବା ବେଳେ ତିତ୍‌ଲି ପ୍ରଭାବରେ ଆଖୁ ଗଛ ନଷ୍ଟ ହୋଇଯାଇଛି। ସେମାନେ ସ୍ଥାନୀୟ ସମବାୟ ସମିତି ଏବଂ ମହାଜନଙ୍କ ନିକଟରୁ ଋଣ ଆଣି ଆଖୁ ଚାଷ କରିଥିଲେ। ବର୍ତ୍ତମାନ ଚାଷ ନଷ୍ଟ ହୋଇଯାଇଥିବାରୁ ଋଣ ପରିଶୋଧ ସହ ପରିବାର ଚଳାଇବା ନେଇ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଚାଷୀ ଜଣକ କ୍ଷତିଗ୍ରସ୍ତ ହୋଇଥିବା ଆଖୁ ଚାଷ ଦେଖାଉଛନ୍ତି।

ମୋ ଭାରତ ସ୍ୱର୍ଣ୍ଣିମ ଭାରତ ତ୍ରିଦିବସୀୟ ସମ୍ମିଳନୀ ଉଦ୍‌ଯାପିତ

# ନିଶାମୁକ୍ତି ଅଭିଯାନ ହିଁ ସୁସ୍ଥତା ଆଣିବ

**ବଲାଙ୍ଗୀର ଅଫିସ, ୧୫।୧୦**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଚାଲିଥିବା ମୋ ଭାରତ ସ୍ୱର୍ଣ୍ଣିମ ଭାରତ ଅଭିଯାନର ତ୍ରିଦିବସୀୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ଲାଲଟିକ୍ରାସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ମିଳନୀର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଜ୍ଞାନେନ୍ଦ୍ର ମିଶ୍ର ଯୋଗଦେଇ ନିଶାମୁକ୍ତ ବଲାଙ୍ଗୀର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ନିଶାମୁକ୍ତି ଅଭିଯାନ ହିଁ ସାମାଜିକ ସୁସ୍ଥତା ଆଣିବ ବୋଲି ସେ କହିଥିଲେ। ବ୍ରହ୍ମାକୁମାର ଅଭିମନ୍ୟୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ, ଅବକାରୀ ବିଭାଗ ଇନ୍ସପେକ୍ଟର




ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ଦେବାଶିଷ ପଟେଲ, ଆମ୍ ଆଦ୍‌ମୀ ପାର୍ଟି ନେତା ଅଜୟ ଦାସ, ବ୍ରହ୍ମାକୁମାରୀ ଉଷା, ଗୀତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ପୌରାଧ୍ୟକ୍ଷା ବେହେରା ନିଶାସେବନ ଦ୍ୱାରା ମଣିଷ କିଭଳି ହିତାହିତ ଜ୍ଞାନ ଭୁଲ ବିଚିତ୍ର ଆଚରଣ କରିଥାଏ କହିଥିଲେ। ନିଶା ଦ୍ୱାରା ପରିବାର ଓ ସମାଜ ଉଭୟ ନଷ୍ଟ ହୋଇଥାଏ ବୋଲି କହିଥିଲେ। ବିଧାୟକ ବିଶ୍ୱାଳ ନିଶାମୁକ୍ତି ଅଭିଯାନ ଉପରେ ଗୁରୁତ୍ୱାରୋପ କରି ଗୀତ ମାଧ୍ୟମରେ ନିଶାମୁକ୍ତି ଶପଥ କଥା କରିଥିଲେ । ଆମ୍ ଆଦ୍‌ମୀ ପାର୍ଟି ନେତା ଦାସ ନିଶାମୁକ୍ତି ଅଭିଯାନ ଏକ ସାମାଜିକ କର୍ତ୍ତବ୍ୟ ବୋଲି କହିଥିଲେ। ଅବକାରୀ ଇନ୍ସପେକ୍ଟର ପଟେଲ ବଲାଙ୍ଗୀର ଜିଲାରେ ନିଶାସେବନ ଓ ଏହାର କୁପ୍ରଭାବ ସମ୍ପର୍କରେ କହିବା ସହ ତାଙ୍କର ଅଭିଜ୍ଞତା ଉପରେ କହିଥିଲେ। ନିଶାସେବନ ଦ୍ୱାରା ବିଶେଷକରି ଯୁବ ସମାଜ କିଭଳି ବିପଥଗାମୀ ହେଉଛନ୍ତି ବୋଲି ବୁଝାଇଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଲାଙ୍ଗୀର କେନ୍ଦ୍ର ଇନ୍‌ଚାର୍ଜ ବ୍ରହ୍ମାକୁମାରୀ ଉଷା ନିଶା କିଭଳି ମାନବୀୟ ଗୁଣ ସବୁକୁ ପ୍ରଭାବିତ କରି ମଣିଷ ଜୀବନରେ ଦୁଃଖ ଓ କଷ୍ଟ ଆଣିଦିଏ କହିଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ ସଚେତନତା ଉପରେ ସେ ଜୋର ଦେଇଥିଲେ। ଉପସ୍ଥିତ ସମସ୍ତ ବ୍ରହ୍ମାକୁମାରୀ, ବ୍ରହ୍ମାକୁମାରମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତୀୟ ଅଭିଭାଷଣରେ ବିକେ ଅଭିମନ୍ୟୁ ନିଶାମୁକ୍ତିର ବାଟରୁ ମଣିଷ ଆଧ୍ୟାତ୍ମିକ ଉତ୍ତରଣର ବାଟ ପାଇପାରିବ ବୋଲି କହିଥିଲେ। ନିଶାମୁକ୍ତି ଅଭିଯାନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ସ୍ନେହା ପରିଚାଳନା କରିଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଲାଙ୍ଗୀର ମିଳିତ ସୌଜନ୍ୟରେ ନିଶାମୁକ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ବଲାଙ୍ଗୀର ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ ବ୍ରହ୍ମାକୁମାରୀ, ବ୍ରହ୍ମାକୁମାର ଓ ଜନସାଧାରଣ ଯୋଗଦେଇଥିଲେ। ଏଥିରେ ଅନୁଷ୍ଠାନର ବିକେ ସଞ୍ଜୟ, ଅନୀଲ, ସହଦେବ, ବିନାୟକ, ଚୁଡ଼ାମଣି, ସୁମନ୍, ରଶ୍ମୀ, ଜୟନ୍ତୀ, ପରମାନନ୍ଦ ଓ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ବ୍ରହ୍ମାକୁମାର ରଘୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଡଙ୍ଗର ଯାତ୍ରାରେ ବୋଦ, ଗର୍ରା ବଳି

ରିଷିଡ଼ା,୧୫।୧୦(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ନିକଟସ୍ଥ ବଡଡୁଙ୍ଗୁରୀଗୁଡ଼ାଠାରେ ମଙ୍ଗଳବାର ଡଙ୍ଗର ଯାତ୍ରା ଅବସରରେ ଗୋଟିଏ ଗର୍ରା ବଳି ଦିଆଯାଇଛି । ସିକଲାପଟେନ ପୀଠରେ ଆୟୋଜିତ ଏହି ଯାତ୍ରାରେ ପୂଜାର୍ଚ୍ଚନା ସ୍ଥାନୀୟ ଦିହାରୀ (ପୂଜାରୀ) କରିଥିଲେ । ବାମନ ବୁଢ଼ା ଓ ସିକଲାପଟେନ ପୂଜାର୍ଚ୍ଚନାରେ ଏହି ଯାତ୍ରା ଅନେକ ବର୍ଷ ହେଲା ଚାଲିଆସିଛି । ସେଥିପାଇଁ ଆଖପାଖର ଲୋକେ ଏହି ଯାତ୍ରାରେ ଉପସ୍ଥିତ ରହି ନଡିଆ, କୁକୁଡ଼ା ବଳି ଦିଆଯାଇଥିଲା । ପ୍ରଥମେ ବାମନ ବୁଢ଼ାଠାରେ ନଡିଆ ଭୋଗ ହେବା ପରେ ସିକଲାପଟେନ ଓ ବସ୍ତ୍ରେନ ଦେବୀଙ୍କ ଠାରେ ୬ଟି ବୋଦା ବଳି ଦିଆଯାଇଥିଲା । ଶାରଦୀୟ ପାର୍ବଣ ଅବସରରେ ନିକଟସ୍ଥ ଅନେକ ଦେବୀ ପୀଠରେ ପଞ୍ଚମୀରୁ ଷଷ୍ଠୀରେ ଏହି ଭଳି ପୂଜା ସମାପନ ହୋଇଥାଏ ।

### ବଳି ବନ୍ଦ ପାଇଁ ସଚେତନତା ଶୋଭାଯାତ୍ରା

ରିଷିଡ଼ା,୧୫।୧୦(ଡି.ଏନ.ଏ.)
ସମ୍ପ୍ରତି ବିଭିନ୍ନ ସ୍ଥାନରେ ବଳି ପ୍ରଥା ଏବେ ମଧ ଚାଲିଛି । ଏହାକୁ ବନ୍ଦ କରିବା ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରିଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିକଟରେ ତେରେସିଂହା ଓ ପୌରକେଲାରେ ପାଟଖଣ୍ଡା ଯାତରା, ବଡଡୁଙ୍ଗୁରୀଗୁଡାରେ ଡଙ୍ଗର ଯାତରାରେ ପଶୁପକ୍ଷୀ ବଳି ଦିଆଯାଇଥିଲା ।

### କୋକସରା ବ୍ଲକରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ

କୋକସରା,୧୫।୧୦(ଡି.ଏନ.ଏ.)
ଚଳିତବର୍ଷ କଳାହାଣ୍ଡି ଜିଲା କୋକସରା ବ୍ଲକର କୋକସରା, ମୋଟେର, ଲଡୁଗାଁ, ସାନପୋଡାଗୁଡା, ଟେମରା, ଓଲମା ଓ ଖୁଣ୍ଟିଆଠାରେ ଦୁର୍ଗାପୁଜା ହେଉଥିବା ବେଳେ ସୋମବାର କୋକସରାଠାରେ ଅଧିବାସ ସହ ବିଲ୍ୱବରଣ ପରେ ମା'ଙ୍କ ଆଗମନ ହୋଇଛି । ପୁଜା କର୍ତ୍ତା ଭାବେ କୁଳଦିପ ଗୁପ୍ତା ସ୍ୱପତ୍ନିକ ନିର୍ବାହ କରୁଥିବା ବେଳେ ପୂଜା କମିଟି ଓ ଗ୍ରାମବାସୀ ପୂଜାକର୍ତ୍ତାଙ୍କୁ ବାଟବରଣ କରି ପାଛୋଟି ଆଣି ପୂର୍ବ ନିର୍ଦ୍ଧାରତ ରିତିନିତି ଅନୁସାରେ ପୁଜାପାଠ ଆରମ୍ଭ ହୋଇଛି । ଚଳିତବର୍ଷ ପୂଜା କମିଟି ପକ୍ଷରୁ ପୂଜାକୁ ଆକର୍ଷଣ କରିବା ପାଇଁ ଶୁଉଛତୋରଣ ସହ ବିଭିନ୍ନ ଆଲୋକମାଳାରେ ସଜିତ କରାଯାଇଛି। ପୁଣି ୩ ଦିନ ଧରି ଦୁର୍ଗାପୂଜା ଅନୁଷ୍ଠିତ ହେବ। ରାତ୍ରିରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଥିବା ପୂଜା କମିଟି ସଭାପତି ସୁଶାନ୍ତ ବେହେରା ଓ ସମ୍ପାଦକ ମହେଶ ଗୁପ୍ତା ସୂଚନା ଦେଇଛନ୍ତି ।

କେନ୍ଦ୍ର, ରାଜ୍ୟ ସରକାରଙ୍କ ଲୋକମାରଣ ନୀତି ପ୍ରତିବାଦ

# ଉଭୟ ସରକାରଙ୍କ ଉପରେ ବର୍ଷିଲେ ନେତା

■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ପ୍ରତିବାଦ ସଭା

ଭବାନୀପାଟଣା,୧୫।୧୦ (ଡି.ଏନ.ଏ.)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ କଂଗ୍ରେସର ନେତା ଓ କର୍ମୀମାନେ।

କଳାହାଣ୍ଡି ଜିଲା କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକ ମାରଣ ନୀତି ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଭବାନୀପାଟଣା କଲେଜ ଛକଠାରୁ ଏକ ବିରାଟ ମୋଟରସାଇକଲ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭାର ଆୟୋଜନ କରାଯାଇ ଉଭୟ କେନ୍ଦ ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ପ୍ରତିବାଦରେ ସମାଲୋଚନା କରାଯାଇଥିଲା । ପ୍ରତିବାଦ ସଭାରେ ଏଆଇସିସି ପ୍ରଚାର କମିଟି ସଦସ୍ୟ, ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତଚରଣ ଦାସଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବିଜେଡି ସରକାରଙ୍କ ଦ୍ୱାରା ଲୋକ କଲ୍ୟାଣ ଯୋଜନାର ଦୂରୁପଯୋଗ, ଚାଷୀ ମାରଣ ନୀତି ଓ ଜିଲାରେ ବ୍ୟାପକ ଦୁର୍ନୀତି ଓ ଜିଲାରେ ବ୍ୟାପକ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ବର୍ଷିଥିଲେ। ପରେ ନିମ୍ନଲିଖିତ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ସମସ୍ତ ଚାଷୀଙ୍କୁ କୃଷି ଋଣ ଛାଡ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ ଟଙ୍କା କରିବା, ଜିଲାରେ ଥିବା କୃଷି ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ, ଜିଲାର ସମସ୍ତ ଚାଷୀଙ୍କୁ ପେନ୍‌ସନ ପ୍ରଦାନ, ଜିଲାର ଚାଷୀମାନଙ୍କୁ ତୁରନ୍ତ କୃଷି ବୀମା ପ୍ରଦାନ, ରେତ୍ ଯୋଜନା ତୁରନ୍ତ ସମ୍ପୂର୍ଣ୍ଣ ସହ ଚାଷୀଙ୍କୁ ଜଳସେଚନର ବ୍ୟବସ୍ଥା, ଜିଲାର ଏକମାତ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ, ଜିଲାର ରେତ୍, ହାତୀ, ଉଦନ୍ତି, ସାନ୍ଦୁଲ ଓ ତେଲ ନଦୀରେ ଆଡିବନ୍ଧ ନିର୍ମାଣ, କଳାହାଣ୍ଡି ଜିଲାରେ ଜୁନାଗଡ–ନବରଙ୍ଗପୁର ରେଳଲାଇନ, କଣ୍ଟାବାଞ୍ଜି–ଖଡିଆଳ–ଧର୍ମଗଡ–ନବରଙ୍ଗପୁର ଓ ଭବାନୀପାଟଣା–କେସିଙ୍ଗା ରେଳଲାଇନ ନିର୍ମାଣ କରାଯିବା, ରାଜ୍ୟରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ଗରିବମାନଙ୍କୁ ଆର୍ଥିକ ଶୋଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ, କେବିକେ ଜିଲାରେ ବାସ କରୁଥିବା ସମସ୍ତଙ୍କୁ ଜଣ ପିଛା ୫ କେ.ଜି. ବଦଳରେ ୧୦ କେ.ଜି. ଚାଉଳ ପ୍ରଦାନ, ପ୍ରତ୍ୟେକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତ, ପ୍ରତ୍ୟେକ ଡାକ୍ତରଖାନରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ତାଲୁକ୍ ହସ୍‌ପିଟାଲ, କେସିଙ୍ଗାରେ ରକ୍ତ ଭଣ୍ଡାର ବ୍ୟବସ୍ଥା, ପ୍ରତ୍ୟେକ ନାଗରିକଙ୍କୁ ରାଶନ୍ କାର୍ଡ ବ୍ୟବସ୍ଥା କରାଯାଉ ବୋଲି ଦାବି କରାଯାଇଛି। ଜିଲା ସଭାପତି ଭାରତଭୂଷଣ ବେମାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଏଆଇସିସି ସଭ୍ୟ ତରୁଣ ମାଝି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଶିବାଜୀ ମାଝି, ପି.ସି.ସି ସମ୍ପାଦକ ଅଧିରାଜ ପାଣିଗ୍ରହୀ, ପି.ସି.ସ ସମ୍ପାଦକ ତୁଲେଶ୍ୱର ନାଏକ, ଚିତ୍ତରଞ୍ଜନ ମଣ୍ଡଳ, ନିମାଞ୍ଚଳ ନାଏକ, ପ୍ରେମଲାଲ ସାଗର, ସୁଧାଂଶୁ ଶେଖର ବରାଡ, ସେବାଦଳର ସନ୍ତୋଷ ଆଚାର୍ଯ୍ୟ, ସୁକାନ୍ତି ସରାଫ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ ।

# ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ

କୋକସରା,୧୫।୧୦(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅକ୍ଟୋବର ୨ ତାରିଖଠାରୁ ରାଜ୍ୟରେ ଲାଗୁ ହୋଇଛି । ଅନ୍ୟପକ୍ଷେ ପଞ୍ଚାୟତ କର୍ମଚାରୀମାନଙ୍କ ଭୁଲ ସର୍ଭେ ତଥା କାଗଜପତ୍ର ଦାଖଲ କରିବାରେ ଅପାରଗତା ଯୋଗୁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନରୁ ବାଦ ପଡିଛନ୍ତି । କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡା ପଞ୍ଚାୟତର ବିପିଏଲ ଶ୍ରେଣୀର ୨୦ରୁ ୩୦ ଜଣ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡିଥିବା ନେଇ ସୋମବାର କୋକସରା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ କରିଛନ୍ତି ଯେ, ଗାଁରେ ଥିଲାବାଲା ଓ ମହାଜନ ଲୋକମାନଙ୍କ ପରିବାରଙ୍କୁ ରାଶନ କାର୍ଡ ମିଳିଛି । ସେମାନେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ଠିକ ସମୟରେ ଗ୍ରାମପଞ୍ଚାୟତ କାର୍ଯ୍ୟଳୟରେ ଆବଶ୍ୟକ ଥିବା କାଗଜପତ୍ର ଦାଖଲ କରିଥିଲେ ସୁଦ୍ଧା ସେମାନଙ୍କ ନାମ ତାଲିକଭୁକ୍ତ ହୋଇନାହିଁ । ଏଥି ପାଇଁ ପଞ୍ଚାୟତ କର୍ମଚାରୀମାନେ ଦାୟୀ ବୋଲି ମାଝିଗୁଡା ଗ୍ରାମର ଶିବ ପୂଝାରୀ, ନିଳାଞ୍ଚଳ ବାଗ, ବିଶ୍ୱମ୍ଭର ସାହୁ, ପଞ୍ଚାନନ ଚୌଧରୀ, ଟିକେଶ୍ୱର ବାଗ, ମାଳତୀ ମାଝି ପ୍ରମୁଖ ହିତାଧିକାରୀ ଅଭିଯୋଗ କରିଛନ୍ତି । ଏ ନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠିଙ୍କୁ ପଚାରିବାରୁ କାଗଜପତ୍ରରେ କିଛି ତ୍ରୁଟି ଥିବ, ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ। ପଞ୍ଚାୟତ କର୍ମଚାରୀମାନଙ୍କ ଅବହେଳା ଯୋଗୁ ବାଦ ପଡିଥିବା ଏହି ଗରିବ ହିତାଧିକାରୀ ଏବେ ବାରଦୁଆର ହେଉଛନ୍ତି ।



ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

କିଡ୍‌ନୀ ରୋଗରେ ଆକ୍ରାନ୍ତ ବିଧବା କୌଶଲ୍ୟା ଘଟଣା

# କୌଶଲ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କଲେ ଡାକ୍ତରୀ ଦଳ

ଲଡୁଗାଁ,୧୫।୧୦(ଡି.ଏନ.ଏ.)

କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ଶେଷ ପାହାଚରେ ପହଞ୍ଚିଛନ୍ତି ବିଧବା କୌଶଲ୍ୟା ମାଝି (୩୪) । ରୋଗ ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହେବା ପରେ ଡାକ୍ତରଖାନାରୁ ଫେରି ଆସି ଏବେ ମାସେ ହେବ ଅର୍ଥଭାବରୁ ଘରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ଗ୍ରାମର ବିଧବା କୌଶଲ୍ୟାଙ୍କ ଏଭଳି ଦୁଃଖ ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ ସିଡିଏଓଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଏକ ଡାକ୍ତରୀ ଦଳ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସେଠାରେ ଡାକ୍ତରୀଦଳ କୌଶଲ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହ କାଗଜପତ୍ର ଯାଞ୍ଚ କରିଥିଲେ । କୋରାପୁଟ ଡାକ୍ତରଖାନାରୁ ତାଙ୍କୁ ବୁର୍ଲା କିମ୍ବା ବ୍ରହ୍ମପୁର ନେବା ପାଇଁ ରେଫର କରାଯାଇଥିବା ଜଣାପଡିଥିଲା । ତାଙ୍କର କେହି ସମ୍ପର୍କିୟ ନାହାନ୍ତି, ସରପଞ୍ଚ କିମ୍ବା ଅନ୍ୟ କେହି ଯିବା ପାଇଁ ରାଜି ନାହାନ୍ତି । ଫଳରେ ରୋଗୀ ଯିବା ପାଇଁ ଅରାଜି ଅଛନ୍ତି। ସେଥିପାଇଁ ଆମେ ତାହ ସବୁ ଲେଖି ଜିଲାକୁ ରିପୋର୍ଟ ଦେଇଦେଉଛୁ ବୋଲି ଡାକ୍ତର ସୁଶିଲ କୁମାର ସାହୁ କହିଛନ୍ତି। ଏହି ଡାକ୍ତରୀ ଦଳରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏମୋସି ଡାକ୍ତର ସାହୁ, ପିଏଚ୍‌ୟୁ ଚିଦାନନ୍ଦ ପଣ୍ଡା, ହେଲ୍‌ଥ ସୁପରଭାଇଜର ଧର୍ମୁ ମାଝି, କେତନ ପାତ୍ର, ଏନ୍‌ଏମ ପୁଷ୍ପାଲି ଖୁରା ଓ ଆଶା କର୍ମୀ ପ୍ରମୁଖ ଯାଇଥିଲେ। ଅନ୍ୟପଟେ ସମ୍ପର୍କିୟ କେହି ନ ଥିବା ଓ ଗ୍ରାମବାସୀ ଯିବା ପାଇଁ ରାଜି ନ ଥିବାରୁ କୌଶଲ୍ୟା ମଧ ଏକୁଟିଆ ତିନି ପିଲାଙ୍କୁ ଛାଡି ଡାକ୍ତରଖାନା ଯିବା ପାଇଁ ଇଚ୍ଛା ଥିଲେ ମଧ ଯାଇ ନ ପାରି ଛଟପଟ୍ ହୋଇ ଘରେ ପଡ଼ି ରହିଛନ୍ତି ।

## ଗଣ୍ଡାବାହାଲିରେ ଦୁର୍ଗାପୂଜା ଭବ୍ୟ କଳସ ଯାତ୍ରା, ଅଧିବାସ କର୍ମ

ସିନାପାଲି,୧୫।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ସୋମବାର ଭବ୍ୟ କଳସ ଶୋଭାଯାତ୍ରା ଓ ଅଧିବାସ କର୍ମ ସମ୍ପନ୍ନ ହୋଇଯାଇଛି । ଗ୍ରାମର ୩ଶହରୁ ଊର୍ଦ୍ଧ୍ୱ ମହିଳା ଘଣ୍ଟବାଦ୍ୟ ସହ କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଅହିଲାଟ ନଦୀରୁ ପବିତ୍ର ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବିଲ୍ୱବରଣ ପରେ ଅଧିବାସ କର୍ମ କରାଯାଇଥିଲା । ଚଳିତବର୍ଷ ଗଣ୍ଡାବାହାଲି ଦୁର୍ଗାପୂଜା ଟଙ୍କଧର ମେହେର ଓ ପୂର୍ଣ୍ଣମୀ ମେହେର କର୍ତ୍ତା ଦାୟିତ୍ୱରେ ଥିବା ବେଳେ ହରିଶ୍ଚନ୍ଦ୍ର ଖମାରୀ, ଅଖିଳ ପୁରୋହିତ ଓ ଜଗଦୀଶ ଖମାରୀ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପରିଚାଳନା କମିଟି ସଭାପତି ଭାବେ ତ୍ରିନାଥ ମେହେର, ସମ୍ପାଦକ ଭାବେ ଦେବାର୍ଚ୍ଚନ ମେହେର ଓ କୋଷାଧ୍ୟକ୍ଷ ଭାବେ କୀର୍ତ୍ତନ ମେହେର ଓ ସଦସ୍ୟ ଭାବରେ, କମଳ ମେହେର, ଚତୁର୍ଭୁଜ ସେଠୀ, ଅର୍ଜ୍ଜୁନ ମେହେର, ମଧୁବନ ମେହେର, ଭରତ ମେହେର, ଦୀନବନ୍ଧୁ ବେହେରା ପ୍ରମୁଖ ଅଛନ୍ତି ।

# ମଦକୋଠି ବନ୍ଦ ପାଇଁ ଦାବିପତ୍ର

ଖଡିଆଳ,୧୫।୧୦(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଅଧୀନ ପୋଡାପାଲି ଗାଁରେ ବର୍ତ୍ତମାନ ଛତୁ ଫୁଟିଲା ପରି ବେଆଇନ ମଦକୋଠି ଖୋଲିଛି । ଏଥି ଯୋଗୁ ଅଧିକାଂଶ ଲୋକେ ମଦ ପିଇବା ଅନେକ ସମୟରେ ଗଣ୍ଡଗୋଳ, ମାରପିଟି ବୃଦ୍ଧି ପାଇଁ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟକଳାପ ମଧ ବଢ଼ିବାରେ ଲାଗିଛି । ଗାଁରେ ବର୍ତ୍ତମାନ ମଦକୋଠି ସଂଖ୍ୟା ୭କୁ ଟପିଲାଣି । ଏଥିଯୋଗୁ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଥିବା ବେଳେ ଗାଁରେ ଥିବା ସମସ୍ତ ମଦକୋଠିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ବୈଷ୍ଣବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ଧନଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ନେତୃତ୍ୱରେ ଗତ ୧୨ ତାରିଖରେ ଗାଁର ସବୁଲେନ ମନ୍ଦିର ନିକଟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗାଁରେ ବେଆଇନ ମଦକୋଠି ବନ୍ଦ କରିବା ଦିଗରେ ଆଲୋଚନା କରି ବେଆଇନ ମଦକୋଠିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ନିଷ୍ପତ୍ତିକୁ ସମର୍ଥନ କରି ଗାଁର ମଦ ବ୍ୟବସାୟୀମାନେ ମଧ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ରାଜି ହୋଇଥିଲେ। ବୈଠକ ସରିବାର କେଇ ଘଣ୍ଟା ନ ପୂରୁଣୁ ପୁଣିଥରେ ବ୍ୟବସାୟୀମାନେ ମଦକୋଠି ଖୋଲି ବେଆଇନ ଭାବେ ମଦବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଗାଁ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ କରି ଗାଁରେ ଖୋଲାଯାଇଥିବା ବେଆଇନ ମଦକୋଠିଗୁଡିକୁ ବନ୍ଦ କରିବା ଦିଗରେ ପ୍ରଶାସନର ହସ୍ତକ୍ଷେପ ଲୋଡିବା ଦାବି ନେଇ ସୋମବାର ଗାଁର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ଶତାଧିକ ସଂଖ୍ୟାରେ ମହିଳାମାନେ ସାମିଲ ହୋଇ ଖଡିଆଳ ଅବକାରୀ ବିଭାଗ ଓ ଖଡିଆଳ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ସାକ୍ଷାତ କରି ପୃଥକ ଭାବେ ଲିଖିତ ଭାବେ ଦାବି କରିଛନ୍ତି । ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।



ଅବକାରୀ ବିଭାଗକୁ ଆସି ମହିଳାମାନେ ଦାବିପତ୍ର ଦେଉଛନ୍ତି ।

ଏକଯୋଟ୍ ହେଲେ ୯ ମହିଳା ସ୍ୱୟଂ ସହାୟିକା ଦଲ୍

# ବୁଲି ବୁଲି ସଫାକଲେ, ସମାଜ୍‌କେ ବାର୍‌ତା ଦେଲେ



ଦର୍ଲିପଡା ଗାଁରେ ସ୍ୱୟଂ ସହାୟିକା ଦଲ୍‌ର ମହିଳାମାନେ ସଫେଇ କାମ୍ କରୁଛନ୍।

ନୂଆପଡା ଅଫିସ,୧୫।୧୦

ଗାଁନୁ ସହର ସବୁଆଡେ ସରକାର ସ୍ୱଚ୍ଛ ଭାରତର ବାର୍‌ତା ଦେଉଛନ୍। ହେଲେ ନୂଆପଡା ଜିଲା କୋମନା ବ୍ଲକ୍‌ର ଦର୍ଲିପଡା ପଁନ୍‌ଚେତ ସଦର ଗାଁରେ ମହିଳା ସ୍ୱୟଂ ସହାୟିକା ଦଲର ମହିଲାମାନେ ଏକ୍‌ଯୁଟ ହେଇ କୁଏଡ୍, ବାଡୁନ୍ ସଂଗେ ସ୍ୱଚ୍ଛ ଭାରତର ପର୍‌ଚାର ପତର ଧରି ସଚେତନତା ସୁରୁଷ୍‌ଟି କରୁଛନ୍। ଇ ସଚେତନତାଟା ଖାଲି ପଁନ୍‌ଚେତ ଭିତ୍‌ରେ ସୀମିତ ନାଇଁ ରହିକରି ଆସର ପାସର ପଁନ୍‌ଚେତ୍‌ମାନକୁ ବି ପର୍‌ଭାବିତ କରୁଥିବାର ଦେଖିବାକେ ମିଲୁଛେ।

ନୂଆପଡା ଜିଲା ସଦର ମହକୁମାନୁ ୨୭ କି.ମି. ଦୂର ସୁନାବେଡା ଅଭୟାରଣ୍ୟ ପାସର ଦର୍ଲିପଡା ପଁନ୍‌ଚେତରେ ଶହେ ପର୍‌ତିଶତ ଅନୁସୂଚୀତ ଜାତି ଆର୍ ଜନଜାତି ସମାଜର ଲୋକ ବାସ୍ କରୁଛନ୍। ଇଠାନେ ଶିକ୍ଷାର ମାନ୍ ବହୁତ୍ ତଲେ ଥିଲାବେଲେ ଭିନେ ଭିନେ ସମିଆରେ ସରକାରୀ ଯୋଜନାର ସୂଚ୍‌ନା ସେତେଟା ପୁହୁଁଚି ନାଇଁପାରେ। ଇତାକେ ଦୁରୁଷ୍‌ଟିରେ ରଖି ଦର୍ଲିପଡା ପଁନ୍‌ଚେତ ସଦର ଗାଁର କେତେଝନ୍ ଉଦୀୟମାନ ମହିଲା ସ୍ୱୟଂ ସହାୟିକା ଦଲ୍ ଗଠନ୍ କରି ଲୋକ୍ ଭିନେ ଭିନେ ସରକାରୀ ଯୋଜ୍‌ନାର ସୁଫଲ କେନ୍‌ଥେଇ ପାଏବେ ସେଦିଗେ କାମ୍ କରୁଛନ୍। ଏହେଦ୍‌କା ଦଶରା ପୂଜା ସମିଆ ଆସିଥିଲା ବେଲେ ଗାଁ ଗାଁକେ ଯାଇ ମହିଲାମାନେ ନିଜେ କୁଏଡ୍, ବାଡୁନ୍ ଧରି ସଫେଇ କରୁଛନ୍। ଦର୍ଲିପଡାର ସବୁ କଲୋନୀ, ସ୍କୁଲ, ଡାକ୍‌ତରଖାନା ପରିସର ସଫା କରିଛନ୍। ପଁନ୍‌ଚେତ ସାରା ଗାଁକେ ଗାଁ ବୁଲି ସଫେଇ କାମ୍ କରବାର ସଂଗେ ସମାଜକେ ସ୍ୱଚ୍ଛ ପରିମଲର ବାର୍‌ତା ଦେବାକେ ସେମାନେ ସଂକଳ୍ପ ନେଇଛନ୍। ଇଥିରଲାଗି କେହେନ୍‌ସି ଅନୁଦାନର ଦରକାର ନାଁଇଁନ। ଆମେ ନିଜେ ପରିଶ୍ରମ କରି ଲୁକ୍‌କୁ ସଚେତନ କରବାର ଆମର ମୁଖିଆ ଉଦେଶ ବଲି ଗୁଟେ ସ୍ୱୟଂ ସହାୟିକା ଦଲର ସଭାପତି ସାଇବାନୀ ଧରୁଆ କହିଛନ୍। ମା' ଦୁର୍ଗା ନିଜେ ନାରୀ ଶକ୍‌ତିର ପର୍‌ତିକ ଆନ୍। ଇଥିରଲାଗି ଆମେ ଇ ଦୁର୍ଗାପୂଜା ସମିଆକେ ଗୁରୁତ୍ ଦେଇ ପଦକ୍ଷେପ ନେଇଛୁଁ ବଲି କହିଛନ୍। ଇଟା ଖାଲି ଗୁଟେ ସଫେଇ କାମ୍ ନୁହେ ବରଂ ଗୁଟେ ଅଭିଯାନ ଆଏ ବଲି ସଭାନେତ୍‌ରି ଉର୍ମିଲା ନାଏକ କହିଛନ୍। ଇ ଅଭିଯାନରେ ସ୍ୱୟଂ ସହାୟିକା ଦଲ୍ ଭିତ୍‌ରୁ ସାଇବାବା, ମାଁ ତାରିଣୀ, ମାଁ ଦୁର୍ଗା, ମାଁ ନାରାୟଣୀ, ମାଁ ସାରଦା, ମାଁ ତୁଲସୀ, ମାଁ ଧନଲକ୍ଷ୍ମୀ, ଜୟ ହନୁମାନ, ମାତୃଶକ୍ତି ଲେଖେଁ ସ୍ୱୟଂ ସହାୟିକା ଦଲର ୫୦ରୁ ଅଧିକା ମହିଲା ସାମିଲ୍ ଥିବାର ଜନାଯାଇଛେ। ଆଏବାର ଦିନ୍‌ମାନ୍‌କେ ଇ ଅଭିଯାନ୍‌କେ ଜିଲାସାରା କରବାକେ ଚେଷ୍‌ଟା କର୍‌ମୁ ବଲି ମହିଲା ନେତ୍‌ରିମାନେ କହିଛନ୍।

ପକ୍ଷାଘାତ ରୋଗରେ ଆକ୍ରାନ୍ତ

# ବର୍ଷେ ହେଲା ବିଛଣାରେ ବୁଟି

■ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ
■ ସ୍ତ୍ରୀ ପାଲଟିଛନ୍ତି ସାହାରା
■ ପାଠ ପଢ଼ା ଛାଡି ଝିଅ ଯାଉଛି ଛେଳି ଚରାଇ

ଜୁନାଗଡ,୧୫।୧୦(ଡି.ଏନ.ଏ.)

ଗତ ବର୍ଷେ ହେଲା ପକ୍ଷଘାତ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡିରହିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ଗ୍ରାମର ବୁଟି ବେମାଲ (୫୨)। ଚିକିତ୍ସା ପାଇଁ ତାଙ୍କୁ ବଡ଼ ଡାକ୍ତରଖାନା ଯିବାକୁ ପରାମର୍ଶ ଦିଆଯାଇଛି। କିନ୍ତୁ ଅର୍ଥଭାବରୁ ଚିକିତ୍ସା ପାଇଁ ଯାଇ ନ ପାରି ସେ ଘରେ ପଡିରହିଛନ୍ତି। ପରିବାରର ସେ ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ତାଙ୍କ ଏପରି ଅବସ୍ଥା ଯୋଗୁ ପରିବାର ଏବେ ଦୟନୀୟ ହୋଇପଡିଛି। ସ୍ତ୍ରୀ ଏବେ ସ୍ୱାମୀଙ୍କ ଯତ୍ନ ନେବା ସହ ପରିବାର ଚଳାଇବା ପାଇଁ କାମ କରିବାକୁ ଯାଉଛନ୍ତି। ସେପଟେ ଏକମାତ୍ର ଝିଅ ମଧ ଅଧାରୁ ପାଠ ପଢା ଛାଡି ଛେଳି ଚରାଇବାକୁ ଯାଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ଗ୍ରାମରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ବୁଟି ବେମାଲ ଗତ ବର୍ଷେ ହେବ ପକ୍ଷଘାତ ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡିରହିଛନ୍ତି। ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଲେ ସେ ଭଲ ହୋଇପାରିବେ ବୋଲି ସ୍ଥାନୀୟ ଡାକ୍ତର ପରାମର୍ଶ ଦେଇଥିବା ବେଳେ ଅର୍ଥଭାବରୁ ସେ ଯାଇପାରୁନାହାନ୍ତି। ଫଳରେ ଦିନରାତି ସେ ବିଛଣାରେ ପଡିରହିଛନ୍ତି। ଏପଟେ ସ୍ୱାମୀଙ୍କ ଏଭଳି ଅବସ୍ଥା ପରେ ସ୍ତ୍ରୀ ମେନକା ଏବେ ତାଙ୍କ ସାହାରା ପାଲଟିଛନ୍ତି। ସ୍ୱାମୀଙ୍କୁ ସମସ୍ତ ଯତ୍ନ ନେବା ସହ ପରିବାର ଚଳାଇବା ପାଇଁ ସେ କାମ କରିବାକୁ ଯାଉଛନ୍ତି। ସେଥିରୁ ଯାହାକିଛି ଆଣିଲେ ପରିବାରକୁ ଅତିକଷ୍ଟରେ ଚଳାଉଛନ୍ତି। ଅନ୍ୟପଟେ ଏକମାତ୍ର ଝିଅ ଜୁଲି ପାଠ ପଢିବାକୁ ଇଚ୍ଛା ଥିଲେ ମଧ ଦାରିଦ୍ର୍ୟ ଯୋଗୁ ସପ୍ତମ ଶ୍ରେଣୀରୁ ପାଠ ପଢା ଛାଡି ଏବେ ସେ ଛେଳି ଚରାଇବା ପରିବାର ଚଳାଇବାରେ ସାହାଯ୍ୟ କରୁଛନ୍ତି । ପୂର୍ବରୁ ବୁଟି କୁଲି ମଜୁରୀ କାମ କରି ପରିବାର ଚଳାଉ ଥିଲେ। ଗତ ବର୍ଷେ ହେଲା ହଠାତ ସେ ପକ୍ଷଘାତ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ପରିବାରବର୍ଗ ତାଙ୍କୁ ଋଣବାଡ କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ଚିକିତ୍ସାର ଆରୋଗ୍ୟ ପାଇଁ ବଡ଼ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ତେବେ ତାଙ୍କ ପାଖରେ ଘର ଖଣ୍ଡିକ ଛାଡି ଅନ୍ୟ କିଛି ସମ୍ବଳ ନାହିଁ । ଏଭଳି କ୍ଷେତ୍ରରେ ସେ ବଡ଼ଡାକ୍ତରଖାନାକୁ ଯାଇ ନ ପାରି ଘରେ ପଡ଼ିରହିଛନ୍ତି । ଅନ୍ୟପକ୍ଷେ ବୁଟିଙ୍କ ଚିକିତ୍ସା ପାଇଁ ପରିବାରବର୍ଗ ସରକାରୀ ସହାୟତା କିମ୍ବା କୌଣସି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାକୁ ଆଶା କରି ରହିଛନ୍ତି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ମଙ୍ଗଳବାର ତାଙ୍କ ଘରକୁ ଯାଇ ବୁଟିଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବା ପରେ କ'ଣ ହୋଇପାରିବ ସେ ଉପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ପକ୍ଷାଘାତ ରୋଗରେ ଆକ୍ରାନ୍ତ ବୁଟି ଓ ତାଙ୍କ ସ୍ତ୍ରୀ, ଝିଅ ।



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମିନତୀ ଦେବତା ତଳସରା ପର୍ଯ୍ୟବେକ୍ଷକ

**ରାଉରକେଲା ଅଫିସ,୧୫। ୧୦**-ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଉରକେଲାର ମହିଳା ନେତ୍ରୀ ମିନତୀ ଦେବତାଙ୍କୁ ତଳସରା ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଭାବେ ମନୋନୀତ କରାଯାଇଛି। ଏନେଇ ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ ସୋମବାର ସୂଚନା ପ୍ରଦାନ କରିଛନ୍ତି। ବ୍ଲକ ସଭାପତି ଓ ସଂଯୋଜକଙ୍କ ସହ ଯୋଗସୂତ୍ର ସ୍ଥାପନ କରି ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ମିନତୀଙ୍କୁ ଏଥିରେ ପରାମର୍ଶ ପ୍ରଦାନ କରାଯାଇଛି। ମିନତୀଙ୍କ ନିଯୁକ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### କୁଆଁରମୁଣ୍ଡା ନାଗରାଗଡ଼ରେ ଦୁର୍ଗା ପୂଜା ଆରମ୍ଭ

**କୁଆଁରମୁଣ୍ଡା,୧୫।୧୦(ଡି.ଏନ୍.ଏ.)**-ସୁନ୍ଦରଗଡ଼ ଜିଲା ଆଦିବାସୀବହୁଳ କୁଆଁରମୁଣ୍ଡା ବ୍ଲକର ନାଗରାଗଡ଼ରେ ମା' ଦୁର୍ଗାଙ୍କ ପୂଜା ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ରଙ୍ଗିନ ଆଲୋକମାଳା ଓ ସୁଶୋଭିତ ତୋରଣ ସାଙ୍ଗକୁ ଦେଖଣାହାରୀଙ୍କୁ ଅଧିକ ଆକର୍ଷିତ କରିବା ପାଇଁ ନିକଟସ୍ଥ ପୋଖରୀରେ ବୋଟିଂ ବ୍ୟବସ୍ଥା କରାଯାଇଛି। ସୋମବାର ମା'ଙ୍କ ଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଛି। ସେହିପରି କୁଆଁରମୁଣ୍ଡା ବ୍ଲକ ସଲଙ୍ଗାବାହାଲ, ଅଣ୍ଡାଳି, ରାଏବୋଗା, ବିଜାବାହାଲ ସମେତ ବୀରମିତ୍ରପୁର ପୌରାଚଞ୍ଚଳର ବିଭିନ୍ନ ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି।

### ବଡ଼ଗାଁରେ ପ୍ରତିଷ୍ଠା ହେବ ଗ୍ରାମ୍ୟ ଅଦାଲତ

**ବଡ଼ଗାଁ,୧୫।୧୦(ଡି.ଏନ୍.ଏ.)**-ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ପ୍ରତିଷ୍ଠା ହେବ ଗ୍ରାମ୍ୟ ଅଦାଲତ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅଦାଲତରେ ଜଣେ ଜେଏମ୍ଏଫ୍ସି ନିଯୁକ୍ତ ହେବେ। ରାଜଗାଙ୍ଗପୁର ସିନିୟର ସିଭିଲ ଜଜ୍ ଏଥିପାଇଁ ଜମି ଯୋଗାଇଦେବାକୁ ତହସିଲଦାରଙ୍କୁ ଜଣାଇଛନ୍ତି। ତହସିଲ ଅଫିସ ନିକଟ ଗ୍ରାମ୍ୟ ଜଳ ଓ ପରିମଳ କାର୍ଯ୍ୟାଳୟ ପଛରେ ଥିବା ସରକାରୀ ଜମି ଅଦାଲତ ପାଇଁ ଚିହ୍ନଟ ହୋଇଛି। ତେବେ ଅଦାଲତ ଅସ୍ଥାୟୀ ଭାବେ ଆରମ୍ଭ କରିବା ପାଇଁ ଖାଲିଥିବା ସରକାରୀ କ୍ୱାର୍ଟର୍ସ ମଧ୍ୟ ଚିହ୍ନଟ କରାଯାଇଛି। ବଡ଼ଗାଁ ଷ୍ଟେଟ ବ୍ୟାଙ୍କ ସମ୍ମୁଖ କମ୍ୟୁନିଟି ସେଣ୍ଟର, ବଡ଼ଗାଁ ସଏଲ ଅଫିସ କିମ୍ବା ଟସର ଅଫିସର ଖାଲିଥିବା କ୍ୱାର୍ଟର୍ସ ଏଥିପାଇଁ ବ୍ୟବହାର କରାଯାଇପାରେ ବୋଲି ସୂଚନା ମିଳିଛି। ଅଦାଲତର ସ୍ଥାୟୀ ବିଲ୍ଡିଂ ନିର୍ମାଣ ହେବା ପର୍ଯ୍ୟନ୍ତ ଏଥିମଧ୍ୟରୁ କୌଣସିଠାରେ ଅଦାଲତ ଚାଲିବ। ଗତ ଗୁରୁବାର ସୁନ୍ଦରଗଡ଼ ଜିଲା ଦୌରା ଜଜ୍ ଓ ରାଜଗାଙ୍ଗପୁର ସିଭିଲ ଜଜ୍ ବଡ଼ଗାଁ ଆସି ଜମି ଓ ଅସ୍ଥାୟୀ ଗୃହ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଠାରେ ଅଦାଲତ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସୁନ୍ଦରଗଡ଼ ବାର୍ ଆସୋସିଏଶନ ସଭାପତି ବିନୟ ଟପ୍ପୋ, ରାଜଗାଙ୍ଗପୁର ବାର୍‌ର ବୀରେନ୍ଦ୍ର ରାଉତରାୟ ସ୍ୱାଗତ କରିଛନ୍ତି।

### ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଦାବିପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୫। ୧୦**-ମହାନଗର ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ଏସୟୁସିଆଇ(କମ୍ୟୁନିଷ୍ଟ)ପକ୍ଷରୁ ଆରଏମ୍ସି ଡେପୁଟି କମିଶନର ସୁଷମା ବିଲୁଙ୍ଗକାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିରେ ବିପର୍ଯ୍ୟସ୍ତ ରାସ୍ତାଘାଟ, ଡ୍ରେନ ଓ ପରିମଳ ସୁଧାର ପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏନେଇ ପ୍ରତିନିଧି ମଣ୍ଡଳୀ ପ୍ରଶାସନିକ ଅଧିକାରୀଙ୍କ ସହ ଉପରୋକ୍ତ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। କମିଟି ସମ୍ପାଦକ ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ କହିଛନ୍ତି, ମ୍ୟୁନିସିପାଲିଟିରୁ ଆଜି ମହାନଗର ଓ ସ୍ମାର୍ଟ ସିଟିରେ ପରିଣତ ହୋଇଥିବା ରାଉରକେଲା ସହରର ଆଶାନୁରୂପ ବିକାଶ ସାଧିତ ହୋଇ ପାରିନି। ବିଭିନ୍ନ ଅଂଚଳ ବାସିନ୍ଦା ଆଜି ପର୍ଯ୍ୟନ୍ତ ମୌଳିକ ସେବା ସୁବିଧାରୁ ବଂଚିତ ରହିଛନ୍ତି। ଏଥିରେ ସମ୍ପାଦକ ପଣ୍ଡାଙ୍କ ସହ ବରିଷ୍ଠ ଶ୍ରମିକ ନେତା ସତ୍ୟପ୍ରିୟ ମହାନ୍ତି, ଜି.ଏନ୍.ତ୍ରିପାଠୀ, ଅଜିତ ନାୟକ, ମୁକୁନ୍ଦ ନାୟକ, କ୍ଷେତ୍ରବାସୀ ସେଠୀ, ଲିଲି ମହାନ୍ତି, ବକେଶ୍ୱର ମହାନ୍ତ, ବିଜୟ ସାହୁ, ବୀରେନ ନାୟକ, ସନ୍ତୋଷି ମହାନ୍ତ ଓ କବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ସମାବେଶ

# ଅସଙ୍ଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ରାଉରକେଲା ଅଫିସ,୧୫। ୧୦**

ଅସଙ୍ଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଏମାନଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଯୋଜନାର ସୁଫଳ ପାଇବା ଦିଗରେ ମଧ୍ୟ ସକାରାତ୍ମକ ପଦକ୍ଷେପ ନିଆ ଯାଉଛି। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଏହି ସମାବେଶର ମୂଳ ଉଦ୍ଦେଶ୍ୟ ବୋଲି ରବିବାର ସେକ୍ଟର-୧୮ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଆୟୋଜିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମାବେଶରେ ଯୋଗଦେଇଥିବା ଅତିଥି ଏଭଳି ମତ ପ୍ରକାଶ କରିଥିଲେ। ରାଉରକେଲା ଓ ଝାରସୁଗୁଡ଼ା ଜିଲା ପ୍ରତିନିଧିଙ୍କୁ ନେଇ ଆୟୋଜିତ ଏହି ସମାବେଶରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ସରକାରଙ୍କ କଲ୍ୟାଣମୂଳକ ଯୋଜନା ବାବଦରେ ଆଲୋଚନା କରିବା ସହ ଏହାର ସୁଫଳ କିପରି ସମସ୍ତଙ୍କ ନିକଟରେ ପହଞ୍ଚି ପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ସାମ୍ମୁଖ୍ୟର ରାଜ୍ୟ ସାଧାରଣ ସମ୍ପାଦକ ତଥା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ରାଜ୍ୟ ଅଧ୍ୟକ୍ଷ ସୁବାସ ସିଂ ନିଜ ବକ୍ତବ୍ୟରେ କହିଥିଲେ ସବୁ ବର୍ଗର ଶ୍ରମିକଙ୍କ ହିତ ପାଇଁ ସରକାର ଯୋଜନା କରିଛନ୍ତି। ଏଥିରୁ କେହି ଜଣେ ହେଲେ ଯେପରି ବାଦ ନ ପଡନ୍ତି ସେ ଦିଗରେ ଧ୍ୟାନ ଦିଆଯାଉଛି। ରଘୁନାଥପାଲି ବିଧାୟକ ତରାଇ କହିଥିଲେ ରାଜ୍ୟ ସରକାର ଅସଙ୍ଗଠିତ ଶ୍ରମିକଙ୍କ ପାଇଁ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ତାହା ଦେଶରେ ବିରଳ। ଏ ଦିଗରେ ସମସ୍ତଙ୍କୁ ସଚେତନ କରାଗଲେ ସୁଫଳ ମିଳି ପାରିବ। ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ନିଜ ବକ୍ତବ୍ୟରେ ନବୀନ ବାବୁ କେବଳ କଥା ନୁହେଁ କାମରେ ବିଶ୍ୱାସ କରନ୍ତି। ଏହି ଯୋଜନା ଦ୍ୱାରା ଲକ୍ଷାଧିକ ଶ୍ରମିକ ପରିବାର ମୁହଁରେ ଆଜି ହସ ଫୁଟି ପାରିଛି ବୋଲି ନାୟକ କହିଥିଲେ। ସଙ୍ଗଠନର ରାଜ୍ୟ ଉପସଭାପତି ଅନୁପ ସାଏ, ପଞ୍ଚାନନ ସେନାପତି ଓ ଯୁଗଳ ନାୟକଙ୍କ ସମେତ ଶ୍ରମିକ ନେତା ପ୍ରଫୁଲ୍ଲ ମହାନ୍ତି, ବିଜେଡି ରାଜ୍ୟ ସମ୍ପାଦକ ଆନନ୍ଦ ମହାନ୍ତି, ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବିଜେଡି ନେତ୍ରୀ କୁସୁମ ଟେଟେ, ଅଙ୍ଗନୱାଡି ନେତ୍ରୀ ମନୋରମା ନନ୍ଦି, ସୁନ୍ଦରଗଡ ଅଟୋ ୱାର୍କର୍ସ ୟୁନିୟନ କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାନ୍ତି ଓ ସଭାପତି ଭୁବନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ବୈଦ୍ୟନାଥ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁଶାନ୍ତ ସେଠୀ, ଗଗନ ସାହୁ, ମହିଳା ନେତ୍ରୀ ଆରତୀ ଚୌଧୁରୀ, ମିନତୀ ଦେବତା, ବିଜେଡି ନେତା ସୁଧିର ସୁନ୍ଦରରାୟ, ଶ୍ରୀଚରଣ ମହାନ୍ତି, ଗଗନ ପଣ୍ଡା ଓ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଗଠନର ନୂତନ ଜିଲା କମିଟି ଘୋଷଣା କରାଯାଇଥିଲା। ଏଥିରେ ସଭାପତି ରୂପେ ପ୍ରଦ୍ୟୁମ୍ନ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଶୁଶୀଲ ଦାସ, ଉପସଭାନେତ୍ରୀ ମନୋରମା ନନ୍ଦି, ସାଧାରଣ ସମ୍ପାଦକ ପ୍ରଣବ ଭେଁସାଲ ରହିଥିବା ବେଳେ ସମ୍ପାଦକ ରୂପେ ଅଛନ୍ତି କେଦାର ଦାସ, ଗଗନ ସାହୁ, ସୁଶାନ୍ତ ସେଠୀ ଓ ସନ୍ଧ୍ୟା ଲାକ୍ରା। ଏହା ବ୍ୟତୀତ ଝାରସୁଗୁଡ଼ା ଜିଲା ନିମନ୍ତେ ୪ଜଣ ଆବାହକଙ୍କୁ ନିଯୁକ୍ତ କରାଯାଇଛି।




ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ ସମାବେଶରେ ମଞ୍ଚାସୀନ ଅତିଥିମାନେ।

## ପତ୍ରିକା ବୈଜ୍ଞାନିକ ମନୋଭାବ ଉନ୍ମୋଚିତ

**ରାଉରକେଲା ଅଫିସ,୧୫। ୧୦**

ଜଗଦାସ୍ଥିତ ମାନବ ସେବା ପ୍ରତିଷ୍ଠାନରେ ଆୟୋଜିତ ବୈଠକରେ ପତ୍ରିକା ବୈଜ୍ଞାନିକ ମନୋଭାବ ଉନ୍ମୋଚିତ ହୋଇଯାଇଛି। ଏଥିରେ ସଭାପତି ଡା ଶଶୀକାନ୍ତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ବୈଜ୍ଞାନିକ ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ପତ୍ରିକା ସମୀକ୍ଷା କରିଥିଲେ ମୁଖ୍ୟଅତିଥି ପ୍ରଫେସର ରାମକୃଷ୍ଣ ବିଶ୍ୱାଳ କହିଲେ, ଛାତ୍ରୀଛାତ୍ର ବୈଜ୍ଞାନିକ ମନୋଭାବ ଦ୍ୱାରା ପ୍ରେରିତ ହୋଇ ପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ଓଡିଶା ଭାଷା ବିକାଶ ମଞ୍ଚ କର୍ମକର୍ତ୍ତା ଆର୍ତ୍ତତ୍ରାଣ ମହାପାତ୍ର କହିଲେ, କୌଣସି ପ୍ରସଙ୍ଗକୁ ଅନ୍ଧ ଭାବେ ବିଶ୍ୱାସ ନ କରି ବୈଜ୍ଞାନିକ ମନୋଭାବ ନେଇ ଏହାକୁ ବିଚାର କରିବାର ଆବଶ୍ୟକତା ରହିଛି । ଅନ୍ୟତମ ଅତିଥି ଗଗନ ବିହାରୀ ଧଳ, ନରେନ୍ଦ୍ର ଗୋପ, ପ୍ରଫେସର ଅଜିତ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ହେମନ୍ତା ତାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ।




କୃଷିଜୀବୀ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ମହିଳା।

## କୃଷିଜୀବୀ ମହିଳା ଦିବସ ପାଳିତ

**ସୁନ୍ଦରଗଡ଼,୧୫।୧୦(ଡି.ଏନ୍.ଏ.)**

କିରେଇସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ସୋମବାର କୃଷିଜୀବୀ ମହିଳା ଦିବସ ପାଳିତ ହୋଇଛି। କୃଷି କ୍ଷେତ୍ରରେ ମହିଳାଙ୍କ ଅବଦାନକୁ ନେଇ ଅକ୍ଟୋବର ୧୫ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଆୟୋଜିତ ସଭାରେ ଆଖପାଖ ଗ୍ରାମର ୫୦ଜଣ କୃଷିଜୀବୀ ମହିଳା ଯୋଗଦେଇଥିଲେ। କୃଷିକ୍ଷେତ୍ରରେ ସେମାନଙ୍କ ଅବଦାନ ବିଷୟରେ ଏକ ତର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଏହି ସଭାରେ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷିରେ ନୂତନ ଜ୍ଞାନକୌଶଳ ଆପଣାଇବା ପାଇଁ କିରେଇ ଆଞ୍ଚଳିକ ଗବେଷଣା କେନ୍ଦ୍ର ମୁଖ୍ୟ ଡ. ସଞ୍ଜୀବ କୁମାର ବିଶ୍ୱାସୀ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ ସ୍ଥିତି ବଜାୟ ରଖି କୃଷିକ୍ଷେତ୍ରରେ ମହିଳାମାନଙ୍କ ଅବଦାନ ବିଷୟରେ ସହକାରୀ କୃଷି ଅଧିକାରୀ ନାରାୟଣ ଚାନ୍ଦ ଆଲୋକପାତ କରିଥିଲେ। ମହିଳାମାନେ ସଂଗଠିତ ହୋଇ କୃଷି କାର୍ଯ୍ୟ ସହ କୃଷି ବଜାରୀକରଣରେ ନିପୁଣ ହେବା ପାଇଁ ନାବାର୍ଡ ପ୍ରବନ୍ଧକ ଶକ୍ତିପ୍ରସନ୍ନ ମହାପାତ୍ର ପରାମର୍ଶ ଦେଇଥିଲେ। କୃଷି କ୍ଷେତ୍ରରେ ମହିଳାମାନଙ୍କ ଶ୍ରମ ଲାଘବ ଯନ୍ତ୍ରର ବ୍ୟବହାର ସମ୍ପର୍କରେ କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ନାଏକ, କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସଂଘମିତ୍ରା ସାହୁ, ରବିଶଙ୍କର ମିଶ୍ର, ଅରୁଣ ମିଶ୍ର, ଯୋଗେଶ୍ୱର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## କୁଞ୍ଜପାଣି ପୋଲ ଭୁଶୁଡିବା ଘଟଣା: ଉପଯୁକ୍ତ ଚିକିତ୍ସା ଦାବି କଲେ ସାମାଜିକ କର୍ମୀ

**ରାଉରକେଲା ଅଫିସ,୧୫। ୧୦**

ଗତ ରବିବାର ବଣାଇଁ ଉପଖଣ୍ଡ କୋଇଡା ବ୍ଲକ ଅନ୍ତର୍ଗତ କୁଞ୍ଜପାଣିରେ ଏକ ପୋଲ ଭୁଶୁଡି ପଡିବାରୁ ଏଥିରେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୋମବାର ସାମାଜିକ କର୍ମୀ ଶାନ୍ତନୁ କୁସୁମ ଆରଜିଏଚ୍ ନିର୍ଦ୍ଦେଶକ ଉଦୟଭାନୁ ଦାସଙ୍କୁ ଭେଟି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏମାନଙ୍କୁ କିପରି ଉପଯୁକ୍ତ ଚିକିତ୍ସା ମିଳି ପାରିବ ସେ ଦିଗରେ ପଦକ୍ଷେପ ନେବାକୁ କୁସୁମ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଚିକିତ୍ସାରେ ଅବହେଳା ଖବର ପାଇ କୁସୁମ ଡାକ୍ତରଖାନା ଆସିଥିବା କହିଛନ୍ତି। ଏହି ଅବସରରେ କୁସୁମ ମେଡିକାଲ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ କୁହାଯାଇଛି, ସମସ୍ତ ଆହତ ଗରିବ ପରିବାରରୁ ଆସିଥିବା ବେଳେ ସେମାନଙ୍କ ନିକଟରେ ସର୍ବନିମ୍ନ ଚିକିତ୍ସା ଖର୍ଚ୍ଚ ବହନ କରିବା ସମ୍ଭବ ହେବ ନାହିଁ। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

## ଏଏମ୍‌ଟିସି ଖଣି ସମ୍ପ୍ରସାରଣ ପାଇଁ ଜନଶୁଣାଣି

**ଟେନସା,୧୫।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ କାଶିରା ଗ୍ରାମରେ ଥିବା ଆରିୟନ ମାଇନିଂ ଆଣ୍ଡ ଟ୍ରେଡିଂ କର୍ପୋରେଶନ୍ (ଏଏମ୍‌ଟିସି) ଖଣି ସମ୍ପ୍ରସାରଣ ପାଇଁ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପରିବେଶ ମଞ୍ଜୁରୀ ନିମନ୍ତେ ଏଏମ୍‌ଟିସି କୋଇଡ଼ା ତହସିଲ ଅନ୍ତର୍ଗତ କୋଇଡ଼ା ଓ କାଶିରା ଗ୍ରାମରେ ଏବଂ କାଠମାନ ଆର୍‌ଏଫ୍ ୩୪୯.୨୫୪ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ନାରାୟଣପୋଷି ଲୌହ ଏବଂ ମାଙ୍ଗାନିଜ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ଏହି ଜନଶୁଣାଣି କରାଯାଇଥିଲା। ଖଣି ବୃଦ୍ଧି ହେଲେ ପରିବେଶ ଉପରେ ଏହାର କି ପ୍ରଭାବ ପଡ଼ିବ, ଏହାକୁ କିପରି ଏଡ଼ାଯାଇ ପାରିବ ସେ ସମ୍ପର୍କରେ ଏଏମ୍‌ଟିସିର ଅଧିକାରୀ ସତୀଶ ମହାନ୍ତି ଜନସାଧାରଣଙ୍କୁ ଅବଗତ କରିବା ସହ ସେମାନଙ୍କ ମତାମତ ଲୋଡ଼ିଥିଲେ। ଏଥିରେ ଜିଲାପାଳଙ୍କ ପ୍ରତିନିଧି ଭାବେ ଭାସ୍କର ଚନ୍ଦ୍ର ଡୁରୁକ, ରାଜ୍ୟ ପ୍ରଦୂଷଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାଏକ ଯୋଗଦେଇ ଲୋକଙ୍କ ମତାମତ ରେକର୍ଡିଂ କରିଥିଲେ। ପୂର୍ବତନ ବଣାଇଁ ବିଧାୟକ ଭୀମସେନ ଚୌଧୁରୀ, ଜନାର୍ଦ୍ଦନ ଦେହୁରୀ, ସ୍ଥାନୀୟ ସରପଞ୍ଚ ରାଣୀ ଲୁହାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ସାମାଜିକ କର୍ମୀ ଆନନ୍ଦ ବାରିକ, ସନ୍ତୋଷ ବେହେରା, କୋଇଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ନାଏକଙ୍କ ସମେତ କାଶିରା ଓ ନାରାୟଣପୋଷି ଗ୍ରାମର ୩୦ରୁ ଅଧିକ ଲୋକ ଖଣି ସମ୍ପ୍ରସାରଣ ସପକ୍ଷରେ ମତ ଦେଇଥିଲେ। ଏହା ସହ ଛାତ୍ରୀଛାତ୍ରଙ୍କ ପାଇଁ ଗାଡ଼ି ବ୍ୟବସ୍ଥା, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ଉନ୍ନତୀକରଣ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଆଦି ଦାବି କରିଥିଲେ। ଖଣି ଉତ୍ପାଦନ ବୃଦ୍ଧି ହେଲେ ଦାବିଗୁଡ଼ିକ ପୂରଣ କରାଯିବ ବୋଲି ଏଏମ୍‌ଟିସି ମହାପ୍ରବନ୍ଧକ ଦେବବ୍ରତ ପଟେଲ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଖଣି ପାରିପାର୍ଶ୍ୱିକ ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।

## ଘରୋଇ ଗ୍ୟାସ କର୍ମଚାରୀଙ୍କ ବୋନସ ଦାବି ନେଇ ଚୁକ୍ତିନାମା

**ରାଉରକେଲା ଅଫିସ,୧୫। ୧୦**

ଘରୋଇ ରନ୍ଧନ ଗ୍ୟାସ ବିତରଣ କ୍ଷେତ୍ରରେ କାମ କରୁଥିବା କର୍ମଚାରୀଙ୍କ ବୋନସ ଓ ଅନ୍ୟ ଦାବି ପୂରଣ ନେଇ ସୋମବାର ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ ଜିଲାଶ୍ରମ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବ ଚୁକ୍ତିନାମା କାର୍ଯ୍ୟକାରୀ କରାଯାଉ ନ ଥିବାରୁ ସଙ୍ଗଠନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଗ୍ୟାସ ଏଜେନ୍ସି କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ କର୍ମଚାରୀଙ୍କ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଆପଣାଇ ଆସୁଥିବା ଏଥିରେ ଅଭିଯୋଗ କରାଯାଇଥିଲା। କର୍ମଚାରୀଙ୍କୁ ସାମାଜିକ ସୁରକ୍ଷାରୁ ବଞ୍ଚିତ କରି ତଥାକଥିତ ଏଜେନ୍ସି ମାଲିକ ୮ଘଣ୍ଟା ପରିବର୍ତ୍ତେ ମନ ଇଚ୍ଛା କାମରେ ନିୟୋଜିତ କରି ମୁନାଫା ଉଠାଉଛନ୍ତି। ଏହା ସତ୍ତ୍ୱେ ସେମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଉନି। ଡ୍ରେସ, ପରିଚୟ ପତ୍ର ହାଜିରା କାର୍ଡ ପରି ଛୋଟ ଦାବି ସୁଦ୍ଧା ପୂରଣ କରାଯାଉନି। ସମସ୍ତଙ୍କୁ ନିୟମିତ ଦରମା ପ୍ରଦାନ କରାଯାଉନି। ଓଭର ଟାଇମ ଅର୍ଥ ବାବଦକୁ ଉଦ୍ଦିଷ୍ଟ ପ୍ରାପ୍ୟ ପ୍ରଦାନ କରାଯାଉନି ଓ ପରିବହନ ଖର୍ଚ୍ଚ ପ୍ରଦାନ କରା ନ ଯିବା ଭଳି ଅନିୟମିତତା ନେଇ କର୍ମଚାରୀ କମିଶନରଙ୍କ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ। ପୂଜା ପୂର୍ବରୁ କର୍ମଚାରୀଙ୍କୁ ବୋନସ ପ୍ରଦାନ ନେଇ ଏହି ଅବସରରେ ସଙ୍ଗଠନ କର୍ମକର୍ତ୍ତା ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ସଙ୍ଗଠନ ପକ୍ଷରୁ ରମେଶ ବଳ, ବ୍ୟାସଦେବ ନାଥ, ମେହେଶ୍ୱର ବାଗ ଓ ସାମୁଏଲ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ବ୍ଲକ ସଭାପତିଙ୍କ ପିତୃବିୟୋଗ

**କୁଆଁରମୁଣ୍ଡା,୧୫।୧୦(ଡି.ଏନ୍.ଏ.)**

କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର କୁଜୁରଙ୍କ ପିତା ନନ୍ଦ କୁଜୁରଙ୍କର ସୋମବାର ସକାଳ ସାଢ଼େ ୯ଟାରେ ଦେହାନ୍ତ ହୋଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୈତୃକ ଗ୍ରାମ ଉଷ୍ରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ, ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ନିମନ୍ତୀ ଲୁଗୁନ, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ସମିତି ସଭ୍ୟ ଗଜେନ୍ଦ୍ର ସାହୁ, ସାମାଜିକ କର୍ମୀ ଦେବବ୍ରତ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୋହନଲାଲ କିଷାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଥିଲେ।

## ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୧୫। ୧୦**

ନିକଟରେ ମାଲେସିଆରେ ଶେଷ ହୋଇଥିବା ସୁଲତାନ ଜୋହର କପ ହକି ପ୍ରତିଯୋଗିତାରେ ଭାରତୀୟ ଦଳ ଗ୍ରେଟ ବ୍ରିଟେନଠାରୁ ୩-୨ ଗୋଲରେ ପରାସ୍ତ ହୋଇଛି। ଭାରତୀୟ ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି। ଗତ ଶନିବାର ଫାଇନାଲ ଶେଷ ପରେ ଭାରତ ଫେରି ଆସିଛି ଦଳ। ଏଥିରେ ଓଡିଶାରୁ ସାମିଲ ହୋଇଥିବା ୨ ଜୁନିୟର ଖେଳାଳି ସିଲନନ୍ଦ ଲାକ୍ରା ଓ ସୁମନ ବେକ ସୋମବାର ସନ୍ଧ୍ୟାରେ ତପସ୍ୱିନୀ ଏକ୍ସପ୍ରେସ ଯୋଗେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ କୋଚ ରାଜୁକାନ୍ତ ସାଇନି, ପିଟର ତିର୍କୀ, ଅବିନାଶ ଖଟୁଆ, ସୁନୀଲ ଦାସ ଓ ପାନପୋଷ କ୍ରୀଡା ସଙ୍ଗଠନ ସାଧାରଣ ସମ୍ପାଦକ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ହଷ୍ଟେଲ ପକ୍ଷରୁ ବୈଠକ

**ରାଉରକେଲା ଅଫିସ,୧୫। ୧୦**

ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ଓଡିଶା ବନ୍ୟା ପ୍ରପୀଡିତ ତଥା ମୃତାହତଙ୍କ ଉଦ୍ଦେଶ୍ୟରେ ଏକ ସମବେଦନା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ହଷ୍ଟେଲ କାର୍ଯ୍ୟାଳୟରେ ଆୟୋଜିତ ଏହି ସଭାରେ ସଭାପତି ନାରାୟଣ ପତି ଅଧ୍ୟକ୍ଷତା କରିଥିଲେ। ତିତଲି ପ୍ରଭାବରୁ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ବହୁ ଧନଜୀବନ ହାନି ଘଟିଛି। ସେମାନଙ୍କୁ ସହଯୋଗ ମିଳିବା ଉପରେ ପତି ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ପାଦକ ବସନ୍ତ ମଲ୍ଲିକ, ଆନନ୍ଦ ଅଗ୍ରୱାଲ, ଏସ.ଏନ. ଲେଙ୍କା, ରୁଷି ଦାସ, ଶାନ୍ତ ଦାସ, ରଞ୍ଜନ ବାରିକ, ପଙ୍କଜ ପାଢୀ ଉପସ୍ଥିତ ଥିଲେ।

## ୧୯ରେ ଦଶହରା ପୂଜା ସମିତି ପକ୍ଷରୁ ରାବଣ ପୋଡ଼ି

**ରାଉରକେଲା ଅଫିସ,୧୫। ୧୦**

ଦଶହରା ପୂଜା ସମିତି ରାଉରକେଲା ପକ୍ଷରୁ ସେକ୍ଟର-୧୩ ମେଳଣ ପଡିଆରେ ଆସନ୍ତା ୧୯ରେ ରାବଣ ପୋଡି ଅନୁଷ୍ଠିତ ହେବ। ସେଦିନ ସନ୍ଧ୍ୟାରୁ ଏହି ଉତ୍ସବ ଆରମ୍ଭ ହେବ। ଏଥିରେ ରାମ ଲକ୍ଷ୍ମଣଙ୍କ ଦ୍ୱାରା ରାବଣ ପୋଡି ସାଙ୍ଗକୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ ତିଳକ ଦୃଶ୍ୟ ବେଶ ଆକର୍ଷଣୀୟ ହେବ ବୋଲି କହିଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ଏନେଇ ଲରେଟୋ ସ୍କୁଲ ପରିସରରେ ସୋମବାର ପୂର୍ବାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା, ଆଗ୍ରାରୁ ଆସୁଥିବା କଳାକାରଙ୍କ ଦ୍ୱାରା ଉପରୋକ୍ତ ଅଭିନୟ ସମ୍ପନ୍ନ କରାଯିବ। ଦୀର୍ଘ ଦେଢ ଘଣ୍ଟା ଧରି ଆତସବାଜି କାର୍ଯ୍ୟକ୍ରମ ଦେଖିବେ ଦର୍ଶକ। ପୁରୀରୁ ଆସିଥିବା ବାଣୁଆଙ୍କ ଦ୍ୱାରା ପ୍ରଦୂଷଣ ବିହୀନ ବାଣ ପ୍ରସ୍ତୁତ କରାଯାଇଛି।




ଆୟୋଜିତ ଖବରଦାତା ସମ୍ମିଳନୀରେ ପୂଜା ସମିତିର କର୍ମକର୍ତ୍ତାମାନେ।

ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ପୂର୍ବରୁ ଜିଲା ପ୍ରଶାସନ ସହ ଆଲୋଚନା ହୋଇ ସାରିଛି। ଦୀର୍ଘ ୨୬ ବର୍ଷ ଧରି ଏହି ଉତ୍ସବ ଆୟୋଜନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି ଦଶହରା ପୂଜା ସମିତି। ଏଥର ୫୫ଫୁଟର ରାବଣ ପ୍ରତିମା ନିର୍ମାଣ କରାଯାଇଥିବା ବେଳେ କୁମ୍ଭକର୍ଣ୍ଣ ଉଚ୍ଚତା ରଖାଯାଇଛି ୫୦ଫୁଟ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ଆରଏସ୍‌ପି ସିଇଓ ଅଶ୍ୱିନୀ କୁମାର, ରାଉରକେଲା ବିଧାୟକ ଦିଲୀପ ରାୟ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆରଡିଏ ଅଧ୍ୟକ୍ଷ ସାରଦା ନାୟକ, ଜିଲା ଆରକ୍ଷୀ ଅଧିକ୍ଷକ ଡ. ଉମାଶଙ୍କର ଦାସ, ଏଡିଏମ ମନିଷା ବାନାର୍ଜୀ ଓ ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।